# ଧରିତ୍ରୀ DHARITRI

ସମ୍ବଲପୁର, ଶୁକ୍ରବାର, ଅକ୍ଟୋବର ୨୮/୨୦୨୨ (୧୬ ପୃଷ୍ଠା) | Sambalpur, Friday, October 28/2022 | Page 16 | ₹ 7.00 | ★★

୧୮ଶ ଭାଗ ୩୦୯ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur | VOLUME 18 ISSUE 309 | ମୂଲ୍ୟ ₹୭/-





**ସୂର୍ଯ୍ୟକୁମାରଙ୍କ ପ୍ରଭାବୀ ବ୍ୟାଟିଂ**

ନେଦରଲାଣ୍ଡ ବିପକ୍ଷ ଟି୨୦ ବିଶ୍ୱକପ୍ ମ୍ୟାଚ୍‌ରେ ପ୍ରଭାବୀ ବ୍ୟାଟିଂ କରି ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି ଭାରତର ସୂର୍ଯ୍ୟକୁମାର ଯାଦବ। **୧୬**

**୧୪** **ବାଣ ବଦଳରେ ୫ ଶହ ଟଙ୍କା ଜାଳିବାକୁ କହିଥିଲେ ବାପା**

ପିଲାଦିନେ ଦୀପାବଳିରେ ବାଣ ବଦଳରେ ୫ଶହ ଟଙ୍କା ଦେଇ ତାହାକୁ ଜାଳିବାକୁ ରକୁଲ ପ୍ରୀତ ସିଂଙ୍କୁ ତାଙ୍କ ବାପା କହିଥିଲେ।






ଆଜି ଶାନ୍ତିସ୍ତୂପ ଧଉଳିର ସୁବର୍ଣ୍ଣ ଜୟନ୍ତୀ। ଏହି ପରିପ୍ରେକ୍ଷୀରେ ଆମେରିକା, ୟୁକ୍ରେନ, ଜାପାନ ଆଦି ଦେଶରୁ ଆସିଥିବା ବୌଦ୍ଧ ସନ୍ନ୍ୟାସୀମାନେ ଗୁରୁବାର ଶାନ୍ତି ପଦଯାତ୍ରାରେ ବାହାରିଛନ୍ତି।

# ପୁରୁଷ, ମହିଳା କ୍ରିକେଟରଙ୍କୁ ମିଳିବ ସମାନ ପାଉଣା

## ବିସିସିଆଇର ଐତିହାସିକ ନିଷ୍ପତ୍ତି

ନୂଆଦିଲ୍ଲୀ,୨୭।୧୦(ପି.ଟି)

ବୋର୍ଡ ଅଫ୍ କଣ୍ଟ୍ରୋଲ ଫର କ୍ରିକେଟ ଇନ୍ ଇଣ୍ଡିଆ(ବିସିସିଆଇ) ପକ୍ଷରୁ ଗୁରୁବାର ଏକ ଐତିହାସିକ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏବେଠୁ ପୁରୁଷ ଏବଂ ମହିଳା ଖେଳାଳିଙ୍କୁ ସମାନ ପାଉଣା ପ୍ରଦାନ କରାଯିବ। ସେଣ୍ଟ୍ରାଲ କଣ୍ଟ୍ରାକ୍ଟରେ ଅନୁବନ୍ଧିତ ଖେଳାଳିମାନଙ୍କୁ ଲିଙ୍ଗଗତ ପାର୍ଥକ୍ୟ କରା ନ ଯାଇ ସମସ୍ତଙ୍କୁ ସମାନ ଅର୍ଥ ମିଳିବ। ଲିଙ୍ଗଗତ ଅସମାନତାକୁ ଦୂରେଇବା ପାଇଁ ବିସିସିଆଇ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି। ବିସିସିଆଇ ସମ୍ପାଦକ ଜୟ ଶାହା ଟୁଇଟ୍ କରି ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଲିଙ୍ଗଗତ ଭେଦଭାବ ଦୂର କରିବା ପାଇଁ ବିସିସିଆଇ ପକ୍ଷରୁ ପ୍ରଥମ ପଦକ୍ଷେପ ଗ୍ରହଣ କରାଯାଇଥିବା ନେଇ ସେ ଗର୍ବର ସହିତ ଘୋଷଣା କରିଛନ୍ତି। ଏଣିକି ସେଣ୍ଟ୍ରାଲ କଣ୍ଟ୍ରାକ୍ଟରେ ଅନୁବନ୍ଧିତ ଖେଳାଳିମାନଙ୍କୁ ମଧ୍ୟ ସମାନ ଦରମା ପ୍ରଦାନ କରାଯିବ ବୋଲି ସେ ଟୁଇଟ୍ କରିଥିଲେ। ଏପରି ଘୋଷଣା ସହିତ ବିସିସିଆଇ ଲିଙ୍ଗଗତ ସମାନତାରେ ଏକ ନୂତନ ଶିଖର ଛୁଇଁବାରେ ସମର୍ଥ ବୋଲି ଶାହା ଉଲ୍ଲେଖ କରିଛନ୍ତି। କେନ୍ଦ୍ରୀୟ ଚୁକ୍ତିରେ ସାମିଲ ଥିବା ପୁରୁଷ କ୍ରିକେଟରମାନଙ୍କୁ ଟେଷ୍ଟ ମ୍ୟାଚ ପିଛା ୧୫ ଲକ୍ଷ, ଦିନିକିଆ ମ୍ୟାଚ୍ ପିଛା ୬ ଲକ୍ଷ ଓ ଟି୨୦ ମ୍ୟାଚ୍ ପିଛା ୩ ଲକ୍ଷ ଟଙ୍କା ପ୍ରଦାନ କରାଯାଉଥିବା ବେଳେ ମହିଳା ଖେଳାଳିଙ୍କୁ ଟେଷ୍ଟ ମ୍ୟାଚ ପିଛା ୪ ଲକ୍ଷ ଟଙ୍କା ଏବଂ ଦିନିକିଆ ଓ ଟି୨୦ ମ୍ୟାଚ ପାଇଁ ୧ ଲକ୍ଷ ଟଙ୍କା ମିଳୁଥିଲା। ☞ପୃଷ୍ଠା-୪

**ପାଉଥିଲେ**

ଟେଷ୍ଟ ମ୍ୟାଚ ପିଛା ୪ ଲକ୍ଷ
ଦିନିକିଆ ମ୍ୟାଚ୍ ପିଛା ୧ ଲକ୍ଷ
ଟି୨୦ ମ୍ୟାଚ୍ ପିଛା ୧ ଲକ୍ଷ

**ପାଇବେ**

ଟେଷ୍ଟ ମ୍ୟାଚ ପିଛା ୧୫ ଲକ୍ଷ
ଦିନିକିଆ ମ୍ୟାଚ୍ ପିଛା ୬ ଲକ୍ଷ
ଟି୨୦ ମ୍ୟାଚ୍ ପିଛା ୩ ଲକ୍ଷ


**୧ରୁ ଖୋଲିବ ଶିମିଳିପାଳ ଅଭୟାରଣ୍ୟ**

ପୃଷ୍ଠା-୧୧












# ଗୁଣି ସନ୍ଦେହରେ ମହିଳାଙ୍କୁ ହତ୍ୟା

- ୩ ପରିବାର ଉପରେ ଆକ୍ରମଣ, ୩ ଗୁରୁତର
- ଗଞ୍ଜାମର ମଧୁରଝୋଲ ଗାଁ ପୁରୁଷ ଶୂନ୍ୟ
- ୩୩ ଗିରଫ, ୪ ପ୍ଲାଟୁନ୍ ଫୋର୍ସ ମୁତୟନ

**ଗୁଣିଗାରେଡ଼ି ଓ ଅନ୍ଧବିଶ୍ୱାସ ସନ୍ଦେହରେ ରାଜ୍ୟର ମୟୂରଭଞ୍ଜ, କେନ୍ଦୁଝର, ଗଞ୍ଜାମ, ସୁନ୍ଦରଗଡ଼ ସମେତ ଅନେକ ଜିଲାରେ ପ୍ରତିବର୍ଷ ହତ୍ୟାକାଣ୍ଡ ଘଟୁଛି। ୨୦୦୮ରୁ ପ୍ରତିବର୍ଷ ହାରାହାରି ୭୦ ଜଣଙ୍କର ଏଥିଯୋଗୁ ପ୍ରାଣହାନି ଘଟୁଥିବା ଏକ ତଥ୍ୟ କହୁଛି। ଏହାକୁ ରୋକିବା ଲାଗି ୯ ବର୍ଷ ତଳୁ ଓଡ଼ିଶା ଗୁଣିଗାରେଡ଼ି ନିବାରଣ ଆଇନ-୨୦୧୩ ଆସିଥିଲେ ମଧ ଗୁଣିଜନିତ ହିଂସା ବର୍ତ୍ତମାନ ରାଜ୍ୟରେ ଏକ ଆହ୍ୱାନ ସୃଷ୍ଟି କରିଛି। ଗଞ୍ଜାମର କବିସୂର୍ଯ୍ୟନଗର ଘଟଣା ଏହାର ପ୍ରମାଣ ଦେଉଛି। କନିଆରି ପଞ୍ଚାୟତ ମଧୁରଝୋଲ ଗାଁରେ ଗୁଣିଗାରେଡ଼ି ସନ୍ଦେହରେ ତିନି ପରିବାର ଉପରେ ଆକ୍ରମଣ ହୋଇଛି। ଏଥିରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବାବେଳେ ତାଙ୍କ ସ୍ୱାମୀଙ୍କ ସହିତ ୩ଜଣ ଗୁରୁତର ହୋଇଛନ୍ତି।**

କବିସୂର୍ଯ୍ୟନଗର, ୨୭।୧୦(ଡି.ଏନ.ଏ.)

ଅନ୍ଧବିଶ୍ୱାସକୁ ନେଇ ଅଶାନ୍ତ ହୋଇଉଠିଛି ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଥାନା କନିଆରୀ ପଞ୍ଚାୟତର ମଧୁରଝୋଲ ଗାଁ। ଗୁଣିଗାରେଡ଼ି ସନ୍ଦେହରେ ଗ୍ରାମବାସୀ ମିଳିତ ଭାବେ ୩ ପରିବାରର ଘରେ ପଶି ମରଣାନ୍ତକ ଆକ୍ରମଣ କରିଛନ୍ତି। ଏଥିରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବାବେଳେ ୩ ଜଣ ଗୁରୁତର ହୋଇଛନ୍ତି। ମୃତ ମହିଳା ହେଲେ ଯୁଧିଷ୍ଠିର ନାହାକଙ୍କ ସ୍ତ୍ରୀ ଝୁନୁ ନାହାକ (୫୦)। ଘଟଣା ପରେ ସମଗ୍ର ଅଞ୍ଚଳରେ ତୀବ୍ର ଉତ୍ତେଜନା ଦେଖାଦେଇଛି। ପୋଲିସ ୨୦ ମହିଳା ଏବଂ ୧୩ ପୁରୁଷଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବାବେଳେ ୨୨ରୁ ଊର୍ଦ୍ଧ୍ୱ ଜଣଙ୍କୁ ଅଟକ ☞ପୃଷ୍ଠା-୪



ଗ୍ରାମରେ ପୋଲିସ ଛାଉଣୀ


**ଆଜିର ସମ୍ପାଦକୀୟ**

ରିପବ୍ଲିକାନ୍ ଓ ସମାଜବାଦ


# ଶୁଷ୍କ ହେଉଛି ସର୍ବବୃହତ୍ ଡ୍ୟାମ୍

## ସ୍ୱଚ୍ଛ ଶକ୍ତି ଉତ୍ସ ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ

ନୂଆଦିଲ୍ଲୀ, ୨୭।୧୦

ଚଳିତ ବର୍ଷ କାଲିଫର୍ନିଆଠାରୁ ଆରମ୍ଭ କରି ଜର୍ମାନୀ ଓ ଚାଇନା ପର୍ଯ୍ୟନ୍ତ ଜଳବାୟୁ ପରିବର୍ତ୍ତନଜନିତ ପ୍ରବଳ ଗ୍ରୀଷ୍ମପ୍ରବାହ ଅନୁଭୂତ ହୋଇଛି। ଆମେରିକା ସମେତ ଚାଇନାରେ ବର୍ଷା ଅଭାବରୁ ଭୟଙ୍କର ମରୁଡ଼ି ଦେଖାଦେଇଛି। ଏଥିଯୋଗୁ ସ୍ୱଚ୍ଛଶକ୍ତିର ଉତ୍ସ କୁହାଯାଉଥିବା ଡ୍ୟାମ୍‌ଗୁଡ଼ିକ ଶୁଖିବାରେ ଲାଗିଛି। ସାରା ବିଶ୍ୱରେ ହାଇଡ୍ରୋପାୱାର ପ୍ଲାଣ୍ଟ ବା ଜଳବିଦ୍ୟୁତ୍ ପ୍ରକଳ୍ପରୁ ହିଁ ଆବଶ୍ୟକତାର ବଡ଼ ଭାଗ ବିଦ୍ୟୁତ୍ ଉତ୍ପାଦନ ହୋଇଥାଏ। ଏହା ନ୍ୟୁକ୍ଲିୟର ପାୱାର ପ୍ଲାଣ୍ଟ, ପବନ ଓ ସୌରଶକ୍ତିରୁ ମିଳିତ ଭାବେ ଉତ୍ପାଦନ ହେଉଥିବା ବିଦ୍ୟୁତ୍‌ଠାରୁ ବହୁଗୁଣ ଅଧିକ। ଅସ୍ୱାଭାବିକ ବର୍ଷା, ମରୁଡ଼ି ସ୍ଥିତି, ଗ୍ରୀଷ୍ମପ୍ରବାହ ଯୋଗୁ ଚାଇନାରେ ଥିବା ବିଶ୍ୱର ସବୁଠୁ ବଡ଼ ନଦୀବନ୍ଧ ଯୋଜନା ଥ୍ରି ଗର୍ଜେସ ଡ୍ୟାମ୍ ବିଶେଷ ଭାବେ ପ୍ରଭାବିତ ହୋଇଛି। ହୁବେଇ ପ୍ରଦେଶରେ ୟାଙ୍ଗ୍‌ତେ ନଦୀ ଉପରେ ଥିବା ଏହି ଡ୍ୟାମ୍‌ରୁ ପାଣି ଶୁଖିବା କାରଣରୁ ହାଇଡ୍ରୋପାୱାର ପ୍ଲାଣ୍ଟରୁ ଚଳିତ ବର୍ଷ କମ୍ ପରିମାଣର ବିଦ୍ୟୁତ୍ ଉତ୍ପାଦନ ହୋଇପାରିଛି। ସ୍ୱଚ୍ଛ ଶକ୍ତିର ଉତ୍ସ ଏପରି ପ୍ରଭାବିତ ହେଲେ ତାହା ପରିବେଶ ସୁରକ୍ଷା ପାଇଁ ଶୁଭଙ୍କର ନୁହେଁ ବୋଲି ଜଳବାୟୁ ପରିବର୍ତ୍ତନ ବିଶେଷଜ୍ଞ ଚିନ୍ତାପ୍ରକଟ କରିଛନ୍ତି।

ଟର୍ବାଇନ୍ କିମ୍ବା ସ୍ପିଲ୍‌ୱେରୁ ପାଣି ବାହାରିବା ପରେ ଯେଉଁ ହ୍ୱାଇଟ୍ ସ୍ପ୍ରେ ଦେଖିବାକୁ ମିଳେ ତାହା ଅଗଷ୍ଟ ମାସ ଶେଷଆଡ଼କୁ ମଧ୍ୟ ଡ୍ୟାମ୍‌ରେ ଦେଖାଯାଇ ନ ଥିଲା। ଅର୍ଥାତ ଜଳସ୍ତର ହ୍ରାସ ଯୋଗୁ ସେଥିରୁ ପ୍ଲାଣ୍ଟର ବିଦ୍ୟୁତ୍ ଉତ୍ପାଦନ କ୍ଷମତା କମିଛି। ବିଶ୍ୱତାପନ ଓ ଜଳାଭାବ ଯୋଗୁ ଚାଇନାର ଏହି ମେଗା ପ୍ଲାଣ୍ଟ ଗ୍ଲୋବାଲ ହାଇଡ୍ରୋପାୱାର ସଙ୍କଟ ଜଟିଳ ହୋଇଛି। କେବଳ ଚାଇନା ନୁହେଁ, କାଲିଫର୍ନିଆଠାରୁ ଜର୍ମାନୀ ପର୍ଯ୍ୟନ୍ତ ଅନୁରୂପ ☞ପୃଷ୍ଠା-୪





**ଋଷି-ମୋଦି ଆଲୋଚନା**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ବ୍ରିଟେନର ନୂଆ ପ୍ରଧାନମନ୍ତ୍ରୀ ଋଷି ସୁନକ୍‌ଙ୍କ ସହ ଟେଲିଫୋନ୍‌ରେ କଥା ହୋଇଛନ୍ତି। ପ୍ରଧାନମନ୍ତ୍ରୀ ଦାୟିତ୍ୱ ନେଇଥିବାରୁ ସୁନକଙ୍କୁ ମୋଦି ଅଭିନନ୍ଦନ ଜଣାଇଛନ୍ତି। ଦ୍ୱିପାକ୍ଷିକ ସହଯୋଗ ବୃଦ୍ଧି ଦିଗରେ ଏକାଠି କାମ କରିବାକୁ ପ୍ରଧାନମନ୍ତ୍ରୀ ମୋଦି କହିଥିଲେ। ଏହି ଅବସରରେ ଦୁଇ ନେତା ଭାରତ ଓ ବ୍ରିଟେନ ମଧ୍ୟରେ ମୁକ୍ତ ବାଣିଜ୍ୟ ଚୁକ୍ତିନାମାର ଆବଶ୍ୟକତା ଉପରେ ଆଲୋଚନା କରିଥିଲେ। ସୁନକ ମଧ ଟୁଇଟ୍ କରି ମୋଦିଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଆଗାମୀ ଦିନରେ ଦୁଇଦେଶ ମଧ୍ୟରେ ପ୍ରତିରକ୍ଷା ଓ ଆର୍ଥିକ ସହଯୋଗ ବଢ଼ିଲେ ବିରାଟ ସଫଳତା ମିଳିବ ବୋଲି ସୁନକ କହିଛନ୍ତି।

## ସଂକ୍ଷେପରେ

### ଗୁଜରାଟରେ ହେବ ସେନା ପରିବହନ ବିମାନ କାରଖାନା

**ନୂଆଦିଲ୍ଲୀ,୨୭।୧୦:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ରାଜ୍ୟ ଗୁଜରାଟରେ ସୈନ୍ୟବାହିନୀ ପାଇଁ ପରିବହନ ବିମାନ ନିର୍ମାଣ କାରଖାନା ହେବାକୁ ଯାଉଛି। ଏହି ବିମାନ ନିର୍ମାଣ ଲାଗି ଟାଟା ଏବଂ ଏୟାରବସ୍ ମଧ୍ୟରେ ଚୁକ୍ତି ସ୍ୱାକ୍ଷର ହୋଇଛି। ପ୍ଲାଣ୍ଟ ନିର୍ମାଣରେ ୨୨,୦୦୦ କୋଟି ଟଙ୍କା ଖର୍ଚ୍ଚ ହେବ। ପ୍ରଥମ ଥର ପାଇଁ ଭାରତରେ ଘରୋଇ କମ୍ପାନୀ ସାମରିକ ବିମାନ ନିର୍ମାଣ କରିବାକୁ ଯାଉଛି। ଉକ୍ତ ପ୍ରୋଜେକ୍ଟରେ ମୋଟ ୨୧,୯୩୫ କୋଟି ଟଙ୍କା ବ୍ୟୟ ହେବ। ଉକ୍ତ ବିମାନକୁ ବେସାମରିକ କାର୍ଯ୍ୟରେ ମଧ ନିୟୋଜିତ କରାଯାଇପାରିବ ବୋଲି ପ୍ରତିରକ୍ଷା ସଚିବ ଡ. ଅଜୟ୍ କୁମାର କହିଛନ୍ତି। ରବିବାର ପ୍ରଧାନମନ୍ତ୍ରୀ ମୋଦି ବଡୋଦରାଠାରେ ଉକ୍ତ ପ୍ଲାଣ୍ଟର ଉଦ୍‌ଘାଟନ କରିବେ। ଏହି ପ୍ରକଳ୍ପରେ ହଜାର ହଜାର ଲୋକଙ୍କୁ ନିଯୁକ୍ତି ମିଳିପାରିବ।

### ଜମ୍ମୁ ରେଳଷ୍ଟେଶନରୁ ୧୮ ଡେଟୋନେଟର ଜବତ

**ନୂଆଦିଲ୍ଲୀ,୨୭।୧୦:** ଜମ୍ମୁ ରେଳଷ୍ଟେଶନ ଟ୍ୟାକ୍ସି ଷ୍ଟାଣ୍ଡରୁ ୧୮ଟି ଡେଟୋନେଟର ମିଳିଛି। ବିସ୍ଫୋରକ ସମେତ କିଛି ତାର ଦୁଇଟି ବାକ୍ସରେ ରଖାଯାଇଥିବା ପୋଲିସ କହିଛି। ଘଟଣାସ୍ଥଳରେ ପୋଲିସ ଅଫିସର ଉପସ୍ଥିତ ରହି ତଦନ୍ତ ଚଳାଇଛନ୍ତି। ବାକ୍ସ ମଧ୍ୟରେ ମହମ ଭଳି ପଦାର୍ଥ ପ୍ୟାକ୍ କରାଯାଇଥିଲା। ଟ୍ୟାକ୍ସି ଷ୍ଟାଣ୍ଡ୍‌ରୁ ଏକ ସନ୍ଦିଗ୍ଧ ବ୍ୟାଗ୍ ମିଳିବା ପରେ ସେଥିରୁ ଉପରୋକ୍ତ ବାକ୍ସ ଓ ତାର ମିଳିଥିଲା। ନିକଟରେ ଜମ୍ମୁ-କଶ୍ମୀରରେ ଏକାଧିକ ଆତଙ୍କବାଦୀ ଆକ୍ରମଣ ଘଟିଲାଣି। ଗତ ୧୮ ତାରିଖରେ ଆତଙ୍କବାଦୀଙ୍କ ଆକ୍ରମଣରେ ୨ ପ୍ରବାସୀ ଶ୍ରମିକ ନିହତ ହୋଇଥିଲେ।

### କୋଏମ୍ବାଟୁର ବିସ୍ଫୋରଣର ତଦନ୍ତ କରିବ ଏନ୍‌ଆଇଏ

**ନୂଆଦିଲ୍ଲୀ,୨୭।୧୦:** କୋଏମ୍ବାଟୁର ମନ୍ଦିର ନିକଟରେ ଗତ ରବିବାର ହୋଇଥିବା ବିସ୍ଫୋରଣ ଘଟଣାର ତଦନ୍ତ ଦାୟିତ୍ୱ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ)କୁ ହସ୍ତାନ୍ତର ପାଇଁ କେନ୍ଦ୍ର ସରକାର ଗୁରୁବାର ନିଷ୍ପତ୍ତି ନେଇଛନ୍ତି। ବିସ୍ଫୋରଣରେ ଜଣେ ଇଞ୍ଜିନିୟରଙ୍କ ମୃତ୍ୟୁ ଘଟିଥିଲା। ବିସ୍ଫୋରଣ ପଛରେ ଅନ୍ତର୍ଜାତୀୟ ସମ୍ପୃକ୍ତି ସନ୍ଦେହ କରାଯାଉଥିବାରୁ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ଘଟଣାର ଏନ୍‌ଆଇଏ ତଦନ୍ତ ଲାଗି ସୁପାରିସ କରିଥିଲେ। ଏହି ମାମଲାରେ ୨୯ ବର୍ଷୀୟ ଇଞ୍ଜିନିୟରିଂ ଛାତ୍ର ଜମିଶା ମୁବିନ୍‌ଙ୍କ ସମେତ ୫ ଜଣଙ୍କୁ ଗିରଫ କରାଯିବା ସହ ସେମାନଙ୍କ ବିରୋଧରେ ୟୁଏପିଏରେ ମାମଲା ରୁଜୁ ହୋଇଛି। ଶ୍ରୀଲଙ୍କା ଇଷ୍ଟର ବୋମା ବିସ୍ଫୋରଣ ଘଟଣା ପରେ ୨୦୧୯ରେ ମୁବିନ୍ ଏନ୍‌ଆଇଏ ନଜରରେ ରହିଥିଲେ।

### ମହିଳା ଗୃହକାର୍ଯ୍ୟ କରିବା ନିଷ୍ଠୁରତା ନୁହେଁ

**ମୁମ୍ବାଇ,୨୭।୧୦ (ପି.ଟି.):** ଜଣେ ବିବାହିତା ମହିଳା ନିଜ ପରିବାର ପାଇଁ ଘରକାମ କରିବାକୁ ସହାୟିକାର କାର୍ଯ୍ୟ ବୋଲି ବିବେଚନା କରାଯାଇପାରିବ ନାହିଁ ଏବଂ ଏହାକୁ ନିଷ୍ଠୁରତା କୁହାଯାଇପାରିବ ନାହିଁ ବୋଲି ବମ୍ବେ ହାଇକୋର୍ଟଙ୍କ ଔରଙ୍ଗାବାଦ ବେଞ୍ଚ୍ କହିଛନ୍ତି। ମହିଳା ଜଣଙ୍କ ତାଙ୍କ ସ୍ୱାମୀ ଓ ଶ୍ୱଶୁରଘର ଲୋକଙ୍କ ବିରୋଧରେ ଆଣିଥିବା ଘରୋଇ ହିଂସା ଓ ନିଷ୍ଠୁରତା ମାମଲାକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି। ସ୍ୱାମୀ ଓ ତାଙ୍କ ମାଆବାପାଙ୍କ ବିରୋଧରେ ଦାଏର ଏତଲାକୁ ଜଷ୍ଟିସ୍ ବିଭା କଙ୍କନୱାଡ଼ି ଏବଂ ରାଜେଶ ପାଟିଲଙ୍କ ଖଣ୍ଡପୀଠ ଖାରଜ କରିଦେଇନ୍ତି। ଶ୍ୱଶୁରଘରେ ତାଙ୍କୁ ଘରୋଇ ସହାୟିକା ଭାବେ ବ୍ୟବହାର କରାଯାଉଥିଲା ଏବଂ କାର କିଣିବା ଲାଗି ୪ ଲକ୍ଷଟଙ୍କା ଆଣିବାକୁ କୁହାଯାଉଥିଲା । ଯୌତୁକ ଦାବିରେ ସ୍ୱାମୀ ତାଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିଲେ ବୋଲି ମହିଳା ତାଙ୍କ ଅଭିଯୋଗରେ ଦର୍ଶାଇଥିଲେ।

### ୮ରେ ଜୟଶଙ୍କରଙ୍କ ରୁଷିଆ ଗସ୍ତ

**ନୂଆଦିଲ୍ଲୀ, ୨୭।୧୦:** ଭାରତର ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ନଭେମ୍ବର ୮ରେ ରୁଷିଆ ଗସ୍ତ କରି ତାଙ୍କ ପ୍ରତିପକ୍ଷ ସେରେଗି ଲାଭ୍ରୋଭଙ୍କୁ ଭେଟିବେ। ଏ ନେଇ ମସ୍କୋ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଅବସରରେ ଜୟଶଙ୍କର ଏବଂ ଲାଭ୍ରୋଭ୍ ଦ୍ୱିପାକ୍ଷିକ ଆଲୋଚନା ସହ ଅର୍ନ୍ତଜାତୀୟ ପ୍ରସଙ୍ଗ ଉପରେ ମଧ ଚର୍ଚ୍ଚା କରିବେ। ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ ଭିତରେ ଜୟଶଙ୍କରଙ୍କ ମସ୍କୋ ଗସ୍ତ ବେଶ୍ ଗୁରୁତ୍ୱ ରଖେ। ବୁଧବାର ରୁଷିଆ ପ୍ରତିରକ୍ଷା ମନ୍ତ୍ରୀ ସେରେଗି ଶୋଇଗୁ ଭାରତ ପ୍ରତିପକ୍ଷ ରାଜନାଥ ସିଂଙ୍କ ସହ ଫୋନ୍‌ରେ କଥା ହୋଇଥିଲେ। ୟୁକ୍ରେନ୍ ଡାର୍ଟି ବମ୍ ପ୍ରୟୋଗ ଯୋଜନା କରୁଥିବା ନେଇ ସେ ରାଜନାଥ ସିଂଙ୍କୁ ଜଣାଇଥିଲେ।

## ମେକ୍ସିକୋରେ ସମଲିଙ୍ଗୀ ବିବାହକୁ ସ୍ୱୀକୃତି



**ମେକ୍ସିକୋ ସିଟି:** ମେକ୍ସିକୋର ସୀମାନ୍ତ ରାଜ୍ୟ ତମାଉଲିପାସ୍‌ରେ ବୁଧବାର ରାତିରେ ସମଲିଙ୍ଗୀ ବିବାହକୁ ବୈଧ କରିବା ସମ୍ପର୍କିତ ଆଇନ ସପକ୍ଷରେ ମତଦାନ ହୋଇଛି। ଏହି ଆଇନକୁ ସ୍ୱୀକୃତି ପ୍ରଦାନରେ ଏହା ହେଉଛି ମେକ୍ସିକୋର ୩୨ତମ ବା ଶେଷ ରାଜ୍ୟ।

ତମାଉଲିପାସ୍‌ରେ ସମଲିଙ୍ଗୀ ବିବାହ ସମ୍ପର୍କିତ ସିଭିଲ୍ କୋଡ୍‌ରେ ସଂଶୋଧନ ସପକ୍ଷରେ ୨୩ ଓ ବିରୋଧରେ ୧୨ ଭୋଟ ପଡ଼ିଥିବାବେଳେ ୨ ମତଦାତା ଭୋଟ ଦେବାରୁ ବିରତ ରହିଥିଲେ। ଫଳାଫଳ ଆସିବା ପରେ ଏହି ଧରଣ ବିବାହର ସମର୍ଥକମାନେ ଖୁସିରେ ନାଚି ଉଠିଥିଲେ। କହିଥିଲେ, 'ହଁ ଆମେ ପାରିବା'। ସୁପ୍ରିମକୋର୍ଟ ପ୍ରେସିଡେଣ୍ଟ ଜଷ୍ଟିସ୍ ଅର୍ଟୁରୋ ଜାଲଡିଭର ଏହାକୁ ସ୍ୱାଗତ କରି କହିଛନ୍ତି, ସାରା ଦେଶ ଏକ ବିଶାଳ ଇନ୍ଦ୍ରଧନୁ ସହ ଚମକୁଛି। ସମସ୍ତ ନାଗରିକ ସମ୍ମାନ ଓ ଅଧିକାର ସହ ବଞ୍ଚନ୍ତୁ। ପ୍ରେମ ହେଉଛି ଜୀବନ। ଏହା ପୂର୍ବରୁ ଗୁଏରେରୋରେ ମଧ ସମାନ ଧରଣର ଆଇନକୁ ସ୍ୱୀକୃତି ଦିଆଯାଇଥିଲା। ୨୦୧୫ରେ ମେକ୍ସିକୋ ସୁପ୍ରିମକୋର୍ଟ ସମଲିଙ୍ଗୀ ବିବାହ ବିରୋଧୀ ଆଇନକୁ ଅସାମ୍ବିଧାନିକ ଘୋଷଣା କରିଥିଲେ। କିନ୍ତୁ କେତେକ ରାଜ୍ୟରେ ଏହି ରାୟର ଅନୁପାଳନ ଲାଗି ଆଇନ ପ୍ରଣୟନ ବିଳମ୍ବିତ ହୋଇଛି।

## ଚେହେରା ଦେଖାଇଲେ ଇରାନର ଆଞ୍ଜେଲିନା ଜୋଲି

**ତେହେରାନ:** ଇରାନର 'ଜୋମ୍ବି ଆଞ୍ଜେଲିନା ଜୋଲି' ନାମରେ ପରିଚିତ ସହର ତବର ଜେଲରୁ ମୁକୁଳିବା ପରେ ନିଜ ଚେହେରା ଦେଖାଇଛନ୍ତି। ଅନ୍ତର୍ଜାତୀୟ ସମୁଦାୟର ଦୃଷ୍ଟି ଆକର୍ଷଣ କରିବା ପାଇଁ ସେ ସବୁବେଳେ ପ୍ରସିଦ୍ଧି ଲାଭ କରିବାକୁ ଚାହୁଁଥିଲେ ଏବଂ ଏଥି ସକାଶେ ଭୟଙ୍କର ମେକ୍‌ଅପ୍ ନେବାକୁ ପସନ୍ଦ କରୁଥିଲେ ବୋଲି ସହର କହିଛନ୍ତି।



ଇନ୍‌ଷ୍ଟାଗ୍ରାମ୍‌ରେ ହଲିଉଡ୍ ଅଭିନେତ୍ରୀ ଆଞ୍ଜେଲିନା ଜୋଲିଙ୍କ ସଦୃଶ ନିଜର ବିଦ୍ରୂପାତ୍ମକ ଫଟୋ ପୋଷ୍ଟ କରି ରାତାରାତି ପ୍ରସିଦ୍ଧି ପାଇଥିବା ଏହି ଯୁବତୀଙ୍କୁ ୨୦୧୯ ଅକ୍ଟୋବରରେ ଦୁର୍ନୀତି ଓ ଈଶ୍ୱର ନିନ୍ଦା ଅଭିଯୋଗରେ ଗିରଫ କରାଯାଇଥିଲା। ତାଙ୍କୁ ୧୦ ବର୍ଷ ଜେଲ ଦଣ୍ଡାଦେଶ ହୋଇଥିଲା। କିନ୍ତୁ ଇରାନରେ ଗତମାସରେ ମହସା ଅମିନୀଙ୍କ ମୃତ୍ୟୁ ପରେ ଆନ୍ଦୋଳନ ମୁଣ୍ଡ ଟେକିବା ପରେ ତାଙ୍କୁ ମୁକ୍ତ କରାଯାଇଛି। ୨୧ ବର୍ଷୀୟା ସହର ନିଜ ଅସଲ ଚେହେରାକୁ ଲୁଚାଇବା ପାଇଁ କସ୍‌ମେଟିକ୍ ସର୍ଜରି କରାଇଥିଲେ। ତାଙ୍କୁ ଜେଲରୁ ମୁକୁଳାଇବା ପାଇଁ ସୋସିଆଲ ମିଡିଆରେ ବିଧିବଦ୍ଧ ଭାବେ ଅଭିଯାନ ଚାଲିଥିଲା। ଆକ୍ଟିଭିଷ୍ଟ ମାଶିହ ଅଲିନେଜାଦ୍‌ଙ୍କ ମତରେ ସହର ତବରଙ୍କୁ ୧୯ ବର୍ଷ ହେଉଥିବାବେଳେ ତାଙ୍କ ବ୍ୟଙ୍ଗ ତାଙ୍କୁ ଜେଲ ଭିତରକୁ ଟାଣିନେଇଥିଲା। ନିରୀହ ଝିଅଙ୍କୁ ମୁକ୍ତ କରିବା ପାଇଁ ତାଙ୍କ ମା' ସବୁଦିନ ଲୁହ ଝରାଉଥିଲେ।

# ବିପର୍ଯ୍ୟୟ ପଥେ ବିଶ୍ୱ



**ଜାତିସଂଘ,୨୭।୧୦**

ଜଳବାୟୁ ପରିବର୍ତ୍ତନଜନିତ ସଙ୍କଟକୁ ସାମ୍ନା କରୁଥିବା ପୃଥିବୀ ଏକ ବୃହତ୍ ବିପର୍ଯ୍ୟୟ ଆଡ଼କୁ ମୁହାଁଇଛି ବୋଲି ଜାତିସଂଘ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ ଦର୍ଶାଯାଇଛି। ଜାତିସଂଘ ପରିବେଶ କାର୍ଯ୍ୟକ୍ରମ (ୟୁଏନ୍‌ଇପି) ଗୁରୁବାର ଜାରି କରିଥିବା ଏହାର ବାର୍ଷିକ ଏମିଶନ୍ସ ଗ୍ୟାପ୍ ରିପୋର୍ଟରେ ଉଲ୍ଲେଖ କରିଛି, ବିଶ୍ୱରେ ବଢୁଥିବା ତାପମାତ୍ରା ହ୍ରାସ ପାଇଁ ସରକାରମାନେ ଦେଇଥିବା ପ୍ରତିଶ୍ରୁତି ଠିକ୍ ଭାବେ ପାଳନ କରୁନାହାନ୍ତି। ବର୍ତ୍ତମାନର ସରକାରୀ କ୍ଲାଇମେଟ୍ ପଲିସିଗୁଡ଼ିକ ବିଶ୍ୱରେ ହାରାହାରି ୨.୮ ଡିଗ୍ରୀ ସେଲ୍‌ସିୟସ୍ ବା ୫ ଡିଗ୍ରୀ ଫାରେନ୍‌ହିଟ୍ ପର୍ଯ୍ୟନ୍ତ ତାପମାତ୍ରା ବୃଦ୍ଧି ଆଡ଼କୁ ଟାଣିନେଉଛି।

ଇଜିପ୍ଟରେ ନଭେମ୍ବର ୬ରୁ ୧୮ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା କୋପ୍ ୨୭ ଜଳବାୟୁ ଆଲୋଚନାରେ ତାପମାତ୍ରାକୁ ୨ ଡିଗ୍ରୀ ସେଲସିୟସ୍ ମଧ୍ୟରେ ସୀମିତ ରଖିବା ଉପରେ ଗୁରୁତ୍ୱାରୋପ କରାଯିବ। ତାପମାତ୍ରାକୁ ସୀମିତ ରଖିବା ପାଇଁ ପୂର୍ବରୁ ରହିଥିବା ସୁଯୋଗକୁ ଆମେ ହାତଛଡ଼ା କରିଦେଇଛେ। ଆମ ଅର୍ଥନୀତି ଓ ସମାଜଗୁଡ଼ିକରେ ଆମୂଳଚୂଳ ପରିବର୍ତ୍ତନ ଜରିଆରେ ହିଁ ପାଣିପାଗଜନିତ କ୍ରମବର୍ଦ୍ଧିଷ୍ଣୁ ବିପର୍ଯ୍ୟୟରୁ ନିଜକୁ ରକ୍ଷା କରିପାରିବା ବୋଲି ୟୁଏନ୍‌ଡିପି କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଆଇଙ୍ଗର ଆଣ୍ଡରସନ୍ କହିଛନ୍ତି। ସେହିପରି ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍ କହିଛନ୍ତି, କାର୍ବନ ନ୍ୟୁଟ୍ରାଲିଟିକୁ ସମର୍ଥନ ନ ମିଳିଲେ ଏହାର ଲକ୍ଷ୍ୟ ମୂଲ୍ୟହୀନ ହୋଇଯିବ। ବୈଶ୍ୱିକ ଓ ଜାତୀୟ ସ୍ତରରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ହ୍ରାସ ଲାଗି ଦିଆଯାଉଥିବା ପ୍ରତିଶ୍ରୁତିକୁ ରକ୍ଷା କରାଯାଉନାହିଁ। ଅନ୍ୟ ଭାଷାରେ ଆମେ ଏକ ବୈଶ୍ୱିକ ବିପର୍ଯ୍ୟୟ ଆଡ଼କୁ ଅଗ୍ରସର ହେଉଛେ ବୋଲି ଏକ ଭିଡିଓ ମେସେଜ୍‌ରେ ଗୁଟେରସ୍ କହିଛନ୍ତି।

## ଜଳବାୟୁ ପରିବର୍ତ୍ତନ ସବୁଠୁ ବଡ଼ ଶତ୍ରୁ

ବର୍ତ୍ତମାନଯାଏ ଆତଙ୍କବାଦକୁ ବିଶ୍ୱର ସବୁଠୁ ବଡ଼ ଶତ୍ରୁ ବୋଲି ବିବେଚନା କରାଯାଉଥିଲା। ବିଶେଷକରି ଆତଙ୍କବାଦୀଙ୍କ ଭୂସ୍ୱର୍ଗ ପାକିସ୍ତାନକୁ ହରଡ଼ଘଣାରେ ପକାଇବା ପାଇଁ ଭାରତ ପ୍ରାୟ ପ୍ରତ୍ୟେକ ଅନ୍ତର୍ଜାତୀୟ ମଞ୍ଚରେ ଏହି ପ୍ରସଙ୍ଗ ଉଠାଉଥିଲା। କିନ୍ତୁ ଏବେ ମାନବ ଜାତିର ଶତ୍ରୁ ତାଲିକାର ସର୍ବାଗ୍ରେ ରହିଛି ଜଳବାୟୁ ପରିବର୍ତ୍ତନ। ଗ୍ଲୋବାଲ ଟେରରିଜମ୍ ଇଣ୍ଡେକ୍ସ-୨୦୨୨ ଅନୁସାରେ ୨୦୨୧ରେ ବିଶ୍ୱରେ ଆତଙ୍କବାଦଜନିତ ମୃତ୍ୟୁସଂଖ୍ୟା ୧.୨% ହ୍ରାସ ପାଇ ୭,୧୪୨କୁ ଖସିଛି। ଅନ୍ୟପକ୍ଷେ ଗତବର୍ଷ କେବଳ ଭାରତରେ ଜଳବାୟୁ ପରିବର୍ତ୍ତନ ଜନିତ ମୃତ୍ୟୁସଂଖ୍ୟା ୧,୭୫୦ ରହିଥିଲା। ପାଣିପାଗରେ ହଠାତ୍ ଅସ୍ୱାଭାବିକ ପରିବର୍ତ୍ତନ ଯୋଗୁ ଘଟୁଥିବା ମୃତ୍ୟୁହାର ଅହେତୁକ ଭାବେ ବଢ଼ିଚାଲିଛି। ଏହି ଧାରା ଜାରି ରହିଲେ ୨୦୩୦ରୁ ୨୦୫୦ ମସିହା ମଧ୍ୟରେ ବାର୍ଷିକ ମୃତ୍ୟୁ ତାଲିକାରେ ଅତିରିକ୍ତ ୨ ଲକ୍ଷ ୫୦ ହଜାର ସଂଖ୍ୟା ଯୋଡ଼ି ହୋଇଯିବ ବୋଲି ଜାତିସଂଘ ଆକଳନ କରିଛି।

### ଭାରତ ଉପରେ ପ୍ରଭାବ

ଅସ୍ୱାଭାବିକ ମୌସୁମୀ ଏବଂ ହିମସ୍ଖଳନର ସର୍ବାଧିକ ଶିକାର ହୋଇଥିବା ପାକିସ୍ତାନରେ ପ୍ରଳୟଙ୍କରୀ ବନ୍ୟା ପ୍ରାୟ ୧୮୦୦ ଜଣଙ୍କ ଜୀବନ ନେଇସାରିଲାଣି। ଏହାକୁ ଦେଖି ଭାରତ ବେଶୀ ଦୂର ନୁହେଁ ବୋଲି ବୈଜ୍ଞାନିକ ବିଶ୍ଳେଷଣ ସ୍ପଷ୍ଟ କରିସାରିଲାଣି। ହିମାଳୟରେ ତରଳୁଥିବା ବରଫ ଭାରତ ପାଇଁ ମଧ ସମ୍ଭାବ୍ୟ ବିପଦର ସତର୍କ ଘଣ୍ଟି। ପରିବେଶଗତ ପ୍ରଦର୍ଶନ ସୂଚକାଙ୍କ (ଇପିଆଇ)-୨୦୨୨ରେ ୧୮୦ ରାଷ୍ଟ୍ର ମଧ୍ୟରୁ ସବାତଳେ ଥିବା ଭାରତ ପାଇଁ ଜଳବାୟୁ ପରିବର୍ତ୍ତନଜନିତ ସଙ୍କଟ ସର୍ବାଧିକ ଚିନ୍ତାର ବିଷୟ ବୋଲି ନିଃସନ୍ଦେହରେ କୁହାଯାଇପାରେ। ଜଳବାୟୁ ପରିବର୍ତ୍ତନର ପ୍ରଭାବ ହ୍ରାସ ସକାଶେ ଉପାୟ ଖୋଜିବା ପାଇଁ ଗତବର୍ଷ ନଭେମ୍ବରରେ ସ୍କଟଲାଣ୍ଡର ଗ୍ଲାସ୍‌ଗୋଠାରେ କୋପ୍-୨୬ ସମ୍ମିଳନୀ ଆୟୋଜିତ ହୋଇଥିଲା। ୨ ସପ୍ତାହ ଧରି ମାନସମନ୍ଥନ ପରେ ସର୍ବାଧିକ ତାପମାତ୍ରା ସୃଷ୍ଟିକାରୀ କୋଇଲା ବ୍ୟବହାରକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ୧୨୦ ବିଶ୍ୱନେତାଙ୍କ ସମେତ ଅନେକ ହଜାର ପ୍ରତିନିଧି ଏକପ୍ରକାର ସହମତି ପ୍ରକାଶ କରିଥିଲେ। କିନ୍ତୁ ଶେଷ ମୁହୂର୍ତ୍ତରେ ଭାରତ କୋଇଲା ବ୍ୟବହାର କ୍ଷେତ୍ରରେ 'ଫେଜ୍ ଆଉଟ୍' ବଦଳରେ 'ଫେଜ୍ ଡାଉନ୍' ଶବ୍ଦ ଯୋଡ଼ି ସଂକଳ୍ପନାମାରେ ବୈଷୟିକ ପରିବର୍ତ୍ତନ ଆଣିଥିଲା। ସେତେବେଳେ ଭାରତର ଏହି ପଦକ୍ଷେପକୁ ସଦସ୍ୟ ରାଷ୍ଟ୍ରଗୁଡ଼ିକ ନିନ୍ଦା କରିଥିଲେ।

## ଆଜମ ଖାନ୍‌ଙ୍କୁ ୩ ବର୍ଷ ଜେଲ

**ଘୃଣା ମନ୍ତବ୍ୟ ମାମଲା**



**ବରେଲି,୨୭।୧୦**

ଘୃଣିତ ତଥା ଉତ୍ତେଜନା ସୃଷ୍ଟିକାରୀ ମନ୍ତବ୍ୟ ପାଇଁ ସମାଜବାଦୀ ପାର୍ଟିର ବରିଷ୍ଠ ନେତା ଆଜମ ଖାନ୍‌ଙ୍କୁ ରାମପୁର ଜିଲାର ଏକ ସ୍ୱତନ୍ତ୍ର ଅଦାଲତ ଗୁରୁବାର ଦୋଷୀସାବ୍ୟସ୍ତ କରିବା ସହ ୩ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ୨୦୧୯ରେ ଆଜମ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ବିରୋଧରେ ଘୃଣିତ ମନ୍ତବ୍ୟ ଦେଇଥିଲେ। ଦଣ୍ଡାଦେଶ ପ୍ରଦାନ ପରେ ଅଦାଲତ ୭୪ ବର୍ଷୀୟ ଏସ୍‌ପି ବିଧାୟକଙ୍କୁ ଜାମିନ ମଞ୍ଜୁର କରିଛନ୍ତି। ରାୟ ବିରୋଧରେ ସପ୍ତାହେ ମଧ୍ୟରେ ଅପିଲ କରିବାକୁ ତାଙ୍କୁ ସମୟ ଦିଆଯାଇଛି। ସେ ରାୟ ବିରୋଧରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି। ତାଙ୍କ ନାମରେ ୧୫୩ଏ (ଦୁଇ ଗୋଷ୍ଠୀ ମଧ୍ୟରେ ଶତ୍ରୁତା ବଢ଼ାଇବା), ୫୦୫-୧(ସର୍ବସାଧାରଣରେ ପରିହାସ କରିବା) ଏବଂ ଜନପ୍ରତିନିଧି ଆଇନ, ୧୯୫୧ର ଧାରା ୧୨୫ ଅନୁଯାୟୀ ମାମଲା ରୁଜୁ ହୋଇଥିଲା। ୩ଟି ଯାକ ଧାରାରେ ଅଦାଲତ ତାଙ୍କୁ ଦୋଷୀସାବ୍ୟସ୍ତ କରିଛନ୍ତି। ସୁପ୍ରିମକୋର୍ଟଙ୍କ ଏକ ରାୟ ଅନୁଯାୟୀ ଆଜମଙ୍କ ସଭ୍ୟପଦ ରଦ୍ଦ ହୋଇପାରେ। କାରଣ କୌଣସି ଫୌଜଦାରି ମାମଲାରେ ଦୋଷୀସାବ୍ୟସ୍ତ ହୋଇ ବିଧାୟକ, ବିଧାନ ପରିଷଦ ସଦସ୍ୟ କିମ୍ବା ଏମ୍‌ପି ଯଦି ସର୍ବନିମ୍ନ ୨ ବର୍ଷ ଜେଲ ଯାଆନ୍ତି, ତେବେ ସେ ଗୃହର ସଦସ୍ୟତା ହରାଇବେ ବୋଲି ୨୦୧୩ରେ ସର୍ବୋଚ୍ଚ ଅଦାଲତ ରାୟ ଦେଇଥିଲେ।

ପୂର୍ବରୁ ଜମି ହଡ଼ପ ମାମଲାରେ ସେ ପାଖାପାଖି ୨ ବର୍ଷ ଜେଲରେ ରହିଥିଲେ। ଗତ ମେ'ରେ ସୁପ୍ରିମକୋର୍ଟରୁ ଅନ୍ତରୀଣ ଜାମିନ ପାଇ ଜେଲରୁ ବାହାରିଥିଲେ। ୨୦୧୭ରେ ଭାଜପା ଉତ୍ତରପ୍ରଦେଶରେ କ୍ଷମତାକୁ ଆସିବା ପରେ ଏସ୍‌ପି ନେତା ଆଜମଙ୍କ ବିରୋଧରେ ଦୁର୍ନୀତି, ଚୋରି, ଜମି ହଡ଼ପ ସମେତ ୮୭ ମାମଲା ଲଗାଇଛନ୍ତି। ଘୃଣା ମନ୍ତବ୍ୟ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି ସୁପ୍ରିମକୋର୍ଟ ସପ୍ତାହେ ପୂର୍ବରୁ କେନ୍ଦ୍ର ଓ ବିଭିନ୍ନ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ପ୍ରତି ରାଜ୍ୟରେ ହେବ ଏନ୍‌ଆଇଏ ଅଫିସ୍

**ନୂଆଦିଲ୍ଲୀ,୨୭।୧୦**

ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ)କୁ ରାଜ୍ୟ କ୍ଷେତ୍ରବାହାରେ କ୍ଷମତା ଦିଆଯିବା ସହ ୨୦୨୪ ସୁଦ୍ଧା ପ୍ରତି ରାଜ୍ୟରେ ଏହାର ଶାଖା ଖୋଲିବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଗୁରୁବାର କହିଛନ୍ତି। ହରିୟାଣାର ସୂରଯକୁଣ୍ଡଠାରେ ୨ଦିନିଆ ଚିନ୍ତନ ଶିବିରର ଉଦ୍‌ଘାଟନ ଅଧିବେଶନରେ ଉଦ୍‌ବୋଧନ ଦେଇ ଶାହା କହିଥିଲେ, ସାଇବର ଅପରାଧ, ନିଶାଦ୍ରବ୍ୟ ଚୋରା କାରବାର, ସୀମାପାର ଆତଙ୍କବାଦ, ଦେଶଦ୍ରୋହ ଓ ଅନ୍ୟାନ୍ୟ ଅପରାଧ ମାମଲା ତଦନ୍ତ ଲାଗି ମିଳିତ ଯୋଜନା ପ୍ରସ୍ତୁତ ହେଉଛି। ସହକାରୀ ସଂଘୀୟବାଦର ଲକ୍ଷ୍ୟ ହାସଲ କରିବା ଦିଗରେ ସହଯୋଗ, ସମନ୍ୱୟ ଓ ସହକାର୍ଯ୍ୟତା ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ରାଜ୍ୟଗୁଡ଼ିକର ସ୍ୱତନ୍ତ୍ର ଅନୁମତି ବିନା ସାରା ଦେଶରେ ଆତଙ୍କବାଦୀ ମାମଲାରେ ତଦନ୍ତ କରିବା କ୍ଷମତା ଏନ୍‌ଆଇଏକୁ ମିଳିଛି। ୨୦୦୮ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ ଘଟଣା ପରେ ଏନ୍‌ଆଇଏ ଆଇନ କାର୍ଯ୍ୟକାରୀ ହୋଇ ସେହି ବର୍ଷ ଡିସେମ୍ବର ୩୧ରେ ଲାଗୁ ହୋଇଥିଲା। ଆତଙ୍କବାଦୀ ଆକ୍ରମଣ ଓ ବିସ୍ଫୋରଣ ସହ ଆନ୍ତଃରାଜ୍ୟ ଓ ଅନ୍ତର୍ଜାତୀୟ ସମ୍ପୃକ୍ତି ରହିଛି। ଏଥିସହିତ ନିଶାଦ୍ରବ୍ୟ ଓ ଅସ୍ତ୍ରଶସ୍ତ୍ର ଚୋରା କାରବାରରେ ସମ୍ପୃକ୍ତ ହୋଇଥିବାରୁ ଏ ସମସ୍ତ ମାମଲାର ତଦନ୍ତ ଏନ୍‌ଆଇଏ କ୍ଷମତା ପରିସରଭୁକ୍ତ ରହିଛି। ୨୦୧୯ରେ ଏନ୍‌ଆଇଏ(ସଂଶୋଧନ) ବିଲ୍ ପାସ୍ ହେବା ପରେ ଏହି ଏଜେନ୍ସିକୁ ଅଧିକ କ୍ଷମତା ମିଳିଛି।

## ଯମୁନାରେ ବିଷାକ୍ତ ଫେଣ

**ଦିଲ୍ଲୀ ସରକାରଙ୍କୁ ଦାୟୀ କଲେ ପରିବେଶବିତ୍**

**ନୂଆଦିଲ୍ଲୀ,୨୭।୧୦**

କାଳିନ୍ଦୀ କୁଞ୍ଜ ନିକଟରେ ଥିବା ଯମୁନା ନଦୀରେ ଗୁରୁବାର ବିଷାକ୍ତ ଫେଣ ଭର୍ତ୍ତି ହୋଇଯାଇଥିଲା। ଯମୁନାକୁ ପ୍ରଦୂଷଣ ମୁକ୍ତ କରିବାରେ ଦିଲ୍ଲୀ ସରକାର ବିଫଳ ହୋଇଥିବା ଛଟ୍‌ପୂଜା ପୂର୍ବରୁ ପରିବେଶବିତ୍‌ମାନେ କହିଛନ୍ତି। ଅକ୍ଟୋବର ୩୦ ଓ ୩୧ରେ ଛଟ୍‌ପୂଜା ପାଳନ ହେବାକୁ ଥିବାବେଳେ ମହିଳାମାନେ ନଦୀ ପାଣିରେ ଥାଇ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଅର୍ପଣ କରିଥାନ୍ତି। ଯମୁନାର କେତେକ ଘାଟରେ ଛଟ୍‌ପୂଜା ପାଇଁ ଦିଲ୍ଲୀ ଉପରାଜ୍ୟପାଳ ବିନୟୀ କୁମାର ସାକ୍ସେନା ଅନୁମତି ଦେଇଛନ୍ତି। ଭକ୍ତମାନଙ୍କ ପାଇଁ ସ୍ୱଚ୍ଛ ଘାଟ ଓ ଜଳର ବ୍ୟବସ୍ଥା କରିବା ନିମନ୍ତେ ସେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କୁ କହିଛନ୍ତି। ଯମୁନାରେ ବାରମ୍ବାର ଫେଣ ଭାସିବା ଘଟଣାରେ ରାଜନୈତିକ ଇଚ୍ଛାଶକ୍ତିର ଅଭାବ, ଯମୁନା ପରିଷ୍କାର କରାଯିବା ଉପରେ ଗୁରୁତ୍ୱ ଦିଆ ନ ଯିବା ଏବଂ ସର୍ବନିମ୍ନ କାର୍ଯ୍ୟ ଦାୟୀ ବୋଲି ପରିବେଶବିତ୍ ବିମଳେନ୍ଦୁ ଝା କହିଛନ୍ତି।



## ଟୁଇଟର କିଣିଲେ ମସ୍କ

**ୱାଶିଂଟନ୍, ୨୭।୧୦**

ଟେସ୍‌ଲା ସିଇଓ ଏଲନ ମସ୍କ ମାଇକ୍ରୋବ୍ଲଗିଂ ପ୍ଲାଟ୍‌ଫର୍ମ ଟୁଇଟର କିଣିଥିବା ସ୍ପଷ୍ଟ କରିଛନ୍ତି। ଏ ନେଇ ଗୁରୁବାର ସେ ଏକ ଟୁଇଟ କରିଛନ୍ତି। ଅଧିକ ଅର୍ଥ ପାଇଁ ନୁହେଁ ବରଂ ମାନବୀୟ ସହାୟତା ପାଇଁ ସେ ଏହି ଫାର୍ମ କିଣିଥିବା କହିଛନ୍ତି। ଗତ ମେ'ରେ ମସ୍କ ଟୁଇଟର କିଣିବା ପାଇଁ କରିଥିବା ୪୪ ବିଲିୟନ ଡିଲ୍ ଚୂଡ଼ାନ୍ତ କରିବା ନିମନ୍ତେ ତାଙ୍କ ପାଖରେ ଶୁକ୍ରବାର ପର୍ଯ୍ୟନ୍ତ ସମୟ ଥିଲା। ଏଥିରେ ବହୁସଂଖ୍ୟାରେ ଫେକ୍ ଆକାଉଣ୍ଟ ଥିବା ଅଭିଯୋଗ କରି ଜୁଲାଇରେ ମସ୍କ ଏହି ଚୁକ୍ତିରୁ ଓହରିବା ପାଇଁ ଘୋଷଣା କରିବା ପରେ ଟୁଇଟର କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ଏ ନେଇ ଅଧିକ ଚିନ୍ତା କରିବା ପାଇଁ କୋର୍ଟ ଅକ୍ଟୋବର ୨୭ ପର୍ଯ୍ୟନ୍ତ ସମୟ ଦେଇଥିଲେ। ତେବେ



ଏନେଇ ଟୁଇଟର ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ। ଏହା ପୂର୍ବରୁ ମସ୍କ ବୁଧବାର ସାନ୍ ଫ୍ରାନ୍ସିସ୍‌କୋ ସ୍ଥିତ ଟୁଇଟର କାର୍ଯ୍ୟାଳୟରେ ପହଞ୍ଚିବା ବେଳର ଭିଡିଓ ପୋଷ୍ଟ କରିଥିଲେ। ଏହାର କ୍ୟାପଶନ୍‌ରେ ସେ 'ଚିଫ୍ ଟୁଇଟ୍' ଲେଖିଛନ୍ତି। ସେ ହାତରେ ଏକ ୱାଶ୍ ବେସିନ୍ ଧରି କାର୍ଯ୍ୟାଳୟ ଭିତରକୁ ଯାଉଥିବା ଭିଡିଓରେ ଦେଖିବାକୁ ମିଳିଥିଲା। 'ଏଣ୍ଟରିଂ ଟୁଇଟର ହେଡ୍‌କ୍ୱାର୍ଟର୍ସ, ଲେଟ୍ ଦ୍ୟାଟ୍ ସିଙ୍କ୍ ଇନ୍' ବୋଲି ସେ ଟୁଇଟ୍ କରିଥିଲେ।

## ଜବ୍ ଫର୍ ସେକ୍ସ ର୍‌ୟାକେଟରେ ପୂର୍ବତନ ମୁଖ୍ୟ ସଚିବ

**ଚେନ୍ନାଇ,୨୭।୧୦ (ଆଇଏଏନ୍‌ଏସ୍)**

ବରିଷ୍ଠ ଆଇଏଏସ୍ ଅଫିସର ତଥା ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜର ପୂର୍ବତନ ମୁଖ୍ୟ ଶାସନ ସଚିବ ଜିତେନ୍ଦ୍ର ନାରାୟଣ ନିଯୁକ୍ତି ପାଇଁ ସେକ୍ସ ର୍‌ୟାକେଟ୍‌ର ମୁଖ୍ୟ ଥିବା ଜଣାପଡ଼ିଛି। ତାଙ୍କର ପୋର୍ଟ ବ୍ଲେୟାର ବାସଭବନକୁ ୨୦ ଜଣ ମହିଳାଙ୍କୁ ନିଆଯାଇଥିବା ଅଭିଯୋଗ ହୋଇଛି। ସେହି ମହିଳାମାନଙ୍କୁ ଯୌନ ଶୋଷଣ କରାଯିବା ପରେ ସରକାରୀ ନିଯୁକ୍ତି ଦିଆଯାଇଥିଲା। ଜଣେ ୨୦ ବର୍ଷୀୟା ଯୁବତୀ ଜିତେନ୍ଦ୍ର ନାରାୟଣ ଏବଂ ଆଣ୍ଡାମାନ ନିକୋବରର ତତ୍କାଳୀନ ଶ୍ରମ କମିଶନର ଆର୍.ଏଲ୍. ଋଷିଙ୍କ ବିରୋଧରେ ଯୌନ ଶୋଷଣ ଓ ଗଣବଳାତ୍କାର ଅଭିଯୋଗ ଆଣିବା ପରେ ଘଟଣା ପଦାକୁ ଆସିଥିଲା। ଯୁବତୀଙ୍କ ଅଭିଯୋଗ ଅନୁଯାୟୀ ଜଣେ ବ୍ୟକ୍ତି ତାଙ୍କୁ ଶ୍ରମ କମିଶନରଙ୍କ ସହ ପରିଚିତ କରାଇବା ପରେ ତତ୍କାଳୀନ ମୁଖ୍ୟସଚିବଙ୍କ ଘରକୁ ନିଆଯାଇଥିଲା। ସେଠାରେ ତାଙ୍କୁ ଜବରଦସ୍ତ ମଦ ପିଆଯାଇଥିଲା ଏବଂ ମୁଖ୍ୟସଚିବ ଓ ଶ୍ରମ କମିଶନର ତାଙ୍କୁ ବଳାତ୍କାର କରିଥିଲେ ବୋଲି ଯୁବତୀ ଜଣକ ଅଭିଯୋଗରେ ଦର୍ଶାଇଥିଲେ। ମୁଖ୍ୟ ସଚିବ ପୋର୍ଟ ବ୍ଲେୟାରରୁ ନୂଆଦିଲ୍ଲୀ ବଦଳି ହେବା ପରେ ତାଙ୍କ ବାସଭବନରେ ଲାଗିଥିବା ସିସିଟିଭି କ୍ୟାମେରାର ହାର୍ଡ ଡିସ୍କକୁ ଲିଭାଯିବା ସହ ଡିଜିଟାଲ ଭିଡିଓ ରେକର୍ଡରକୁ ହଟାଇ ଦିଆଯାଇଥିବା ଅଭିଯୋଗ ହୋଇଛି। ଯୌନ ଶୋଷଣ ରିପୋର୍ଟ ଆସିବା ପରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ତାଙ୍କୁ ଚାକିରିରୁ ନିଲମ୍ବନ କରିଛି।



ଜିତେନ୍ଦ୍ର ନାରାୟଣ

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୩,୪୩,୯୮,୧୯୦ | ୬୫,୮୮,୫୯୧ | ୬୧,୩୪,୧୮,୩୩୩ |
| ଭାରତ | ୪,୪୬,୪୬,୮୮୦ | ୫,୨୮,୯୮୭ | ୪,୪୦,୯୭,୦୭୨ |
| ଓଡ଼ିଶା | ୧୩,୩୬,୦୦୦ | ୯୨୦୩(+୫୩) | ୧୩,୨୬,୪୬୯ |

ଗୁରୁବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ହିନ୍ଦୋଳରେ ଥମୁନି ହାତୀ ଆତଙ୍କ


ଗ୍ରାମବାସୀ ରାସ୍ତା ଅବରୋଧ କରିଛନ୍ତି।

**ସାତମାଇଲ/ରାସୋଳ, ୨୭।୧୦(ଡି.ଏନ୍.ଏ.)**

- ବିଲରେ ଚାଷୀଙ୍କୁ ଦଳିଦେଲା ଦନ୍ତା
- ସପ୍ତାହକ ମଧ୍ୟରେ ତୃତୀୟ ଘଟଣା
- ତୀବ୍ର ଉତ୍ତେଜନା, ରାସ୍ତାରୋକୋ

ଢେଙ୍କାନାଳ ଜିଲା ହିନ୍ଦୋଳ ବନାଞ୍ଚଳରେ ଗଜ-ମଣିଷ ସଂଘର୍ଷ ତୀବ୍ର ରୂପ ନେଇଛି। ସପ୍ତାହକ ମଧ୍ୟରେ ହାତୀ ଆକ୍ରମଣରେ ୩ ଜଣଙ୍କ ଜୀବନ ଗଲାଣି। ଗତ ବୁଧବାର ଦନ୍ତା ଦଳିଦେବାରୁ ପଡ଼ା ଗ୍ରାମର ଟଙ୍କଧର ଭୋଇ (୫୨)ଙ୍କ ମୃତ୍ୟୁ ଘଟିଥିବାବେଳେ ଗୁରୁବାର କାରନ୍ଦା ଗ୍ରାମର ମାହୁଲି ପ୍ରଧାନ (୬୮)ଙ୍କ ଜୀବନ ନେଇଛି ହିଂସ୍ର ହାତୀ। ଏଥିପୂର୍ବରୁ କଡଲା ଗ୍ରାମର ସନ୍ତୋଷ ପ୍ରଧାନ (୪୮)ଙ୍କ ମଧ୍ୟ ହାତୀ ଆକ୍ରମଣରେ ଜୀବନ ଯାଇଥିଲା।

ଢେଙ୍କାନାଳ ଜିଲାରେ ୩୦୦ରୁ ଊର୍ଦ୍ଧ୍ୱ ହାତୀ ରହିଥିବାବେଳେ ସବୁଠାରୁ ଅଧିକ ଅଛନ୍ତି ହିନ୍ଦୋଳ ବନାଞ୍ଚଳରେ। କେବଳ ବାବନ୍ଧ ଫରେଷ୍ଟ ବିଟ୍ ଅଧୀନ ବମ୍ପା ନିକଟ କଲରାଖୋଲ ପାହାଡ଼ରେ ୭୧ରୁ ଊର୍ଦ୍ଧ୍ୱ ହାତୀ ଡେରା ପକାଇଥିଲେ। ବନ ବିଭାଗ ସେମାନଙ୍କୁ ଘଉଡ଼ାଇ ଦେଇଥିଲା। ତେବେ ସେଥିରୁ ଗୋଟିଏ ଦନ୍ତା ପଲରୁ ବାହାରି କାରନ୍ଦା ଅଞ୍ଚଳକୁ ପଳାଇଥିଲା। ଗୁରୁବାର ସକାଳ ପ୍ରାୟ ୫ଟାରେ ମାହୁଲି ଘର ନିକଟରେ ଧାନଜମି ନିକଟକୁ ମାଛ ଧରିବାକୁ ଯାଇଥିବାବେଳ ଦନ୍ତା ହାବୁଡ଼ରେ ପଡ଼ିଯାଇଥିଲେ। ଉକ୍ତ ହାତୀ ତାଙ୍କୁ ଶୁଣ୍ଢରେ ଟେକିନେଇ ଫିଙ୍ଗିଦେଇଥିଲା। ଘଟଣାସ୍ଥଳରେ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଥିଲା। ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ଜମି ନିକଟରୁ ତାଙ୍କର ମୃତଦେହ ଠାବ କରାଯାଇଥିବାବେଳେ ନିକଟରେ ଉକ୍ତ ହିଂସ୍ରଦନ୍ତା ଛିଡ଼ା ହୋଇଥିଲା। ସୂଚନା ପାଇ ବାବନ୍ଧ ଫରେଷ୍ଟର ଏବଂ ବନ କର୍ମଚାରୀ ପହଞ୍ଚି ହାତୀକୁ ଘଉଡ଼ାଇଥିଲେ। ମାହୁଲିଙ୍କ ମୃତ୍ୟୁକୁ ନେଇ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। କ୍ଷତିପୂରଣ ଦାବିରେ ଗ୍ରାମବାସୀ ବାଲିମୀ ଛକରେ ମୃତଦେହ ରଖି ଗୁଡିଆକାଟେଣି-ହିନ୍ଦୋଳ ରାସ୍ତା ଅବରୋଧ କରିଥିଲେ। ରେଞ୍ଜର ଲୋହିତ କୁମାର ରଥ, ବାଲିମି ଥାନାଧିକାରୀ ବ୍ରହ୍ମାନନ୍ଦ ପାତ୍ର, ରାସୋଳ ଥାନାଧିକାରୀ ବିଜୟ କୁମାର ହାଇବ୍ରୁ, ହିନ୍ଦୋଳ ତହସିଲଦାର ସୁଶାନ୍ତ ମିଶ୍ର ପ୍ରମୁଖ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଇଥିଲେ। ତେବେ ଉତ୍ତ୍ୟକ୍ତ ଅଞ୍ଚଳବାସୀ ହାତୀ ଘଉଡ଼ାଇବାରେ ବନ ବିଭାଗର ବିଫଳତାକୁ ନେଇ ପ୍ରଶ୍ନ ଉଠାଇଥିବା ବେଳେ ଉତ୍ତେଜନା ପ୍ରକାଶ ପାଇଥିଲା। ସେମାନଙ୍କ କହିବା କଥା, ହାତୀ ଉପଦ୍ରବରେ ଜନସାଧାରଣଙ୍କ ଜୀବନ ବିପନ୍ନ ହେଲାଣି। ଏଥିରୁ ସୁରକ୍ଷା ଲାଗି ହାତୀସାଥୀ ନିଯୁକ୍ତି କରିବା, ଧାନ ଫସଲକୁ ସୁରକ୍ଷା ଦେବା, ସୋଲାର ବାଡ଼ ବ୍ୟବସ୍ଥା କରିବାକୁ ସେମାନେ ଦାବି କରିଥିଲେ। ତେବେ ଏତେ ସବୁ ଦାବିକୁ ତୁରନ୍ତ ପୂରଣ କରାଯିବା ନେଇ ଆନ୍ଦୋଳନକାରୀଙ୍କ ଦାବି ଆଗରେ ପ୍ରଶାସନ ଅସହାୟ ହୋଇପଡ଼ିଥିଲା। ବହୁ ଆଲୋଚନା ପର୍ଯ୍ୟାଲୋଚନା ପରେ ସରକାରୀ ନିୟମ ଅନୁଯାୟୀ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦିଆଯିବ ବୋଲି ପ୍ରତିଶ୍ରୁତି ମିଳିଥିଲା ଏବଂ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ଏହାପରେ ରାସୋଳ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ହିନ୍ଦୋଳ ଡାକ୍ତରଖାନାକୁ ପଠାଇ ଦେଇଛି।

ଅଞ୍ଚଳବାସୀଙ୍କ କହିବା କଥା, ଏବେ ଧାନ, ଆଖୁ ଏବଂ ବିଭିନ୍ନ ପରିବା ଉତ୍ପାଦନ ସମୟ ହୋଇଥିବାବେଳେ ହାତୀପଲ ଚାଷଜମି ଛାଡ଼ି ଯାଉନାହାନ୍ତି। ଚାଷୀମାନେ ଫସଲକୁ ସୁରକ୍ଷା ଦେବାକୁ ଜମିକୁ ଯାଉଥିବାବେଳେ ହାତୀ ଆକ୍ରମଣର ଶିକାର ହେଉଛନ୍ତି। ସେହିପରି ହାତୀ ଆତଙ୍କରେ ଜୀବନଯାତ୍ରା ପ୍ରଭାବିତ ହେଉଛି। ବନ ବିଭାଗ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରି ହାତୀ ଉପଦ୍ରବର ପ୍ରତିକାର କରିବାକୁ ସାଧାରଣରେ ଦାବି ହେଉଛି।

# ୩୧ରୁ କମିବ ଶୀତ: ହାଲୁକା ବର୍ଷା ସମ୍ଭାବନା

**ଭୁବନେଶ୍ୱର, ୨୭।୧୦(ବ୍ୟୁରୋ)**

ରାଜ୍ୟରୁ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଓ ସମ୍ଭାବ୍ୟ ବାତ୍ୟା ଅପସରି ଯିବା ପରେ ଗତ କିଛିଦିନ ହେବ ହାଲୁକା ଶୀତ ଆରମ୍ଭ ହୋଇଛି। ସର୍ବନିମ୍ନ ତାପମାତ୍ରା ୧୬ ଡିଗ୍ରୀ ସେଲ୍‌ସିୟସକୁ ଖସି ଆସିଛି। ଆଉ ୩ ଦିନ ପାରଦ ଆହୁରି ଖସିବା ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ତେବେ ଆସନ୍ତା ୩୧ ଓ ନଭେମ୍ବର ୧ତାରିଖରେ ପାରଦ ପୁଣି ଉପରମୁହାଁ ହେବ। ବଙ୍ଗୋପସାଗରରୁ ଜଳୀୟ ବାଷ୍ପ ରାଜ୍ୟକୁ ପ୍ରବେଶ କରିବ। ଫଳରେ ଆକାଶ ମେଘାଚ୍ଛନ୍ନ ରହିବା ସହ ଉପକୂଳ ଓ ଆଭ୍ୟନ୍ତରୀଣ ଓଡ଼ିଶାର କେତେକ ସ୍ଥାନରେ ହାଲୁକା ବର୍ଷା କିମ୍ବା କୁହୁଡ଼ି ହେବାର ସମ୍ଭାବନା ରହିଛି। ତେବେ ନଭେମ୍ବର ୪ ତାରିଖରୁ ପୁଣି ପାରଦ ୩ରୁ ୪ଡିଗ୍ରୀ ସେଲ୍‌ସିୟସ ତଳକୁ ଖସିବ। ବିଶେଷକରି ବଣ ପାହାଡ଼ଘେରା ଜିଲାଗୁଡ଼ିକରେ ଅଧିକ ଶୀତ ଅନୁଭୂତ ହେବ। ପାରଦ ୧୫ ଡିଗ୍ରୀ ସେଲ୍‌ସିୟସ ତଳକୁ ଖସିଆସିବ। ଆସନ୍ତା ସପ୍ତାହେ ଯାଏ ପାଗ ଶୁଖିଲା ରହିବ। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ ଗତ ୨୪ ଘଣ୍ଟା ମଧ୍ୟରେ ଦାରିଙ୍ଗବାଡ଼ିରେ ସର୍ବନିମ୍ନ ତାପମାତ୍ରା ୧୬ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ଫୁଲବାଣୀ ୧୭, ସୋନପୁର ୧୭, ଭବାନୀପାଟଣା ୧୭.୬, ହୀରାକୁଦ ୧୭.୪, କେନ୍ଦୁଝର ୧୭.୮, ଝାରସୁଗୁଡ଼ା ୧୮.୨, ଦେବଗଡ଼ ୧୮ ଓ ନୟାଗଡ଼ରେ ସର୍ବନିମ୍ନ ତାପମାତ୍ରା ୧୮ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।

# ବିନୋଦ କୁମାରଙ୍କୁ ହାଇକୋର୍ଟରୁ ଆଶ୍ୱସ୍ତି

## ଓଆର୍‌ଏଚ୍‌ଡିସି ଦୁର୍ନୀତି ମାମଲା

**କଟକ ଅଫିସ, ୨୭।୧୦**

ଓଡ଼ିଶା ରୁରାଲ ହାଉସିଂ ଡେଭ୍‌ଲପମେଣ୍ଟ କର୍ପୋରେଶନ (ଓଆର୍‌ଏଚ୍‌ଡିସି) ଦୁର୍ନୀତି ମାମଲାରେ ଦୋଷୀ ସାବ୍ୟସ୍ତ ପୂର୍ବତନ ଆଇଏଏସ୍ ବିନୋଦ କୁମାରଙ୍କୁ ଗୁରୁବାର ହାଇକୋର୍ଟରୁ ଆଶ୍ୱସ୍ତି ମିଳିଛି। ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ପ୍ରଦାନ କରିଥିବା ଦଣ୍ଡାଦେଶ ବିରୋଧରେ ବିନୋଦ କୁମାରଙ୍କ ପକ୍ଷରୁ ହାଇକୋର୍ଟରେ ଆବେଦନ କରାଯାଇଥିଲା। ଆବେଦନର ବିଚାର ପାଇଁ ହାଇକୋର୍ଟ ଗ୍ରହଣ କରିବା ସହ ତାଙ୍କୁ ଜାମିନ ପ୍ରଦାନ କରିଛନ୍ତି। ସେହିପରି ନିମ୍ନ ଅଦାଲତ ଦେଇଥିବା ଜରିମାନା ଆଦେଶ ଉପରେ ଅନ୍ତରୀଣ ରହିତାଦେଶ ଜାରି କରିଛନ୍ତି। ଉଲ୍ଲେଖଯୋଗ୍ୟ, ଓଆର୍‌ଏଚ୍‌ଡିସି ଦୁର୍ନୀତି ମାମଲାରେ ୨୦୦୫ରେ ଭିଜିଲାନ୍ସ ଏତଲା ରୁଜୁ କରି ତଦନ୍ତ କରିଥିଲା। ତଦନ୍ତ ପରେ ଭିଜିଲାନ୍ସ ବିଭାଗ ଓଏଚ୍‌ଆର୍‌ଡିସିର ପୂର୍ବତନ ପରିଚାଳନା ନିର୍ଦ୍ଦେଶକ ବିନୋଦ କୁମାର, ମେଟ୍ରୋ ବିଲ୍ଡର୍ସର ପରିଚାଳନା ନିର୍ଦ୍ଦେଶକ ମହମ୍ମଦ ମୋକିମ୍, କମ୍ପାନୀ ସେକ୍ରେଟାରି ସ୍ୱସ୍ତି ରଞ୍ଜନ ମହାପାତ୍ର ଏବଂ ମେଟ୍ରୋ ବିଲ୍‌ଡର୍ସର ନିର୍ଦ୍ଦେଶକ ପୀୟୂଷ ମହାନ୍ତିଙ୍କ ବିରୋଧରେ ଚାର୍ଜଶିଟ ଦାଖଲ କରିଥିଲା। ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ଉକ୍ତ ମାମଲାର ବିଚାର କରି ଉପରୋକ୍ତ ୪ଜଣଙ୍କୁ ୫୦ ହଜାର ଟଙ୍କା ଲେଖାଏ ଜରିମାନା ସହ ୩ ବର୍ଷ ଲେଖାଏ ଜେଲ ଦଣ୍ଡାଦେଶ ଦେଇଥିଲେ।














# କୋର୍ଟରେ ମମିତା ବଡ଼ବାପାଙ୍କ ବୟାନ ରେକର୍ଡ

**ବଲାଙ୍ଗୀର ଅଫିସ, ୨୭।୧୦**

**ମମିତା ମେହେର ହତ୍ୟା ମାମଲା**

■ଜବତ ସାମଗ୍ରୀ କୋର୍ଟରେ ପେସ୍ କରାଗଲା

ବହୁଚର୍ଚ୍ଚିତ ମମିତା ମେହେର ହତ୍ୟା ମାମଲାର ଶୁଣାଣି ପ୍ରକ୍ରିୟାରେ ଗୁରୁବାର କଣ୍ଟାବାଞ୍ଜି ଏଡିଜେ କୋର୍ଟରେ ମୃତାଙ୍କ ବଡ଼ବାପା କୌଶିକ ମେହେରଙ୍କ ବୟାନ ରେକର୍ଡ କରାଯାଇଛି। ଏହି ଶୁଣାଣି ପ୍ରକ୍ରିୟା ପାଇଁ ଦୁଇ ଅଭିଯୁକ୍ତ ଗୋବିନ୍ଦ ସାହୁ ଓ ରାଧେଶ୍ୟାମ ଚଣ୍ଡିଙ୍କୁ କୋର୍ଟରେ ହାଜର କରାଯାଇଥିଲା। ଗୁରୁବାର ଶୁଣାଣି ପ୍ରକ୍ରିୟାରେ ତିନିଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯିବାକୁ ନୋଟିସ ହୋଇଥିଲା। ତେବେ ତିନି ସାକ୍ଷୀଙ୍କ ମଧ୍ୟରୁ କେବଳ କୌଶିକଙ୍କ ବୟାନ ରେକର୍ଡ ହୋଇଛି। କୌଶିକଙ୍କୁ ଉଭୟ ପକ୍ଷର ଓକିଲ ଜେରା କରିଥିଲେ। ପ୍ରତିପକ୍ଷ ଓକିଲ ଦୁର୍ଗା ପାଢ଼ୀ ସାକ୍ଷୀ କୌଶିକଙ୍କୁ ବିଭିନ୍ନ ପ୍ରଶ୍ନ କରିଥିଲେ। ପୋଲିସ ପକ୍ଷରୁ କୋର୍ଟରେ ମମିତା ହତ୍ୟା ଘଟଣାରେ ଜବତ ହୋଇଥିବା ବିଭିନ୍ନ ସାମଗ୍ରୀ ପେସ୍ କରାଯାଇଥିଲା। ଶୁକ୍ରବାର ଅନ୍ୟମାନଙ୍କ ବୟାନ ରେକର୍ଡ କରାଯିବ ବୋଲି ଜଣାପଡିଛି।

କଳାହାଣ୍ଡି ଜିଲା ମହାଲିଙ୍ଗସ୍ଥିତ ଏକ ଘରୋଇ ସ୍କୁଲରେ ଅଧ୍ୟକ୍ଷା ଭାବେ କାର୍ଯ୍ୟରତ ଥିବା ବଲାଙ୍ଗୀର ଜିଲା ତୁରେକେଲା ଥାନା ଝରଣୀ ଗାଁର ମମିତା ମେହେର ଗତବର୍ଷ ଅକ୍ଟୋବର ୮ ତାରିଖରୁ ନିଖୋଜ ହୋଇଯାଇଥିଲେ। ତାଙ୍କୁ ସ୍କୁଲ ପରିଚାଳନା କମିଟି ସଭାପତି ଗୋବିନ୍ଦ ସାହୁ ଅପହରଣ କରିନେଇ ହତ୍ୟା କରିଥିବା ନେଇ ଅଭିଯୋଗ ହୋଇଥିଲା। ଏହି ମାମଲାରେ ପୋଲିସ ଗୋବିନ୍ଦଙ୍କୁ ଟିଟିଲାଗଡ ବାରାକ୍‌ରେ ପଚରାଉଚରା କରିବାକୁ ରଖିଥିବାବେଳେ ସେଠାରୁ ଅକ୍ଟୋବର ୧୭ରେ ସେ ଫେରାର ହୋଇଯାଇଥିଲେ। ପରେ ୧୯ ତାରିଖରେ ବଙ୍ଗୋମୁଣ୍ଡା ଥାନା ବୁଢ଼ୀପଦର ଗାଁର ଏକ ଆଖୁ କିଆରିରୁ ତାଙ୍କୁ ଗିରଫ କରାଯାଇଥିଲା। ଏହାପରେ ତାଙ୍କ ସହଯୋଗୀ ରାଧେଶ୍ୟାମ ଚଣ୍ଡିଙ୍କୁ ଗିରଫ କରାଯାଇଥିଲା। ମମିତାଙ୍କୁ ତଣ୍ଟିଚିପି ହତ୍ୟା କରିବା ପରେ ମହାଲିଙ୍ଗଠାରେ ନିର୍ମାଣାଧୀନ ଷ୍ଟାଡିୟମରେ ମୃତଦେହକୁ ପୋଡି ପୋତି ଦେଇଥିବା ଜଣାପଡିଥିଲା। ଏହି ମାମଲାରେ ଗିରଫ ଦୁଇ ଅଭିଯୁକ୍ତ କଣ୍ଟାବାଞ୍ଜି ଜେଲରେ ଅଛନ୍ତି। ମାମଲାର ବିଚାର ପ୍ରକ୍ରିୟା ଆଜିଠାରୁ ଆରମ୍ଭ ହୋଇଛି।

# ୨ ଅଭିଯୁକ୍ତଙ୍କୁ ବାନ୍ଧିଲା ପୋଲିସ

**ବଲାଙ୍ଗୀର ଅଫିସ, ୨୭।୧୦**

ବଲାଙ୍ଗୀର ରାଜୀବନଗରର ସର୍ବେଶ୍ୱର ସାହୁଙ୍କ ଘରେ ବୁଧବାର ଅପରାହ୍ଣରେ ୫/୬ ଜଣ ଯୁବକ ପଶି ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ ସର୍ବେଶ୍ୱର, ତାଙ୍କ ଜ୍ୱାଇଁ ସୁମନ ପାଣିଗ୍ରାହୀ, ଝିଅ

**ଘରେ ପଶି ଶ୍ୱଶୁର, ଝିଅ, ଜ୍ୱାଇଁଙ୍କୁ ଆକ୍ରମଣ ଘଟଣା**


ଆଲୋକ ବାଗ


ଦୀପକ ରଞ୍ଜନ ଦାସ

ପିଙ୍କି ଗୁରୁତର ଆହତ ହୋଇଥିଲେ। ଏହି ଘଟଣାରେ ବଲାଙ୍ଗୀର ପୋଲିସ ୨ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ତୁଲସୀନଗରପଡାର ଆଲୋକ ବାଗ (୨୨) ଓ ରାଜୀବନଗରର ଦୀପକ ରଞ୍ଜନ ଦାସ (୨୮)। ପିଙ୍କି ପାଣିଗ୍ରାହୀଙ୍କ ଅଭିଯୋଗ ମୁତାବକ ଟାଉନ୍ ଥାନାରେ ବୁଧବାର ମାମଲା (୫୬୫/୨୨) ରୁଜୁ ହୋଇଥିଲା। ବୁଧବାର ଦିନ ପିଙ୍କି ତାଙ୍କ ସ୍ୱାମୀ ଓ ଦୁଇ ପୁଅ ସହ ତାଙ୍କ ଗାଡିରେ ଆରଟିଓକୁ ଗଲାପରେ ତାଙ୍କ ମା' ଘର ରାଜୀବନଗରକୁ ଯାଇଥିଲେ। ସେ ମା'ଘରେ କଥା ହେଉଥବା ସମୟରେ ବ୍ରହ୍ମା ମହାନ୍ତି, ଅବକାଶ କାଲସାଏ, ଦୀପକ ଦାସ ଓ ଅନ୍ୟ ୪ ଜଣ ଟାଙ୍ଗୀ, ତରୁଆଲ, ଲୁହାରଡରେ ତାଙ୍କୁ, ତାଙ୍କ ସ୍ୱାମୀ ସୁମନ ପାଣିଗ୍ରାହୀ ଓ ବାପା ସର୍ବେଶ୍ୱର ସାହୁଙ୍କୁ ଆକ୍ରମଣ କରିଥିଲେ। ଅପରାଧୀମାନେ ରିପୋର୍ଟକାରୀ ପିଙ୍କି ପାଣିଗ୍ରାହୀ, ତାଙ୍କ ବାପା ସର୍ବେଶ୍ୱର ସାହୁ, ସ୍ୱାମୀ ସୁମନ ଶେଖର ପାଣିଗ୍ରାହୀଙ୍କୁ ଉକ୍ତ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରେ ମାରିଦେବାକୁ ଧମକ ଦେଇଥିବା ଅଭିଯୋଗ ହୋଇଛି। ଏହା ସହିତ ତାଙ୍କ କାରର କାଚ ଭାଙ୍ଗି ୧ଲକ୍ଷ ଟଙ୍କା, ରୂପାର ବ୍ରସଲେଟ ଓ ତାଙ୍କ ମଙ୍ଗଳସୂତ୍ର ବେକରୁ ଛିଣ୍ଡାଇ ନେଇଥିବା ଅଭିଯୋଗ କରିଥିଲେ।

# ଗଛରେ ପିଟିହେଲା ବାଇକ୍ : ଜଣେ ମୃତ

**ବୌଦ୍ଧ,୨୭।୧୦(ସ୍ୱ.ପ୍ର.):** ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ପୁରୁଣାକଟକ ଥାନା ଅନ୍ତର୍ଗତ ଚାରିଛକ-କୁଶଙ୍ଗ ପୂର୍ତ୍ତ ରାସ୍ତାର ଲୋକାପଡାଠାରେ ଗୁରୁବାର ଦିନ ଏକ ବାଇକ୍ ଗଛରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସାନୁଜ ମଲିକ (୨୧)। କନ୍ଧମାଳ ଜିଲା ସଦର ଥାନା ପିଟାବାରୀ ଗ୍ରାମର ସାନୁଜ ଏକ ବାଇକ୍(ନଂ ଓଡି-୧୨-ଇ ୨୨୭୪)ରେ ହରଭଙ୍ଗା ପଟୁ ଚାରିଛକ ଆଡକୁ ଆସିବା ବେଳେ ଲୋକାପଡାଠାରେ କୌଣସି କାରଣରୁ ରାସ୍ତା କଡର ଏକ ଗଛରେ ଗାଡି ପିଟି ହୋଇ ଯାଇଥିଲା।




| ବିଡ ଦଲିଲ ନମ୍ବର | CS-0011-112K-9 | CS-0011-112L-9 | CS-0011-112M-9 |
|---|---|---|---|
| ପ୍ଲାଣ୍ଟ ର ନାମ | ବିନ୍ଧ୍ୟାଞ୍ଚଳ, ରିହାନ୍ଦ୍ ଏବଂ ସିଙ୍ଗ୍‌ରୌଲି (ଲଟ୍ 5) | ସିପତ୍, କୋର୍‌ବା, ଲାରା, ତାଳଚେର ଏବଂ ଦର୍ଲିପାଲି (ଲଟ୍ 6) | କହଲଗାଁଓ, ବାଢ଼, ଫରକ୍କା, ଏବଂ ବଙ୍ଗାଇଗାଁଓ (ଲଟ୍ 7) |
| ଆଇଏଫ୍‌ବି ଜାରି | 20.09.2022 | 20.09.2022 | 21.09.2022 |
| ଆଇଏଫ୍‌ବି/ଟେଣ୍ଡର ନମ୍ବର | 2022_NTPC_69341_1 | 2022_NTPC_69367_1 | 2022_NTPC_69349_1 |

ଆଗ୍ରହୀ ନିଲାମ ଡାକୁଥିବା ବ୍ୟକ୍ତି, ନିଲାମ ଦାଖଲ ତାରିଖ ଓ ଦଲିଲ ଡାଉନଲୋଡ କରିବା ତାରିଖ ଯାଞ୍ଚ କରିପାରନ୍ତି ଏବଂ ଏନଟିପିସି ଟେଣ୍ଡର ୱେବସାଇଟରୁ ବିଡିଂ ଦଲିଲର ସମ୍ପୂର୍ଣ୍ଣ ସେଟ୍ ବିନା ମୂଲ୍ୟରେ ଡାଉନଲୋଡ କରିପାରିବେ: https://eprocurentpc.nic.in

ଏନ୍ ଟି ପି ସି ଲିମିଟେଡ୍
(ଭାରତ ସରକାରଙ୍କର ଏକ ଉଦ୍ୟୋଗ)
ଶକ୍ତି କ୍ଷେତ୍ରର ଅଗ୍ରଣୀ ଉଦ୍ୟୋଗ

# କଂସ ଚୟନ ପ୍ରକ୍ରିୟା: ଆବେଦନ କଲେ ଭୁବନେଶ୍ୱର


କଂସ ଚରିତ୍ର ପାଇଁ ଆବେଦନ ପତ୍ର ଦାଖଲ କରୁଛନ୍ତି।

**ବରଗଡ଼ ଅଫିସ୍,୨୭।୧୦**

ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ଆସନ୍ତା ଡିସେମ୍ବର ୨୭ରୁ ଆରମ୍ଭ ହେବ। ୧୧ଦିନ ବ୍ୟାପୀ ୨୦୨୩ ଜାନୁଆରୀ ୬ତାରିଖ ପର୍ଯ୍ୟନ୍ତ ଏହି ମହୋତ୍ସବ ଚାଲିବ। ଏଥର ଧନୁଯାତ୍ରା ୭୫ବର୍ଷରେ ପଦାର୍ପଣ କରୁଥିବାବେଳେ କଂସ ସମେତ ଅନ୍ୟ ମୁଖ୍ୟ ଚରିତ୍ର ପାଇଁ ଚୟନ ପ୍ରକ୍ରିୟା ଚାଲିଛି। ତେବେ ଏହି ଚୟନ ପ୍ରକ୍ରିୟାରେ ଗତଥର ଧନୁଯାତ୍ରାର କଂସ ଅଭିନେତା ଭୁବନେଶ୍ୱର ପ୍ରଧାନ ସାମିଲ ହୋଇଛନ୍ତି। ସେ ଗୁରୁବାର ବରଗଡ଼ ସମଲେଶ୍ୱରୀ ମନ୍ଦିରକୁ ଯାଇ ମା'ଙ୍କୁ ଦର୍ଶନ କରିବା ପରେ ଜିଲାପାଳଙ୍କ ଅଫିସ ଆସି କଂସ ଭୂମିକାରେ ଅଭିନୟ ପାଇଁ ବିଧିବଦ୍ଧ ଭାବେ ଆବେଦନ କରିଛନ୍ତି। ଚୟନ ପ୍ରକ୍ରିୟାକୁ ନେଇ ଖୁସି ଥିବାବେଳେ ଆସନ୍ତା ଧନୁଯାତ୍ରାରେ ମଧ୍ୟ ଅଭିନୟ ସୁଯୋଗ ମିଳିବ ବୋଲି ସେ ଆଶାବାଦୀ ବୋଲି କହିଛନ୍ତି ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

smbselfie@gmail.com


@ ପ୍ରଭାତ


@ ସାଗ୍ନିକ


@ ସତ୍ୟ


@ ସୋହମ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ନାବାଳିକା ଅସଦାଚରଣ ମାମଲା: ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

**ବୌଦ୍ଧ,୨୭।୧୦(ସ୍ୱ.ପ୍ର.)**

ଜଣେ ନାବାଳିକାଙ୍କୁ ଅସଦାଚରଣ ମାମଲାର ବିଚାର କରି ବୌଦ୍ଧ ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ପେଶାଲ ଜଜ୍ ଅଞ୍ଜନା ସ୍ୱାଇଁ ଗୁରୁବାର ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ମାମଲାରୁ ପ୍ରକାଶ ଯେ, ବୌଦ୍ଧ ସହର ନୂଆସାହିର ଅଭିଯୁକ୍ତ ପିଣ୍ଟୁ ଦେହୁରୀ ଜଣେ ନାବାଳିକାଙ୍କୁ ଭଲ ପାଇଆସୁଥିଲେ। ଏପରିକି ବିବାହ କରିବାକୁ ଜିଦ କରି ଆସୁଥିଲେ। ନାବାଳିକାଙ୍କ ପରିବାର ଲୋକେ ଏଥିରେ ରାଜି ନ ହେବାରୁ ଅଭିଯୁକ୍ତ ଜଣକ ନାବାଳିକାଙ୍କୁ ବିବାହ କରିବାକୁ କହି ବମ୍ବେ ନେଇ ଯାଇଥିଲେ । ବମ୍ବେରେ ରହିବା ଭିତରେ ଅସଦାଚରଣ କରିଥିବା ଓ ବାପ ଘରୁ ଟଙ୍କା ଆଣିବାକୁ ଧମକ ଦେଇ ଆସୁଥିବା ନାବାଳିକା ଜଣକ ଅଭିଯୋଗ କରିଥିଲେ। ଅନ୍ୟପକ୍ଷରେ ଅଭିଯୁକ୍ତ ଜଣକ ମିଥ୍ୟା ପ୍ରଲୋଭନ ଦେଖାଇ ନେଇଯାଇଥିବା ନେଇ ନାବାଳିକାଙ୍କ ବାପା ଗତ ତା।୧୮।୧।୨୦୧୫ ରିଖରେ ବୌଦ୍ଧ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ ୧୩/୧୫ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପରବର୍ତ୍ତୀ ସମୟରେ ମାମଲାଟି ବୌଦ୍ଧ ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ପେଶାଲ ଜଜ୍‌ଙ୍କ ଅଦାଲତରେ ସ୍ପେଶାଲ କେସ ୧୦/୧୫ ହୋଇ ବିଚାର ହୋଇଥିଲା। ମାମଲାରେ ସରକାରଙ୍କ ପକ୍ଷରୁ ୧୫ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ପ୍ରମାଣ ଅଭାବରୁ ଅତିରିକ୍ତ ଜିଲା ଦୌରାଜଜ୍ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଅଭିଯୁକ୍ତଙ୍କ ପକ୍ଷରୁ ଆଇନଜୀବୀ ପ୍ରୀତମ ମିଶ୍ର ମାମଲା ପରିଚାଳନା କରୁଥିଲେ।




| ଆପଣ... | ତା'ହେଲେ ଆପଣ... |
|---|---|
| ... ଆୟକର କାଟ କରିଛନ୍ତି କିନ୍ତୁ ତାହାକୁ ଜମା କରିନାହାନ୍ତି କି? | • ତୁରନ୍ତ ଟିକସ ଜମା କରିବା ଜରୁରୀ । |
| ... ଟ୍ରେସେସ୍ ପୋର୍ଟାଲ୍‌ରେ ପଞ୍ଜୀକୃତ ହୋଇନାହାନ୍ତି କି? | • https://www.tdscpc.gov.inରେ ପଞ୍ଜୀକରଣ କରିବା ଜରୁରୀ । |
| ... ପ୍ୟାନ୍/ଚାଲାଣ ତ୍ରୁଟି ସମ୍ପର୍କରେ ସିପିସି (ଟିଡିଏସ୍) ତରଫରୁ ଏସ୍ଏମ୍ଏସ୍/ଇମେଲ୍ ପାଇଛନ୍ତି କି? | • ନିଅଣ୍ଟ ପରିଶୋଧଜନିତ ଖିଲାପକୁ ଏଡ଼ାଇବା ପାଇଁ ୭ ଦିନ ମଧ୍ୟରେ ଉତ୍ତର ଦେବା ଜରୁରୀ । |
| ... ଆପଣଙ୍କ ଡିଡକ୍ଟିଙ୍କ ସଠିକ୍ ପ୍ୟାନ୍ ପ୍ରବେଶ କରିଛନ୍ତି କି? | • ସଠିକତାକୁ ଯାଞ୍ଚ କରିବା ପାଇଁ ଟ୍ରେସେସ୍‌ରେ ପ୍ୟାନ୍-ଟାନ୍ ମାଷ୍ଟର୍ ସୁବିଧା ବ୍ୟବହାର କରିବା ଜରୁରୀ । |
| ... ଡିଡକ୍ଟିଙ୍କୁ ଟିକସର ଉପଯୁକ୍ତ ଶ୍ରେୟ ପ୍ରଦାନ କରିବାକୁ ସୁବିଧାଜନକ କରିଛନ୍ତି କି? | • ଟିଡିଏସ୍ ଷ୍ଟେଟମେଣ୍ଟରେ ଆପଣଙ୍କର ଟାନ୍, ଡିଡକ୍ଟିଙ୍କ ପ୍ୟାନ୍ ଏବଂ ପରିଶୋଧ ଚାଲାଣର ସିଆଇଏନ୍‌କୁ ସଠିକ୍ ଭାବେ ପୂରଣ କରିବା ଜରୁରୀ, ଯାହାଦ୍ୱାରା ଟ୍ରେସେସ୍‌ରୁ ଫର୍ମ ୧୬/୧୬ଏରେ ଟିଡିଏସ୍ ପ୍ରମାଣପତ୍ର ଉତ୍ପନ୍ନ କରାଯାଇପାରିବ (ସଠିକ୍ ବିବରଣୀ ପ୍ରବେଶ ନ କଲେ ଜରିମାନା ଲାଗୁ ହୋଇପାରେ) । |

For e-Brochures scan QR Code
INCOME TAX DEPARTMENT
ଆୟକର ବିଭାଗ
କେନ୍ଦ୍ରୀୟ ପ୍ରତ୍ୟକ୍ଷ କର ପରିଷଦ
ଅଧିକ ସୂଚନା ପାଇଁ, ଦୟାକରି ପରିଦର୍ଶନ କରନ୍ତୁ: www.incometax.gov.in
For information Scan QR Code
@IncomeTaxIndia | @IncomeTaxIndiaOffcial | @IncomeTaxIndiaOffcial | @Income Tax India | @ Income Tax India Offcial
cbc 15401/13/0007/2223

" ଯଦି ମା ଭଗବତୀଙ୍କ କରୁଣା ଓ ଅଭୟ ତୁମ ସଙ୍ଗେ ରହିଛି ତେବେ ଆଉ ଏପରି କ'ଣ ରହିଛି- ଯାହା ତୁମକୁ ସ୍ପର୍ଶ କରିପାରିବ ? ଆଉ କାହାକୁ ବା ତୁମେ ଭୟ କରିବ ? ଏହି କୃପାରୁ ଅଳ୍ପ ଟିକିଏ ମଧ୍ୟ ତୁମକୁ ସକଳ ବାଧା ବିପତ୍ତି ଓ ସଂକଟରୁ ପାରିକରିଦେବ। -ଶ୍ରୀଅରବିନ୍ଦ

# ରିପବ୍ଲିକାନ୍ ଓ ସମାଜବାଦ



ଜେମ୍ସ ଲିଭିଂଷ୍ଟୋନ୍

ଆଗକୁ ଆମେରିକାର ମଧ୍ୟବର୍ତ୍ତିକାଳୀନ ନିର୍ବାଚନ ଅନୁଷ୍ଠିତ ହେବ। ଏହି ନିର୍ବାଚନରେ ବିଜୟ ଲାଭ କରି ରିପବ୍ଲିକାନ ପାର୍ଟି ଉଭୟ ହାଉସ୍ ଅଫ୍ କଂଗ୍ରେସକୁ ଦଖଲ କରିବାକୁ ଅଗ୍ରସର ହେଉଛି। ତଥାପି ପାର୍ଟିକୁ ତା'ଉଗ୍ର ବାମପନ୍ଥୀ ବିଚାରକୁ ନେଇ ଭୟ ରହିଛି ଓ ଏହାକୁ ଛାଡ଼ିଦେଲେ ପାର୍ଟି ଲାଗି ଆଉ ସବୁ ବିଷୟ ମୂଲ୍ୟହୀନ। ବର୍ତ୍ତମାନ ପାର୍ଟି ସମାଜବାଦ ପ୍ରତିଷ୍ଠା କରିବାରେ ଦୃଢ ନିଶ୍ଚିତ ରହିଥିବା ଲକ୍ଷ୍ୟ କରାଯାଉଛି। ଅପରପକ୍ଷେ ପାର୍ଟିରେ ମୂଳରୁ ରହି ଆସିଥିବା ପୁରୁଣା ଏବଂ ନୂଆ ରଢିବାଦ ବିଚାର ଏବେ ଖ୍ରୀଷ୍ଟିଆନ ଜାତୀୟତାବାଦକୁ ବଦଳିଯାଇଛି। ଏହି ବିଚାରଧାରାକୁ ଜର୍ଜଆର କଂଗ୍ରେସ ପ୍ରତିନିଧି ମାର୍‌ଜୋରି ଟେଲର ଗ୍ରିନି ଉପସ୍ଥାପନ କରିବା ସହ ଲୋକପ୍ରିୟ ଫକ୍ସ ନ୍ୟୁଜର କମେଣ୍ଟେଟର ଟୁକର କାର୍ଲସନ ଏହାକୁ ପ୍ରୋତ୍ସାହିତ କରିଛନ୍ତି। ରିପବ୍ଲିକାନ୍ ପାର୍ଟି ପକ୍ଷରୁ ସମାଜବାଦର ନିରାଧାର ବିଚାର ଉପରେ ନୂଆ କରି ପ୍ରକାଶ ପାଇଥିବା ଅତ୍ୟଧିକ ଆଗ୍ରହ ପ୍ରାୟତଃ ହାସ୍ୟାସ୍ପଦ ଜଣାପଡୁଛି। କିନ୍ତୁ ନୋବେଲ ବିଜେତା ଅଷ୍ଟ୍ରୀୟ ଅର୍ଥନୀତିଜ୍ଞଙ୍କ ଫ୍ରେଡ୍ରିକ ଭନ୍ ହାୟକଙ୍କ ବୌଦ୍ଧିକ ଲିଗାସି ଉପରେ ଆଧାରିତ ସମାଜବାଦୀ ଚିନ୍ତାଧାରାକୁ ରିପବ୍ଲିକାନମାନେ ଭୁଲ୍ ବାଟରେ ଗ୍ରହଣ କରିଛନ୍ତି। ହାୟକ ସମାଜବାଦର ଚିରାଚରିତ ବିପଦ ବିରୋଧରେ ସବୁବେଳେ ନିଜକୁ ଜଡ଼ିତ ରଖୁଥିଲେ ଓ ସବୁ ପ୍ରତିରକ୍ଷାତ୍ମକ ପଦକ୍ଷେପ ଉପରେ ସେ ଚିନ୍ତା କରିଥିଲେ। ସେ ମଧ୍ୟ ଉଭୟ ବାମବାଦ ଓ ଫାସିବାଦକୁ ଏକାଠି କରିବାକୁ ବିଚାର କରିଥିଲେ। ତାଙ୍କ ପଦକ୍ଷେପ ଓ ବିଚାର ସରକାର ଓ ସିଭିଲ ସୋସାଇଟି, ସାର୍ବଜନୀନ ପରିସର ଓ ଘରୋଇ କ୍ଷେତ୍ର ଏବଂ ସରକାର ଓ ମୁକ୍ତ ମାର୍କେଟ ମଧ୍ୟରେ ରହିଥିବା ଆଧୁନିକ ଉଦାରବାଦ ସମ୍ପର୍କିତ ପ୍ରଭେଦ ଦୂର କରିବା ଲାଗି ଉଦ୍ଦିଷ୍ଟ।

ହାୟକଙ୍କ ଜଣାଶୁଣା ଲେଖା ମଧ୍ୟରେ ରହିଛି ୧୯୪୪ ଇସ୍ତାହାର'ରୋଡ ଟୁ ସେର୍ଫଡମ୍ ବା ଦାସତ୍ୱକୁ ପଥ', ଯାହା ବୌଦ୍ଧିକ ରଣଭୂମିରୁ ଅତୀତର କାର୍ଯ୍ୟକଳାପକୁ ଫେରିବାର ଏକ ପ୍ରକାର ପଥକୁ ସୂଚିତ କରିଛି। ଏହି ସ୍ଥିତିରେ ସମାଜର ଏକ ଆନ୍ତଃ ବ୍ୟବସ୍ଥାର ନକ୍ସା ବହୁତ କିଛି କାମ କରିବ କି ନାହିଁ ସେଥିରେ ସନ୍ଦେହ ରହିଥିବା ସେ ପାଠକମାନଙ୍କୁ କହିଛନ୍ତି। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ଆମକୁ ତାଙ୍କ ନିର୍ଦ୍ଦିଷ୍ଟ ସିଦ୍ଧାନ୍ତ ଉପରେ ଏକମତ ହେବାକୁ ପଡ଼ିବ। ରୂଢିବାଦୀଙ୍କ ମଧ୍ୟରେ ରହିଥିବା ପୁରୁଣା, ନୂଆ କିମ୍ବା ନୂତନ ଖ୍ରୀଷ୍ଟିଆନ ଜାତୀୟତାବାଦର ଅପରିବର୍ତ୍ତନୀୟ ବିଚାରଧାରା ପରିବର୍ତ୍ତେ ହାୟକ ଦୁଇଟି ସିଦ୍ଧାନ୍ତ ଉପରେ ଜୋର୍ ଦେଇଥିଲେ। ପ୍ରଥମଟି ହେଉଛି, ମାର୍କେଟ ଫୋର୍ସ (ମୂଲ୍ୟ ଚାହିଦା ଏବଂ ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକର ଉପଲବ୍ଧତାକୁ ପ୍ରଭାବିତ କରୁଥିବା ଆର୍ଥିକ ବିଷୟଗୁଡ଼ିକ) ହିଁ ବ୍ୟକ୍ତି ସ୍ୱାଧୀନତାର ଉତ୍ସ। କିନ୍ତୁ ସେସବୁ ବିଷୟ ଉପରେ ଲୋକେ ଜାଣିପାରନ୍ତି ନାହିଁ। ସମସ୍ତେ ଯୋଗାଣ ଓ ଚାହିଦାର ନିୟମଗୁଡ଼ିକ ସହ ଜଡ଼ିତ ହେଲେ ହିଁ ସ୍ୱତନ୍ତ୍ରତା ଓ ସମାନତା ସମ୍ଭବ ହୋଇଥାଏ। ଏଥିରୁ ବୁଝାପଡ଼େ ଯେ, ଲୋକେ ଅଜ୍ଞତାରେ ରହୁଥିବାରୁ କେବଳ ପୁଞ୍ଜିବାଦୀ ସମାଜଗୁଡ଼ିକ ସ୍ୱାଧୀନ ହୋଇପାରିଛନ୍ତି। ଅଧିକ ଗୁରୁତ୍ୱପୂର୍ଣ୍ଣ ହେଉଛି ସେହି ସମାଜର ନାଗରିକମାନେ ବାସ୍ତବରେ ଅଧିକ ନ୍ୟାୟସଙ୍ଗତ ସାମାଜିକ ବ୍ୟବସ୍ଥା ସୃଷ୍ଟି କରିବାକୁ ଚେଷ୍ଟିତ ହୋଇପାରନ୍ତି ନାହିଁ। ଏହା କରିବା ଲାଗି ଆର୍ଥିକ ବିଷୟଗୁଡ଼ିକ ଦ୍ୱାରା ସୃଷ୍ଟି ହେଉଥିବା ପରିଣାମ ସବୁକୁ ସଂଶୋଧିତ କରି ବ୍ୟକ୍ତି ସ୍ୱାଧୀନତାର ଆର୍ଥିକ ଧାରାକୁ ଦୃଢ କରିବାକୁ ପଡ଼ିବ। ଦ୍ୱିତୀୟରେ କେନ୍ଦ୍ରୀୟ ଯୋଜନା କିମ୍ବା ଆର୍ଥିକ ନୀତି ବଳରେ ମାର୍କେଟକୁ ନିୟନ୍ତ୍ରଣ କରିବାକୁ ହେବ। ବଜାରକୁ ପ୍ରଭାବିତ କରୁଥିବା ଆର୍ଥିକ ବିଷୟଗୁଡ଼ିକୁ ଦୂର କରି ଯଦି ସରକାର ସିଭିଲ ସୋସାଇଟି ଉପରେ ହସ୍ତକ୍ଷେପ କରନ୍ତି ତେବେ ସାର୍ବଜନୀନ କ୍ଷେତ୍ର ଘରୋଇ ସେକ୍ଟରକୁ ହଟାଇଦେବ। ହାୟକ କହିଛନ୍ତି ଯେ, ନ୍ୟାୟ ପାଇଁ ସରକାର ଯୋଜନା ଉପରେ କାର୍ଯ୍ୟ ଆରମ୍ଭ କରିବା ମାତ୍ରେ ଏହା ସମସ୍ତଙ୍କ ଭବିଷ୍ୟତ କିମ୍ବା ସ୍ଥିତିର ଉତ୍ତରଦାୟିତ୍ୱକୁ ଅସ୍ୱୀକାର କରିପାରିବେ ନାହିଁ। ସିଧାସଳଖ ଆର୍ଥିକ କାର୍ଯ୍ୟକଳାପ ଗ୍ରହଣ କରିଥିବା ଏଭଳି ସରକାର 'କୌଣସି ବ୍ୟକ୍ତି'ଙ୍କ ଲାଗି ସାଧନର ନ୍ୟାୟସଙ୍ଗତ ବଣ୍ଟନ ସମ୍ପର୍କିତ ବିଚାରକୁ ଅନୁଭବ କରିବା ଲାଗି କ୍ଷମତା ଉପଯୋଗ କରିବେ। 'କୌଣସି ବ୍ୟକ୍ତି' ଏଠାରେ ମୁଖ୍ୟ କଥା। ହାୟକ ସ୍ୱୀକାର କରନ୍ତି ଯେ, ନ୍ୟାୟସଙ୍ଗତ ବଣ୍ଟନର ପ୍ରତିଯୋଗିତାମୂଳକ ସିଦ୍ଧାନ୍ତଗୁଡ଼ିକ ବ୍ୟବସ୍ଥାରେ ରହିଛି । ଥରେ ସରକାର ପୁନଃ ଆବଣ୍ଟନର ମୂଳ ଏଜେଣ୍ଟ ହେବା ମାତ୍ରେ ସେଗୁଡ଼ିକୁ ନେଇ ରାଜନୈତିକ କ୍ଷେତ୍ରରେ ପ୍ରତିଯୋଗିତା ହେବା ଦରକାର।



ପୁରୁଣା ହେଉ କି ନୂଆ କିମ୍ବା ଖ୍ରୀଷ୍ଟିଆନ ଜାତୀୟତାବାଦ ଭଳି ରୂଢିବାଦୀ ମତ ସ୍ୱତନ୍ତ୍ରତା ଏବଂ ପ୍ରାଇଭେଟ ଏଣ୍ଟରପ୍ରାଇଜେସକୁ ସମାନ ବୋଲି ମାନିବାରେ ସବୁବେଳେ ହାୟକଙ୍କୁ ଅନୁସରଣ କରିଆସିଛି। ହେଲେ ଧନୀମାନଙ୍କ ପାଇଁ 'ସମାଜବାଦ' ଶବ୍ଦର ପରିଣାମ ସବୁବେଳେ ଭିନ୍ନ ରହିଆସିଛି। ସେମାନଙ୍କ ପାଇଁ ଏହା ଏକ ବ୍ୟବସ୍ଥା ; ଯାହା ଅବିରତ ଭାବେ ଟିକସ ଛାଡ଼, ଫାର୍ମସ୍ୟୁଟିକାଲ, ଶକ୍ତି ଏବଂ କୃଷି କମ୍ପାନୀଗୁଡ଼ିକୁ ସିଧାସଳଖ ସବ୍‌ସିଡି ଦେବା, ମୁଦ୍ରାସ୍ଫୀତି ସମୟରେ ଶ୍ରମ ଶକ୍ତିକୁ କ୍ଷତି କରିବା ଭଳି ଆର୍ଥିକ ନୀତିଗୁଡ଼ିକ ଦ୍ୱାରା ଧନିକଙ୍କୁ ହିଁ ସଂସାଧନଗୁଡ଼ିକୁ ପୁନଃ ଆବଣ୍ଟନ କରିଥାଏ। ଏହି ସମୟରେ ରୂଢିବାଦୀଙ୍କର ପରିବର୍ତ୍ତନ ଲକ୍ଷ୍ୟ କରାଯାଉଥିଲେ ମଧ୍ୟ ହାୟକଙ୍କ ସିଦ୍ଧାନ୍ତ ରୂଢିବାଦୀଙ୍କ ପ୍ରବୃତ୍ତିରେ ଅନିୟନ୍ତ୍ରିତ ଭାବେ ରହିଛି ଓ ସେମାନେ ଯେତେବେଳେ ଚାହିଁବେ ଏହାକୁ ଫେରାଇ ଆଣିପାରିବେ। ରାଜନୀତି ଓ ସାମାଜିକ ସ୍ତରରେ ଖ୍ରୀଷ୍ଟିଆନ ଜାତୀୟତାବାଦର ରୂଢିବାଦୀ ଚିନ୍ତାଧାରା ଯାହା ଆମେରିକା ସଂସ୍କୃତିର କୋଣ ଅନୁକୋଣରେ ଦେଖେ ତାହା ଏକ ଭାବନାତ୍ମକ ପରିଣାମ ଭଳି ମନେହେଉଛି। ୨୦୧୧ରେ ସାମାଜିକ ଏବଂ ଆର୍ଥିକ ଅସମାନକୁ ନେଇ ୱାଲ୍ ଷ୍ଟ୍ରିଟ୍ ଦଖଲ ଅସମାନତା ବୃଦ୍ଧି ସମ୍ପର୍କିତ ନୂଆ ବିଚାରକୁ ପ୍ରତିପାଦିତ କରିବା, ୨୦୦୮ରେ ବିଶ୍ୱ ଅର୍ଥ ବ୍ୟବସ୍ଥାକୁ ଧ୍ୱଂସ କରିଥିବା ଫାଇନାନ୍ସିୟରମାନଙ୍କ କବଳରୁ ରକ୍ଷା କରିବା ସହ ବ୍ଲାକ୍ ଲାଇଭ୍ ମ୍ୟାଟର, ମି ଟୁ ଓ ରାଷ୍ଟ୍ରପତି ପାର୍ଥୀ ଭାବେ ପ୍ରଖ୍ୟାତ ସମାଜବାଦୀ ଭର୍ମୋଣ୍ଟ ସିନେଟର ବେର୍ନି ସ୍ୟାଣ୍ଡର୍ସ ଉଭାହେବା ପରେ ବି ପୂର୍ଣ୍ଣ ସମାଜବାଦ ଆସିପାରିନାହିଁ। ୨୦୨୦ ସୁଦ୍ଧା ଅଧିକାଂଶ ଡେମୋକ୍ରାଟିକ ଏବଂ ସ୍ୱାଧୀନ ମତଦାତା ଏବଂ ଭିନ୍ନ ମତବାଦୀ ରିପବ୍ଲିକାନମାନେ ସିଙ୍ଗଲ କେୟାର ହେଲ୍‌ଥ କେୟାର, ଜଳବାୟୁ ପରିବର୍ତ୍ତନ ମୁକାବିଲା ଲାଗି ନିଆଯାଉଥିବା ଦୃଢ ପଦକ୍ଷେପ, ଭିତ୍ତିଭୂମି ଓ ଚାକିରି ପାଇଁ ଅଧିକ ସରକାରୀ ବ୍ୟୟ ଲାଗି ଟ୍ୟାକ୍ସ ଦେଉଥିଲେ। ଏପରି କି ସ୍ୟାଣ୍ଡର୍ସଙ୍କ ଦ୍ୱିତୀୟ ନିର୍ବାଚନ ପ୍ରତିଦ୍ୱନ୍ଦ୍ୱିତା ସମୟରେ ସମାଜବାଦ ଯୁବ ଆମେରିକୀୟ ଯୁବବର୍ଗଙ୍କ ବେଶି ଲୋକପ୍ରିୟ ହୋଇପାରିଥିଲା।

କୋଭିଡ୍-୧୯ ମହାମାରୀରେ ସରକାର ୩ ଟ୍ରିଲିୟନ ଡଲାର ବ୍ୟୟ କଲେ ; ଯାହାଦ୍ୱାରା ମାନ୍ଦା ଅର୍ଥ ବ୍ୟବସ୍ଥାକୁ ସୁଧାରିବା ଲାଗି ପରିବାର ତଥା ଫାର୍ମଗୁଡ଼ିକୁ ପ୍ରଚୁର ଅର୍ଥ ଯୋଗାଇଦେଲେ। ଏବେ ଇନ୍‌ଫ୍ଲେସନ ରିଡକ୍ସନ ଆକ୍ଟ ସହ ସାର୍ବଜନୀନ ନିବେଶରେ ୭୦୦ ବିଲିୟନ ଡଲାରରୁ ଅଧିକ ହ୍ରାସ ସରକାରଙ୍କ ପାଇଁ ବଡ଼ ଝଟ୍‌କା ଆଣିଛି। ହେଲେ ଅର୍ଥନୀତିଜ୍ଞମାନେ ସମସ୍ତଙ୍କୁ ଉଦ୍ଧାର କରିବାର ଏକ 'ନୂଆ ଯୁଗ' ଚାଲିଛି ବୋଲି କହୁଛନ୍ତି। ସମ୍ଭବତଃ ଏହା 'ସମସ୍ତଙ୍କ ପାଇଁ ସମାଜବାଦ' ଉପରେ ଏକ ଡାଉନ୍ ପେମେଣ୍ଟ ବୋଲି ମୁଁ କହିବି। ରିପବ୍ଲିକାନ୍‌ଙ୍କର ଟିକସ ଛାଡ଼, ବିନିୟନ୍ତ୍ରଣ ଏବଂ ନୂଆ ଖ୍ରୀଷ୍ଟିଆନ ଜାତୀୟତାବାଦୀ ବିଚାରଧାରା ସହ ଏକଚ୍ଛତ୍ରବାଦୀ ଶାସନଠାରୁ ଶ୍ରମ ଚାହିଦା ନିଶ୍ଚିତ ଭାବେ ଆଶାଜନକ। ନ୍ୟାୟସଙ୍ଗତ ଆବଣ୍ଟନର ସିଦ୍ଧାନ୍ତ ଅଧିକ ସମତାବାଦୀ, ବାସ୍ତବବାଦୀ। ଏହା ଅସମାନତା, ଜଳବାୟୁ ପରିବର୍ତ୍ତନ, ପ୍ରବାସନ ପାଇଁ ଏକ ସମାଜିକ- ଗଣତାନ୍ତ୍ରିକ ଉପଚାର। ରିପବ୍ଲିକାନଙ୍କର ଖ୍ରୀଷ୍ଟିଆନ ଜାତୀୟତାବାଦୀ ବିଚାର ବେଶିଦିନ ରହି ନ ପାରେ। ସେମାନେ ସବୁଆଡେ ସମାଜବାଦର ଭୂତକୁ ଦେଖିବାକୁ ଉନ୍ମାଦି ନୁହନ୍ତି। ନଭେମ୍ବର ୮ରେ ଯାହା ପରିଣାମ ଆସୁନା କାହିଁକି, ମନେହେଉଛି ସମାଜବାଦର ସମୟ ଆସିଯାଇଛି।

**ପ୍ରାଧ୍ୟାପକ(ଇତିହାସ), ରୁଟ୍‌ଗର୍ସ ବିଶ୍ୱବିଦ୍ୟାଳୟ, ଆମେରିକା**

# ମନୋବଳ



ଚ୍ଚିଦାନନ୍ଦ ଦାଶ

ମନୋବଳ କହିଲେ ମନର ମାନସିକ ଶକ୍ତିକୁ ବୁଝାଯାଏ। ଅର୍ଥାତ୍ କେତେ ପରିମାଣରେ ମନର ଶକ୍ତି ଅଛି ବିଭିନ୍ନ ଅପ୍ରତ୍ୟାଶିତ ପରିସ୍ଥିତିକୁ ସମ୍ମୁଖୀନ ହେବା ପାଇଁ। କିଛି କିଛି ଲୋକଙ୍କର ଶାରୀରିକ ଶକ୍ତି କମି ଥାଇପାରେ। ମାତ୍ର ମାନସିକ ଶକ୍ତିରେ ସେମାନେ ବହୁତ ଆଗରେ ଥାନ୍ତି। ସେହିପରି କିଛି ଲୋକଙ୍କର ଶାରୀରିକ ଶକ୍ତି ଥାଇପାରେ ମାତ୍ର ମାନସିକ ଶକ୍ତିରେ ଦୁର୍ବଳ ଅନୁଭବ କରନ୍ତି। ମଣିଷ ମନ ସବଳ ଥିଲେ, ସେ ଶରୀରର ଦୁର୍ବଳତାକୁ ଏଡାଇଦେଇ ସମସ୍ତ କର୍ମ କରିଚାଲେ। ମାତ୍ର ଶରୀର ସବଳ ଥାଇ ଦୁର୍ବଳ ମନ ଲୋକ ସେହିପରି କର୍ମଠ ହୋଇପାରେନା।

ଖାଲି ମନୋବଳର କୌଣସି ମଲ୍ୟ ନଥାଏ ଯଦି ଏହା ଠିକ୍ ଭାବରେ ବିବେକ ଦ୍ୱାରା ବଶୀଭୂତ ହୋଇନାହିଁ, କାରଣ ବିବେକ ମନର ଲଗାମ ସଦୃଶ। ମନର ବିବେକ କୁଭାବନାକୁ ନିୟନ୍ତ୍ରଣରେ ରଖେ। ବିବେକ ହଜିଗଲେ ମନ ବେନିୟନ୍ତ୍ରିତ ହୋଇ ଖରାପ କର୍ମ କରି ଚାଲେ। ବିବେକର ଲଗାମ ଛିଡ଼ିଗଲେ ମଣିଷ ମନ ଯାହା ନାହିଁ ତାହା କରିବସେ। ମନୋବଳ ଦ୍ୱାରା ମଣିଷ କଷ୍ଟ ସହିଷ୍ଣୁ ହୋଇଥାଏ। କଷ୍ଟ ସହିଷ୍ଣୁ ହେବା ଦ୍ୱାରା ମନ ଦମ୍ଭ ହୋଇଥାଏ। ମନ ଦମ୍ଭ ହେବାଦ୍ୱାରା ମଣିଷ ବିବେକର ବିବେଚନାରେ ନିଜକୁ ନିୟୋଜିତ କରିଥାଏ।

ସାଧାରଣତଃ ମନୋବଳ ଦୁଇ ପ୍ରକାରର ପ୍ରଥମ ହେଲା ସକାରାତ୍ମକ ବନୋବଳ ଏବଂ ଦ୍ୱିତୀୟଟି ହେଲା ନକରାତ୍ମକ ମନୋବଳ। ସକାରାତ୍ମକ ମନବଳ ସୁ ବିବେକ ଦ୍ୱାରା ପରିଚାଳିତ ହୋଇଥାଏ। ଫଳରେ ମନ ସୁକର୍ମରେ ନିୟୋଜିତ ହୋଇଥାଏ। ସକାରାତ୍ମକ ମନବଳ ସମ୍ପନ୍ନ ବ୍ୟକ୍ତି ଉର୍ଦ୍ଧ୍ୱଭାବନାକୁ ନିୟନ୍ତ୍ରଣରେ ରଖିଥାନ୍ତି ଓ ସୁଚିନ୍ତା ଓ ଭାବନାର ବ୍ରତୀ ହୋଇଥାନ୍ତି। ଏହାଛଡ଼ା ଏମାନେ ପରୋପକାରୀ, ସଚ୍ଚୋଟ, ସୃଜନଶୀଳ ଓ କର୍ମଠ ହୋଇଥାନ୍ତି। ମାତ୍ର ନକରାତ୍ମକ ମନବଳକୁ ବିବେକ ଦ୍ୱାରା ପରିଚାଳିତ ହୋଇଥାଏ ଏବଂ ମନ କୁକର୍ମରେ ନିବେଶ କରିଥାଏ। ନକାରାତ୍ମକ ମନୋବଳ ସମ୍ପନ୍ନ ବ୍ୟକ୍ତି ନିଜର ଚିନ୍ତନ ତଥା ରାଗ, ଅହଂକାର, ଘୃଣା ପ୍ରଭୃତିକୁ ନିୟନ୍ତ୍ରଣରେ ରଖିପାରେ ନାହିଁ। ନକରାତ୍ମକ ମନୋବଳ ବ୍ୟକ୍ତି ମନର କଷ୍ଟକୁ ସହି ପାରେ ନାହିଁ ଯାହାଫଳରେ ସେମାନେ ଆକ୍ରମଣାତ୍ମକ ହୋଇଥାନ୍ତି। ଆଉ କିଛି ବ୍ୟକ୍ତି ଉଭୟ ନକରାତ୍ମକ ଏବଂ ସକାରାତ୍ମକ ମନୋବଳ ସମ୍ପନ୍ନ ହୋଇଥାନ୍ତି। ମନରେ ଯେଉଁ ମନୋବଳ ବେଶୀ ଭାବରେ ପ୍ରଭାବିତ ହୋଇଥାଏ ସେଇ ଅନୁସାରେ ମନ କର୍ମ ଦ୍ୱାରା ପ୍ରଭାବିତ ହୋଇଥାଏ।

ଗୋଟିଏ ଦେଶରେ ଜଣେ ଦୟାଳୁ ରାଜା ଥିଲେ ରାଜା ପ୍ରଜାମାନଙ୍କୁ ଖୁବ୍ ଭଲ ପାଉଥିଲେ ଦେଖୁ ଦେଖୁ ପାଖ ଦେଶର ରାଜା ଦୟାଳୁ ରାଜାଙ୍କର ଦେଶକୁ ଆକ୍ରମଣ କରିବାକୁ ଯୁଦ୍ଧ ଘୋଷଣା କଲେ। ରାଜାଙ୍କର ସୈନ୍ୟସାମନ୍ତ ବଳ ଖୁବ୍ କମ୍ ଥିଲା। ମାତ୍ର ପଡୋଶୀ ଦେଶର ରାଜାଙ୍କର ସୈନ୍ୟବଳ ଅଧିକ ଥିଲା। ଦୟାଳୁ ରାଜା ହାରିଯିବାର ଚିନ୍ତାରେ ଘାରି ହେଲେ। ବିତସ୍ତତ ହୋଇ କଣ କରିବେ ଚିନ୍ତା କରି ପାରିଲେ ନାହିଁ। କିଛି ଦିନ ବିତିଗଲା ପରେ ରାଜା ରାଜ୍ୟର ଏକ ନିକଟସ୍ଥ ପାହାଡ଼ରେ ବାସ କରୁଥିବା ଜଣେ ସନ୍ୟାସୀଠାରୁ ଉପଦେଶ ନେବାକୁ ମନସ୍ଥ କଲେ। ପରଦିନ ସକାଳୁ ରାଜା ସନ୍ୟାସୀ ରହିଥିବା ଗୁମ୍ଫାକୁ ଗଲେ। ଗୁମ୍ଫାରେ ପହଞ୍ଚି ସନ୍ୟାସୀକୁ ସାଷ୍ଟାଙ୍ଗେ ପ୍ରଣାମ କଲେ। ରାଜା ତାଙ୍କର ସମସ୍ତ ଚିନ୍ତାର ବ୍ୟଥା ସନ୍ୟାସୀଙ୍କ ଆଗରେ ବଖାଣିଲେ। କହିଲେ, ହେ ସନ୍ଥ ! ମୋର ଦେଶକୁ ପଡୋଶୀ ଦେଶର ରାଜା ଆକ୍ରମଣ କରିବ ବୋଲି ପ୍ରସ୍ତୁତ ହେଲାଣି। ମୁଁ ମୋର ଏ ସ୍ୱଳ୍ପ ସୈନ୍ୟ ବଳରେ ଯୁଦ୍ଧରେ ଜୟ କରିପାରିବିକି ନାହିଁ, ମୋତେ ଉପାୟ ବତାଅ'। ସନ୍ଥ ରାଜାଙ୍କ ଠାରୁ ଏ ପ୍ରକାର ହତଷ୍ଠୋହ କଥା ଶୁଣି ରାଜାକୁ ସ୍ୱାନ୍ତନା ଦେଇ ଆସନ ଗ୍ରହଣ କରିବା ପାଇଁ କହିଲେ। ତାପରେ ସନ୍ଥ ସନ୍ୟାସୀ ଗୋଟିଏ ମୁଦ୍ରା ବାହାର କଲେ ଏବଂ ରାଜାଙ୍କୁ କହିଲେ ହେ ରାଜନ ! ଏ ମୁଦ୍ରାର ଗୋଟିଏ ପାର୍ଶ୍ୱରେ ଫଳକ ଅଛି ଏବଂ ଅନ୍ୟପଟରେ ଠାକୁରଙ୍କ ମୂର୍ତ୍ତି ଅଛି। ମୁଁ ବର୍ତ୍ତମାନ ମୁଦ୍ରାଟିକୁ ଉପରକୁ ଫିଙ୍ଗିବି, ମୁଦ୍ରାଟି ତଳେ ପଡ଼ି ଯଦି ଫଳକ ପାର୍ଶ୍ୱ ଦେଖାଯିବ, ତା ହେଲେ ଆପଣ ନିଶ୍ଚୟ ଯୁଦ୍ଧରେ ଜିତିବେ। ଏହା କହି ସନ୍ଥ ମୁଦ୍ରା ଉପରକୁ ଫିଙ୍ଗିଲେ। ତଳେ ପଡ଼ିଲା ବେଳକୁ ମୁଦ୍ରାର ଫଳକ ପାର୍ଶ୍ୱ ଦେଖାଗଲା। ସନ୍ଥ ରାଜାଙ୍କୁ ନିଶ୍ଚୟ ଯୁଦ୍ଧରେ ବିଜୟ ଲାଭ କରିବ ବୋଲି ଆଶ୍ୱାସନା ଦେଲେ। ସେଠାରୁ ରାଜା ଆସି ଯୁଦ୍ଧରେ ମଜିଗଲେ ଏବଂ ଶେଷରେ ଜୟଲାଭ କଲେ। ରାଜାଙ୍କର ଆନନ୍ଦର ସୀମା ରହିଲା ନାହିଁ। ଏଥର ରଜା ନିଜେ ଯାଇ ସନ୍ଥଙ୍କୁ ଦେଖାକରି ବିଜୟର ଶୁଭ ଖବର ଦେଲେ। ସନ୍ଥ କହିଲେ ହେ ରାଜାନ ମୁଁ ଯେଉଁ ମୁଦ୍ରାଟି ପକାଇଥିଲି, ତାହାର ଦୁଇପାର୍ଶ୍ୱରେ ଫଳକ ଥିଲା। କୌଣସି ଦେବାଦେବୀଙ୍କର ମୂର୍ତ୍ତି ନ ଥିଲା। ମୁଁ ଆପଣଙ୍କର ମନୋବଳ ବଢ଼ାଇବା ପାଇଁ ଏ ସବୁ କରିଥିଲି। ତାହାହିଁ ଫଳପ୍ରଦ ହେଲା।

ମୋ: ୯୯୩୮୧୮୧୩୦୨

## ଏଇ ଭାରତରେ

ମହାରାଷ୍ଟ୍ର ପିପଲ ଗାଁର ହରିଶ ଶାହା ଏବେ ୨୦୦୦ ପକ୍ଷୀ ଏକାବେଳକେ ଖାଇବା ଭଳି ସବୁଠୁ ବଡ଼ ବାର୍ଡ ଫିଡର ନିର୍ମାଣ କରିଛନ୍ତି। ସେ ପ୍ରଥମେ ଜଣେ ଗହଣା ଦୋକାନୀଙ୍କ ପ୍ରେରଣାରେ ପକ୍ଷୀମାନଙ୍କୁ ଖାଇବାକୁ ଦେବା ଆରମ୍ଭ କରିଥିଲେ। ହରିଶ ଏକ ଗହଣା ଦୋକାନରେ ଚାକିରି କରିଥିଲେ। ଦୋକାନ ମାଲିକ ପ୍ରତିଦିନ ଗୋଶାଳାରେ ଗୋରୁଙ୍କୁ ଖାଇବାକୁ ଦେବା ଲାଗି ୩୦ ହଜାର ଟଙ୍କା ଖର୍ଚ୍ଚ କରୁଥିଲେ। ହରିଶ ୨୦୧୪ରେ ଧାତୁ ନିର୍ମିତ ବାର୍ଡ ଫିଡର ତିଆରି କରି ପକ୍ଷୀଙ୍କୁ ଖାଇବାକୁ ଦେବା ଆରମ୍ଭ କରିଥିଲେ। ପ୍ରଥମେ ୧କେ.ଜି. ଦାନା ରହିବା ଭଳି ଏବଂ ୪ରୁ ୫ଟି ପକ୍ଷୀ ବସି ଆରାମରେ ଖାଇପାରୁଥିବା ପ୍ରାୟ ୧୦୦ ଫିଡର ତାଙ୍କ ଗାଁର ବିଭିନ୍ନ ସ୍ଥାନରେ ରଖିଥିଲେ। ପରେ ପକ୍ଷୀ ସଂଖ୍ୟା ବଢ଼ିବା ଦ୍ୱାରା ୨୦୦୦ ପକ୍ଷୀ ଖାଇବା ଭଳି ୭୦୦ କେ.ଜି. ଓଜନର ସବୁଠୁ ବଡ଼ ବାର୍ଡ ଫିଡର ନିର୍ମାଣ କରଛନ୍ତି। ଏହା ଗୀନିଜ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡସ୍‌ରେ ସ୍ଥାନ ପାଇଛି। ଏହାକୁ ନିର୍ମାଣ କରିବା ଲାଗି ହରିଶ ୩ ଲକ୍ଷ ୮୦ ହଜାର ଟଙ୍କା ବ୍ୟୟ କରିଛନ୍ତି। ଏହି ବାର୍ଡ ଫିଡର୍‌ର ଦାନା ଖର୍ଚ୍ଚ ହରିଶ ବହନ କରୁଛନ୍ତି। ସପ୍ତାହରେ ସେ ୨୫୦ରୁ ୩୦୦ କିଲୋ ଦାନା କିଣୁଛନ୍ତି। ପ୍ରତିଦିନ ଉକ୍ତ ଫିଡରକୁ ଦାନା ଖାଇବାକୁ ୨୦୦ରୁ ୨୫୦ ପକ୍ଷୀ ବିଭିନ୍ନ ସ୍ଥାନରୁ ଆସୁଛନ୍ତି। କେବଳ ଏତିକି ନୁହେଁ ହରିଶ ଛୋଟ ଛୋଟ ଫିଡର ନିର୍ମାଣ କରି ଶସ୍ତାରେ ଲୋକମାନଙ୍କୁ ବିକ୍ରି କରିବା ସହ ପକ୍ଷୀଙ୍କୁ ଖାଇବାକୁ ଦେବା ଲାଗି ସେମାନଙ୍କୁ ଉତ୍ସାହିତ କରୁଛନ୍ତି। ତାଙ୍କ ଗାଁ ଓ ଆଖପାଖରେ ଲାଗିଥିବା ଫିଡରରେ ପକ୍ଷୀମାନେ ଖାଇବା ଫଳରେ ସେମାନେ ଆଉ ଫସଲ ନଷ୍ଟ କରୁନାହାନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୮ ଅକ୍ଟୋବର ୧୯୯୭

- ଆଫଗାନିସ୍ତାନର ତାଲିବାନ ସରକାର ଦେଶର ନାମ ଇସ୍‌ଲାମୀୟ ରାଷ୍ଟ୍ରରୁ ବଦଳାଇ ଇସ୍‌ଲାମୀୟ ଏମିରେଟ୍ କରିଛନ୍ତି।
- ଗୁଜରାଟରେ ନୂଆ ରାଷ୍ଟ୍ରୀୟ ଜନତା ପାର୍ଟି (ଆରଜେପି) ସରକାର ଗଠନ ସକାଶେ ପଥ ପରିଷ୍କାର କରିବା ପାଇଁ ମୁଖ୍ୟମନ୍ତ୍ରୀ ପଦରୁ ଶଙ୍କର ସିଂ ବାଘେଲାଙ୍କ ଇସ୍ତଫା।
- ମାରୁତି ଉଦ୍ୟୋଗ ବୋର୍ଡର ନିର୍ଦ୍ଦେଶକ ପଦ ପାଇଁ ସୁଜୁକୀ ମୋଟର୍ସ କିଜି ସାଇତୋଙ୍କୁ ମନୋନୀତ କରିଛି।

## su | do | ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | | | 3 |
| | 6 | | 3 | 1 | 2 | 9 | | |
| | 1 | | | | 6 | 4 | | |
| 5 | | | | | | | | |
| | | 4 | | 8 | 7 | | | |
| | 7 | | 9 | | | | | |
| | 3 | | | | | | 6 | |
| | | 8 | | 9 | | | | |
| | | | 5 | | 4 | | | 7 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 5 | 7 | 9 | 6 | 4 | 3 | 1 | 2 |
| 4 | 2 | 9 | 3 | 1 | 7 | 8 | 6 | 5 |
| 3 | 1 | 6 | 5 | 8 | 2 | 9 | 7 | 4 |
| 5 | 8 | 1 | 2 | 7 | 9 | 4 | 3 | 6 |
| 7 | 4 | 2 | 8 | 3 | 6 | 1 | 5 | 9 |
| 6 | 9 | 3 | 4 | 5 | 1 | 2 | 8 | 7 |
| 2 | 3 | 8 | 6 | 9 | 5 | 7 | 4 | 1 |
| 1 | 6 | 4 | 7 | 2 | 8 | 5 | 9 | 3 |
| 9 | 7 | 5 | 1 | 4 | 3 | 6 | 2 | 8 |

ଗତକାଲିର ଉତ୍ତର

# କିଛି କଥା କିଛି ବ୍ୟଥା



ଡ. ସିଦ୍ଧାର୍ଥ କାନୁନ୍‌ଗୋ

ରାଜନେତାଙ୍କଠାରୁ ଆରମ୍ଭ କରି ତଥାକଥିତ ସମାଜସେବୀ ଗଳାଫଟେଇ ଚିତ୍କାର କରନ୍ତି ଯେ, ପ୍ରକୃତି ତା'ର ସବୁକିଛି ସମ୍ପଦ ଆମ ରାଜ୍ୟରେ ଭରିଦେଇଛି। ରାଜ୍ୟର ଶାଳ ସୁଗନ୍ଧ ବିସ୍ତୀର୍ଣ୍ଣ ବନାନୀ, ଲୁହା, ମାଙ୍ଗାନିଜ୍, କ୍ରୋମାଇଟ୍ ଆଦି ଖଣିଜ ସମ୍ପଦରେ ଭରପୂର ଓଡ଼ିଶା, ୪୮୦ କି.ମି. ସୁଦୀର୍ଘ ବେଳାଭୂମି ଇତ୍ୟାଦି ହେଉଛି ପ୍ରକୃତିର ଆମ ରାଜ୍ୟକୁ ଅବଦାନ। କିନ୍ତୁ ଏତେ ସବୁ ବିଭବ ପରେ ମଧ୍ୟ ଓଡ଼ିଶା ଯେଉଁ ଗରିବକୁ ସେଇ ଗରିବ। ସରକାର ବଦଳିଛି; ନିର୍ବାଚନ ବେଳେ ପ୍ରତିଶ୍ରୁତି ଦେଇ ନେତାମାନେ କ୍ଷମତାକୁ ଆସିଛନ୍ତି। କିନ୍ତୁ ଓଡ଼ିଶାର ଭାଗ୍ୟ ବଦଳାଇବାକୁ କେହି ସମର୍ଥ ହୋଇନାହାନ୍ତି ବୋଲି ମନେହୁଏ। ଇତିମଧ୍ୟରେ ଓଡ଼ିଶା ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ପାଇବାର ୮୬ ବର୍ଷ ଅତିକ୍ରାନ୍ତ ହୋଇଗଲାଣି। କଥାକଥାକେ ଭାଷାଭିତ୍ତିରେ ଜନ୍ମଲାଭ କରିଥିବା ଓଡ଼ିଶା ହେଉଛି ପ୍ରଥମ ରାଜ୍ୟ ବୋଲି ଆମେ ବିଭିନ୍ନ ସଭାସମିତିରେ କହି ଆତ୍ମସନ୍ତୋଷ ଲାଭ କରୁଛୁ। କିନ୍ତୁ ବିଚାର କଲେ ଜଣାଯିବ ଯେ, ଆମ ପରେ ସୃଷ୍ଟି ହୋଇଥିବା ଆନ୍ଧ୍ରପ୍ରଦେଶ, କର୍ନାଟକ, ହରିୟାଣା ଆଦି ରାଜ୍ୟର ବିକାଶଧାରା ଆମ ରାଜ୍ୟଠାରୁ ଢେର ଅଧିକ। ଆନ୍ଧ୍ରପ୍ରଦେଶରୁ ଅଣ୍ଡା, ମାଛ ଓ ପଶ୍ଚିମବଙ୍ଗରୁ ବିଭିନ୍ନ ପନିପରିବା ଏପରି କି ଫୁଲ ନ ଆସିଲେ ଆମ ଅବସ୍ଥା ଅସମ୍ଭାଳ। କଥାଟି ଏତିକିରେ ସରିନାହିଁ, ଖଣି ଖାଦାନଭରା କେନ୍ଦୁଝର ଜିଲା ତେଲକୋଇ ହେଉ କିମ୍ବା କୋରାପୁଟ ଜିଲାର ଦଶମନ୍ତପୁର ହେଉ ଅଥବା କଳାହାଣ୍ଡି ଜିଲାର ଥୁଆମୂଳରାମପୁର କିମ୍ବା ଗଜପତି ଜିଲାର ମୋହନ ସବୁଠି ଜୀବନଯନ୍ତ୍ରଣାର ଚିହ୍ନ ସ୍ପଷ୍ଟ ବାରିହୁଏ। ଏଠି ବିକାଶର ଧାରା ପହଞ୍ଚିପାରିନି ବୋଲି ମନେହୁଏ। ଗୋଟିଏ ପଟେ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଆମେ 'ଆଜାଦୀ କା ଅମୃତ ମହୋତ୍ସବ' ପାଳନ କରୁଛୁ। ଏଥିପାଇଁ କୋଟିକୋଟି ଟଙ୍କା ବିଜ୍ଞାପନ ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମ ବାବଦରେ ଖର୍ଚ୍ଚ ହେଉଛି। କିନ୍ତୁ ଉପରଲିଖିତ ଜିଲାରେ ସମାଜର ବିକଳ ଚିତ୍ର ଦେଖିବାକୁ ମିଳୁଛି। ଗର୍ଭବତୀ ମହିଳା ହୁଅନ୍ତୁ କିମ୍ବା ଗୁରୁତର ରୋଗୀ ସମସ୍ତେ କାନ୍ଧରେ କିମ୍ବା ଖଟିଆ ଅଥବା ଷ୍ଟ୍ରେଚରରେ ବୁହା ହୋଇ ଡାକ୍ତରଖାନା ଯାଉଛନ୍ତି।

ଅବଶ୍ୟ ଆମେ ଏ କଥା ସ୍ୱୀକାର କରୁଛୁ ଯେ, ଚିକିତ୍ସା ବିଜ୍ଞାନର ଉନ୍ନତି ଯୋଗୁଁ ମାତୃଶିଶୁହାର ଓ ଶିଶୁମୃତ୍ୟୁହାର ବହୁପରିମାଣରେ କମିଛି। ସରକାରୀ ଡାକ୍ତରଖାନା ଥିବା ଅଞ୍ଚଳରେ ରୋଗୀ ବା ତାଙ୍କ ପରିବାର ଲୋକେ ଯଥେଷ୍ଟ ସଚେତନ ହେଲେଣି। ସେମାନେ ଗମନାଗମନର ସୁବିଧା ଯୋଗୁ ଅନ୍ଧବିଶ୍ୱାସକୁ ପରିହାର କରି ଡାକ୍ତରଖାନାକୁ ରୋଗୀ ବା ଗର୍ଭବତୀ ମହିଳାଙ୍କୁ ଚିକିତ୍ସା ପାଇଁ ନେଉଛନ୍ତି। ଏହାଦ୍ୱାରା ଅବସ୍ଥାରେ ଯଥେଷ୍ଟ ଉନ୍ନତି ଆସିଛି। କିନ୍ତୁ ଏବେ ମଧ୍ୟ ସବୁଦିନିଆ ରାସ୍ତା ନ ଥିବାରୁ ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାର ଦୁର୍ଗମ ପାହାଡ଼ିଆ ଅଞ୍ଚଳରେ ଥିବା ଜନନୀ ଯନ୍ତ୍ରଣାର ଦୃଶ୍ୟ ଦେଖିବାକୁ ପାଉଛୁ। ସ୍ୱାଧୀନତାର ୭୫ ବର୍ଷ ପରେ ମଧ୍ୟ ରାଜ୍ୟର ୫୫୨୫ ଗାଁକୁ ପକ୍କା ରାସ୍ତା ନାହିଁ। ବିଧାନସଭା ଅଧିବେଶନରେ ମନ୍ତ୍ରୀ କହୁଥିବା ତଥ୍ୟ ଆଧାରରେ ଆମେ ଏକଥା କହିବାକୁ ସାହସ କରୁଛୁ। ବର୍ଷା ଚାରିମାସ ଏସବୁ ଅଞ୍ଚଳରେ ବାସ କରୁଥିବା ଲୋକଙ୍କ ଯନ୍ତ୍ରଣା କହିଲେ ନ ସରେ ! କଚ୍ଚା ରାସ୍ତା ସବୁ କର୍ଦ୍ଦମାକ୍ତ ହୋଇଯିବାରୁ ଆମ୍ବୁଲାନ୍ସ ଗାଁ ଭିତରକୁ ଯାଇପାରୁନାହିଁ। କିଛି ଗାଁକୁ



ନଦୀ ନାଳ ହେତୁ ବର୍ଷାଦିନେ ଗମନାଗମନରେ ଅସୁବିଧା ହୁଏ। ଏହିପରି ପ୍ରାୟ ୪ ମାସ ୧୦ ହଜାରରୁ ଅଧିକ ଜନବସତିଥିବା ଏସବୁ ଅଞ୍ଚଳ ସତେ ଯେପରି ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇପଡୁଛି !

କନ୍ଧମାଳ ହେଉଛି ରାଜ୍ୟର ଅନ୍ୟତମ ଆଦିବାସୀ ବହୁଳ ଜିଲା । ଏହି ଜିଲାର ୧୨ଟି ବ୍ଲକ୍‌ର ୩୩୪ଟି ଗାଁ ଏପର୍ଯ୍ୟନ୍ତ ଅପହଞ୍ଚ। ବର୍ଷାଦିନେ ୩୩୪ଟି ଗାଁକୁ ରାସ୍ତାନାହିଁ ବୋଲି ଆମ୍ବୁଲାନ୍ସ ଯାଇ ପାରୁନି। ସେହିପରି ନବରଙ୍ଗପୁର ଜିଲା, ରାଗଗଡ଼ା, କଳାହାଣ୍ଡି, କେନ୍ଦୁଝର, ମାଲକାନଗିରି, ଗଜପତି, ଗଞ୍ଜାମ ଜିଲାରେ ଯଥାକ୍ରମେ ୨୫୨, ୮୪୦, ୫୧୨, ୧୪୧, ୧୫୦, ୧୬୦, ୯୩ ଏବଂ କୋରାପୁଟ ଜିଲାରେ ୧୦୦ରୁ ଅଧିକ ଗାଁକୁ ରାସ୍ତା ନାହିଁ ବୋଲି ସରକାର ସ୍ୱୀକାର କରିଛନ୍ତି।

ଗମନାଗମନ ସୁବିଧା ପାଇଁ ଢେର କିଛି ଯୋଜନା ଅଛି । ସେଗୁଡ଼ିକ ହେଲା ପ୍ରଧାନମନ୍ତ୍ରୀ ଗ୍ରାମସଡ଼କ ଯୋଜନା, ବିଜୁ ସେତୁ ଯୋଜନା ଓ ଦୁର୍ଗମ ଅଞ୍ଚଳକୁ ରାସ୍ତା ସଂଯୋଗ ପାଇଁ ଉପାନ୍ତ ଯୋଜନା। ଏତଦ୍‌ବ୍ୟତୀତ ଖଣିଜ ସମ୍ପଦଭରା ଜିଲାରେ ଗାଁକୁ ସବୁଦିନିଆ ରାସ୍ତା ପାଇଁ ଖଣିଜ ସମ୍ପଦ ପାଣ୍ଠିରୁ ସରକାର ଅର୍ଥ ବ୍ୟୟ କରନ୍ତି। ଏତେ ସବୁ ଯୋଜନା ସତ୍ତ୍ୱେ ଏପର୍ଯ୍ୟନ୍ତ ସବୁ ଗାଁକୁ ରାସ୍ତା ତିଆରି ହୋଇପାରି ନାହିଁ। ଏହାର କାରଣ ରାଜ୍ୟରେ ୪ ହଜାରରୁ ଅଧିକ ପଡ଼ା ଗାଁ ଅଛି। ପୁଣି ପାହାଡ଼ ଉପରେ ଓ ଜଙ୍ଗଲ ଭିତରେ ଅନେକ ଜନବସତି ଅଛି। ଏସବୁ ପଡ଼ା ଗାଁକୁ ରାଜସ୍ୱ ମାନ୍ୟତା ଦେବା ପାଇଁ ନିଷ୍ପତ୍ତି ହୋଇଛି କିନ୍ତୁ ଏହା ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ।

ଶହେରୁ ଅଧିକ ଜନସଂଖ୍ୟା ଥିବା ଗାଁକୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା କିମ୍ବା ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ଅନ୍ତର୍ଭୁକ୍ତ କରି ରାସ୍ତା ନିର୍ମାଣର ବ୍ୟବସ୍ଥା ଅଛି। କିନ୍ତୁ ଏପରି ଶହେରୁ କମ୍ ଜନସଂଖ୍ୟା ଥିବା ଓଡ଼ିଶାରେ ପ୍ରାୟ ୨ ହଜାର ହେବ। କନ୍ଧମାଳ ଜିଲା କୋଟଗଡ଼ ବ୍ଲକ୍‌ରେ ମୋଟ୍ ୧୩୩ଟି ଗାଁ ମଧ୍ୟରୁ ୧୬ଟି ଗାଁରେ ୧୦୦ରୁ କମ୍ ଲୋକ ରହୁଛନ୍ତି। କଳାହାଣ୍ଡି ଜିଲା ଥୁଆମୂଳରାମପୁର ବ୍ଲକ୍‌ରେ ୨୭୫ ଗାଁ ଥିବା ବେଳେ ୬୦ ଗାଁର ଜନସଂଖ୍ୟା ୧୦୦ରୁ କମ୍। କୋରାପୁଟ, କଳାହାଣ୍ଡି ଜିଲାରେ ଏପରି କିଛି ଗାଁ ଅଛି ; ଯେଉଁଠାକୁ ସବୁଦିନିଆ ରାସ୍ତା ବା ସେତୁ ନିର୍ମାଣ ହୋଇନାହିଁ। ଏହିସବୁ ସମସ୍ୟାକୁ ଆଖି ଆଗରେ ରଖି ରାଜ୍ୟ ସରକାର ୨୦୧୭ରେ ସମ୍ପୂର୍ଣ୍ଣ ଯୋଜନା ଆରମ୍ଭ କରିଥିଲେ। ଏଥିରେ ଗର୍ଭବତୀଙ୍କୁ ଡାକ୍ତରଖାନାକୁ ଆଣିଲେ ଖର୍ଚ୍ଚ ବାବଦକୁ ୧୦୦୦ ଟଙ୍କା ଦିଆଯାଉଛି। ସ୍ଥଳ ବିଶେଷରେ ପ୍ରସବର ଯଥେଷ୍ଟ ପୂର୍ବରୁ ଗର୍ଭବତୀଙ୍କୁ ଡାକ୍ତରଖାନାରେ ରଖିବା ପାଇଁ ମା'ଘର ତିଆରି ହୋଇଛି କିନ୍ତୁ ବର୍ଷା ୪ମାସରେ ଏହି ଯୋଜନା ବିଶେଷ ଫଳପ୍ରଦ ହୋଇପାରୁନି। ସମ୍ପୂର୍ଣ୍ଣା ଯୋଜାନା ରାଜ୍ୟର ୭୮୫୩ ଅପହଞ୍ଚ ଗାଁରେ ଲାଗୁ କରାଯାଇଛି। ଏଥିପାଇଁ ଆଶା ଓ ଅଙ୍ଗନୱାଡ଼ି ଦିଦିଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଆମେ ସରକାରଙ୍କ ଆନ୍ତରିକତାକୁ ପ୍ରଶ୍ନ କରୁନାହୁଁ। ନଦୀନାଳ ଭରା ଓଡ଼ିଶାରେ ଗର୍ଭବତୀଙ୍କ ପକ୍ଷେ ପାଞ୍ଚ ଦଶ କିଲୋମିଟର ବାଟ ଆସିବା ମଧ୍ୟ କାଠିକର ପାଠ। ପୂର୍ବରୁ ଆମେ ଉଲ୍ଲେଖ କରିଛୁ ଯେ, ଅନେକ ସ୍ଥାନରେ ଆମ୍ବୁଲାନ୍ସ ସେବା ଉପଲବ୍ଧ ହୋଇପାରୁନାହିଁ।

ପରିଶେଷରେ ଆମେ ଏତିକିମାତ୍ର କହିବାକୁ ଚାହୁଁ ଯେ, ରାଜନେତା ଏବଂ ଚିନ୍ତାଶୀଳ ଜନନାୟକ ଏ ଦିଗରେ ଯତ୍ନଶୀଳ ହୋଇ ସରକାରଙ୍କୁ ଉଚିତ ପରାମର୍ଶ ଦିଅନ୍ତୁ ଏବଂ ଏଥିପାଇଁ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିବା ଅତ୍ୟନ୍ତ ଜରୁରୀ।

**ପ୍ରାକ୍ତନ ଅତିରିକ୍ତ ଶାସନ ସଚିବ, ଓଡ଼ିଶା ସରକାର, ଚୈତନ୍ୟ ଧାମ, ଶବର ସାହି, ଭୁବନେଶ୍ୱର, ମୋ: ୯୪୩୮୦୭୨୮୫୦**

# ପାଠକ ଶ୍ରେଷ୍ଠ ବିଚାରକ

## ତୀର୍ଥସ୍ଥାନର ସୁରକ୍ଷା ପ୍ରତି ଦୃଷ୍ଟି ଦିଆଯାଉ

ମହାଶୟ,

ପୁରୀ ଜିଲାର ସାକ୍ଷୀଗୋପାଳ ମନ୍ଦିର ଏକ ପ୍ରମୁଖ ତୀର୍ଥ ସ୍ଥାନ। ଏଠାକୁ ପ୍ରତିଦିନ ଶହ ଶହ ସଂଖ୍ୟାରେ ତୀର୍ଥଯାତ୍ରୀ ଟ୍ରେନ କିମ୍ବା ବସ୍ ଯୋଗେ ଦର୍ଶନ କରିବାକୁ ଆସିଥାନ୍ତି। ମାତ୍ର ଦୁଃଖର କଥା ବର୍ତ୍ତମାନର ମନ୍ଦିରକୁ ଦେଖିଲେ ଯେ କେହି ଜାଣିପାରିବ ଯେ ଏହାର କେହି ପ୍ରଶାସକ ନାହାନ୍ତି। ବାହାର ବେଢ଼ା ଚାରିପାଖ ଅନାବନା ଗଛରେ ପରିପୂର୍ଣ୍ଣ। ଏପରି କି କିଛି ଅବିବେକି ସେଥିରେ ମଳମୂତ୍ର ତ୍ୟାଗ କରି ଆହୁରି ଦୁର୍ଗନ୍ଧମୟ କରି ଦେଉଛନ୍ତି। ଏହାର ପରିଚାଳନା କମିଟି କିମ୍ବା କାର୍ଯ୍ୟନିର୍ବାହୀ ଅଧିକାରୀ ମଧ୍ୟ ଆଖି ବୁଜି ଦେଇଛନ୍ତି। ଫଳରେ ଆସୁଥିବା ତୀର୍ଥଯାତ୍ରୀମାନେ ଏହାକୁ ଘୃଣା ଦୃଷ୍ଟିରେ ଦେଖୁଛନ୍ତି। ଏଣ୍ଡାଉମେଣ୍ଟ କମିଶନର ମଧ୍ୟ କୌଣସି ତଦାରଖ ନାହିଁ। ତେଣୁ ଜନସାଧାରଣଙ୍କ ତରଫରୁ ସରକାରଙ୍କୁ ଅନୁରୋଧ ଯେ, ଏପରି ତୀର୍ଥସ୍ଥାନର ସୁରକ୍ଷା ଓ ଶୃଙ୍ଖଳା ରଖିବାକୁ ଦୃଷ୍ଟି ଦିଅନ୍ତୁ।

**-ବନମାଳୀ ବେହେରା, ସାକ୍ଷୀଗୋପାଳ**

## ଚିରନ୍ତନୀ

ସମର ନୁହଇ ସୁଷମା ତୋର
ରୂପର ଭୂଷା
ମିଛ ଆବରଣେ ଲୁଚଇ ସିନା
ଦେହର ତୃଷା।
-(ପ୍ରାଚୀନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ମଦ ଜବତ, ୨ ଗିରଫ

ନୂଆପଡ଼ା ଅଫିସ,୨୭।୧୦: ନୁଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ଲଖନା ଥାନା କୁସୁମପଡା ରେଲୱେ ଫାଟକ ନିକଟରେ ଅବକାରୀ ବିଭାଗ ବାଇକ୍ ସହ ମଦ ଜବତ କରିଛି। ଏହି ଅଭିଯୋଗରେ କୁକୁରିମୁଣ୍ଡି ଗ୍ରାମର ମୁରଲି ମାଝି (୩୮) ଓ ନୀଳକଣ୍ଠ ଦାସ (୩୯)ଙ୍କୁ ଗିରଫ କରାଯାଇଛି। ଗୁରୁବାର ପୂର୍ବାହ୍ନରେ ଜିଲା ଅବକାରୀ ବିଭାଗ ଅଧିକାରୀ ଗୁପ୍ତେଶ୍ୱର ପଟେଲଙ୍କ ନେତୃତ୍ୱରେ ଏକ ଦଳ ଲଖନା ଅଞ୍ଚଳରେ ପାଟ୍ରୋଲିଂ କରୁଥିଲା। ଏକ ବାଇକ୍‌ରେ ୨ଜଣ ଯୁବକ ପ୍ଲାଷ୍ଟିକ ଜାରରେ ମଦ ନେଉଥିବା କୌଣସି ସୂତ୍ରରୁ ଖବର ପାଇ ଅବକାରୀ ବିଭାଗ କର୍ମଚାରୀମାନେ ୨ ଯୁବକଙ୍କୁ ଲଖନା ରେଲୱେ ଫାଟକ କୁସୁମପଡାଠାରେ ଅଟକାଇଥିଲେ। ପଚାରାଉଚରା କରିବାରୁ ଏକ ପ୍ଲାଷ୍ଟିକ ଜାରରେ ୪୦ ଲିଟର ଦେଶି ମଦ ନେଉଥିବା ସ୍ୱୀକାର କରିଥିଲେ। ପାଟ୍ରୋଲିଂରେ ଏଏସ୍‌ଆଇ ହିଙ୍ଗୁଳା ଦାସ, ସଞ୍ଜୀବ ସାହୁ, କନଷ୍ଟେବଲ ଗିରେନ୍ଦ୍ର କଟା, ମଳୟ ମହାଲିଙ୍ଗ ପ୍ରମୁଖ ସାମିଲ ଥିଲେ।

### ଲୋହରା ସମାଜର ଜିଲା କାର୍ଯ୍ୟକାରିଣୀ ବୈଠକ

ବୋଡେନ,୨୭।୧୦(ଡି.ଏନ.ଏ.): ନୂଆପଡ଼ା ଜିଲା ବୋଡେନ ବ୍ଲକ ବିନୋପୁରଠାରେ ଲୋହରା ସମାଜର ଜିଲା କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଅଶୋକ ପରାଭୋଇଙ୍କ ସଭାପତିତ୍ୱରେ ଆୟୋଜିତ ସଭାକୁ ସମ୍ପାଦକ ଗଗନ ବିହାରୀ ପରାଭୋଇ ପରିଚାଳନା କରିଥିଲେ। ବୋଡେନ ବ୍ଲକ ସଭାପତି ଧନମତ ପରାଭୋଇ, ସିନାପାଲି ବ୍ଲକ ସଭାପତି ସଦାରାମ ଲୁହାର, ଖଡିଆଳ ବ୍ଲକ ସଭାପତି ହରଚନ ଲୁହାର, କୋମନା ବ୍ଲକ ସଭାପତି ଭୁଜ ପରାଭୋଇ, ନୂଆପଡା ବ୍ଲକରୁ ସଭାପତି ଡାକ୍ତର ଲୁହାର ଓ ଦେବରାଜ ପରାଭୋଇ, କଳାହାଣ୍ଡିରୁ ହିମାଂଶୁ ନାଏକ, ବରଗଡରୁ ଶଙ୍କର ପରାଭୋଇ ପ୍ରମୁଖଙ୍କ ସହ ଜଗଲ ଲୁହାର, ନାକା ପରାଭୋଇ, ପଙ୍କଜ ବିଶ୍ୱକର୍ମା ମଞ୍ଚାସୀନ ଥିଲେ। ନୂଆପଡା ଜିଲାର ୫ଟି ବ୍ଲକରୁ କର୍ମକର୍ତ୍ତା ଯୋଗଦାନ କରି ସମାଜ ସଂସ୍କାର, ସଚେତନତା, ସାମାଜିକ ନୀତିନିୟମ, ଶିକ୍ଷା ଆଦି ଉପରେ ଆଲୋଚନା କରିଥିଲେ। ସମାଜିକ କାର୍ଯ୍ୟକ୍ରମରେ ମଦ୍ୟପାନକୁ ସମ୍ପୂର୍ଣ୍ଣ ନିଷେଧ କରିବା, କୌଳିକ ବୃତ୍ତିକୁ ବଜାୟ ରଖି ଉଚିତ ମୂଲ୍ୟରେ ବିକ୍ରୟ କରିବା ଆଦି ଉପରେ ଆଲୋଚନା ହୋଇଥିଲା।

### ମଧୁମେହ ରୋଗୀଙ୍କୁ ମିଳୁନି ମାଗଣା ଔଷଧ

ଲୋଇସିଂହା,୨୭।୧୦(ଡି.ଏନ.ଏ.): ବଲାଙ୍ଗୀର ଜିଲା ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମଧୁମେହ ରୋଗୀଙ୍କ ପାଇଁ ଆସୁଥିବା ମାଗଣା ଔଷଧ ଉପଲବ୍ଧ ନାହିଁ। ପ୍ରାୟ ଦୁଇ ସପ୍ତାହ ହେଲା ଏପରି ସମସ୍ୟା ଲାଗି ରହିଛି। ତେଣୁ ଦୈନିକ ବହୁ ସଂଖ୍ୟକ ମଧୁମେହ ରୋଗୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଡାକ୍ତରଙ୍କ ପରାମର୍ଶ ଏବଂ ଔଷଧ ନେବାକୁ ଆସି ନିରାଶ ହୋଇ ଫେରୁଥିବା ଅଭିଯୋଗ ହୋଇଛି। ବର୍ତ୍ତମାନ ଯୁବକଠାରୁ ବୟସ୍କ ପର୍ଯ୍ୟନ୍ତ ବହୁସଂଖ୍ୟାରେ ମଧୁମେହରେ ପୀଡିତ ହେଉଛନ୍ତି। ଏପରିସ୍ଥଳେ ଗତ ଦୁଇସପ୍ତାହ ହେଲା ଲୋଇସିଂହା ଡାକ୍ତରଖାନରେ ଏହି ରୋଗରେ ପୀଡିତଙ୍କୁ ଔଷଧ ନ ମିଳିବା ଚିନ୍ତାର କାରଣ ହୋଇଛି। ପ୍ରତ୍ୟେକ ୪୦ରୁ ୫୦ ରୋଗୀ ଡାକ୍ତରଖାନ ଆସି ଔଷଧ ନ ପାଇ ଫେରୁଥିବା ବାଦିବାହାଲର ବିଶ୍ୱନାଥ ନାୟକ ଅଭିଯୋଗ କରିଛନ୍ତି।

# ଆଇଏଚ୍‌ଆରଡି ପକ୍ଷରୁ ଏଡିଏମ୍‌ଙ୍କୁ ସ୍ମାରକପତ୍ର

ରାଉରକେଲା ଅଫିସ,୨୭।୧୦


ଆର୍‌ଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ସଙ୍ଗଠନର କର୍ମକର୍ତ୍ତାବୃନ୍ଦ।

ସଡ଼କ ଦୁର୍ଘଟଣାଜନିତ ଗୋ-ମାତାଙ୍କ ମୃତ୍ୟୁକୁ ରୋକିବା ପାଇଁ ଗୋରକ୍ଷକ ନିଯୁକ୍ତି ନିମନ୍ତେ ଅନ୍ତର୍ଜାତୀୟ ମାନବ ଅଧିକାର ରକ୍ଷକ (ଆଇଏଚ୍‌ଆରଡି) ପକ୍ଷରୁ ଗୁରୁବାର ଆରଏମ୍‌ସି କମିଶନର ତଥା ରାଉରକେଲା ଅତିରିକ୍ତ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ହକି ବିଶ୍ୱକପ୍‌ରେ ଅନ୍ତଃରାଷ୍ଟ୍ରୀୟ ଖେଳାଳିମାନେ ଏହି ସହରକୁ ଆସିବେ। ରାଉରକେଲା ସହର ସ୍ମାର୍ଟସିଟି ମାନ୍ୟତା ପାଇବା ପରେ ମଧ୍ୟ ବର୍ତ୍ତମାନ ବିଭିନ୍ନ ସମୟରେ ସହରର ପ୍ରମୁଖ ରାସ୍ତାମାନଙ୍କରେ ମଇଁଷି, ଗାଇ, ଗୋରୁ ବୁଲୁଥିବା ପରିଲକ୍ଷିତ ହେଉଛି। ଫଳରେ ବିଭିନ୍ନ ସମୟରେ ଦୁର୍ଘଟଣା ହେଉଛି। ଉକ୍ତ ଦୁର୍ଘଟଣାକୁ ଏଡାଇବା ପାଇଁ ସହରରେ କିଛି ଗୋରକ୍ଷକଙ୍କୁ ନିଯୁକ୍ତି ଦେବା ସହ ବାଲୁଘାଟ ସ୍ଥିତ କାଞ୍ଜିଆହୁଦା ପୁନଃ କାର୍ଯ୍ୟକ୍ଷମ କରାଇବାକୁ କର୍ମୀମାନେ ଦାବି କରିଛନ୍ତି। ସ୍ମାରକପତ୍ର ପ୍ରଦାନ ବେଳେ ଆଇଏଚ୍‌ଆରଡିର ରାଜ୍ୟ ସାଧାରଣ ସମ୍ପାଦକ ବିଶ୍ୱଜିତ ମଲ୍ଲିକ, ଜିଲା ସଭାପତି ବିଜୟାନନ୍ଦ ସୁନ୍ଦରରାୟ, ସାବିତ୍ରୀ ସାହୁ, ବିଶ୍ୱଜିତ ରାଉତ, ସସ୍ମିତା ନାୟକ, ଶୁଭସ୍ମିତା ମହାନ୍ତି, ଅମ୍ରିତ କୋର, ରିତୁ ସୁନା ପ୍ରମୁଖ ଉପସ୍ଥିତ ଥିଲେ।

# ବିମାନବନ୍ଦର, ହକି ଷ୍ଟାଡିୟମ କାର୍ଯ୍ୟ ଅନୁଧ୍ୟାନ କଲେ ଜୁଏଲ

ରାଉରକେଲା ଅଫିସ,୨୭।୧୦

ସୁନ୍ଦରଗଡ ଏମ୍‌ପି ଜୁଏଲ ଓରାମ ଗୁରୁବାର ରାଉରକେଲା ବିମାନବନ୍ଦର ସମ୍ପ୍ରସାରଣ ଓ ବିଶ୍ୱକପ୍ ପୁରୁଷ ହକି ପାଇଁ ନିର୍ମାଣାଧୀନ ବିର୍ସା ମୁଣ୍ଡା ହକି ଷ୍ଟାଡିୟମର ଅଗ୍ରଗତି ଅନୁଧ୍ୟାନ କରିଥିଲେ। ବିମାନବନ୍ଦର ସମ୍ପର୍କରେ ରାଉରକେଲା ଅତିରିକ୍ତ ଜିଲାପାଳ ଡ. ଶୁଭଙ୍କର ମହାପାତ୍ର ଓ ଅନ୍ୟ ଅଧିକାରୀମାନେ ଏମ୍‌ପି ଓରାମଙ୍କୁ ଅବଗତ କରାଇଥିଲେ। ସେହିପରି ହକି ଷ୍ଟାଡିୟମ ଦାୟିତ୍ୱରେ ଥିବା ପୂର୍ବତନ ସୁନ୍ଦରଗଡ ଜିଲାପାଳ ଭୂପେନ୍ଦ୍ର ସିଂ ପୁନିଆ ୨୨୦୦୦ କ୍ଷମତା ବିଶିଷ୍ଟ ଦର୍ଶକ ଗ୍ୟାଲେରି, ଖେଳାଳିମାନଙ୍କ ବ୍ୟବହାର ପାଇଁ ସ୍ଥାନ, ପାର୍କିଂ ବ୍ୟବସ୍ଥା, ପ୍ରବେଶ ଓ ପ୍ରସ୍ଥାନ ମାର୍ଗ ଏବଂ ଅନ୍ୟାନ୍ୟ ଅଗ୍ରଗତି ସମ୍ବନ୍ଧରେ ଓରାମଙ୍କୁ ସୂଚନା ପ୍ରଦାନ କରିଥିଲେ। ଏମ୍‌ପିଙ୍କ ସହ ଭାଜପାର ରାଜ୍ୟ ମୁଖ୍ୟପାତ୍ର ଧୀରେନ ସେନାପତି, ନିହାର ରାୟ, ଭଗବାନ ରାଉତ, ଶଶାଙ୍କ ଜେନା, ଭବାନୀ କବି, ପ୍ରବାଳ ବାରିକ, ରୋହିତ ତନ୍ତୀ, ଶକ୍ତେଶ୍ୱର ପାତ୍ର, ସୋନୁ ସିଂ ପ୍ରମୁଖ ଉପସ୍ଥିତ ଥିଲେ।


ଏମ୍‌ପି ଜୁଏଲ ଓରାମ ହକି ଷ୍ଟାଡିୟମ କାର୍ଯ୍ୟ ଅନୁଧ୍ୟାନ କରୁଛନ୍ତି।

# ଜଳଦାରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ

ରାଉରକେଲା ଅଫିସ,୨୭।୧୦



କାର୍ଯ୍ୟକ୍ରମରେ ଜଣେ କୃତୀ ଛାତ୍ରଙ୍କୁ ପୁରସ୍କୃତ କରାଯାଉଛି ।

ସୁନ୍ଦରଗଡ଼ ଜିଲା ଲାଠିକଟା ବ୍ଲକର ୧୩ଟି କ୍ଲଷ୍ଟରକୁ ନେଇ ଜଳଦା ସରକାରୀ ହାଇସ୍କୁଲରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଗୁରୁବାର ଅନୁଷ୍ଠିତ ହୋଇଛି। ଉତ୍ସବରେ ବ୍ଲକ ଶିକ୍ଷାଧିକାରୀ ଦେବେନ୍ଦ୍ର ସା ଅଧ୍ୟକ୍ଷତା କରିଥିଲେ। ଜିଲା ପରିଷଦ ସଭ୍ୟ ତିଳକ ସିଂ, ସମିତି ସଭ୍ୟା ନୈନା ଭଞ୍ଜ ଓ ବ୍ଲକ ସହ ଶିକ୍ଷାଧିକାରୀ ଶରତ କୁମାର ପତି ଅତିଥି ଭାବେ ଯୋଗ ଦେଇଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ସଞ୍ଜଲା ପଣ୍ଡା ଓ ଡ. ଦେବେନ୍ଦ୍ର ସ୍ୱାଇଁଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରାୟ ୨୮୦ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରେ ଚିତ୍ରାଙ୍କନ, ବକ୍ତୃତା, ସଙ୍ଗୀତ ଭଳି ଅନେକ ପ୍ରତିଯୋଗିତା କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ହୃଷିକେଶ ରାୟ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଭବେଶ ଚନ୍ଦ୍ର ସାହୁ ମୁଖ୍ୟ ଅତିଥି, ପୂର୍ବତନ ଶିକ୍ଷାଧିକାରୀ ପ୍ରଦୀପ କୁମାର ରଥ, ଜଗଦୀଶ ଚନ୍ଦ୍ର ମହାନ୍ତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଉକ୍ତ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ବିଦ୍ୟାର୍ଥୀଙ୍କୁ ଅତିଥିଗଣ ପୁରସ୍କାର ପ୍ରଦାନ କରିଥିଲେ। ସମସ୍ତ ସିଆର୍‌ସିସି, ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସମେତ ବ୍ଲକ କାର୍ଯ୍ୟାଳୟର କର୍ମଚାରୀ ସହଯୋଗ କରିଥିଲେ।

### ମହାତ୍ମା ଗାନ୍ଧୀ ରାଷ୍ଟ୍ରୀୟ ଗ୍ରାମୀଣ ଶିକ୍ଷା ପରିଷଦ ପକ୍ଷରୁ ସର୍ଭେ

ଖଡ଼ିଆଳ,୨୭।୧୦(ଡି.ଏନ.ଏ.)

ନୂଆପଡ଼ା ଜିଲା ଖଡ଼ିଆଳ ଡିଗ୍ରୀ ମହିଳା କଲେଜ ମହାତ୍ମା ଗାନ୍ଧୀ ରାଷ୍ଟ୍ରୀୟ ଗ୍ରାମୀଣ ଶିକ୍ଷା ପରିଷଦ ପକ୍ଷରୁ ସର୍ଭେ କରାଯାଇଛି। ଗ୍ରାମାଞ୍ଚଳରେ ଶିକ୍ଷାର ଗୁଣବତ୍ତା ଏବଂ ଆବଶ୍ୟକ ଆନୁସଙ୍ଗିକ ବ୍ୟବସ୍ଥା ଉପରେ ସର୍ଭେ କରିଛନ୍ତି। ଏହା ଦ୍ୱାରା କଲେଜରେ ଥିବା ସମସ୍ତ ସୁବିଧା, ସୁଯୋଗ ଏବଂ କଲେଜ ପରିସର ମଧ୍ୟରେ ବୃକ୍ଷ ରୋପଣ ତଥ୍ୟ ସଂଗ୍ରହ କରିଛନ୍ତି। ଅଶୀତ ସେନାପତି ଏବଂ ହେମ ସାଗର ସାହୁ, କଲେଜ ଅଧ୍ୟାପକ ଦେଓ କୁମାର ସତନାମୀ, କଲେଜ ଲାଇବ୍ରେରିୟନ ଲକ୍ଷ୍ମୀକାନ୍ତ ପଣ୍ଡା, କଲେଜ କର୍ମଚାରୀ ବିକ୍ରମ ସେଠୀ ପ୍ରମୁଖ ଉପସ୍ଥିତ ରହିଥିଲେ।

# ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା ଶିବିର


ଶିବିରରେ ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା କରାଯାଉଛି।

ରେଢାଖୋଲ,୨୭।୧୦(ଡି.ଏନ.ଏ.)

ସମ୍ବଲପୁର ଜିଲା ପ୍ରଶାସନ ଆନୁକୂଲ୍ୟରେ ସୁନେତ୍ର ପକ୍ଷରୁ ଗୁରୁବାର ସ୍ଥାନୀୟ ଭୀମଭୋଇ କଲ୍ୟାଣ ମଣ୍ଡପଠାରେ ବ୍ଲକସ୍ତରୀୟ ସ୍କୁଲ ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ୩୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ଏବିଇଓ ନରୋତ୍ତମ ପୁରୋହିତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରକୁ ପ୍ରମୋଦ କୁମାର ସେଠ ଓ ଈଶ୍ୱରଚନ୍ଦ୍ର ପ୍ରଧାନ ପରିଚାଳନା କରିଥିଲେ। ଚକ୍ଷୁ ବିଶେଷଜ୍ଞ ଡା. ମଞ୍ଜୁଲତା ଦାଶ ପିଲାଙ୍କ ଚକ୍ଷୁ ପରୀକ୍ଷା କରିଥିବା ବେଳେ ନିରଞ୍ଜନ ବାରିକ, ସତ୍ୟବ୍ରତ ଦାଶ, ସ୍ୱାତୀ ସ୍ୱାଗତିକା ମହାନ୍ତି, ଅଭିପସ୍ସା ନାୟକ ପ୍ରମୁଖ ସହାୟତା କରିଥିଲେ।

# ମଣ୍ଡଳ ରେଳ ପ୍ରବନ୍ଧକଙ୍କ ମହାସମୁନ୍ଦ-ଭୀମଖୋଜ ସେକ୍ସନ ନିରୀକ୍ଷଣ

ସମ୍ବଲପୁର,୨୭।୧୦(ବ୍ୟୁରୋ)

ସମ୍ବଲପୁର ମଣ୍ଡଳ ରେଳ ପ୍ରବନ୍ଧକ ବିନିତ ସିଂ ଗୁରୁବାର ମହାସମୁନ୍ଦ-ଭୀମଖୋଜ ସେକ୍ସନର ବିକାଶମୂଳକ କାର୍ଯ୍ୟ ନିରୀକ୍ଷଣ କରିଛନ୍ତି। ସେ ମହାସମୁନ୍ଦ ଓ ଭୀମଖୋଜ ଷ୍ଟେଶନ ତଥା ସେକ୍ସନର ବିଭିନ୍ନ ପ୍ରତିଷ୍ଠାନ ଯାଞ୍ଚ କରିଥିଲେ। ଏଥିସହ ରେଳ କର୍ମଚାରୀଙ୍କ ସହ ବିଭିନ୍ନ କାର୍ଯ୍ୟକୁ ନେଇ ଆଲୋଚନା କରିଥିଲେ। ନିରୀକ୍ଷଣ ସମୟରେ ସମ୍ବଲପୁର ମଣ୍ଡଳର ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।


ମଣ୍ଡଳ ରେଳ ପ୍ରବନ୍ଧକ ବିକାଶମୂଳକ କାର୍ଯ୍ୟ ନିରୀକ୍ଷଣ କରୁଛନ୍ତି ।


ସୁନ୍ଦରଗଡ ସରକାରୀ କଲେଜରୋଡ ପୂଜାମଣ୍ଡପରେ ପୂଜା ପାଉଥିବା ମା' କାଳୀ।

**IN THE DEBTS RECOVERY TRIBUNAL: CUTTACK**
C-71, Sector-7, CDA, Cuttack-753014
O.A. No. 218/22
Utkal Grameen Bank ...Applicant
Vs.
Sri Ashok Kumar Agrawala & Ors. ...Defendants
To,
2. **Sri Manoj Kumar Agrawala,** age not known but major, S/o- Narasingh Das Agrawala,
3. **Sri Pilu Agrawala,** age not known but major, S/o- Late Ratanlal Agrawala,
4. **Sri Siba Prasad Agrawala,** age not known but major, S/o- Late Ratanlal Agrawala,
5. **Sri Jayaram Behera,** age not known but major, S/o- Janma Behera, All of and PO: Chichinda, Via/PS: Bheden, Dist.: Bargarh-768104.
...*Defendants*

**SUMMONS BY PAPER PUBLICATION FOR SHOWING CAUSE AS TO WHY RELIEFS PRAYED FOR SHOULD NOT BE GRANTED**

Take notice that the applicant has instituted **OA No. 218/22** in the Debts Recovery Tribunal, Cuttack for recovery of **Rs.28,82,205.78** only pendentiliete and future interest thereon at the agreement rate till recover from the defendants with costs and for other reliefs. The above named defendants are hereby directed to appear before this Tribunal in person or through advocates or authorized agents and show cause on **28.11.2022 at 10.30 AM** positively as to why the reliefs prayed for should not be granted.

Take notice that in case of your default the original application shall be heard and disposed off exparte in your absence.

Given under hand and seal of this Tribunal on this **20th day of month October of 2022.**

By orders of this Tribunal
Sd/- Registrar
Debts Recovery Tribunal

ସ୍ୱତନ୍ତ୍ର ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା - ୨୦୨୨
ନୀଳାଚଳ ଅର୍ବାନ ହାଟ, ପୁରୀ
ତାରିଖ : ୩୧ ଅକ୍ଟୋବର ୨୦୨୨ ପର୍ଯ୍ୟନ୍ତ
ସମୟ : ସକାଳ ୧୧ ଠାରୁ ରାତ୍ର ୯ ପର୍ଯ୍ୟନ୍ତ
ଆକର୍ଷଣୀୟ ସରକାରୀ ରିହାତି ଉପଲବ୍ଧ
ଆୟୋଜକ :
ସମ୍ବଲପୁରୀ ବସ୍ତ୍ରାଳୟ
ତନ୍ତଶିଳ୍ପ ସସୀମ ସହଯୋଗ ସମିତି ଲି.
ପ୍ରାୟୋଜକ :
ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାର ଏବଂ
ବୟନ ଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା ସରକାର
ଓ ହସ୍ତଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା ସରକାର

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମାତୃ କର୍ମଶାଳା

ଝାରସୁଗୁଡ଼ା ଅଫିସ,୨୭।୧୦



କର୍ମଶାଳାରେ ଯୋଗଦେଇଥିବା ଅତିଥିଙ୍କ ସହ ମା'ମାନେ।

ଲଖନପୁର ବ୍ଲକ୍ ବନ୍ଧବାହାଲ ସରସ୍ୱତୀ ଶିଶୁ ମନ୍ଦିରର ଶିଶୁ ବାଟିକାକୁ ନେଇ ଗୁରୁବାର ଏକ ମାତୃ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିଶୁ ବାଟିକା ପ୍ରମୁଖ ଗୁରୁମା ରୋଜାଲି ହୋତା ଅଧ୍ୟକ୍ଷତା କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସମ୍ପାଦକ ଅଭିନ୍ନ ରାଉତ, ସଦସ୍ୟା ମଞ୍ଜୁଲତା ଭୂମିଜ୍, ପୁଷ୍ପାଞ୍ଜଳି ବାରିକ, ପ୍ରଭାସିନୀ ପଟେଲ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ରାକେଶ କୁମାର ପଣ୍ଡା ଅତିଥି ପରିଚୟ ଦେଇଥିଲେ। କାର୍ଯ୍ୟକ୍ରମରେ ୫ ପ୍ରୟୋଗିକ କାଳାଂଶ ହୋଇଥିଲା। ଏଥିମଧ୍ୟରେ ଆତ୍ମିକ ବିକାଶ, ମାନସିକ ବିକାଶ, ବୌଧିକ ବିକାଶ, ପ୍ରାଣିକ ବିକାଶ ଓ ଶାରୀରିକ ବିକାଶ ରହିଥିଲା। ଏହାକୁ ଗୁରୁମା ରୋଜାଲି ହୋତା, ସୀମାଞ୍ଚଳ ଜେନା ପରିଚାଳନା କରିଥିଲେ। ମୀନତି ପ୍ରଧାନ, ପ୍ରଜ୍ଞାପରମିତା ଦାସ, ଗୁରୁଜୀ ଗୁରୁମା ରକ୍ମିଣୀ ପ୍ରଧାନ ଧନ୍ୟବାଦ ଦେଇଥିଲେ ।

**ODISHA HYDRO POWER CORPORATION LIMITED**
OHPC
ISO 9001, 14001 & 45000
(A Government of Odisha Undertaking)
Regd. Office- Odisha State Police Housing & Welfare Corporation Building,
Vanivihar Chowk, Janpath, Bhubaneswar-22,
Ph: 2542983,2542802,2545526,2542826, Fax: (0674) 2542102.Website: www.ohpcltd.com
CIN- U40101OR1995SGC003963

**ADVERTISEMENT NO.OHPC: HQ: HRD: RECTT: 04/2022 Dated: 27.10.2022**

**CAREER OPPORTUNITIES FOR YOUNG PROFESSIONALS**

**The Corporation intends to recruit young, bright and energetic Professionals as Administrative Non-Executive (ANE) Trainees i.e. Jr. Clerk Trainee/L D Assistant Trainee.**

Odisha Hydro Power Corporation Limited (OHPC) is an ISO 9001:2008 certified Gold rated State Public Sector Undertaking (with installed capacity of **2099.80** MW) having **6 (six)** projects within the state and one inter-State Project. OHPC is also promoting investment in renewable energy projects and various green energy sources through GEDCOL (a wholly owned subsidiary of OHPC).

OHPC intends to recruit bright, qualified and energetic professionals to be inducted as **Administrative Non-Executive (ANE) Trainees i.e. Jr. Clerk Trainees/L D Assistant Trainees** as per the following for their placement at various Units, Corporate Office and Project sites:

| Name of Post | ST | SC | SEBC | UR | TOTAL |
|---|---|---|---|---|---|
| Jr. Clerk Trainees / LD Assistant Trainees | 12 (W:4) | 07 (W:2) | 07 (W:2) | 24 (W:8) | 50 {PWD:2, Ex SM:1} |

**Important Dates:-**
The Commencement of Online registration & payment of application fee - 12.11.2022
Last date for payment of online application fee - 11.12.2022
The last date for submission of Online application in complete shape - 11.12.2022

**The detailed advertisement containing the category wise vacancy position, eligibility criteria, remuneration, procedure for online application and all other terms & conditions is available on the company's website - www.ohpcltd.com**

Director (HR)

ଜିଲ୍ଲା ପରିଷଦ, ଜଗତ୍‌ସିଂହପୁର
Panchayati Raj
**OFFICE OF THE ZILLA PARISHAD, JAGATSINGHPUR**
At/P.O.: Saanra, Via: Nalibar, Jagatsinghpur, PIN - 754104
Phone No.: 06724-231091, E-Mail: ori-djagatsinghpur@nic.in
No. 4387/ZP Dt.26.10.2022

**NOTICE**

No. CAD-2289: It is hereby informed to all concerned that Provisional Merit List of Gram Rojgar Sevak (GRS) is hereby notified/published with reference to advertisement No. 1702, Dated: 18.05.2022 of Collector, Jagatsinghpur. The candidate who have applied as candidate for recruitment for the post of Gram Rozgar Sevak are hereby intimated to visit the Jagatsinghpur District website i.e. **www.jagatsinghpur.nic.in** & verify their names & other details in the provisional merit list & reject list of applications, published in the above website & file written objections if any personally by attending the office of the Zilla Parishad, Jagatsinghpur within 15 days of publication of this notice, with supporting documents.

Sd./- Collector-cum-CEO
Zilla Parishad, Jagatsinghpur
OIPR-19249/11/0002/2223

## ସଂକ୍ଷେପରେ

### ରାଜଗାଙ୍ଗପୁରରେ ଟ୍ରେନରୁ ପଡି ଯାତ୍ରୀ ମୃତ

**ରାଜଗାଙ୍ଗପୁର,୨୭।୧୦(ଡି.ଏନ.ଏ.) :** ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ଅଞ୍ଚଳର ଗୋସେଇଁପଡା କାଂସବାହାଲଠାରେ ଏକ ଦ୍ରୁତଗାମୀ ଟ୍ରେନରୁ ଖସି ପଡି ଜଣେ ଯାତ୍ରୀଙ୍କ ମୃତ୍ୟୁ ଘଟିଛି । ମିଳିଥିବା ସୂଚନା ଅନୁଯାୟୀ,ଲୋକମାନ୍ୟ ତିଲକ ଏକ୍ସପ୍ରେସ ଯୋଗେ ଜଣେ ଯାତ୍ରୀ ଲୋକମାନ୍ୟ ତିଲକ ନଗରରୁ ଚକ୍ରଧରପୁର ଯାଉଥିବା ସମୟରେ ରାଜଗାଙ୍ଗପୁରର କାଂସବାହାଲ ଗୋସେଇଁପଡା ନିକଟରେ ଟ୍ରେନରୁ କୌଣସି କାରଣରୁ ଖସି ପଡିଥିଲେ । ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା । ରେଳବାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ରାଜଗାଙ୍ଗପୁର ସରକାରୀ ଚିକିତ୍ସାଳୟକୁ ପଠାଇଥିଲା । ମୃତକଙ୍କ ପରିଚୟ ମିଳି ପାରିନାହିଁ ।

### ୨ବର୍ଷ ପରେ ୩ ଗିରଫ

**ବଡଗାଁ,୨୭।୧୦(ଡି.ଏନ.ଏ):** ସୁନ୍ଦରଗଡ ଜିଲା ବଡଗାଁ ଥାନା ଅନ୍ତର୍ଗତ ମୁଣ୍ଡାଗାଁ ରେ ଗତ ୨୦୨୦ ଜୁନ୧୦ ତାରିଖ ରାତିରେ ଜଣେ ବ୍ୟକ୍ତିଙ୍କ ଘରେ ପଶି ବନ୍ଧୁକ ଭୟ ଦେଖାଇ ଟଙ୍କା ଲୁଟ ଘଟଣାରେ ପୋଲିସ ଦୀର୍ଘ ୨ ବର୍ଷ ପରେ ୩ ଜଣଙ୍କୁ ଗିରଫ କରିବାରେ ସଫଳ ହୋଇଛି। ଗିରଫ ତିନି ଜଣ ଅଭିଯୁକ୍ତ ହେଲେ ଅଶ୍ୱିନୀ ମାଝି, ଜିତେନ୍ଦ୍ର ଲେହେରା ଓ ରମେଶ ସେମକା। ଏହି ୩ଜଣଙ୍କୁ ଗିରଫ ପରେ ଗୁରୁବାର କୋର୍ଟ ଚାଲାଣ କରାଯାଇଥିବା ନେଇ ପୋଲିସ ସୂଚନା ଦେଇଛି। ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ରାଜଗାଙ୍ଗପୁର ଏସଡିପିଓ ଅଭିଷେକ ପାଣିଗ୍ରାହୀ, ବଡଗାଁ ଥାନା ଆଇଆଇସି ହୃଷୀକେଶ ବେହେରା ବିଭିନ୍ନ ସ୍ଥାନରେ ଚଢାଉ କରି ଏହି ଅଭିଯୁକ୍ତ ମାନଙ୍କୁ ଗିରଫ କରିଥିଲେ। ମୁଣ୍ଡାଗାଁର ସୂରତ ରୋହିଦାସ ଙ୍କ ଘରେ ୫ଜଣ ଦୁର୍ବୃତ୍ତ ପଶି ବନ୍ଧୁକ ଦେଖାଇ ୨୩ହଜାର ଟଙ୍କା ଲୁଟି ନେଇ ଫେରାର ହୋଇ ଯାଇଥିଲେ।ଏ ନେଇ ବଡଗାଁ ଥାନାରେ ଅଭିଯୋଗ ହେବା ପରେ ପୋଲିସ ନମ୍ବର୬୭ରେ ଏକ ମାମଲା ରୁଜୁ କରି ଲୁଟେରାଙ୍କୁ ଧରିବା ପାଇଁ ଉଦ୍ୟମ ଚଳାଇଥିଲା ।

### ସମବାୟ ସମିତି ଖୋଲିବାକୁ ଦାବି

**ଦେବଗଡ଼,୨୭।୧୦(ଡି.ଏନ.ଏ.):** ଦେବଗଡ ଜିଲା ବାରକୋଟ ବ୍ଲକ ଅନ୍ତର୍ଗତ ବଣ୍ଢରଡା ଗ୍ରାମରେ ଏକ ନୂତନ ପ୍ରାଥମିକ ସେବା ସମବାୟ ସମିତି ଖୋଲିବା ଲାଗି ଦାବି ଜୋର୍ ଧରିଛି। ଏହି ମର୍ମରେ ବଣ୍ଢରଡା ସରପଞ୍ଚ ନମିତା ସାହୁ ଗୁରୁବାର ଅଞ୍ଚଳବାସୀଙ୍କ ପକ୍ଷରୁ ଦେବଗଡ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସୂଚନା ଅନୁସାରେ, ପୂର୍ବରୁ ଥିବା ଗୁରୁସଙ୍ଗ ପ୍ରାଥମିକ ସେବା ସମବାୟ ସମିତି ବଣ୍ଢରଡା ସମେତ ୪ଟି ଗ୍ରାମପଞ୍ଚାୟତକୁ ନେଇ ଗଠିତ ହୋଇଛି। ବଣ୍ଢରଡା ଗ୍ରାମପଞ୍ଚାୟତର ଖଡିନାଲୀ ଓ ବୁଢାଖମଣ ଆଦି ଗ୍ରାମରୁ ଗୁରୁସଙ୍ଗ ସେବା ସମବାୟ ସମିତିର ଦୂରତା ୧୫ରୁ ୨୦ କି.ମି. ରହିଥିବାରୁ ଉକ୍ତ ଗ୍ରାମର ଚାଷୀମାନେ ନାନା ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଏଣୁ ବଣ୍ଢରଡା ଗ୍ରାମପଞ୍ଚାୟତ ସଦର ମହକୁମାରେ ଏକ ନୂତନ ପ୍ରାଥମିକ ସେବା ସମବାୟ ସମିତି ଖୋଲାଗଲେ ବଣ୍ଢରଡା ଏବଂ ପଡୋଶୀ ଗୋଲାବନ୍ଧ ଗ୍ରାମପଞ୍ଚାୟତର ଚାଷୀମାନେ ସୁବିଧାରେ ଧାନ ବିକ୍ରି କରିପାରିବେ। ଏହାସହ ସେମାନେ ଚାଷ ସମୟରେ ଋଣ, ସାର ଓ ବିହନ ମଧ ପାଇପାରିବେ ବୋଲି ସରପଞ୍ଚ ସାହୁ କହିଛନ୍ତି।

# ଚାଷୀଙ୍କ ସମସ୍ୟା ସମାଧାନରେ ବ୍ରତୀ ହେବାକୁ ଆହ୍ୱାନ

- ସାମାଜିକ ଗଣମାଧମ ଦ୍ୱାରା କୃଷି ସମ୍ବନ୍ଧୀୟ ନୂତନ ଜ୍ଞାନ କୌଶଳ ଚାଷୀଙ୍କୁ ପହଞ୍ଚାଇବା ଉପରେ ଗୁରୁତ୍ୱ
- ମାଟିଆଗୁଣ୍ଡି ପୋକ ପରିଚାଳନା ତାଲିମ
- କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା କୃଷି ସମ୍ପ୍ରସାରଣ କର୍ମୀମାନଙ୍କୁ ତାଲିମ

**ସୁନ୍ଦରଗଡ,୨୭।୧୦(ଡି.ଏନ.ଏ.)**



କୃଷି ବିଜ୍ଞାନ କେନ୍ଦ୍ରଠାରେ ବରିଷ୍ଠ ବୈଜ୍ଞାନିକ ଓ ଅନ୍ୟମାନେ ।

ଗୁରୁବାର ସୁନ୍ଦରଗଡ ଜିଲା କିରେଇସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ଜିଲାର ବାଲିଶଙ୍କରା, ଟାଙ୍ଗରପାଲି, ସଦର ଓ ବଡ଼ଗାଁ ବ୍ଲକର ୩୦ଜଣ କୃଷି ସମ୍ପ୍ରସାରଣ କର୍ମୀମାନଙ୍କୁ ଧାନ ଫସଲରେ ମାଟିଆଗୁଣ୍ଡି ପୋକର ପରିଚାଳନା ଉପରେ ତାଲିମ ପ୍ରଦାନ କରାଯାଇଛି । ଏହି ଅବସରରେ କୃଷି ବିଜ୍ଞାନ କେନ୍ଦ୍ରର ମୃତ୍ତିକା ବୈଜ୍ଞାନିକ ଡ. ମନୋଜ କୁମାର ଜେନା ଧାନ ଫସଲରେ ମାଟିଆଗୁଣ୍ଡି ପୋକର ପରିଚାଳନା, ବିଭିନ୍ନ ପ୍ରକାର ରୋଗପୋକକୁ ଚିହ୍ନଟ ଓ ତାର ପରିଚାଳନା ଉପରେ ତାଲିମ ଦେଇଥିଲେ। ଏହାଛଡ଼ା କ୍ଷେତରେ ଦେଖାଯାଉଥିବା ବିଭିନ୍ନ ସମସ୍ୟା ଓ ତାର ନିରାକରଣ ଉପରେ ଆଲୋକପାତ କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ସମ୍ପ୍ରସାରଣ ବୈଜ୍ଞାନିକ ଡେଭିଡ ଜେମସ ବାଗେ ଚାଷୀଙ୍କୁ ଜ୍ଞାନକୌଶଳ ପହଞ୍ଚାଇବାର ବିଭିନ୍ନ ମାଧ୍ୟମ ଉପରେ ଆଲୋକପାତ କରିଥିଲେ । ସୂଚନା ଓ ସାମାଜିକ ଗଣମାଧମ ଦ୍ୱାରା କୃଷି ସମ୍ବନ୍ଧୀୟ ନୂତନ ଜ୍ଞାନ କୌଶଳ ଚାଷୀମାନଙ୍କ ପାଖରେ ସହଜରେ ପହଞ୍ଚାଇ ପାରିବ ବୋଲି ମତ ଦେଇଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ମୁଖ୍ୟ ଡ. ଲକ୍ଷ୍ମୀପ୍ରିୟା ପ୍ରଧାନ ଉପସ୍ଥିତ ସମ୍ପ୍ରସାରଣ କର୍ମୀଙ୍କୁ ତାଲିମ ମାଧମରେ ଜ୍ଞାନ ଆହରଣ କରି ଚାଷୀମାନଙ୍କ ସମସ୍ୟା ସାମାଧାନରେ ବ୍ରତୀ ହେବା ପାଇଁ ଉତ୍ସାହିତ କରିଥିଲେ। ଜିଲା ମୁଖ୍ୟ କୃଷି ଅଧିକାରୀ ବିରେନ୍ଦ୍ର କୁମାର ବେହେରା ବିଭାଗର ବିଭିନ୍ନ ଯୋଜନାର ସଫଳ ରୂପାୟନ ପାଇଁ ଚେଷ୍ଟା କରିବାକୁ ପରାମର୍ଶ ଦେଇଥିଲେ। ଲେଫ୍ରିପଡା କୃଷି ଜିଲା ଅଧିକାରୀ ହରିହର ନାୟକ ମାଟିଆ ଗୁଣ୍ଡି ପୋକ ପରିଚାଳନାର ଅନୁଭୂତି ବର୍ଣ୍ଣନା କରିଥିଲେ। କାର୍ଯ୍ୟକ୍ରମରେ ପ୍ରଶିକ୍ଷାର୍ଥୀମାନେ ନିଜ ନିଜ ଅଞ୍ଚଳର ଚାଷ ସମସ୍ୟା ସମ୍ପର୍କରେ ଜଣାଇଥିବା ବେଳେ ଏହାର ସମାଧାନର ପନ୍ଥା ନେଇ ଆଲୋଚନା କରାଯାଇଥିଲା । ତାଲିମ ଶେଷରେ ପ୍ରଶିକ୍ଷାର୍ଥୀମାନେ କୃଷି ବିଜ୍ଞାନ କେନ୍ଦ୍ରର ବିଭିନ୍ନ ପ୍ରଦର୍ଶନୀକ୍ଷେତ୍ର ପରିଦର୍ଶନ କରିଥିଲେ । କାର୍ଯ୍ୟକ୍ରମରେ କୃଷି ବିଜ୍ଞାନ କେନ୍ଦ୍ରର ଦ୍ୱିବେନ୍ଦୁ ମଣ୍ଡଳ, ମୁଦାଦା ଦିବ୍ୟନାଥ, ଅରୁଣ କୁମାର ମିଶ୍ର, କମଳ ଲୋଚନ ମହାନ୍ତ, ଭ୍ରମରବର ସା, ଜିତେନ୍ଦ୍ର କୁମାର ସେଠୀ, ଗଜାନନ ଛନ୍ଦ ପ୍ରମୁଖ ସହାୟତା କରିଥିଲେ ।

# ବିଧବାଙ୍କୁ ଗଣବଳାତ୍କାର ଘଟଣା: ୨ ଅଭିଯୁକ୍ତ କୋର୍ଟଚାଲାଣ

**ଦେବଗଡ଼,୨୭।୧୦(ଡି.ଏନ.ଏ.)**

ଦେବଗଡ଼ ଥାନା ଅନ୍ତର୍ଗତ ଟାଇଁସର ପଞ୍ଚାୟତ ତ୍ରିନାଥପୁର ଗ୍ରାମରେ ଜଣେ ବିଧବାଙ୍କୁ ଗଣବଳାତ୍କାର ଘଟଣାରେ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ରିଆମାଳା ଥାନା ଅନ୍ତର୍ଗତ ଝାରପଡା ଗ୍ରାମର ଦଶମୀ ଶବର ଓ ସଞ୍ଜୟ ଶବର। ଉଭୟଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଛି।

ସୂଚନା ଅନୁସାରେ, ଗତ ୧୫ ତାରିଖରେ ରିଆମାଳା ଥାନା ଅନ୍ତର୍ଗତ ଝାରପଡା ଗ୍ରାମର ଦଶମୀ ଓ ସଞ୍ଜୟ କୌଣସି ଏକ କାମରେ ଧିଜା ଗ୍ରାମରେ ଥିବା ସେମାନଙ୍କ କୌଣସି ସମ୍ପର୍କୀୟଙ୍କ ଘରକୁ ଯାଇ ଫେରୁଥିଲେ। ସେମାନେ ସନ୍ଧ୍ୟା ୭ଟା ସମୟରେ ତ୍ରିନାଥପୁର ଗ୍ରାମର ଜଣେ ବିଧବାଙ୍କ ଘର ନିକଟରେ ପହଞ୍ଚି ଶୋଷିଲା ଥିବା କହି ପାଣି ମାଗିଥିଲେ। ଉକ୍ତ ବିଧବା ଜଣଙ୍କ ସେମାନଙ୍କୁ ପାଣି ଦେଇ ଘର ବାରଣ୍ଡାରେ ଥିବା ଖଟିଆରେ ବସିଥିବା ବେଳେ ଅଭିଯୁକ୍ତଦ୍ୱୟ ତାଙ୍କୁ ଜୋର୍‌ଜବରଦସ୍ତ ବଳାତ୍କାର କରିଥିଲେ ଏବଂ ଘଟଣା ସମ୍ପର୍କରେ ପ୍ରକାଶ କଲେ ହତ୍ୟା ଧମକ ଦେଇ ଫେରାର ହୋଇ



ଗିରଫ ଦୁଇ ଅଭିଯୁକ୍ତ ।

ଯାଇଥିଲେ। ଏ ସମ୍ପର୍କରେ ବଳାତ୍କାର ପୀଡିତା ନିଜ ସମ୍ପର୍କୀୟଙ୍କୁ ଅବଗତ କରାଇବା ପରେ ଦେବଗଡ଼ ଥାନାକୁ ଆସି ଲିଖିତ ଅଭିଯୋଗ କରିଥିଲେ। ଦେବଗଡ଼ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା ଏବଂ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

# ବ୍ଲକସ୍ତରୀୟ ଶିଶୁ ମହୋସବ ସୁରଭି

**ସବଡେଗା,୨୭।୧୦(ଡି.ଏନ.ଏ.)**



ଶିଶୁ ମହୋତ୍ସବ ସୁରଭିରେ କୃତୀ ପ୍ରତିଯୋଗୀ ଓ ଅନ୍ୟମାନେ ।

ସବଡେଗା ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ସ୍ଥାନୀୟ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୦ଟି କ୍ଲଷ୍ଟରରୁ ପ୍ରାୟ ୨୫୦ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ଏହି ଅବସରରେ କନିଷ୍ଠ ଓ ବରିଷ୍ଠ ବର୍ଗର ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବିତର୍କ, ସୃଜନଶୀଳ ଲିଖନ, ରଚନା, ଚିତ୍ରାଙ୍କନ, ହସ୍ତାକ୍ଷର, ଦେଶାତ୍ମବୋଧକ ସଙ୍ଗୀତ,ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ପ୍ରତିଯୋଗିତା ହୋଇଥିଲା। ଉଦ୍‌ଯାପନୀ ସଭାରେ ବ୍ଲକ ଅଧକ୍ଷା କୁନ୍ତୀ ପ୍ରଧାନ ମୁଖ୍ୟଅତିଥି, ବ୍ଲକ ଉପାଧକ୍ଷ ସୁଶାନ୍ତ ବେହେରା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ନାରାୟଣୀ ପ୍ରିୟଦର୍ଶିନୀ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ବେଦବ୍ୟାସ ପଟେଲଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ମହୋତ୍ସବ ପରିଚାଳନାରେ ସିଆରସିସି ପବିତ୍ର ଦାଶ,ସୁସ୍ମିତ ପଟେଲ,ପ୍ରବୀଣ ଡନସେନା, ସୁନୀଲ ଲରିଆ, ପ୍ରଦୀପ ପଟେଲ,ରବୀନ୍ଦ୍ର ଭୋଇ, ଶୁଭ୍ରାଂଶୁ ବେହେରା, ଧନେଶ୍ୱର ଡନସେନା,ସନ୍ତୋଷ ଦେହୁରୀ, ନରେନ୍ଦ୍ର ପୁରୋହିତ ପ୍ରମୁଖ ସହଯୋଗ କରିଥିଲେ। ଅର୍ଜୁନ ରୋହିଦାସ ଧନ୍ୟବାଦ ଦେଇଥିଲେ।

# ଶିଶୁ ମହୋତ୍ସବ ସୁରଭି

**ବଡଗାଁ,୨୭।୧୦(ଡି.ଏନ.ଏ.)**

ବଡଗାଁ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ବୁଧବାର ଅନୁଷ୍ଠିତ ହୋଇଯାଇଛି। ଦେଓକରଣପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ଏହି ମହୋତ୍ସବର ଉଦଘାଟନୀ ସମାରୋହରେ ବଡଗାଁ ବ୍ଲକ ଅଧକ୍ଷା ଦୁଲାରୀ ସରେଙ୍ଗ ମୁଖ୍ୟ ଅତିଥି,ବିଡ଼ିଓ କ୍ଷମାନିଧି ଭୋଇ,ସାମାଜିକ ସମ୍ପ୍ରସାରଣ ଅଧିକାରୀ ଦିଲିପ କୁମାର ମାଝି ଓ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ମହେଶ୍ୱର ମଲ୍ଲିକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଦେଓକରଣପୁର ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଧନଞ୍ଜୟ ନାଏକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଯାଜ୍ଞସେନୀ ନାଏକ ଧନ୍ୟବାଦ ଦେଇଥିଲେ। ଏହି ମହୋତ୍ସବରେ ବିଭିନ୍ନ କ୍ଲଷ୍ଟରରୁ ମନୋନୀତ ପ୍ରତିଯୋଗୀ ଭାଗ ନେଇଥିଲେ। ଉଦ୍‌ଯାପନୀ ସମାରୋହରେ ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପଧାନ ମୁଖ୍ୟଅତିଥି ଏବଂ ସମ୍ମାନିତ ଅତିଥି ଭାବେ ଜରଙ୍ଗଲୋଇ ସରପଞ୍ଚ ମେନକା କାଲୋ,ସମିତି ସଭ୍ୟା ମଞ୍ଜୁ ମହାନନ୍ଦିଆ,ତଳସରା ବିଧାୟକ ପ୍ରତିନିଧି ପରୀକ୍ଷିତ ସାହୁ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ମହେଶ୍ୱର ମଲ୍ଲିକ ଯୋଗ ଦେଇଥିଲେ। ଧନଞ୍ଜୟ ନାଏକ, ଅନନ୍ତ ପଟେଲଙ୍କ ସମେତ ସମସ୍ତ ସିଆରସିସି ଓ ଶିକ୍ଷକ ଶିକ୍ଷୟିତ୍ରୀଶିକ୍ଷକ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

# ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

**ରାଉରକେଲା ଅଫିସ,୨୭।୧୦**

ରାଉରକେଲା ସେକ୍ଟର-୧୯ ସ୍ଥିତ ହମିରପୁର ବସ୍ତିର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଗୁରୁବାର ଜବତ କରିଛି। ମୃତକ ହେଲେ ଅନୁରାଗ ଟେଟେ(୩୨)। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୪୩।୨୨) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ (ରାତି ୯ଟା) ମୃତ୍ୟୁର କାରଣ ଜଣାପଡିନାହିଁ। ସୂଚନା ଅନୁସାରେ, ହମିରପୁର ସ୍ଥିତ କେନ୍ଦୁଡ଼ିଗା ବସ୍ତିର ଅନୁରାଗ ବୁଧବାର ରାତି ସାଢ଼େ ୯ଟାରେ ଖାଇସାରିବା ପରେ ନିଜ ଶୋଇବା କକ୍ଷକୁ ଯାଇଥିଲେ। ବିଳମ୍ବିତ ରାତିରେ ସେ ଆଜବେଷ୍ଟସ୍ ଲୁହା ପାଇପ୍‌ରେ ଏକ ଗାମୁଛା ବନ୍ଧି ଝୁଲି ପଡିଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଗୁରୁବାର ସକାଳେ ପରିବାର ଲୋକେ ପୋଲିସକୁ ଖବର ଦେଇଥିଲେ।

# ବିଜୟୀ ପ୍ରାର୍ଥୀଙ୍କୁ ନେଇ ଅଙ୍କକଷା

**ସୁନ୍ଦରଗଡ଼,୨୭।୧୦(ଡି.ଏନ.ଏ.)**

**ଆଞ୍ଚଳିକ ବାଣିଜ୍ୟ ସମବାୟ ଓ ପାଇକାରୀ ଖାଉଟି ସମବାୟ ନିର୍ବାଚନ**

ସୁନ୍ଦରଗଡ଼ ଜିଲାରେ ସମବାୟ ନିର୍ବାଚନ ଅତ୍ୟନ୍ତ ରୋଚକ ସ୍ଥିତିରେ ପହଞ୍ଚିଛି। ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ବାଚନ ଆଉ ମାତ୍ର କିଛି ଦିନ ଥିବା ବେଳେ ଏହା ପୂର୍ବରୁ ସୁନ୍ଦରଗଡ଼ ଆଞ୍ଚଳିକ ବାଣିଜ୍ୟ ସମବାୟ ସମିତି ଓ ସୁନ୍ଦରଗଡ଼ ପାଇକାରୀ ଖାଉଟି ସମବାୟ ସମିତି ନିର୍ବାଚନରେ ବିଜୟୀ ପ୍ରାର୍ଥୀଙ୍କୁ ନେଇ ଅଙ୍କକଷା ଆରମ୍ଭ ହୋଇଯାଇଛି। ସୁନ୍ଦରଗଡ଼ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ସଭାପତି ପଦ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ରବୀନ୍ଦ୍ର ପଟେଲ ତାଙ୍କ ସମର୍ଥକଙ୍କ ବିପୁଳ ବିଜୟ ହୋଇଛି ବୋଲି ଦାବି କରିଛନ୍ତି। ଚଳିତବର୍ଷ ଏହି ନିର୍ବାଚନରେ ସୁନ୍ଦରଗଡ଼ ଆଞ୍ଚଳିକ ବାଣିଜ୍ୟ ସମବାୟ ସମିତିର ୧୫ଟି ନିର୍ଦ୍ଦେଶକ ପଦ ପାଇଁ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଯେଉଁଥିରେ ରବୀନ୍ଦ୍ରଙ୍କ ସମର୍ଥକମାନେ ୧୦ଟିରେ ବିଜୟ ଲାଭ କରିଥିଲେ। ସେହିପରି ସୁନ୍ଦରଗଡ଼ ପାଇକାରୀ ଖାଉଟି ସମବାୟ ସମିତି ପାଇଁ ହୋଇଥିବା ନିର୍ବାଚନରେ ୧୫ଟି ନିର୍ଦ୍ଦେଶକ ପଦବୀରୁ ରବୀନ୍ଦ୍ରଙ୍କ ସମର୍ଥକମାନେ ୧୧ଟିରେ ବିଜୟୀ ହୋଇଛନ୍ତି ବୋଲି ସେ ଦାବି କରିଛନ୍ତି। ସଭାପତି ଦୌଡ଼ରେ ଥିବା ରବୀନ୍ଦ୍ର ପଟେଲ ଏହି ବିଜୟ ନେଇ ସମସ୍ତ ଚାଷୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସୁନ୍ଦରଗଡ ପାଇକାରୀ ଖାଉଟି ସମବାୟ ସମିତିର ନିର୍ବାଚିତ ପ୍ରାର୍ଥୀମାନେ ହେଲେ ନିଳିମା ଲାକ୍ରା, ଚନ୍ଦ୍ରଭାନୁ ପରୁଆ, ଦୁବରାଜ ପ୍ରଧାନ, ବିକାଶ ନାରାୟଣ ନାଏକ, ଜଗବନ୍ଧୁ ଭୋଇ, ସୁଷମା ସରୋଜିନୀ ଟେଟେ, ଅଜୟ କୁମାର ନାୟକ, ଯୋଗେଶ୍ୱର ଓରାମ, ମାଧବ ଚନ୍ଦ୍ର ସା, ମଙ୍ଗଲ କୁଜୁର ଓ ବିମଲ କୁମାର ପଟେଲ । ସେହିପରି ଆଞ୍ଚଳିକ ବାଣିଜ୍ୟ ସମବାୟ ସମିତର ବିଜୟୀ ପ୍ରାର୍ଥୀମାନେ ହେଲେ ଯୋଗେଶ୍ୱର ଓରାମ, ଶିବଶଙ୍କର ପ୍ରଧାନ, ସଞ୍ଜୟ ମାଝି, ବିକାଶ ନାରାୟଣ ନାୟକ, ସନାତନ କିଷାନ, ସୁଧୀର ରଞ୍ଜନ ପଟେଲ, ରାଜେଶ କୁମାର ସା, ପୁଷ୍ପାଞ୍ଜଳି ବାର୍ଲା, ବିମଲ କୁମାର ପଟେଲ ଓ ଫଣୀନ୍ଦ୍ର ଚୌଧୁରୀ । ଅପରପକ୍ଷ ପ୍ରତିଦ୍ୱନ୍ଦୀମାନେ ମଧ ବିଜୟକୁ ନେଇ ଆଶା ବାନ୍ଧିଛନ୍ତି ।

# କରଣ ସମାଜ ପକ୍ଷରୁ ଚିତ୍ରଗୁପ୍ତ ପୂଜା

**ସୁନ୍ଦରଗଡ,୨୭।୧୦(ଡି.ଏନ.ଏ.)**

ସ୍ଥାନୀୟ ରାମଜୀ ମନ୍ଦିର ପ୍ରାଙ୍ଗଣରେ ଗୁରୁବାର ସୁନ୍ଦରଗଡ କରଣ ସମାଜ ପକ୍ଷରୁ ଚିତ୍ରଗୁପ୍ତ ପୂଜା ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ସମାଜର ୩ଶହରୁ ଊର୍ଦ୍ଧ୍ୱ ସଦସ୍ୟା ସଦସ୍ୟ ଯୋଗ ଦେଇଥିଲେ ।



ଚିତ୍ରଗୁପ୍ତା ପୂଜା ଅବସରରେ ଉପସ୍ଥିତ ମହିଳା ପୁରୁଷ ।

# ଜୁଆ ଆଡ୍ଡାରେ ଚଢ଼ାଉ, ୩ ଗିରଫ

**ରାଉରକେଲା ଅଫିସ,୨୭।୧୦**

ବନ୍ଧମୁଣ୍ଡା ପୋଲିସ ଏକ ଜୁଆ ଆଡ୍ଡା ଉପରେ ଚଢ଼ାଉ କରି ୩ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଦଲପୋଷ ଅଞ୍ଚଳର ଗୌତମ କୁମାର ଶର୍ମା(୩୮), ଅମିତ ତିର୍କି(୨୨) ଓ ଆଜାଦ ସ୍ୱାଧୀନ କାଣ୍ଡୁଲାନା(୧୮)। ଚଢ଼ାଉ ସମୟରେ ସେମାନଙ୍କଠାରୁ ଜୁଆ ଆଡ୍ଡାରୁ ୬ ହଜାର ଟଙ୍କା, ଦୁଇ ସେଟ ତାସ୍ ଏବଂ ଗୋଟିଏ ବାଇକ୍ (ନଂ.ଓଆର୧୪ଏଲ/୬୪୭୨)କୁ ଜବତ କରାଯାଇଛି। ପୋଲିସ ଏକ ମାମଲା (ନଂ.୧୮୯।୨୨) ରୁଜୁ କରି ଅଭିଯୁକ୍ତମାନଙ୍କୁ ଗୁରୁବାର କୋର୍ଟଚାଲାଣ କରିଛି।

# ହକ୍ ପାଇଁ ଲଢ଼େଇ କରିବାକୁ ଆହ୍ୱାନ

**ଅଲ ଓଡିଶା ଅଙ୍ଗନୱାଡି ଲେଡିଜ ୱାର୍କର୍ସ ଆସୋସିଏଶନ ବୈଠକ**

**କୁତ୍ରା,୨୭।୧୦(ଡି.ଏନ.ଏ.)**



ବୈଠକରେ ଉପସ୍ଥିତ ଅଙ୍ଗନୱାଡି କର୍ମୀ ।

ସୁନ୍ଦରଗଡ ଜିଲା କୁତ୍ରା ପଞ୍ଚାୟତସ୍ଥିତ କଲ୍ୟାଣମଣ୍ଡପଠାରେ ଅଲ ଓଡିଶା ଅଙ୍ଗନୱାଡି ଲେଡିଜ ୱାର୍କସ ଆସୋସିଏଶନ ପକ୍ଷରୁ ଏକ ବୈଠକ କୁତ୍ରା ବ୍ଲକ ସଭାପତି ସୁନିତା ମିଞ୍ଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଆଗାମୀ ଦିନରେ ବିଭିନ୍ନ ସମସ୍ୟାକୁ ନେଇ ହେବାକୁ ଥିବା ଆନ୍ଦୋଳନ ସମ୍ପର୍କରେ ଆଲୋଚନା ହୋଇଥିଲା। ଭାରତୀୟ ମଜଦୁର ସଂଘ ରାଜ୍ୟ କୋଷାଧକ୍ଷ ଲକ୍ଷ୍ମଣ ଦାସ ଉପସ୍ଥିତ ରହି ସମସ୍ତ ଅଙ୍ଗନୱାଡି କର୍ମୀ , ସହାୟିକା ଓ ମିନି ଅଙ୍ଗନୱାଡି କର୍ମୀମାନଙ୍କର ସମସ୍ୟା ସଂପର୍କରେ ଆଲୋଚନା କରିବା ସହ ୟୁନିୟନର କାର୍ଯ୍ୟକଳାପ ଉପରେ ମାର୍ଗଦର୍ଶନ କରିଥିଲେ। ଅଲ ଓଡିଶା ଅଙ୍ଗନୱାଡି ଲେଡିଜ ୱାର୍କରସ ଆସୋସିଏଶନ ରାଜ୍ୟ ତଥା ଜିଲା ସଂପାଦିକା ବିମଲା ଲାକ୍ରା ରାଜ୍ୟ ସଂଘ ବୈଠକରେ ଆଲୋଚିତ ବିଷୟ ଓ ନିଷ୍ପତ୍ତି ସମ୍ପର୍କରେ ସମସ୍ତଙ୍କୁ ଅବଗତ କରିଥିଲେ। ଏଥିସହ ନିଜ ହକ୍ ପାଇଁ ଲଢେଇ କରିବା ନିମନ୍ତେ ଆହ୍ୱାନ ଜଣାଇଥିଲେ। ବ୍ଲକ ସଂପାଦିକା ଅନୀତା ମିଞ୍ଜ ବୈଠକ ପରିଚାଳନା କରିଥିଲେ। ସହ ସମ୍ପାଦିକା ପୁଷ୍ପା ହରୋ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ବୈଠକରେ ସେକ୍ଟର ଲିଡର ଏବଂ ପଞ୍ଚାୟତ ଲିଡର ସମେତ ୩ ଶହରୁ ଊର୍ଦ୍ଧ୍ୱ ଅଙ୍ଗନୱାଡି କର୍ମୀ, ସହାୟିକା ଓ ମିନି ଅଙ୍ଗନୱାଡି କର୍ମୀ ଉପସ୍ଥିତ ଥିଲେ।

# ଅନ୍ତିମ ସଂସ୍କାର ପାଇଁ ସହାୟତାର ହାତ ବଢ଼ାଇଲା ଟିମ୍ ଶ୍ମଶାନ ବନ୍ଧୁ

**ସୁନ୍ଦରଗଡ,୨୭।୧୦(ଡି.ଏନ.ଏ.)**

- ହେମଗିର ଡବଲ ମର୍ଡର ଘଟଣା
- ମୃତଦେହ ନେବାକୁ ଆସିଲେନି ପରିବାର ଲୋକେ
- ୩ ଛୋଟ ପିଲାଙ୍କ କ୍ରନ୍ଦନ ଥରାଇ ଦେଲା ଛାତି

ଜମିବାଡି ବିବାଦରୁ ସୁନ୍ଦରଗଡ ଜିଲା ହେମଗିର ଥାନା କିରିପସିରା ଗ୍ରାମରେ ଘଟିଥିବା ଡବଲ ମର୍ଡର ଘଟଣାର କରୁଣ ପରିଣତି ଦେଖିବାକୁ ମିଳିଛି । ଜିଲା ମୁଖ୍ୟ ଚିକିତ୍ସାଳୟରେ ଏହି ଦମ୍ପତିଙ୍କ ମୃତଦେହ ବ୍ୟବଚ୍ଛେଦ ହୋଇ ପଡି ରହିଥିଲେ ହେଁ ଏହାକୁ ନେବା ପାଇଁ ପରିବାର ଲୋକେ, ଜାତିଭାଇ,ବନ୍ଧୁବାନ୍ଧବ କି ଗ୍ରାମବାସୀ କେହି ଆସିଲେ ନାହିଁ। ଫଳରେ ସୁନ୍ଦରଗଡ ଉପଖଣ୍ଡ ପୋଲିସ ଅଧିକାରୀ ହିମାଂଶୁ ବେହେରା ଓ ହେମଗିର ଥାନା ଅଧିକାରୀ ରମାକାନ୍ତ ସାଏ ଟିମ୍ ଶ୍ମଶାନ ବନ୍ଧୁ ସଦସ୍ୟ ସିଦ୍ଧାନ୍ତ କୁମାର ପଣ୍ଡାଙ୍କୁ ସହଯୋଗ ପାଇଁ ଅନୁରୋଧ କରିଥିଲେ। ଶେଷରେ ଶୋକାକୁଳ ପରିବେଶରେ ଗୋଟିଏ ଜୁଇରେ ମୃତ ଦମ୍ପତିଙ୍କ ଅନ୍ତିମ ସଂସ୍କାର ସୁନ୍ଦରଗଡ ସ୍ୱର୍ଗଦ୍ୱାର ଠାରେ ଗୁରୁବାର କରାଯାଇଛି । ପୋଲିସ ସହାୟତାରେ ଏହି ଦମ୍ପତିଙ୍କ ୩ ନାବାଳକ ପୁଅ ମୁଖାଗ୍ନି ଦେଇଛନ୍ତି । ସେମାନଙ୍କ ବୁକୁଫଟା କ୍ରନ୍ଦନ ଶ୍ମଶାନର ନୀରବତାକୁ ଭଗ୍ନ କରିଥିବା ବେଳେ ସେଠାରେ ଉପସ୍ଥିତ ଲୋକଙ୍କ ଆଖିରେ ଲୁହ ଭରି ଦେଇଥିଲା। ମା' ବାପାଙ୍କୁ ହରାଇ ଏହି କଅଁଳ ବୟସର ଶିଶୁମାନେ ବେସାହାରା ହୋଇ ପଡିଛନ୍ତି। ଏହି ଘଟଣା ସାଧାରଣରେ ଗଭୀର ଆଲୋଡନ ସୃଷ୍ଟି କରିଛି ।

ସୂଚନାଯୋଗ୍ୟ, ବୁଧବାର ଅପରାହ୍ଣରେ ଜମିଜମାକୁ ନେଇ ବଡଭାଇ ତ୍ରିନାଥ ମାଝିଙ୍କ ସହ ସାନଭାଇ ଅଲେଖ (୩୨)ଓ ତାଙ୍କ ସ୍ତ୍ରୀ କୁନ୍ତଳାଙ୍କ ପାଟିତୁଣ୍ଡ ହୋଇଥିଲା। ଏହି ସମୟରେ ତ୍ରିନାଥ ଉତ୍ତ୍ୟକ୍ତ ହୋଇ ଟାଙ୍ଗିଆରେ କୁନ୍ତଳାଙ୍କୁ ଆକ୍ରମଣ କରିଥିଲେ। ସ୍ତ୍ରୀଙ୍କୁ ରକ୍ଷା କରିବାକୁ ଯାଇ ଅଲେଖ ମଧ ବଡଭାଇଙ୍କ କ୍ରୋଧରୁ ବର୍ତ୍ତି ପାରି ନ ଥିଲେ । ଟାଙ୍ଗିଆ ଆକ୍ରମଣରେ ଅଲେଖ ଓ କୁନ୍ତଳାଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଖବରପାଇ ପୋଲିସ ମୃତଦେହ ଜବତ କରି ସୁନ୍ଦରଗଡ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ସେଠାରେ ବ୍ୟବଚ୍ଛେଦ ସମୟରେ କିରିପସିରା ସରପଞ୍ଚ ରେବତୀ ଛାତ୍ରିଆ ଓ ୱାର୍ଡ ମେମ୍ବର ଉପସ୍ଥିତ ଥିଲେ। ଗୁରୁବାର ମୃତଦେହ ନେବା ପାଇଁ କେହି ଆଗେଇ ଆସି ନ ଥିଲେ । କୁନ୍ତଳା ଅନ୍ୟ ଜାତିର ହୋଇଥିବା ବେଳେ ତାଙ୍କୁ ବିବାହ କରିଥିବାରୁ ଅଲେଖଙ୍କୁ ତାଙ୍କ ଜାତିରୁ ବାସନ୍ଦ କରାଯାଇଥିଲା । ହତ୍ୟାକାଣ୍ଡ ଘଟାଇ ଥିବା ତାଙ୍କ ବଡଭାଇ ମଧ ବିଭିନ୍ନ ସମୟରେ ବିରୋଧ କରି ଆସୁଥିଲେ। ଏପରି କି ହତ୍ୟାକାଣ୍ଡ ପରେ ବି ପରିବାର ଲୋକଙ୍କ ସହଯୋଗ ନ ମିଳିବାରୁ ପୋଲିସ ଓ ଟିମ ଶ୍ମଶାନ ବନ୍ଧୁର ସଦସ୍ୟମାନଙ୍କ ଉପସ୍ଥିତିରେ ଉଭୟ ସ୍ୱାମୀ ସ୍ତ୍ରୀଙ୍କ ଶେଷକୃତ୍ୟ ନୀତି ନିୟମ ଅନୁଯାୟୀ ସମ୍ପନ୍ନ କରାଯାଇଥିଲା । ମୃତ ଅଲେଖ ଙ୍କ ତିନି ପୁଅ ମଧ୍ୟରୁ ବଡ ପୁଅ ୧୧ ବର୍ଷର ହୋଇଥିବା ବେଳେ ମଝିଆ ୯ ବର୍ଷ ଓ ସାନପୁଅ ୫ ବର୍ଷର ବୋଲି ଜଣାଯାଇଛି । ଟିମ ଶ୍ମଶାନ ବନ୍ଧୁର ସଦସ୍ୟ ସିଦ୍ଧାନ୍ତ କୁମାର ପଣ୍ଡାଙ୍କ ସହିତ ଶିଶିର କୁମାର ବେହେରା, ବିଷ୍ଣୁ ରକ୍ସା ଓ ଦେବେନ୍ଦ୍ର ସାହୁ ଏହି ମହତ କାର୍ଯ୍ୟ କରିବାରେ ପୂର୍ଣ୍ଣ ସହଯୋଗ କରିଥିବାରୁ ସେମାନଙ୍କୁ ସବୁ ମହଲରେ ପ୍ରଶଂସା କରାଯାଇଛି । କିରିପସିରା ସରପଞ୍ଚ ଛତ୍ରିଆ ମଧ ଟିମ ଶ୍ମଶାନ ବନ୍ଧୁର ଏତାଦୃଶ ମାନବିକତା ପାଇଁ ସାଧୁବାଦ ଜଣାଇଛନ୍ତି। ଅଲେଖଙ୍କ ୩ ପିଲାଙ୍କୁ ସେମାନଙ୍କ ମାମୁଁ ଘରେ ଛଡା ଯାଇଥିବା ପୋଲିସ କହିଛି।

## ସଂକ୍ଷେପରେ

### ୨୯ ତାରିଖ ସକାଳ ୭ଟାରୁ ବିଦ୍ୟୁତ୍ କାଟ

ସମ୍ବଲପୁର,୨୭।୧୦(ବ୍ୟୁରୋ): ଓପିଟିସିଏଲର ୧୩୨/୩୩ କେଭି ଝାରସୁଗୁଡ଼ା ଗ୍ରୀଡ୍ ସବ୍‌ଷ୍ଟେସନର ସ୍ୱିଚୟାର୍ଡ ରକ୍ଷଣାବେକ୍ଷଣ କାର୍ଯ୍ୟ ଆସନ୍ତା ୨୯ ତାରିଖରେ କରାଯିବ। ଏଥିପାଇଁ ଝାରସୁଗୁଡ଼ା ବିଦ୍ୟୁତ୍ ଡିଭିଜନ ଅଧୀନ ଝାରସୁଗୁଡ଼ା ସହରର ସରବାହାଲ,ଏକତାଲି, ବିଟିଏମ୍, ଝଣ୍ଡାଛକ, କକ୍ସ କଲୋନୀ, ବେହେରାମାଲ, ବମ୍ବେଛକ, କୋଲାବିରା, ପଞ୍ଚପଡ଼ା ପ୍ରଭୃତି ଅଞ୍ଚଳରେ ସକାଳ ୭ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ। ଜନସାଧାରଣ ସହଯୋଗ କରିବାକୁ କମ୍ପାନୀ ପକ୍ଷରୁ ଅନୁରୋଧ କରାଯାଇଛି। ଗୁରୁବାର ଏ ନେଇ ଟିପିଡବ୍ଲ୍ୟୁଓଡିଏଲ୍ କର୍ପୋରେଟ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

### ସୂଚନା ଅଧିକାର ଆଇନ ପ୍ରଶିକ୍ଷଣ ଶିବିର

କୁଚିଣ୍ଡା,୨୭।୧୦(ଡି.ଏନ.ଏ.): କୁଚିଣ୍ଡା ସାମ୍ବାଦିକ ଭବନଠାରେ ଗୁରୁବାର ଓଡ଼ିଶା ସୂଚନା ଅଧିକାର ଅଭିଯାନ ପକ୍ଷରୁ ସୂଚନା ଅଧିକାର ଆଇନ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଯାଇଛି। ଏଥିରେ ଓଡ଼ିଶା ସୂଚନା ଅଧିକାର ଅଭିଯାନର ସାଧାରଣ ସମ୍ପାଦକ ଜିତେନ୍ଦ୍ର ଦାସ ଯୋଗଦେଇ ସୂଚନା ଅଧିକାର ଆଇନ ସମ୍ପର୍କରେ କର୍ମୀମାନଙ୍କୁ ତାଲିମ ଦେଇଥିଲେ। ଏହି ଆଇନ ବଳରେ ଜନସାଧାରଣ ଆବଶ୍ୟକ ସୂଚନା ହାସଲ କରିପାରିବେ ବୋଲି କହିଥିଲେ। ଦୁର୍ନୀତି ବିରୋଧରେ ଲଢେଇ କରିବା ଏହା ଏକ ଅମୋଘ ଅସ୍ତ୍ର ବୋଲି ସୂଚନା ଦେଇଥିଲେ। ଏଥିରେ ସୂଚନା ଅଧିକାର କର୍ମୀ ଜଗଦୀଶ ଖଣ୍ଡେଲୱାଲ, ଖବରଦାତା ସଞ୍ଜୟ ମିଶ୍ର, ପୂର୍ବତନ ସରପଞ୍ଚ ଲିଙ୍ଗନ କିଣ୍ଡ, ଅବସରପ୍ରାପ୍ତ ଶିକ୍ଷକ ରୂପଧର ସେଠ ଉପସ୍ଥିତ ରହି ଏହି ଆଇନ ବାବଦରେ ସୂଚନା ଦେଇଥିଲେ। ସୂଚନା ଅଧିକାର କର୍ମୀ ସମୀର ନାୟକ ସଭା ପରିଚାଳନ କରିଥିଲେ।

### କଲେଜରେ ସ୍ୱେଚ୍ଛାସେବୀ ପ୍ରୋତ୍ସାହନ ଦିବସ

ଜମନକିରା,୨୭।୧୦(ଡି.ଏନ.ଏ.): ଜମନକିରା ବ୍ଲକ ଭୋଜପୁର ବିଆର୍‌ଜି ଉଚ୍ଚ ମାଧମିକ ବିଦ୍ୟାଳୟରେ ବୁଧବାର ଭିଜିଲାନ୍ସ ଦିବସ ଓ ସ୍ୱେଚ୍ଛାସେବୀ ପ୍ରୋତ୍ସାହନ ଦିବସ ପାଳିତ ହୋଇଯାଇଛି। ଅଧକ୍ଷ ପ୍ରତାପ ମହାକୁଲଙ୍କ ସଭାପତିତ୍ୱରେ ସଭା ହୋଇଥିଲା। କୁଟୁରାଚୁଆଁ ମହାବିଦ୍ୟାଳୟର ଶିକ୍ଷା ବିଭାଗ ଅଧାପକ ସତ୍ୟନାରାୟଣ ପଟେଲ ମୁଖ୍ୟଅତିଥି ଓ ନେହେରୁ ଯୁବକେନ୍ଦ୍ର ଜିଲା ମୁଖ୍ୟ ମାରିଆନ୍ସ ବିଲୁଙ୍ଗ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସଭାରେ ଦୁର୍ନୀତିମୁକ୍ତ ସମାଜ ଗଠନ ପାଇଁ ଛାତ୍ରୀଛାତ୍ରଙ୍କୁ ସ୍ୱେଚ୍ଛାସେବୀ ମନୋବୃତ୍ତି ନେଇ କାର୍ଯ୍ୟ କରିବାକୁ ପ୍ରୋତ୍ସାହନ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଦୁଇଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

### ନିଖୋଜ ନେଇ ପରିବାର ଥାନାର ଦ୍ୱାରସ୍ଥ

ଜମନକିରା,୨୭।୧୦(ଡି.ଏନ.ଏ.): ଜମନକିରା ବ୍ଲକ ସୁବର୍ଣ୍ଣପାଲି ପଞ୍ଚାୟତ ନୂଆଗାଁ ବାସିନ୍ଦା ପ୍ରମୋଦ ନାଏକ (୫୫) ନିଖୋଜ ନେଇ ପରିବାର ଲୋକେ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ସୂଚନା ଅନୁସାରେ ପ୍ରମୋଦଙ୍କ କିଛିବର୍ଷ ହେବ ମାନସିକ ବିକୃତି ରହିଥିଲା। ଡାକ୍ତରଙ୍କୁ ଦେଖାଇ ଔଷଧ ଖାଇବା ପରେ ସେ ମଝିରେ ମଝିରେ ଠିକ୍ ରହୁଥିଲେ। କିନ୍ତୁ ଔଷଧ ବନ୍ଦ ହେଲେ ପୁଣି ସମାନ ସମସ୍ୟ ଦେଖାଦେଇଥାଏ। ପରିବାର ଲୋକଙ୍କ କହିବା ଅନୁଯାୟୀ ସେ ଗତ ୨୫ ତାରିଖରେ ଶ୍ୱଶୁର ଘର ଝାରସୁଗୁଡ଼ା ଜିଲା କେଲଡା ଗ୍ରାମକୁ ଯାଇଥିଲେ। ସେଠାରେ ଗାଧୋଇବାକୁ ଯାଇ ଘରକୁ ଫେରି ନ ଥିଲେ। ଖୋଜାଖୋଜି ପରେ ନ ପାଇବାରୁ ସ୍ଥାନୀୟ କୋଲାବିରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

### ଆଇଁଲାପାଲିରେ ଗିରିଗୋବର୍ଦ୍ଧନ ପୂଜା

ବ୍ରଜରାଜନଗର,୨୭।୧୦(ଡି.ଏନ.ଏ.): ସ୍ଥାନୀୟ କୁଦୋପାଲି ପଞ୍ଚାୟତ ଅନ୍ତର୍ଗତ ଆଇଁଲାପାଲି ଗ୍ରାମରେ ୧୬ତମ ଗିରିଗୋବର୍ଦ୍ଧନ ପୂଜା ଅନୁଷ୍ଠିତ ହୋଇଯାଇଛି। ବୁଧବାର ଅପରାହ୍ନରେ ୫୦ରୁ ଊର୍ଦ୍ଧ୍ୱ ମହିଳା କଳସ ଯାତ୍ରାରେ ଆସି ପୂଜାସ୍ଥଳରେ ସ୍ଥାପନ କରିଥିଲେ। ଗୁରୁବାର ଗ୍ରାମର ରାଧାକୃଷ୍ଣ ମନ୍ଦିରରେ ହୋମ କରାଯାଇଥିଲା। ଅଶୋକ ଉପାଧ୍ୟାୟ ପୂଜକ ଥିବାବେଳେ କର୍ତ୍ତା ଭାବେ ବଳଦେବ ଡ଼ିଲା ଓ ସୁନୀତା ଡିଲା ଦାୟିତ୍ୱ ନିର୍ବାହ କରିଥିଲେ। କାର୍ଯ୍ୟକ୍ରମରେ ବ୍ରାହ୍ମଣ ଗୋମାତାଙ୍କୁ ପୂଜା କରି ଆଶୀର୍ବାଦ ଭିକ୍ଷା କରିଥିଲେ। ମକରଧ୍ୱଜ କଉଡ଼ି, ବଳଦେବ ଦୀକ୍ଷିତ ପ୍ରମୁଖ ସହାୟତା କରିଥିଲେ।

# ଜିଲା ସୈନିକ ବୋର୍ଡରେ ଅଚଳାବସ୍ଥା

■ ନାହାନ୍ତି ସ୍ଥାୟୀ ଅଧିକାରୀ
■ ସମସ୍ୟା ଭୋଗୁଛନ୍ତି ୭ ଜିଲାର ଯବାନ

ସମ୍ବଲପୁର,୨୭।୧୦(ବ୍ୟୁରୋ)

ଅବସରପ୍ରାପ୍ତ ସୈନିକଙ୍କ ସମସ୍ତ ସରକାରୀ କାର୍ଯ୍ୟ କରିବା ପାଇଁ ଜିଲା ସୈନିକ ବୋର୍ଡ ଗଠନ କରାଯାଇଛି। ଯବାନମାନଙ୍କୁ ନେଇ ବୋର୍ଡ ଗଠନ କରାଯାଇ ଏହାର ପରିଚାଳନା କରାଯାଉଥିବା ବେଳେ ରାଜ୍ୟ ଗୃହ ବିଭାଗ ଏହାର ତଦାରଖ କରୁଛି। ଆବଶ୍ୟକ ସମ୍ପାଦକ, କର୍ମଚାରୀ ନିଯୁକ୍ତି ହୋଇ ନ ଥିବାରୁ ସମ୍ବଲପୁର ଜିଲା ସୈନିକ ବୋର୍ଡ ଅଫିସରେ ଅଚଳାବସ୍ଥା ଦେଖାଦେଇଛି। ବାହାରେ ଏକ ବଡ଼ ସୂଚନା ବୋର୍ଡ ଲଗାଯାଇଛି। ହେଲେ ବାସ୍ତବରେ ପରିଚାଳନା ପାଇଁ ମାନବ ସମ୍ବଳ ଯୋଗାଇ ଦିଆଯାଇ ନାହିଁ। ଫଳରେ ଏହି ଅଫିସ ଉପରେ ନିର୍ଭର କରୁଥିବା ପଶ୍ଚିମ ଓଡ଼ିଶାର ସମ୍ବଲପୁର ସମେତ ବରଗଡ଼, ଦେବଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, ବଲାଙ୍ଗୀର ଓ ସୋନପୁର ଜିଲାର ଅବସରପ୍ରାପ୍ତ ଯବାନମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଶତାଧିକ ଫାଇଲ ପଡିରହିଥିବା ବେଳେ ଅବସରପ୍ରାପ୍ତ ସେନା କର୍ମଚାରୀ ଅଫିସକୁ ଆସି ନିରାଶ ହୋଇ ଫେରିଯାଉଛନ୍ତି।

ସେମାନେ ଆହୁରି ଅଭିଯୋଗ କରିଛନ୍ତି, ଦେଶର ସୁରକ୍ଷା ଓ ଆଇନ ଶୃଙ୍ଖଳାରେ ଯବାନଙ୍କ ଅବଦାନ ରହିଛି। ହେଲେ ଅବସର ନେବା ପରେ ସରକାର ସେମାନଙ୍କ ପ୍ରତି ଅବହେଳା କରୁଛନ୍ତି। କେବଳ ନାରାରେ ଜୟ ଯବାନ ଜୟ କିଷାନ ବୋଲି କୁହାଯାଉଛି। ଗୋଟିଏ କାମ ପାଇଁ ବାରମ୍ବାର ଶତାଧିକ କିଲୋମିଟର ଦୂରରୁ ଅଫିସ ଆସିବାକୁ ପଡୁଛି। ହେଲେ କାମ ନ ହେବାରୁ ପୁଣି ଫେରିବାକୁ ପଡୁଛି। ଅବସର ନେବା ପରେ ପେନ୍‌ସନ କାମ, ମେଡିକାଲ ଭତ୍ତା, ଶିଶୁମାନଙ୍କ ଭତ୍ତା ଓ ଅନ୍ୟାନ୍ୟ କାମ ଏହି ଅଫିସରୁ ପରିଚାଳନା ହୋଇଥାଏ। ଏହି ଅଫିସରୁ ଅନୁମୋଦନ ପରେ କାମ ହୋଇଥାଏ। ହେଲେ ମାସ ମାସ ଧରି ଫାଇଲ ପଡିରହୁଛି। ଅଫିସକୁ ଆସିଲେ କେତେବେଳେ ଖୋଲା ରହୁଛି ତ କେତେବେଳେ ବନ୍ଦ ରହୁଛି। ସ୍ଥାୟୀ ଅଧିକାରୀ ନିଯୁକ୍ତି ଦିଆଯାଇ ନାହିଁ। କାମ ଅନୁସାରେ ୩ଜଣ କିରାଣି ଓ ୨ ଜଣ ପିଅନର ଆବଶ୍ୟକ ରହିଛି। ହେଲେ କିରାଣି ପଦ ଖାଲି ପଡିଛି। ତେଣୁ କାମ ଆଗେଇ ପାରୁନାହିଁ। ସୋନପୁର ଜିଲାରୁ ଆସିଥିବା ଆଲୋକ ପଣ୍ଡା କହିଛନ୍ତି, ପୂର୍ବରୁ ୨ଥର ଅଫିସ ଆସି ଫେରି ଯାଇଥିଲି। ଆଜି ମଧ୍ୟ କେହି ଅଧିକାରୀ ଏପର୍ଯ୍ୟନ୍ତ ଆସିନାହାନ୍ତି। ଜଣେ ତଳିଆ କର୍ମଚାରୀ ଅଫିସ ଖୋଲି ବସିଛନ୍ତି। ତେଣୁ କାମ ହେବ କି ନାହିଁ ତାହା ଜଣାପଡି ନାହିଁ । ସେହିପରି ସୁନ୍ଦରଗଡ଼ ଜିଲାରୁ ଆସିଥିବା ଜଣେ ଯବାନ କହିଛନ୍ତି, ଭତ୍ତା କାମ ପାଇଁ ବାରମ୍ବାର ଅଫିସ ଆସିବାକୁ ପଡୁଛି। ସକାଳୁ ଆସିଲେ ସନ୍ଧ୍ୟା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡୁଛି। ଅସ୍ଥାୟୀ ଭାବେ ଜଣେ ଅଧିକାରୀ ଅଛନ୍ତି। ତେଣୁ କାମ ଠିକ୍ ଭାବେ ହୋଇ ପାରୁନାହିଁ ବୋଲି କହିଥିଲେ। ସୂଚନାଯୋଗ୍ୟ, ସମ୍ବଲପୁର ଜିଲାରେ ୧୯୮୮ ମସିହାରେ ଜିଲା ସୈନିକ ବୋର୍ଡ କାର୍ଯ୍ୟାଳୟ ଆରମ୍ଭ ହୋଇଥିଲା। ଜଣେ ଅବସରପ୍ରାପ୍ତ ସେନା ଅଧିକାରୀ ଏହି ବୋର୍ଡର ମୁଖ୍ୟ ଓ ଅବସରପ୍ରାପ୍ତ କିରାଣି ଅଫିସ କାମ କରିବା ନିୟମ ରହିଛି। ହେଲେ ସରକାର ନିଯୁକ୍ତି ଦେଉ ନାହାନ୍ତି। ମୁଖ୍ୟ ଅଧିକାରୀ ପଦ ୨୦୧୮ ମସିହାରୁ ଖାଲି ପଡିଛି। ଜିଲା ପ୍ରଶାସନର ଜଣେ ଡେପୁଟି କଲେକ୍ଟର ପାହ୍ୟାର ଅଧିକାରୀଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ବ୍ୟସ୍ତବହୁଳ କାର୍ଯ୍ୟରୁ ସମୟ ବାହାର କରି ସେ ଏହି ଦାୟିତ୍ୱ ନିର୍ବାହ କରୁଛନ୍ତି। ତେଣୁ ଏଭଳି ସମସ୍ୟା ହେଉଛି। ଏ ସମ୍ପର୍କରେ ଏଡିଏମ୍ ଉମାକାନ୍ତ ରାଜ କହିଛନ୍ତି, ସ୍ୱତନ୍ତ୍ର ବୋର୍ଡ ଗଠନ କରି ଏହାର ପରିଚାଳନା ହୋଇଥାଏ। ସରକାର ନିଯୁକ୍ତି ଦିଅନ୍ତି ନାହିଁ। ସୈନିକ ବୋର୍ଡ ଗଠନ କରି ନିଯୁକ୍ତି ଦେବା କ୍ଷମତା ରହିଛି, ହେଲେ କରୁନାହାନ୍ତି। ଅନ୍ୟପଟେ କମ୍ ଦରମା ଓ ଠିକ୍ ସମୟରେ ନ ମିଳିବା ନେଇ ପୂର୍ବରୁ ଅଭିଯୋଗ ହୋଇଛି। ଗୃହ ବିଭାଗ କେବଳ ତଦାରଖ କରିଥାଏ। ଯବାନମାନଙ୍କ ସୁବିଧା ପାଇଁ ପ୍ରଶାସନ ପକ୍ଷରୁ ଜଣେ ଅଧିକାରୀଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଯାଇ କାମ କରାଯାଉଛି ବୋଲି ସେ କହିଥିଲେ।



ସମ୍ବଲପୁର ଜିଲା ସୈନିକ ବୋର୍ଡ ଅଫିସ ।

### ସ୍ୱାଗତ ଜାତୀୟ ଜୁନିୟର ଆଥ୍‌ଲେଟିକ୍ ଚାମ୍ପିୟନଶିପ୍‌କୁ ମନୋନୀତ

ଝାରସୁଗୁଡ଼ା ଅଫିସ/ବ୍ରଜରାଜନଗର, ୨୭।୧୦(ଡି.ଏନ.ଏ.)

ଆସନ୍ତା ନଭେମ୍ବର ୯ତାରିଖରେ ଆସାମର ଗୌହାଟିରେ ୩୭ତମ ଜାତୀୟ ଜୁନିୟର ଆଥ୍‌ଲେଟିକ୍ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏଥିରେ ୧୮ବର୍ଷରୁ କମ୍ ଜୁନିୟର ଖେଳାଳି ଭାବେ ଓଡିଶା ଆଥେଲେଟିକ୍ ଆସୋସିଏଶନ୍ ଲଙ୍ଗଜମ୍ପ ଓ ଟ୍ରିପଲ ଜମ୍ପ ପ୍ରତିଯୋଗିତାରେ ଝାରସୁଗୁଡାର ସ୍ୱାଗତ ବେହେରା ଅଂଶ ଗ୍ରହଣ କରିବାପାଇଁ ମନୋନୀତ ହୋଇଛନ୍ତି। ଏ ନେଇ ଜାତୀୟ ଜୁନିୟର ଆଥେଲେଟିକ୍ ଆସୋସିଏଶନ ତରଫରୁ ଓଡିଶା ଆଥେଲେଟିକ୍ ଆସୋସିଏଶନକୁ ପତ୍ର ଜରିଆରେ ସୂଚନା ଦିଆଯାଇଛି। ଏହା ଜଣାପଡିବା ପରେ ଜିଲା ଆଥେଲେଟିକ୍ ଆସୋସିଏଶନ ସାଧାରଣ ସମ୍ପାଦକ ତାପସରାୟ ଚୌଧୁରୀ ତାଙ୍କ ଉତ୍ତରୋତ୍ତର କାମନା କରିଛନ୍ତି।



### ଦିଲୀପ ଚାନ୍ଦ ସ୍ମାରକୀ କବାଡ଼ି ଟୁର୍ନାମେଣ୍ଟ ପ୍ରସ୍ତୁତି ବୈଠକ

ସମ୍ବଲପୁର,୨୭।୧୦(ବ୍ୟୁରୋ)

ପୁରୁଣା ଖେଳାଳି ସଂଘ ପକ୍ଷରୁ ପ୍ରଥମ ଦିଲୀପ ଚାନ୍ଦ ସ୍ମାରକୀ କବାଡ଼ି ଟୁର୍ନାମେଣ୍ଟ ପାଇଁ ପ୍ରସ୍ତୁତି ବୈଠକ ଅଇଁଠାପାଲି ନିକଟ ହିଲ ଭ୍ୟୁ କଲୋନୀଠାରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ସିଦ୍ଧାର୍ଥ ସାହାଙ୍କ ସଭାପତିତ୍ୱରେ ସଭା ହୋଇଥିଲା। ଆସନ୍ତା ନଭେମ୍ବର ୧୯ ଓ ୨୦ ତାରିଖ ଦୁଇଦିନ ଧରି ଫାଟକ ସ୍ଥିତ ଦୁର୍ଗାପୂଜା ମଣ୍ଡପ ପଡ଼ିଆରେ ଟୁର୍ନାମେଣ୍ଟ କରାଯିବାକୁ ସ୍ଥିର ହୋଇଛି। ଏଥିରେ ୮ଟି କବାଡ଼ି ଦଳ ଭାଗ ନେବେ। ବୈଠକରେ ଜିଲା କ୍ରୀଡ଼ା ସଂଘ ଉପସଭାପତି ଦୁଲାଲ ଚନ୍ଦ୍ର ପ୍ରଧାନ, କ୍ରିକେଟ ସମ୍ପାଦକ ଅଭିନାଶ ନନ୍ଦ, ଆଥ୍‌ଲେଟିକ ସମ୍ପାଦକ ବିକାଶ ମିଶ୍ର, ସଂଘ କାର୍ଯ୍ୟକାରୀ ସଭାପତି ଉମାପତି ତ୍ରିପାଠୀ ଓ ଅଶ୍ୱିନୀ ମାଝି, ସାଧାରଣ ସମ୍ପାଦକ ସୁଶାନ୍ତ ଡନସେନା, ସହସମ୍ପାଦକ ପ୍ରଣବ କୁମାର ଶତ୍ରୁଶଲ୍ୟ ଓ ମନୋଜ ଭୋଇ, କୋଷାଧ୍ୟକ୍ଷ ସୁବ୍ରତ କୁମାର ଚାନ୍ଦ, ସାଂଗଠନିକ ସମ୍ପାଦକ ରାଜେଶ ସେଠ ଓ ସାଲୋଗ୍ରାମ ଖୁଣ୍ଟିଆ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

## କାୟସ୍ଥ ସମାଜ ସୁଦୃଢ ଉପରେ ଗୁରୁତ୍ୱାରୋପ


ସଭାରେ ଯୋଗଦେଇଥିବା ସମାଜର କର୍ମକର୍ତ୍ତାମାନେ।

ଝାରସୁଗୁଡ଼ା ଅଫିସ,୨୭।୧୦

ଝାରସୁଗୁଡ଼ା ଜିଲା କାୟସ୍ଥ (କରଣ) ସମାଜ ତରଫରୁ ଗୁରୁବାର ସ୍ଥାନୀୟ ପାହାଡି ମନ୍ଦିର କଲ୍ୟାଣ ମଣ୍ଡପରେ ସମାଜର କୁଳଦେବତା ଚିତ୍ରଗୁପ୍ତଙ୍କ ପୂଜାର୍ଚ୍ଚନା ଅବସରରେ ସମାଜର ଜିଲା ସଭାପତି ସତ୍ୟନାରାୟଣ ବହିଦାରଙ୍କ ଅଧ୍ୟକ୍ଷତାରେ ଏକ ସଭା ହୋଇଥିଲା। ଏହାକୁ ପ୍ୟାରେଲାଲ୍ ଶ୍ରୀବାସ୍ତବ ପରିଚାଳନା କରିଥିଲେ। ପ୍ରାରମ୍ଭରେ ସମାଜର ପ୍ରତିଷ୍ଠାତା ତଥା ପୂର୍ବତନ ବିଧାୟକ ସ୍ୱର୍ଗତ କିଶୋର ମହାନ୍ତିଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ଏଥିରେ ସାମାଜିକ କର୍ମୀ ଅଭୟ କୁମାର ପଟ୍ଟନାୟକଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଆଲୋଚନା ସମୟରେ ସମାଜକୁ ସୁଦୃଢ଼ କରାଯିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସମାଜର ଲୋକଙ୍କୁ ଜିଲା କରଣ ସମାଜରେ ସାମିଲ କରିବା ସାଙ୍ଗକୁ ସମାଜର ଅସହାୟ ଲୋକଙ୍କୁ ସହାୟତା କରିବା ନେଇ ମତପ୍ରକାଶ ପାଇଥିଲା। ଏହା ସହିତ ଝାରସୁଗୁଡାରେ ଚିତ୍ରଗୁପ୍ତଙ୍କ ଭବ୍ୟମନ୍ଦିର ନିର୍ମାଣ ପାଇଁ ପ୍ରସ୍ତାବ ଗୃହୀତ ହୋଇଛି। ପରେ ଜିଲା କାୟସ୍ଥ ସମାଜର ଏକ ନୂତନ କର୍ମକର୍ତ୍ତା ଚୟନ ହୋଇଥିଲା। ଏଥିରେ ଜିଲା ସଭାପତି ଡ. ଦିଲୀପ ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି ପ୍ରଶାନ୍ତ ମହାନ୍ତି, ଉପସଭାପତି ଦିବ୍ୟ କୁଅଁର, ବାଲାଜୀ ସକ୍‌ସେନା, ରେଖାରାୟ ଚୌଧୁରୀ, ସାଧାରଣ ସମ୍ପାଦକ ପ୍ୟାରେଲାଲ୍ ଶ୍ରୀବାସ୍ତବ, ସଂଗଠନ ସମ୍ପାଦକ ଭାଗବତ ପଟ୍ଟନାୟକ, ସହସମ୍ପାଦକ ଅଞ୍ଜଳି ପଟ୍ଟନାୟକ, ବାସନ୍ତୀ ପଟ୍ଟନାୟକ, ବୀଣା ପଟ୍ଟନାୟକ, ପ୍ରବୀଣ ଶ୍ରୀବାସ୍ତବ, କୋଷାଧ୍ୟକ୍ଷ ସନ୍ୟାସୀ ପଟ୍ଟନାୟକ, ଉପଦେଷ୍ଟା କର୍ମିଗିରେ ବିଧାୟକ ନବ କିଶୋର ଦାସ, ବିଧାୟିକା ଅଳକା ମହାନ୍ତି, ପିଆର୍ ପଟ୍ଟନାୟକ, ସତ୍ୟନାରାୟଣ ବହିଦାର, ତାପସ ରାୟ ଚୌଧୁରୀ, ଜୀବନ ମହାନ୍ତି, ନେତାଜୀ ପଟ୍ଟନାୟକ ପ୍ରମୁଖ ମନୋନୀତ ହୋଇଛନ୍ତି।

## ସାମାଜିକ କର୍ମୀଙ୍କୁ ପ୍ରକୃତିବନ୍ଧୁ ପୁରସ୍କାର

କୁଚିଣ୍ଡା,୨୭।୧୦(ଡି.ଏନ.ଏ.)

କୁଚିଣ୍ଡା ବ୍ଲକ ଅନ୍ତର୍ଗତ କୁଲେଇଗ ପଞ୍ଚାୟତ କୁଡାପଡା ଗ୍ରାମର ସାମାଜିକ କର୍ମୀ ସରୋଜ ମେହେରଙ୍କୁ ସମ୍ବଲପୁରରେ ପ୍ରକୃତିବନ୍ଧୁ ପୁରସ୍କାର ପ୍ରଦାନ କରାଯାଇଛି। ବନ ବିଭାଗ ପକ୍ଷରୁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସମ୍ବଲପୁର ଜିଲାପାଳ ଅନନ୍ୟା ଦାସ ମୁଖ୍ୟଅତିଥି, ଡିଆର୍‌ଡିଏ ପିଡି ଦୀପକ କୁମାର ବଳ, ସମ୍ବଲପୁର ଡିଏଫ୍‌ଓ ବିଶ୍ୱନାଥ ନୀଳାମ୍ବର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାମାଜିକ କର୍ମୀ ମେହେରଙ୍କୁ ଏକ ବୃକ୍ଷ ଚାରା, ୧୦ହଜାର ଟଙ୍କା ସହ ପ୍ରକୃତି ବନ୍ଧୁ ମାନପତ୍ର ପ୍ରଦାନ କରିଥିଲେ।



## କୁଟୁରାଚୁଆଁ କଲେଜରେ ସ୍ୱାଗତ ଉତ୍ସବ


ସଭାରେ ମଞ୍ଚାସୀନ ଅତିଥିବୃନ୍ଦ।

କୁଚିଣ୍ଡା, ୨୭।୧୦(ଡି.ଏନ.ଏ.)

କୁଚିଣ୍ଡା ବ୍ଲକ କୁଟୁରାଚୁଆଁ ଜୁନିୟର କଲେଜରେ ଗୁରୁବାର ଯୁକ୍ତଦୁଇ ପ୍ରଥମ ଶ୍ରେଣୀର ନବାଗତ ଛାତ୍ରୀଛାତ୍ରଙ୍କ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ନିଳାଞ୍ଚଳ ତିୱାରୀଙ୍କ ସଭାପତିତ୍ୱରେ ହୋଇଥିବା ସଭାରେ ଅଧାପକ ସତ୍ୟନାରାୟଣ ପଟେଲ ଉଦ୍ଦେଶ୍ୟ ଜ୍ଞାପନ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ପରେ ଦ୍ୱିତୀୟ ବର୍ଷ ଛାତ୍ରୀଛାତ୍ର ପ୍ରଥମବର୍ଷ ଛାତ୍ରୀଛାତ୍ରଙ୍କୁ ଫୁଲ ଚନ୍ଦନ ଦେଇ ସ୍ୱାଗତ କରିଥିଲେ। ଏଥିରେ ପରିଚାଳନା କମିଟି ପୂର୍ବତନ ସମ୍ପାଦକ ହିମାଂଶୁ କୁମାର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ନବାଗତ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଅଧାପକ କୃଷ୍ଣଚନ୍ଦ୍ର ପୂଜାରୀ ସଭା ପରିଚାଳନ କରିଥିବା ବେଳେ ଅଧାପିକା ଭାବନା ପାଣ୍ଡେ ଧନ୍ୟବାଦ ଦେଇଥିଲେ।

### ଜମନକିରାରେ ନୂତନ ଶିକ୍ଷାଧିକାରୀଙ୍କ ଯୋଗଦାନ

ଜମନକିରା, ୨୭।୧୦(ଡି.ଏନ.ଏ.)

ଜମନକିରା ବ୍ଲକରେ ଗୁରୁବାର ନୂତନ ଶିକ୍ଷାଧିକାରୀ ଭାବେ ଗୁଣମଣି ପଟେଲ ଯୋଗଦାନ ଦେଇଛନ୍ତି। ଏହି ଉପଲକ୍ଷେ ଏକ ସଭା ଆୟୋଜନ କରାଯାଇଥିଲା। ଏଥିରେ ପ୍ରାଥମିକ ଶିକ୍ଷକ ସଂଘ କର୍ମକର୍ତ୍ତା ଯୋଗଦେଇ ଉପଢୌକନ ପ୍ରଦାନ ପୂର୍ବକ ତାଙ୍କୁ ସ୍ୱାଗତ କରିଥିଲେ।

### ସାକ୍ଷୀପଡ଼ାରେ ଚିତ୍ରଗୁପ୍ତ ଦେବଙ୍କ ପୂଜୋତ୍ସବ

ସମ୍ବଲପୁର,୨୭।୧୦(ବ୍ୟୁରୋ): ଶ୍ରୀ ଶ୍ରୀ ଚିତ୍ରଗୁପ୍ତ ଦେବଙ୍କ ପୂଜୋତ୍ସବ ସାକ୍ଷୀପଡ଼ା ମନ୍ଦିରଠାରେ ଗୁରୁବାର ଅନୁଷ୍ଠିତ ହୋଇଛି। ଚଗଲା ପୂଜାରୀ ହୋମଯଜ୍ଞ ଓ ପୂଜାର୍ଚ୍ଚନା କରିଥିବା ବେଳେ ରୁବି ପଟ୍ଟନାୟକ ଓ ରାଜା ପଟ୍ଟନାୟକ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ସଭାପତି ବାସୁ ବହିଦାରଙ୍କର ପରିଚାଳନାରେ ଅନ୍ନଭୋଗ, ଭଜନ ସନ୍ଧ୍ୟା ହୋଇଥିଲା। ଉପସଭାପତି ରତିକାନ୍ତ ମହାନ୍ତି, ସମ୍ପାଦକ ମହେନ୍ଦ୍ର ପଟ୍ଟନାୟକ, କାର୍ଯ୍ୟକାରୀ ସମ୍ପାଦକ ଦୀପକ ବହିଦାର, କୋଷାଧ୍ୟକ୍ଷ ରବି ପଟ୍ଟନାୟକ, ସହସମ୍ପାଦକ ସୁଜିତ ପଟ୍ଟନାୟକ, ଉପଦେଷ୍ଟା ଅଶୋକ ପଟ୍ଟନାୟକ, ମୋତିଲାଲ ପଟ୍ଟନାୟକ, ଗତିକୃଷ୍ଣ ପଟ୍ଟନାୟକ, ଲଳିତ ବେବର୍ତ୍ତା ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

## ଶ୍ରୀ ଚିତ୍ରଗୁପ୍ତ ଦେବଙ୍କ ପୂଜୋତ୍ସବ

ସମ୍ବଲପୁର,୨୭।୧୦(ବ୍ୟୁରୋ)

ମହାନ୍ତିପଡ଼ା ଚିତ୍ରଗୁପ୍ତ ମନ୍ଦିରରେ ଶ୍ରୀ ଚିତ୍ରଗୁପ୍ତ ଦେବଙ୍କ ବାର୍ଷିକ ପୂଜୋତ୍ସବ ଗୁରୁବାର ସମ୍ପନ୍ନ ହୋଇଛି। ପ୍ରାତଃରେ ଚିତ୍ରଗୁପ୍ତଙ୍କ ସ୍ୱତନ୍ତ୍ର ଆଳତି ପରେ ନବବସ୍ତ୍ର ପରିଧାନ କରାଯାଇଥିଲା। ଏହାପରେ ହୋମଯଜ୍ଞ ହୋଇଥିଲା। ଅଭିନାଶ ପଟ୍ଟନାୟକ ଓ ସ୍ୱପ୍ନା ଦାସ ପଟ୍ଟନାୟକ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ମହାନ୍ତିପଡ଼ା ଚିତ୍ରଗୁପ୍ତ କଲ୍ୟାଣ ସଂଘ ପକ୍ଷରୁ କାର୍ଯ୍ୟକ୍ରମ ହୋଇଥିଲା। ପ୍ରମିଳା ବହିଦାର ଓ ପଦ୍ମାଳୟା ପଟ୍ଟନାୟକଙ୍କ ପରିଚାଳନାରେ ମହିଳାମାନେ ଭଜନ ପରିବେଷଣ କରିଥିଲେ। ପରେଶ ଚନ୍ଦ୍ର ଦାନି, ବାବାଜି ପଟ୍ଟନାୟକ, ପ୍ରଫୁଲ୍ଲ ସାହାଣୀ, ସୁକାନ୍ତ ବହିଦାର, ଇନ୍ଦ୍ରଭୂଷଣ ପୁରୁଷେଠ, ପାର୍ଥସାରଥି ଦାନି, ଆନନ୍ଦ ବହିଦାର, ଶୁକଦେବ ବହିଦାର, ବିଭୂତି ଭୂଷଣ ପଟ୍ଟନାୟକ, ସାନ୍ତନୁ ପଟ୍ଟନାୟକ, ମନବୋଧ ତ୍ରିପାଠୀ, ବିହାରୀଲାଲ ମହାନ୍ତଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ସକାଳେ ମହିଳାମାନେ ପୂର୍ଣ୍ଣକଳସ ଧରି ସହର ପରିକ୍ରମା କରିବା ପରେ ମନ୍ଦିର ପରିସରରେ ପହଞ୍ଚିଥିଲେ। ଶୁକ୍ରବାର ସମ୍ବଲପୁର ମହାନଦୀ ବାଲିବନ୍ଧା ଘାଟରେ କଳସ ବିସର୍ଜନ କରାଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି।


ପୂଜୋତ୍ସବ ଅବସରରେ କଳସ ଯାତ୍ରା ।

## ଜନପ୍ରତିନିଧିଙ୍କ ଆକ୍ରୋଶର ଶିକାର ଅଧିକାରୀ

### ଜିଲା ପରିଷଦ ବୈଠକ

ସମ୍ବଲପୁର,୨୭।୧୦(ବ୍ୟୁରୋ)

ସମ୍ବଲପୁର ଜିଲାପରିଷଦ ଅଫିସ ସଭାଗୃହରେ ଗୁରୁବାର ଜିଲାପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ବିଭିନ୍ନ ବିଭାଗର ମୁଖିଆମାନେ ଉପସ୍ଥିତ ଜନପ୍ରତିନିଧିଙ୍କ ଆକ୍ରୋଶର ଶିକାର ହୋଇଥିଲେ। ଏଥିରେ ଭାଜପା ନେତାଙ୍କ ସହିତ ଖୋଦ ଶାସକ ଦଳର କୁଚିଣ୍ଡା ବିଧାୟକ କିଶୋର ନାଏକଙ୍କ ନାମ ଚର୍ଚ୍ଚାକୁ ଆସିଛି। ବିଶେଷ କରି ସାର ମହଜୁଦ ଏବଂ ଚାଷୀଙ୍କୁ ବଣ୍ଟନ ଓ କଳାବଜାରକୁ ନେଇ ବିଧାୟକ ନାଏକ କ୍ଷୋଭ ପ୍ରକାଶ କରିଥିଲେ। ଏପରି କି ବୈଠକ ଅଧାରୁ କାମ ଅଛି କହି ସେ ଚାଲିଯାଇଥିବା ଦେଖାଯାଇଥିଲା। ଅନ୍ୟ ବିଭାଗର ଅଧିକାରୀଙ୍କୁ ମଧ୍ୟ ଜନ ପ୍ରତିନିଧିମାନେ ଉନ୍ନୟନମୂଳକ କାମକୁ ନେଇ ପ୍ରଶ୍ନକରି ଘାଇଲା କରିଦେଇଥିଲେ। ପରିସ୍ଥିତି ଏଭଳି ହୋଇଥିଲା ଯେ, ୪ ବିଭାଗ ଉପରେ ଆଲୋଚନା ହୋଇପାରି ନ ଥିବା ସମ୍ବଲପୁର ବିଧାୟକଙ୍କ ପ୍ରତିନିଧି ସମୀର ବାବୁ କହିଛନ୍ତି।

ଜିଲା ପରିଷଦ ସଭାପତି କୁମୁଦିନୀ ନାୟକଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ଉଚ୍ଚଶିକ୍ଷା ମନ୍ତ୍ରୀ (ସ୍ୱତନ୍ତ୍ର ଦାୟିତ୍ୱ) ଇଂ. ରୋହିତ ପୂଜାରୀ, ଜିଲାପାଳ ଅନନ୍ୟା ଦାସ, ଜିଲାପରିଷଦ ଉପସଭାପତି ମାଧବ ମିର୍ଦ୍ଧା, କୁଚିଣ୍ଡା ବିଧାୟକ ନାୟକ, ରେଙ୍ଗାଲି ବିଧାୟକ ନାଉରୀ ନାୟକ, ସମ୍ବଲପୁର ଏମ୍‌ପିଙ୍କ ପ୍ରତିନିଧି ରାଧେଶ୍ୟାମ ବାରିକ, ଜିଲା ପରିଷଦ ସଭ୍ୟାସଭ୍ୟ, ପଞ୍ଚାୟତ ସମିତି ଅଧ୍ୟକ୍ଷା/ଅଧ୍ୟକ୍ଷ ଏବଂ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ୨୦୨୨-୨୩ ଖରିଫ ଚାଷ, ଉଦ୍ୟାନ ବିଭାଗର ଅଗ୍ରଗତି, ସମବାୟ ବିଭାଗର କୃଷି ଋଣ, ପ୍ରାଥମିକ ଶିକ୍ଷା ଓ ମାଧ୍ୟମିକ ଶିକ୍ଷା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ କାର୍ଯ୍ୟକ୍ରମ, ପ୍ରାଣୀ ସମ୍ପଦ, ଗ୍ରାମ୍ୟ ନିର୍ମାଣ, ଜଳସେଚନ, କ୍ଷୁଦ୍ର ଜଳସେଚନ, ଉଠା ଜଳସେଚନ, ପଞ୍ଚାୟତିରାଜ ଓ ପାନୀୟ ଜଳ ଓ ପରିମଳ ବିଭାଗର ଅଗ୍ରଗତି, ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ୨୦୨୨-୨୩ ବର୍ଷର ବାର୍ଷିକ ଖସଡା ସଂକ୍ରାନ୍ତରେ ଆଲୋଚନା ହୋଇଥିଲା। ଜିଲା ପରିଷଦ ସଭାପତି କୁମୁଦିନୀ ନାୟକ ପ୍ରଶାସନ ଏବଂ ଜନପ୍ରତିନିଧିଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରି ଲୋକଙ୍କୁ ଉତ୍ତମ ସେବା ଯୋଗାଇଦେବା ଉପରେ ଗୁରୁତ୍ୱାରୋପ କରିଥିଲେ। ବିଭାଗଗୁଡିକ କିଭଳି ସକ୍ରିୟ ଭାବେ କାର୍ଯ୍ୟ କରିବେ ସେଥିପ୍ରତି ଦୃଷ୍ଟି ଦେବାକୁ ଜିଲାପାଳ ଦାସ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଧାନରେ କଟ୍‌ନୀଛଟ୍‌ନୀ, ହିତାଧିକାରୀ ଚାଉଳ ପାଇ ନ ଥିବା, ସ୍କୁଲ ଭିତ୍ତିଭୂମି, ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ସମସ୍ୟା, ବିଜୁ ସ୍ୱାସ୍ଥ୍ୟ କାର୍ଡସଂକ୍ରାନ୍ତରେ ଲୋକେ ସଚେତନ ହେବା ସହ ଏହାର ସୁଫଳ କିଭଳି ନେଇପାରିବେ, ବିଦ୍ୟୁତ୍ ବିଲ ସମସ୍ୟା, ଅଙ୍ଗନୱାଡ଼ି କୋଠା ନିର୍ମାଣ ଓ ମରାମତି, ଶ୍ରମିକ କାର୍ଡ, ରାସ୍ତା ସମସ୍ୟା ଇତ୍ୟାଦି ସମ୍ପର୍କରେ ଜନପ୍ରତିନିଧି ବୈଠକରେ ଉପସ୍ଥାପନ କରିଥିଲେ। ବିଭିନ୍ନ ଯୋଜନା କିଭଳି ଲୋକଙ୍କ ପାଖରେ ପହଞ୍ଚିବ ସେଥିପ୍ରତି ସ୍ୱତନ୍ତ୍ର ଭାବେ ଧ୍ୟାନ ଦେବାକୁ ଜିଲାପାଳ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।



ଜିଲାପରିଷଦ ବୈଠକରେ ମନ୍ତ୍ରୀ ରୋହିତ ପୂଜାରୀ ଓ ଅନ୍ୟମାନେ ।

# ଅପରେଶନ ଲୋଟସ୍ ଫେଲ୍

## କେସିଆର୍‌ଙ୍କୁ ହଟାଇବାକୁ ଭାଜପାର ଷଡ଼ଯନ୍ତ୍ର: ଟିଆର୍‌ଏସ୍

■ଫାର୍ମ ହାଉସ୍‌ରୁ ବିପୁଳ ଅର୍ଥ ଜବତ

■୩ ଭାଜପା ଏଜେଣ୍ଟ ଗିରଫ

■ଅଭିଯୋଗକୁ ଖଣ୍ଡନ କଲେ କେନ୍ଦ୍ରମନ୍ତ୍ରୀ ରେଡ୍ଡୀ


କେ. ଚନ୍ଦ୍ରଶେଖର ରାଓ


ଜି. କିଶନ ରେଡ୍ଡୀ

ହାଇଦ୍ରାବାଦ/ନୂଆଦିଲ୍ଲୀ,୨୭।୧୦

ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ (କେସିଆର୍)ଙ୍କ ନେତୃତ୍ୱାଧୀନ ତେଲଙ୍ଗାନା ରାଷ୍ଟ୍ର ସମିତି (ଟିଆର୍‌ଏସ୍) ସରକାରକୁ ଭାଙ୍ଗି ରାଜ୍ୟରେ କ୍ଷମତାସୀନ ହେବା ପାଇଁ ଭାଜପା ପକ୍ଷରୁ ଚାଲିଥିବା 'ଅପରେଶନ ଲୋଟସ୍' ଫେଲ୍ ମାରିଛି। ଟିଆର୍‌ଏସ୍ ବିଧାୟକମାନଙ୍କୁ ପ୍ରଲୋଭନ ଦେଖାଇଥିବା ଭାଜପା ଏଜେଣ୍ଟମାନଙ୍କୁ ତେଲଙ୍ଗାନା ପୋଲିସ ଗିରଫ କରିଛି। ଅନ୍ୟପକ୍ଷେ କେନ୍ଦ୍ରମନ୍ତ୍ରୀ ଜି. କିଶନ ରେଡ୍ଡୀ ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ମାତ୍ର ୪ ଜଣ ଟିଆର୍‌ଏସ୍ ବିଧାୟକ ଭାଜପାରେ ସାମିଲ ହୋଇଗଲେ କେସିଆର୍ ସରକାରଙ୍କ ପତନ ଘଟିବ କି ବୋଲି ସେ ପ୍ରଶ୍ନ କରିଛନ୍ତି।

୨୦୨୪ ସାଧାରଣ ନିର୍ବାଚନରେ ଭାଜପାକୁ କ୍ଷମତାଚ୍ୟୁତ କରିବା ପାଇଁ କେସିଆର୍ ଉଦ୍ୟମ ଆରମ୍ଭ କରିଛନ୍ତି। ଏହାକୁ ଦେଖି ଆସନ୍ତା ବର୍ଷ ଡିସେମ୍ବରରେ ହେବାକୁ ଥିବା ତେଲଙ୍ଗାନା ବିଧାନସଭା ନିର୍ବାଚନରେ ଶାସକ ଟିଆର୍‌ଏସ୍‌କୁ ହଟାଇବା ପାଇଁ ଭାଜପା ପକ୍ଷରୁ ଜୋରଦାର୍ ପ୍ରୟାସ ଜାରି ରହିଛି। ଏହି କ୍ରମରେ ଟିଆର୍‌ଏସ୍‌ର ୪ ବିଧାୟକଙ୍କୁ ଅର୍ଥଲୋଭ ଦେଖାଇ ଦଳ ବିରୋଧରେ ବିଦ୍ରୋହ ଘଟାଇବାକୁ ସେମାନଙ୍କୁ ପ୍ରବର୍ତ୍ତାଯାଇଥିଲା। ମୁନୁଗୋଡ୍ ବିଧାନସଭା ଉପନିର୍ବାଚନକୁ ସପ୍ତାହେ ବାକି ଥିବାବେଳେ ତେଲଙ୍ଗାନା ପୋଲିସ ବୁଧବାର ରାତିରେ ହାଇଦ୍ରାବାଦ ନିକଟସ୍ଥ ଏକ ଫାର୍ମହାଉସ୍‌ରୁ ବିପୁଳ ଅର୍ଥ ଜବତ କରିଛି। ଟିଆର୍‌ଏସ୍‌ର ୪ ବିଧାୟକଙ୍କୁ ଦଳ ଛାଡ଼ିବା ପାଇଁ ଭାଜପା ଏଜେଣ୍ଟମାନେ ଏହି ଅର୍ଥ ପ୍ରଦାନର ପ୍ରଲୋଭନ ଦେଖାଇଥିଲେ ବୋଲି ପୋଲିସ କହିଛି। ୪ ବିଧାୟକଙ୍କ ମଧ୍ୟରୁ ଜଣଙ୍କୁ ୧୦୦ କୋଟି ଟଙ୍କା ଯଚାଯାଇଥିଲା। ଅବଶିଷ୍ଟ ୩ ବିଧାୟକଙ୍କୁ ୫୦ କୋଟି ଟଙ୍କା ଲେଖାଏ ଦିଆଯିବ ବୋଲି ଭାଜପା ଏଜେଣ୍ଟମାନେ ପ୍ରତିଶ୍ରୁତି ଦେଇଥିବା ଟିଆର୍‌ଏସ୍ ପକ୍ଷରୁ ଅଭିଯୋଗ ଅଣାଯାଇଛି। ଅନ୍ୟପକ୍ଷେ ଭାଜପା କହିଛି, ଶିକାର ଉଦ୍ୟମର ଅଭିଯୋଗ ହେଉଛି ମୁଖ୍ୟମନ୍ତ୍ରୀ କେସିଆର୍‌ଙ୍କ ଦ୍ୱାରା ନିର୍ଦ୍ଦେଶିତ ତଥା ପ୍ରାୟୋଜିତ ଏକ ରାଜନୈତିକ ଡ୍ରାମା।

ଟିଆର୍‌ଏସ୍ ବିଧାୟକ ପାଇଲଟ୍ ରୋହିତ୍ ରେଡ୍ଡୀଙ୍କ ମୋଇନାବାଦର ଅଜିଜ୍‌ନଗରସ୍ଥିତ ଫାର୍ମ ହାଉସ୍‌ରେ ଚଢ଼ାଉ ବେଳେ ହରିୟାଣାର ଫରିଦାବାଦସ୍ଥିତ ଏକ ମନ୍ଦିରରେ ପୂଜକ ଥିବା ଦିଲ୍ଲୀର ସତୀଶ ଶର୍ମା(୩୩) ଓରଫ୍ ରାମଚନ୍ଦ୍ର ଭାରତୀ, ଆନ୍ଧ୍ରପ୍ରଦେଶର ତିରୁପତି ସନ୍ଥ ଡି. ଶ୍ୟାମାଜୀ ଏବଂ ହାଇଦ୍ରାବାଦ ବ୍ୟବସାୟୀ ନନ୍ଦକୁମାର ସେଠାରେ ଉପସ୍ଥିତ ଥିଲେ। ଫାର୍ମହାଉସ୍‌ରେ ଥିବା ଏକ କାର୍‌ରୁ ୧୫ କୋଟି ଟଙ୍କା ଜବତ କରାଯାଇଛି। ଅଭିଯୁକ୍ତମାନେ ବିଧାୟକ ପାଇଲଟଙ୍କ ସମେତ ବି. ହର୍ଷବର୍ଦ୍ଧନ ରେଡ୍ଡୀ, ଜି. ବାଲରାଜୁ ଏବଂ ରେଗାକାନ୍ତ ରାଓଙ୍କ ସହ ଯୋଗାଯୋଗରେ ଥିଲେ ବୋଲି ପୋଲିସ କହିଛି। ସାଇବରାବାଦ ପୋଲିସ କମିଶନର ଷ୍ଟିଫେନ୍ ରବୀନ୍ଦ୍ର ଗଣମାଧ୍ୟମକୁ କହିଛନ୍ତି, ଟିଆର୍‌ଏସ୍ ବିଧାୟକମାନଙ୍କଠାରୁ ସୂଚନା ପାଇ ଉକ୍ତ ଫାର୍ମ ହାଉସ୍‌ରେ ଚଢ଼ାଉ କରାଯାଇଥିଲା। ଫାର୍ମ ହାଉସ୍‌ରେ ଥିବା ୩ ଜଣ ବ୍ୟକ୍ତି ସେମାନଙ୍କୁ ଟଙ୍କା, ଠିକା କାମ ଓ ଉଚ୍ଚ ପଦବୀ ଲୋଭ ଦେଖାଇ ଶାସକ ଦଳରେ ବିଦ୍ରୋହ ଘଟାଇବାକୁ ପ୍ରବର୍ତ୍ତାଉଥିଲେ। ପ୍ରକାଶ ଯେ, ଆସନ୍ତା ନଭେମ୍ବର ୩ରେ ମୁନୁଗୋଡ୍ ବିଧାନସଭା ନିର୍ବାଚନମଣ୍ଡଳୀରେ ଉପନିର୍ବଚନ ହେବ। ସ୍ଥାନୀୟ ବିଧାୟକ କୋମାତିରେଡ୍ଡୀ ରାଜଗୋପାଳ ରେଡ୍ଡୀ କିଛି ମାସ ତଳେ କଂଗ୍ରେସ ଛାଡ଼ି ଭାଜପାରେ ସାମିଲ ହୋଇଛନ୍ତି। ସେ ଏହି ଉପନିର୍ବାଚନରେ ଟିଆର୍‌ଏସ୍‌ର ପୂର୍ବତନ ବିଧାୟକ କୁସୁକୁନ୍ତଲା ରେଡ୍ଡୀ ଏବଂ କଂଗ୍ରେସ ପ୍ରାର୍ଥୀ ପଲ୍ଲବୀ ଶ୍ରାବନ୍ତୀ ରେଡ୍ଡୀଙ୍କ ବିରୋଧରେ ଲଢ଼ୁଛନ୍ତି।

ଟିଆର୍‌ଏସ୍ ସୋସିଆଲ ମିଡିଆ ଆବାହକ ଏମ୍. କ୍ରିଶଙ୍କ ଟୁଇଟ୍ କରିଛନ୍ତି, କେସିଆର୍‌ଙ୍କ ବିରୋଧରେ ଏହା ଭାଜପାର ବଡ଼ ନେତାମାନଙ୍କର ଏକ ଷଡ଼ଯନ୍ତ୍ର। ଟୁଇଟରରେ ସେ ଗିରଫ ଅଭିଯୁକ୍ତମାନଙ୍କ ସହ କେନ୍ଦ୍ରମନ୍ତ୍ରୀ ଜି. କିଶନ ରେଡ୍ଡୀଙ୍କ ଏକ ଫଟୋକୁ ଶେୟାର କରିଛନ୍ତି। ଭାଜପା ନେତା ତଥା ଦଳର ଜାତୀୟ ଉପାଧ୍ୟକ୍ଷ ଡି.କେ. ଅରୁଣା କହିଛନ୍ତି, ଏହା ହେଉଛି ଟିଆର୍‌ଏସ୍ ଅଧ୍ୟକ୍ଷ ତଥା ମୁଖ୍ୟମନ୍ତ୍ରୀ କେସିଆର୍‌ଙ୍କ ଆଉ ଏକ ଡ୍ରାମା।

# କେନ୍ଦ୍ରଠାରୁ ଶ୍ୱେତପତ୍ର ଦାବିକଲା କଂଗ୍ରେସ

## କଶ୍ମୀରୀ ପଣ୍ଡିତଙ୍କ ସମସ୍ୟା


ପଓ୍ୱନ ଖେରା

ନୂଆଦିଲ୍ଲୀ,୨୭।୧୦(ପି.ଟି.)

ଦକ୍ଷିଣ କଶ୍ମୀରର ଶୋପିଆନ୍ ଜିଲାରୁ କଶ୍ମୀରୀ ପଣ୍ଡିତମାନଙ୍କ ଗଣପଳାୟନ ଘଟଣାରେ କଂଗ୍ରେସ ଗୁରୁବାର କେନ୍ଦ୍ର ସରକାରଙ୍କୁ ନିନ୍ଦା କରିଛି। ୮ ବର୍ଷ ଶାସନରେ କଶ୍ମୀରର ସଂଖ୍ୟାଲଘୁମାନଙ୍କ ଦୁର୍ଦ୍ଦଶା ସମ୍ପର୍କରେ ଭାଜପା ନେତୃତ୍ୱାଧୀନ ସରକାର ଶ୍ୱେତପତ୍ର ପ୍ରକାଶ କରିବାକୁ କଂଗ୍ରେସ ଦାବି କରିଛି। ଉପତ୍ୟକାରେ କଶ୍ମୀରୀ ପଣ୍ଡିତମାନଙ୍କୁ ଟାର୍ଗେଟ କିଲିଂ କରାଯାଉଥିବାରୁ ମୋଦି ସରକାର ଏଥିପାଇଁ କ୍ଷମା ମାଗନ୍ତୁ ବୋଲି ବିରୋଧୀ ଦଳ ଦାବି କରିଛି। ନିକଟରେ ଆତଙ୍କବାଦୀମାନେ କଶ୍ମୀରୀ ପଣ୍ଡିତ ଓ ଅନ୍ୟମାନଙ୍କୁ ଏକାଧିକ ଥର ଟାର୍ଗେଟ ଆକ୍ରମଣ କଲେଣି। ତେଣୁ ଭୟରେ ଶୋପିଆନ୍‌ର ଚୌଧରୀଗୁଣ୍ଡ୍ ଗ୍ରାମରୁ ୧୦ କଶ୍ମୀରୀ ପଣ୍ଡିତ ପରିବାର ଜମ୍ମୁ ପଳାଇଛନ୍ତି। ସେମାନଙ୍କର ଉପତ୍ୟକାକୁ ଫେରିବା ଯୋଜନା ନାହିଁ ବୋଲି ଏହି ସଂଖ୍ୟାଲଘୁ ସଦସ୍ୟମାନେ କହିଛନ୍ତି। କଶ୍ମୀରୀ ପଣ୍ଡିତ କର୍ମଚାରୀମାନଙ୍କୁ ସେମାନଙ୍କ ଇଚ୍ଛା ବିରୋଧରେ କାର୍ଯ୍ୟକୁ ଫେରିବା ଲାଗି ଧମକ ଦିଆଯାଉଛି। ଚଳିତ ବର୍ଷ ଅକ୍ଟୋବର ସୁଦ୍ଧା ୩୦ କଶ୍ମୀରୀ ପଣ୍ଡିତଙ୍କୁ ଟାର୍ଗେଟ କିଲିଂ କରାଗଲାଣି ବୋଲି କଂଗ୍ରେସ ଗଣମାଧ୍ୟମ ବିଭାଗ ମୁଖ୍ୟ ପଓ୍ୱନ ଖେରା କହିଛନ୍ତି। ଏହା ଉପରେ ମୋଦି ସରକାର ଶ୍ୱେତପତ୍ର ପ୍ରକାଶ କରିବାକୁ ସେ ଦାବି କରିଛନ୍ତି। ଅନ୍ୟପକ୍ଷରେ କଶ୍ମୀରୀ ପଣ୍ଡିତମାନଙ୍କ ଗଣପଳାୟନ ଖବରକୁ ଶୋପିଆନ୍ ପ୍ରଶାସନ ଖଣ୍ଡନ କରିଛି।

# ରାମକୃଷ୍ଣଙ୍କ ମୃତ୍ୟୁର ତଦନ୍ତ ଦାବିରେ ଯୋଗାଣ ମନ୍ତ୍ରୀ ଅଟକ


ଜମ୍ବୁ ଫେରିଘାଟଠାରେ ଗ୍ରାମବାସୀ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କ ଗାଡ଼ିକୁ ଅଟକାଇଛନ୍ତି।

## ପୋଲିସ-ମହିଳାଙ୍କ ମଧ୍ୟରେ ଠେଲାପେଲା

କେନ୍ଦ୍ରାପଡ଼ା ଅଫିସ/ ମହାକାଳପଡ଼ା, ୨୭।୧୦(ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲା ମହାକାଳପଡା ଜମ୍ବୁ ସାମୁଦ୍ରିକ ଥାନା ଅନ୍ତର୍ଗତ ଜମ୍ବୁ ଗ୍ରାମର ରାମକୃଷ୍ଣ ମଣ୍ଡଳଙ୍କ ମୃତ୍ୟୁ ଗତ ୧୧ ତାରିଖରେ ହୋଇଥିଲା। ଏହି ମୃତ୍ୟୁ ଘଟଣାରେ ରାଜ୍ୟ ଖାଦ୍ୟ ଯୋଗାଣ ଓ ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଗୁରୁବାର ହଟହଟା ହୋଇଛନ୍ତି। ଠିକ୍ ତଦନ୍ତ କରାଯିବା ଦାବିରେ ଶତାଧିକ ମହିଳାପୁରୁଷ ମନ୍ତ୍ରୀ ନାୟକଙ୍କୁ ଜମ୍ବୁ ଘାଟଠାରେ ଭେଟିବାକୁ ଚାହିଁଥିଲେ। ତେବେ ସମର୍ଥକ ଏଥିରେ ବାଧା ଦେବାରୁ ମହିଳାମାନେ ଗାଡି ଅଟକ ରଖି ଆଗରେ ଧାରଣା ଦେଇଥିଲେ। ଫଳରେ ମନ୍ତ୍ରୀ ନାୟକ ଗାଡି ଛାଡି ଜଣେ ବ୍ୟକ୍ତିଙ୍କ ବାଇକ୍‌ରେ ସ୍ଥାନ ଛାଡିଥିଲେ। ମନ୍ତ୍ରୀଙ୍କ ଗାଡି ପ୍ରାୟ ଅଧଘଣ୍ଟା ଅଟକି ରହିଥିଲା। ଏହାକୁ ନେଇ ପୋଲିସ ଓ ମହିଳାଙ୍କ ମଧ୍ୟରେ ଉଚବାଚରୁ ଠେଲାପେଲା ହୋଇଥିଲା। ଜିଲା ପୋଲିସର ହସ୍ତକ୍ଷେପ ପରେ ସେଠାରୁ ଗାଡି ମୁକୁଳି ଥିଲା।

ଜମ୍ବୁ ଗାଁର ରାମକୃଷ୍ଣଙ୍କୁ ହତ୍ୟା କରାଯାଇଥିବା ନେଇ ବାପା ସୌମେନ୍ଦ୍ର ଜମ୍ବୁ ସାମୁଦ୍ରିକ ଥାନାରେ ଅଭିଯୋଗ କରିଥିଲେ। ଏଥିରେ ମୃତକଙ୍କ ସ୍ତ୍ରୀ, ତାଙ୍କ ଭାଇ, ସ୍ଥାନୀୟ ଅଞ୍ଚଳର ରାଜନେତା ଆଦିଙ୍କ ସମ୍ପର୍କ ରହିଥିବାରୁ ପୋଲିସ ଘଟଣାକୁ ଗୁରୁତ୍ୱ ଦେଇ ନ ଥିଲା। ଫଳରେ ଗ୍ରାମବାସୀ ୩ ଦିନ ମୃତଦେହ ରଖି ଧାରଣା ଦେଇଥିଲେ। ପୋଲିସ ବୁଝାଶୁଝା କରିବା ପରେ ମୃତଦେହକୁ ପରିବାର ଓ ଗାଁ ଲୋକ ସଂସ୍କାର କରିଥିଲେ। ସନ୍ଦେହରେ ଥିବା ଅଭିଯୁକ୍ତଙ୍କୁ ଥାନା ପକ୍ଷରୁ ଜେରା କରାଯାଉ ନ ଥିବା ଦର୍ଶାଇ ମନ୍ତ୍ରୀ ନାୟକଙ୍କୁ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଦାବିପତ୍ର ଦେବାକୁ ଜମ୍ବୁ ଗ୍ରାମବାସୀ ଚେଷ୍ଟା କରିଥିଲେ। ତେବେ ସମର୍ଥକମାନେ ମନ୍ତ୍ରୀଙ୍କୁ ଦାବିପତ୍ର ଦେବାରେ ବାଧା ସୃଷ୍ଟି କରିବାରୁ ପ୍ରାୟ ୪୫ ମିନିଟ୍ ଧରି ଏହି ବିରୋଧ ପ୍ରଦର୍ଶନ କରାଯାଇଥିଲା। ପରେ ପୋଲିସ ସୁରକ୍ଷାରେ ମନ୍ତ୍ରୀ ନାୟକ ସୁନିତି ଓ ତନ୍ତିଆପାଳ ଅଞ୍ଚଳକୁ ଯାଇ ପଦଯାତ୍ରା କରିଥିଲେ।

# ଆଚରଣବିଧି ଉଲ୍ଲଂଘନ କଲେ କାର୍ଯ୍ୟାନୁଷ୍ଠାନ

## ଧାମନଗର ଉପନିର୍ବାଚନ

■୨୦୦୬ କେସ୍‌ରେ ହୋଇଛି କାର୍ଯ୍ୟାନୁଷ୍ଠାନ: ମୁଖ୍ୟ ନିର୍ବାଚନ ଅଧିକାରୀ


ସୁଶୀଲ କୁମାର ଲୋହାନୀ

ଭୁବନେଶ୍ୱର,୨୭।୧୦(ବ୍ୟୁରୋ)

ଧାମନଗର ବିଧାନସଭା ନିର୍ବାଚନମଣ୍ଡଳୀରେ ଉପନିର୍ବାଚନ ନିମନ୍ତେ ବିଭିନ୍ନ ରାଜନୈତିକ ଦଳମାନଙ୍କ ଦ୍ୱାରା ପ୍ରଚାର କାର୍ଯ୍ୟ ଖୁବ୍ ଜୋରରେ ଚାଲିଛି। ଇତିମଧ୍ୟରେ ରାଜନୈତିକ ଦଳମାନଙ୍କ ଦ୍ୱାରା ନିର୍ବାଚନ ପ୍ରଚାର ସମୟରେ ଆଦର୍ଶ ଆଚରଣବିଧିର ଉଲ୍ଲଂଘନ ହେଉଥିବା ନେଇ ଅନେକ ଅଭିଯୋଗ ଆସୁଛି। ସେମାନଙ୍କ ବିରୋଧରେ ଆଇନ ଅନୁସାରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନୀ ଜଣାଇଛନ୍ତି। ନିର୍ବାଚନ ସମୟରେ ଭୋଟରମାନଙ୍କୁ ଟଙ୍କା ଦେଇ ଭୋଟଦେବା ପାଇଁ ପ୍ରବର୍ତ୍ତାଇବା କିମ୍ବା ଭୋଟରଙ୍କୁ ନିୟମିତ ଭୟଭୀତ କରାଇ ଭୋଟଦେବା ପାଇଁ ବାଧ୍ୟ କରିବା ହେଉଛି ଜଘନ୍ୟ ଅପରାଧ। ଏସବୁ କାର୍ଯ୍ୟରେ ଯେକୌଣସି ବ୍ୟକ୍ତିବିଶେଷ କିମ୍ବା ରାଜନୈତିକ ଦଳର କର୍ମକର୍ତ୍ତା କିମ୍ବା ପ୍ରାର୍ଥୀ ଏଥିରେ ସମ୍ପୃକ୍ତ ଥିବାର ପ୍ରମାଣ ମିଳିଲେ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।

ଆସନ୍ତା ଉପନିର୍ବାଚନ ପାଇଁ ସମସ୍ତ ପ୍ରାର୍ଥୀ, ରାଜନୈତିକ ଦଳର କର୍ମକର୍ତ୍ତାଙ୍କୁ ଆଦର୍ଶ ଆଚରଣବିଧିକୁ କଡ଼ାକଡ଼ି ଭାବେ ପାଳନ କରିବା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ ଉପଦେଶ ଦେଇଛନ୍ତି। ଏହାର ବ୍ୟତିକ୍ରମ ହେଲେ ନିଶ୍ଚିତ ଭାବେ ଆଇନ ଅନୁସାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମଧ୍ୟ ଚେତାବନୀ ଦେଇଛନ୍ତି। ନାଗରିକମାନେ ନିଜ ମୋବାଇଲ୍ ମାଧ୍ୟମରେ ଭିଡିଓ ଚିତ୍ର ଉତ୍ତୋଳନ କରି ସମ୍ପୃକ୍ତ ଜିଲା ନିର୍ବାଚନ ଅଧିକାରୀଙ୍କ ନିକଟକୁ ପଠାଇଲେ ୧୦୦ ମିନିଟ୍ ମଧ୍ୟରେ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ଜିଲା ପ୍ରଶାସନ ତରଫରୁ ବିଧାନସଭା ନିର୍ବାଚନମଣ୍ଡଳୀ ସହ ସମଗ୍ର ଜିଲାରେ ଆଦର୍ଶ ଆଚରଣବିଧିର କଡ଼ାକଡ଼ି ପାଳନ ନିମନ୍ତେ ସବୁପ୍ରକାର ବ୍ୟବସ୍ଥା ଗ୍ରହଣ କରିବା ସହ ଏନ୍‌ଫୋର୍ସମେଣ୍ଟ ଟିମ୍ ଲଗାଯାଇଛି। ବିଭିନ୍ନ ରାଜନୈତିକ ଦଳଗୁଡ଼ିକ ଦ୍ୱାରା ଗାଡ଼ିର ଅପବ୍ୟବହାର, ଡାକବାଜି ଯନ୍ତ୍ର ବ୍ୟବହାର ଆଇନର ଉଲ୍ଲଂଘନ କରିବା, ବେଆଇନ ଭାବେ ସଭାସମିତି କରିବା, ଭୋଟରଙ୍କୁ ଟଙ୍କା ଦେଇ ନିଜ ସପକ୍ଷରେ ଭୋଟଦେବା ପାଇଁ ପ୍ରବର୍ତ୍ତାଇବା ଇତ୍ୟାଦି ବାବଦରେ ଏ ପର୍ଯ୍ୟନ୍ତ ମୋଟ ୧୦୨ଟି ଅଭିଯୋଗ ଗ୍ରହଣ କରାଯାଇ କାର୍ଯ୍ୟାନୁଷ୍ଠାନ ହୋଇଛି। ଥାନାରେ ଦୁଇ ଜଣଙ୍କ ବିରୋଧରେ ମାମଲା ରୁଜୁ କରାଯାଇଥିବା ମୁଖ୍ୟ ନିର୍ବାଚନ ଅଧିକାରୀ ପ୍ରକାଶ କରିଛନ୍ତି। ଆଦର୍ଶ ଆଚରଣବିଧି ଉଲ୍ଲଂଘନ କରି ଜନସାଧାରଣ ଓ ବ୍ୟକ୍ତିଗତ କୋଠାବାଡ଼ିଗୁଡ଼ିକୁ ବିକୃତ କରି ନିର୍ବାଚନ ପ୍ରଚାର (ପେଣ୍ଟିଂ) କରିବା ଅଭିଯୋଗରେ ୧୬୧୪ଟି କେସ୍ ଜିଲା ପ୍ରଶାସନ ନଜରକୁ ଆସିଛି। ସେହିପରି ଜନସାଧାରଣ ଓ ବ୍ୟକ୍ତିଗତ ସମ୍ପତ୍ତି ଯଥା କୋଠାବାଡ଼ିଗୁଡ଼ିକରେ ପୋଷ୍ଟର,ବ୍ୟାନର, କାନ୍ଥରେ ଲେଖିବା ଇତ୍ୟାଦି ଅଭିଯୋଗରେ ୨୦୦୬ ଗୋଟି କେସ୍ ଧରାପଡ଼ିବା ସହ ଉଲ୍ଲଂଘନକାରୀଙ୍କ ବିରୋଧରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ବୋଲି ଲୋହାନୀ ପ୍ରକାଶ କରିଛନ୍ତି। ଜିଲା ପୋଲିସ ପ୍ରଶାସନ ଦ୍ୱାରା ଚଢ଼ାଉ କରାଯାଇ ୬୩୯ ଅସ୍ତ୍ରଶସ୍ତ୍ର ଜବତ କରାଯିବା ସହ ସିଆର୍‌ପିସି ଧାରା ୧୦୭ ଓ ୧୧୬ ଅନୁସାରେ ୨୦୧୧ ଜଣଙ୍କୁ ଅଟକ ରଖାଯାଇଛି ଓ ୧୯୬ ଜଣଙ୍କ ବିରୋଧରେ ଜାମିନବିହୀନ ଗିରଫ ପରୱାନା ଜାରି କରାଯାଇଛି ଲୋହାନୀ କହିଛନ୍ତି।

# ଆଜିଠୁ ଜମିବ ପ୍ରଚାର

## ଧାମନଗର ମୁହାଁ ୩ ଦଳର ନେତା



ଭୁବନେଶ୍ୱର,୨୭।୧୦(ବ୍ୟୁରୋ)

ଧାମନଗର ଉପନିର୍ବାଚନକୁ ନେଇ ରାଜ୍ୟ ରାଜନୀତି ଚଳଚଞ୍ଚଳ ହୋଇଉଠିଛି। ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସଙ୍କୁ ଟିକେଟ ନ ମିଳିବା ପରେ ସେ ସ୍ୱାଧୀନ ଭାବେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଏହା ବର୍ତ୍ତମାନ ଶାସକ ଦଳ ଲାଗି ମୁଣ୍ଡବିନ୍ଧାର କାରଣ ପାଲଟିଛି। ସେପଟେ ମାଳମାଳ ବିଜେଡି ନେତା ବୁଲି ପ୍ରଚାର ଚଳାଇଥିବା ବେଳେ ଭାଜପା ଏଥିରେ ପଛରେ ପଡ଼ିବାକୁ ଚାହୁଁନାହିଁ। ଅନ୍ୟପଟେ ଆସନ୍ତା ୩୧ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ମୋଡ୍‌ରେ ବିଜେଡି ପ୍ରାର୍ଥୀ ଅବନ୍ତୀ ଦାସଙ୍କ ଲାଗି ପ୍ରଚାର କରିବା କାର୍ଯ୍ୟକ୍ରମ ରହିଛି। କଂଗ୍ରେସ ପକ୍ଷରୁ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ସମେତ ଅନ୍ୟମାନେ ପ୍ରଚାର କାର୍ଯ୍ୟ ଜୋର୍‌ଦାର ଚଳାଇଛନ୍ତି। ସେହିପରି ଭାଜପା ପ୍ରାର୍ଥୀ ସୂର୍ଯ୍ୟବଂଶୀ ସୂରଜଙ୍କ ପାଇଁ ଧାମନଗର ନିର୍ବାଚନମଣ୍ଡଳୀର ବିଭିନ୍ନ ପଞ୍ଚାୟତରେ ପ୍ରଚାର କରିବାକୁ କେନ୍ଦ୍ରମନ୍ତ୍ରୀମାନେ ଶୁକ୍ରବାରଠାରୁ ମଇଦାନକୁ ଓହ୍ଲାଇବେ। ନିର୍ବାଚନ ଲାଗି ଆଉ ମାତ୍ର ୫ ଦିନ ଥିବାବେଳେ ପ୍ରଚାର ମଇଦାନରେ ପ୍ରବଳ ଭିଡ଼ ଜମିବାକୁ ଯାଉଛି। ଶୁକ୍ରବାର ଠାରୁ ଦୁଇଦିନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରଚାରକୁ ଓହ୍ଲାଇବେ। ଆଗକୁ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ, ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ର, ଏମ୍‌ପି ଜୁଏଲ ଓରାମ ଓ ଅନ୍ୟ ବରିଷ୍ଠ ନେତାମାନେ ପ୍ରଚାରକରିବାକୁ ଆସିବେ। ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ଯାଜପୁର ଜିଲାର ଯେଉଁ ବିଜେଡି ନେତାମାନେ ଚକ୍ରାନ୍ତ କରି ଭଦ୍ରକରେ ହେବାକୁ ଥିବା ମେଡିକାଲ କଲେଜକୁ ତାଙ୍କ ଜିଲାକୁ ନେଇଯାଇଥିଲେ ଏବେ ସେମାନେ ଧାମନଗରରେ ଅଛନ୍ତି। ଧାମନଗରରେ ସେମାନେ ବିଜେଡିର ନିର୍ବାଚନ ପରିଚାଳନା କରୁଛନ୍ତି। ସେହିଭଳି ବୈତରଣୀରେ ଭଦ୍ରକବାସୀଙ୍କୁ ବନ୍ୟା ମୁହଁକୁ ଠେଲିଦେଇ ଯାଜପୁର ଜିଲାର ନଦୀବନ୍ଧକୁ ସଶକ୍ତ କରିଥିବା ବିଜେଡି ନେତାମାନଙ୍କୁ ଏବେ ଧାମନଗରବାସୀ ଉଚିତ ଜବାବ ଦେବେ ବୋଲି ସେ କହିଛନ୍ତି।

# ପ୍ରଚାର ମଇଦାନରେ ପିସିସି ସଭାପତି


ରୋଡ୍‌ଶୋ'ରେ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ସହ କଂଗ୍ରେସ ନେତାମାନେ।

ଭଦ୍ରକ ଅଫିସ, ୨୭।୧୦

ଧାମନଗର ଉପନିର୍ବାଚନ ଯେତିକି ପାଖେଇ ଆସୁଛି ନିର୍ବାଚନୀ ମାହୋଲ ସେତେ ସରଗରମ ହେଉଛି। ପ୍ରଚାର କ୍ଷେତ୍ରରେ ବିଜେଡି ଓ ଭାଜପା ବହୁ ଆଗରେ ଥିବାବେଳେ ପଛରେ ପଡ଼ିଥିବା କଂଗ୍ରେସ ଗତ ଦୁଇଦିନ ଧରି ପ୍ରଚାରକୁ ଜୋର୍‌ଦାର କରିଛି। ଦଳୀୟ ପ୍ରାର୍ଥୀ ହରେକୃଷ୍ଣ ସେଠୀ ଘରକୁ ଘର ବୁଲି ପ୍ରଚାର କରୁଥିବା ବେଳେ ଗୁରୁବାର ପିସିସି ସଭାପତି ଶରତ ପଟ୍ଟନାୟକ ମଇଦାନକୁ ଓହ୍ଲାଇଛନ୍ତି।

ତିହିଡ଼ି ବ୍ଲକରୁ ପ୍ରଚାର ଆରମ୍ଭ କରିଥିବା ବେଳେ ପିସିସି ସଭାପତିଙ୍କ ସହ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ଜଟଣୀ ବିଧାୟକ ସୁରେଶ ରାଉତରାୟ, ବିଧାୟକ ସନ୍ତୋଷ ସିଂ ସାଲୁଜା, ରାଜ୍ୟ ମହିଳା ମୋର୍ଚ୍ଚା ସଭାପତି ବନ୍ଦିତା ପରିଡ଼ା, ପୂର୍ବତନ ବିଧାୟକ ଗଣେଶ୍ୱର ବେହେରା, ପୂର୍ବତନ ଏମ୍‌ପି ଅନନ୍ତ ପ୍ରସାଦ ସେଠୀ, ଭଦ୍ରକ ଜିଲା ସଭାପତି ସୁବ୍ରତ ଦାସ, ଭଦ୍ରକ ନିର୍ବାଚନମଣ୍ଡଳୀ ନେତା ନଳିନୀକାନ୍ତ ମହାନ୍ତି ପ୍ରମୁଖ ସାମିଲ ଥିଲେ। ସେମାନେ ତିହିଡ଼ି ବ୍ଲକର କାଁପଡ଼ା ପଞ୍ଚାୟତରୁ ପ୍ରଚାର ଆରମ୍ଭ କରି ତଳଗୋପବିନ୍ଧା, ବାରୋ, ଶ୍ୟାମସୁନ୍ଦରପୁର, ଗୁଆମାଳ, ଅଚକ ଆଦି ପଞ୍ଚାୟତରେ ରୋଡ୍‌ଶୋ' ସହ କେତେକ ସ୍ଥାନରେ ପଦଯାତ୍ରା କରି ଦଳୀୟ ପ୍ରାର୍ଥୀ ହରେକୃଷ୍ଣଙ୍କ ପାଇଁ ଭୋଟ୍ ମାଗିଥିଲେ। ଶେଷରେ ବାରୋଠାରେ ଅନୁଷ୍ଠିତ ନିର୍ବାଚନୀ ବୈଠକରେ ଉଭୟ ବିଜେଡି ଓ ଭାଜପାକୁ କଟୁ ସମାଲୋଚନା କରିବା ସହ ଦଳୀୟ ପ୍ରାର୍ଥୀଙ୍କୁ ବିପୁଳ ଭୋଟ୍ ଦେଇ ଜିତାଇବାକୁ କଂଗ୍ରେସ ନେତାମାନେ ନିବେଦନ କରିଥିଲେ।

# ୨ ମନ୍ତ୍ରୀଙ୍କୁ କଳାପତାକା

ଆଠଗଡ଼,୨୭।୧୦(ସ୍ୱ.ପ୍ର.)

ଆଠଗଡ଼ ରାଜ୍ୟ ସଡ଼କ ପରିବହନ ନିଗମର ଅତ୍ୟାଧୁନିକ ବସ୍‌ଷ୍ଟାଣ୍ଡ ଲୋକାର୍ପଣ ପାଇଁ ଗୁରୁବାର ନଗର ଉନ୍ନୟନ ମନ୍ତ୍ରୀ ଉଷାଦେବୀ ଓ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଆସୁଥିବାବେଳେ କଂଗ୍ରେସ ପକ୍ଷରୁ କଳାପତାକା ପ୍ରଦର୍ଶନ କରିବାକୁ ଉଦ୍ୟମ କରାଯାଇଛି। ଉଭୟ ମନ୍ତ୍ରୀ ଶୋଭାଯାତ୍ରାରେ ଆସୁଥିବାବେଳେ ଆଠଗଡ଼-ଚାନ୍ଦବାଲି ଛକ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ କଟକ ଜିଲା ଯୁବ କଂଗ୍ରେସ ଉପ-ସଭାପତି ମନୋରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱରେ କର୍ମୀମାନେ କଳାପତାକା ଦେଖାଇବାକୁ ଚେଷ୍ଟା କରିଥିଲେ। ଏଣୁ ଉଭୟ କଂଗ୍ରେସ ଏବଂ ବିଜେଡି କର୍ମୀଙ୍କ ମଧ୍ୟରେ ଠେଲାପେଲା ହୋଇଥିଲା। ପୋଲିସ ହସ୍ତକ୍ଷେପ ପରେ ଉଭୟ ପକ୍ଷ ଶାନ୍ତ ପଡ଼ିଥିଲେ। ଏହି ସମୟରେ ପୋଲିସ ମନୋରଞ୍ଜନଙ୍କ ସମେତ ସାନଭାଇ ଜ୍ଞାନରଞ୍ଜନ ଓ ତାଙ୍କ ୨ ସହଯୋଗୀଙ୍କୁ କାବୁ କରି ଥାନାରେ ଅଟକ ରଖିବା ପରେ ସନ୍ଧ୍ୟାରେ ଛାଡିଦେଇଥିବା ଥାନା ଅଧିକାରୀ ବାମଦେବ ସ୍ୱାଇଁ ସୂଚନା ଦେଇଛନ୍ତି।

# ସିଇସିଙ୍କୁ ଫେରାଦ ହେଲା ବିଜେଡି

## 'ଉପନିର୍ବାଚନରେ ଭାଜପାର ବେନିୟମ ଟଙ୍କା ବଣ୍ଟା ରୋକାଯାଉ'

ଭୁବନେଶ୍ୱର,୨୭।୧୦(ବ୍ୟୁରୋ)

ଧାମନଗର ଉପନିର୍ବାଚନ ନେଇ ବିଜେଡି ଏବଂ ଭାଜପା ପରସ୍ପର ମଧ୍ୟରେ ଦୋଷ ଲଦାଲଦି ପର୍ବ ଜାରି ରଖିଛନ୍ତି। ବୁଧବାର ଭାଜପାର ଏକ ପ୍ରତିନିଧି ମଣ୍ଡଳୀ ଭାରତୀୟ ନିର୍ବାଚନ ଆୟୋଗ(ସିଇସି)ଙ୍କ ନିକଟରେ ଫେରାଦ ହୋଇ ଶାସକ ଦଳ ଧାମନଗରରେ ଲୋକଙ୍କୁ ଟଙ୍କା ବାଣ୍ଟୁଥିବାର ପ୍ରଲୋଭନ ଦେଖାଉଛି ବୋଲି ଅଭିଯୋଗ କରିଥିଲା। ଏଭଳି ସମୟରେ ଗୁରୁବାର ବିଜେଡିର ଏକ ପ୍ରତନିଧି ଦଳ ଭାରତୀୟ ନିର୍ବାଚନ ଆୟୋଗଙ୍କ ପାଖରେ ଫେରାଦ ହୋଇ ଭାଜପା ବିରୋଧରେ ଅଭିଯୋଗ କରିଛି।

ବିଜେଡି ଟିମ୍ ଅଭିଯୋଗ କରିଛି ଯେ, ଭାଜପା ନେତା ଓ କର୍ମୀ ଧାମନଗର ଉପନିର୍ବାଚନରେ ଟଙ୍କା କାରବାର କରୁଛନ୍ତି। ଅନ୍ୟପଟେ ଭାଜପା ଜଣେ ମହିଳାଙ୍କ ଜରିଆରେ ଟଙ୍କା ବାଣ୍ଟିବାର ଭିଡିଓ ଓ ଫଟୋ ତିଆରି କରି ଏହା ବିଜେଡି କରୁଛି ବୋଲି ଅଭିଯୋଗ କରୁଛି। ଏହାସହ ଏସ୍‌ଏଚ୍‌ଜି ମହିଳାମାନଙ୍କୁ ଭାଜପା ଯେପରି ଅପମାନ କରୁଛି ତାହା ନିନ୍ଦନୀୟ। ମିଛ ଭିଡିଓ ପ୍ରସ୍ତୁତ କରି ସାମାଜିକ ଗଣମାଧ୍ୟମରେ ତାହା ପ୍ରଚାର କରୁଛି। ଏହି ଭିଡିଓ ଦେଖାଇ ମିଶନ ଶକ୍ତି ମହିଳା ଟଙ୍କା ବାଣ୍ଟୁଥିବା ଅଭିଯୋଗ କରିଛନ୍ତି। ଭାଜପା ବହୁଳ ମାତ୍ରାରେ ଟଙ୍କା ବାଣ୍ଟି ଧାମନଗର ଉପନିର୍ବାଚନ ଜିତିବାର ପ୍ରୟାସ କରୁଛି। ଯେତେବେଳେ ଧାମନଗର ଉପନିର୍ବାଚନ ହାରୁଥିବା ନେଇ ଭାଜପା ନେତାମାନେ ସୁରାକ ପାଇଲେ ଏବେ ବିପୁଳ ଅର୍ଥ କାରବାର ଆରମ୍ଭ କରିଛନ୍ତି। ଅନ୍ୟପଟେ ୨୦୨୨ ପଞ୍ଚାୟତ ଓ ଅର୍ବାନ ନିର୍ବାଚନରେ ଭାଜପାର ବିପୁଳ ଅର୍ଥ ଜବତ କରାଯାଇଥିଲା। ସ୍ଥାନୀୟ ପ୍ରଶାସନ ବିରୋଧରେ ଭାଜପା ମିଛ ଦୋଷ ଅଜାଡ଼ି ସେମାନଙ୍କୁ ଭୟଭୀତ କରାଇବାକୁ ଚେଷ୍ଟା କରୁଛି। ପ୍ରାୟ ସବୁ ନିର୍ବାଚନରେ ଭାଜପା ପକ୍ଷରୁ ଏହିଭଳି ଉଦ୍ୟମ ଆରମ୍ଭ ହୋଇଛି। ଭାଜପା ଯେଉଁ ମିଛ ଭିଡିଓ ପ୍ରସାର କରି ଏସ୍‌ଏଚ୍‌ଜି ମହିଳାଙ୍କୁ ଅପମାନିତ କରୁଛି ଏହାକୁ ରୋକାଯାଉ। ଧାମନଗରରେ ଭାଜପା ଲୋକଙ୍କ ମତ ପରିବର୍ତ୍ତନ ଲାଗି ବେନିୟମ ଭାବେ ଯେପରି ଅର୍ଥ କାରବାର ନ କରେ ସେଥିପ୍ରତି ଧ୍ୟାନ ଦିଆଯିବା ଦରକାର। ସ୍ଥାନୀୟ ପ୍ରଶାସନ ଯେପରି ବିନା ଭୟରେ ନିଜର କାର୍ଯ୍ୟ କରିବ ସେଥିପ୍ରତି ଧ୍ୟାନଦେବାକୁ ବିଜେଡି ପ୍ରତିନିଧି ଦଳ ଦାବି କରିଛି।


ବିଜେଡି ପ୍ରତିନିଧି ଦଳ ଗୁରୁବାର ନୂଆଦିଲ୍ଲୀଠାରେ ସିଇସିଙ୍କୁ ଭେଟିବାକୁ ଯାଉଛନ୍ତି।

# ମିଥ୍ୟା ମାମଲା କରି ଦଳୀୟ କର୍ମୀଙ୍କୁ ହଇରାଣ କରାଯାଉଛି: ଭାଜପା

ଭୁବନେଶ୍ୱର,୨୭।୧୦(ବ୍ୟୁରୋ)

ଭଦ୍ରକ ଜିଲା ଧାମନଗର ଉପନିର୍ବାଚନରେ ଭୋଟରଙ୍କୁ ପ୍ରଭାବିତ କରିବା ପାଇଁ ଶାସକ ଦଳ ବାରମ୍ବାର ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରି ଆସୁଛି। ଏହାସତ୍ତ୍ୱେ ସ୍ଥାନୀୟ ଜିଲାପାଳ ଓ ବିଧାନସଭା ନିର୍ବାଚନ ଅଧିକାରୀ ଏନେଇ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି। ଭାଜପାର ୯୩୨ରୁ ଊର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତାଙ୍କୁ ମିଥ୍ୟା ନୋଟିସ ଦେଇ ପୋଲିସ ପ୍ରଶାସନ ମାନସିକ ନିର୍ଯାତନା ଦେଉଛି। ଉପନିର୍ବାଚନ ଜିତିବା ପାଇଁ ସରକାରୀ କଳକୁ ଖୋଦ୍ ଶାସକ ଦଳର ମନ୍ତ୍ରୀ, ବିଧାୟକ, ନେତାମାନେ ଅପବ୍ୟବହାର କରୁଛନ୍ତି। ଅନ୍ୟପକ୍ଷରେ ଭାଜପା କାର୍ଯ୍ୟକର୍ତ୍ତାଙ୍କ ବିରୋଧରେ ମିଥ୍ୟା ମାମଲା, ମିଥ୍ୟା ନୋଟିସ ଦେଇ ପୋଲିସ ଭୟଭୀତ କରାଉଛି ବୋଲି ଶୁକ୍ରବାର ଭାଜପାର ଏକ ପ୍ରତିନିଧି ଦଳ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଜଣାଇଛି।

# ନନ୍ଦନକାନନରେ ହାତୀ ପ୍ରେମା ଅସୁସ୍ଥ

**■ ଉଠି ନ ପାରିବାରୁ ହାତୀଶାଳରେ ହେଲା ଚିକିତ୍ସା**
**■ ପର୍ଯ୍ୟଟକଙ୍କ ପାଇଁ ହାତୀ ସଫାରି ବନ୍ଦ**



ବାରଙ୍ଗ,୨୭।୧୦(ଡି.ଏନ୍.ଏ.)

ପ୍ରାଣୀ ଉଦ୍ୟାନ ନନ୍ଦନକାନନର ଅନ୍ୟତମ ଆକର୍ଷକ ସାଜିଥିବା ହାତୀ ପ୍ରେମା ଗୁରୁବାର ହଠାତ୍ ଅସୁସ୍ଥ ହୋଇ ତଳେ ପଡ଼ିଯାଇଛି। ଗୋଡ଼ରେ ବଢୁଥିବା ମାଂସପିଣ୍ଡୁଳାରୁ ଶାରୀରିକ ଅସୁସ୍ଥତା ଆରମ୍ଭ ହୋଇଥିବା ପ୍ରେମା ଏବେ ସମ୍ପୂର୍ଣ୍ଣ ରୂପେ ଅସୁସ୍ଥ ହୋଇପଡ଼ିଛି। ଯାହାକୁ ନେଇ ନନ୍ଦନକାନନ କର୍ତ୍ତୃପକ୍ଷଙ୍କ ପାଇଁ ଚିନ୍ତା ବଢ଼ିଯାଇଛି। ଅସୁସ୍ଥ ପ୍ରେମାକୁ ଛିଡ଼ାକରାଇବାକୁ ଯେତେ ଚେଷ୍ଟା କରିଥିଲେ ସୁଦ୍ଧା ନ ହେବାରୁ ଶେଷରେ ହାତୀଶାଳ ଚତୁଃପାର୍ଶ୍ୱ ଜରିପାଲରେ ଆବଦ୍ଧ କରାଯାଇ ଚିକିତ୍ସା ଆରମ୍ଭ ହୋଇଛି। ଅନ୍ୟପଟେ ଗୁରୁବାର ସକାଳୁ ହାତୀ ସଫାରିର ଫାଟକକୁ ପର୍ଯ୍ୟଟକଙ୍କ ପାଇଁ ବନ୍ଦ କରାଯାଇଛି।

ନନ୍ଦନକାନନର ହାତୀ ପ୍ରେମା ମାଡ୍ରାସ ଭାଣ୍ଡାଲୁର ଚିଡ଼ିଆଖାନାରୁ ୧୯୮୫ ଅକ୍ଟୋବର ୧୩ରେ ନନ୍ଦନକାନନକୁ ଆସିଥିବାବେଳେ ୬୬ବର୍ଷରେ ପଦାର୍ପଣ କରିଛି। ଗତ ଜୁଲାଇରେ ତା'ର ଆଗ ବାମଗୋଡ଼ରେ ଦୁଇଟି ମାଂସପିଣ୍ଡୁଳା ହୋଇଥିବାରୁ ଡାକ୍ତରମାନେ ଦୁଇଟି ପର୍ଯ୍ୟାୟରେ ଅପରେଶନ କରିଥିଲେ। ହେଲେ ପରେ ମାଂସପିଣ୍ଡୁଳା ପୁଣି ଧୀରେ ଧୀରେ ବଢୁଥିବାରୁ ପ୍ରେମାକୁ ଚାଲିବାରେ ଅସୁବିଧା ହେଉଥିଲା। ସେହିଦିନଠାରୁ ପ୍ରେମା ଅସୁସ୍ଥତା ହେବାରେ ଲାଗିଥିଲା। ଏଥିଯୋଗୁ ଖାଇବା ମଧ୍ୟ କମ୍ କରିଦେଇଥିଲା। ନନ୍ଦନକାନନର ଡାକ୍ତରମାନେ ପ୍ରେମାର ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆଣିବା ପାଇଁ ଚିକିତ୍ସା ଆରମ୍ଭ କରିଦେଇଥିଲେ। ଯଦିଓ ଅସୁସ୍ଥ ଥିଲା ତଥାପି ହାତୀଶାଳରେ ଗୋଡ଼ରେ ଶିକୁଳିବନ୍ଧା ହୋଇ ଛିଡ଼ା ହୋଇରହୁଥିଲା। କିନ୍ତୁ ଗୁରୁବାର ସକାଳେ ପ୍ରେମା ଛିଡା ହୋଇ ନପାରି ତଳେ ପଡିଯାଇଥିବା ଡାକ୍ତରଖାନା ଓ ପ୍ରାଣୀ ବିଭାଗକୁ ଜଣାଇ ଦିଆଯାଇଥିଲା। ପ୍ରେମାକୁ ଉଠାଇବାକୁ ସକାଳ ୯ଟାରେ ମାହୁନ୍ତଙ୍କଠାରୁ ଆରମ୍ଭ କରି ଡାକ୍ତର ଓ ପ୍ରାଣୀ ବିଭାଗ କର୍ମଚାରୀମାନେ ଉଦ୍ୟମ କରିଥିଲେ। ବିଫଳ ହେବାରୁ ଜେସିବିରେ ପ୍ରେମାକୁ ଛିଡା କରିବାକୁ ଉଦ୍ୟମ ସତ୍ତ୍ୱେ ହୋଇପାରି ନ ଥିଲା। ଏପରିକି ପାଖରେ ଥିବା କଦଳୀଗଛ ଆଣି ଖାଇବାକୁ ଦେବା ସହ ପାଣି ସ୍ପ୍ରେ ମଧ୍ୟ କରାଯାଇଥିଲା। ସବୁ ପ୍ରକାର ଉଦ୍ୟମ ବିଫଳ ହେବାପରେ ଶେଷରେ ହାତୀଶାଳରେ ହିଁ ଘୋଡ଼ାଯାଇ ପ୍ରେମାର ଚିକିତ୍ସା ହୋଇଥିଲା। ଏହି ଘଟଣା ପରେ ହାତୀସଫାରିର ଫାଟକକୁ ପର୍ଯ୍ୟଟକଙ୍କ ପାଇଁ ବନ୍ଦ କରାଯାଇଛି। ଫଳରେ ପର୍ଯ୍ୟଟକ ହାତୀଶାଳରେ ଥିବା ହାତୀ ବାସନ୍ତୀ ଓ ହୀରାକୁ ଦେଖିବାରୁ ବଞ୍ଚିତ ହୋଇଛନ୍ତି।

ନନ୍ଦନକାନନରେ ଥିବା ଜୀବଜନ୍ତୁଙ୍କ ସ୍ୱାସ୍ଥ୍ୟଗତ ସମସ୍ୟାରେ ସୁଧାର ଆଣିବା ପାଇଁ ଏକାଧିକ ଡାକ୍ତର ଅଛନ୍ତି। ନନ୍ଦନକାନନ ପ୍ରାଣୀ ଚିକିତ୍ସା ବଳୟରେ ଜଣେ ବରିଷ୍ଠ ପଶୁ ଚିକିତ୍ସକ, ଜଣେ ସହକାରୀ ପଶୁ ଚିକିତ୍ସକ, ୨ଜଣ ପ୍ରାଣୀଧନ ନିରୀକ୍ଷକ ନିଯୁକ୍ତି ପାଇଛନ୍ତି। ଏହାପରେ ବି ଓୟୁଏଟିର ବିଶେଷଜ୍ଞଙ୍କର ସହାୟତା ନିଆଯାଉଛି। ଏହାସତ୍ତ୍ୱେ ଠିକ୍ ରୋଗ ନିରୂପଣ ହୋଇପାରୁ ନ ଥିବାରୁ ଜୀବଜନ୍ତୁଙ୍କ ମୃତ୍ୟୁ ଘଟୁଥିବା ଅଭିଯୋଗ ହେଉଛି। ମାସକ ମଧ୍ୟରେ ଜଳହସ୍ତୀ ଶାବକ, ୩ ଗୁରାଣ୍ଡି, ମାଈ କୃଷ୍ଣସାର ମୃଗ, ମାଈ ନୀଳଗାଈ, ବାଘୁଣୀ ବିଜୟା, ଏମୁ ମୃତ୍ୟୁ କରିଛି।

# ପଲିଥିନ ନିଷେଧ ପାଇଁ ଆକ୍ସନ ପ୍ଲାନ୍

**ପଞ୍ଚାୟତ, ପୌର ସଂସ୍ଥା ପାଇଁ ଗଠନ ହେବ ସ୍ୱତନ୍ତ୍ର ସ୍କ୍ୱାଡ**



ଭୁବନେଶ୍ୱର,୨୭।୧୦(ବ୍ୟୁରୋ)

ରାଜ୍ୟରେ ଥରେ ବ୍ୟବହାର ହେଉଥିବା ପ୍ଲାଷ୍ଟିକ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ମାତ୍ର ଏହାକୁ ଖୋଲାଖୋଲି ଉଲ୍ଲଂଘନ କରାଯାଉଛି। ପଲିଥିନ କଟକଣାକୁ କଡ଼ାକଡ଼ି କରିବା ପାଇଁ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଓଏସ୍‌ପିସିବି) ସମ୍ପୂର୍ଣ୍ଣ ଆକ୍ସନ ପ୍ଲାନ୍ ପ୍ରସ୍ତୁତ କରିଛି। ପ୍ରଦୂଷଣ ବୋର୍ଡ ମେମ୍ବର ସେକ୍ରେଟାରି କେ. ମୁରୁଗେସେନ ଆକ୍ସନ ପ୍ଲାନ୍ ନେଇ ବିଭାଗୀୟ ବରିଷ୍ଠ ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି । ପୌର ସଂସ୍ଥା ଏବଂ ପଞ୍ଚାୟତିରାଜ ଅନୁଷ୍ଠାନ ଯଥା ଜିଲା ପରିଷଦ, ପଞ୍ଚାୟତ ସମିତି, ଗ୍ରାମ ପଞ୍ଚାୟତଗୁଡ଼ିକର ଇକୋ ସେନ୍‌ସିଟିଭ ଜୋନ, ମନ୍ଦିର, ରେଳ ଷ୍ଟେଶନ, ବସ୍‌ଷ୍ଟାଣ୍ଡ, ହାଟ, ଡାକ୍ତରଖାନା ଓ ନର୍ସିଂହୋମ୍ ପରିସର, ସ୍କୁଲ ଓ କଲେଜ ପରିସର, ଶିଳ୍ପାଞ୍ଚଳ, ରାଜ୍ୟ ସରକାରଙ୍କ ଅଧୀନରେ ଥିବା ସମସ୍ତ ସର୍ବସାଧାରଣ ସ୍ଥାନରେ ଏହି ଆକ୍ସନ ପ୍ଲାନ୍ ଲାଗୁ କରାଯିବ।

ବଜାରରେ ଏହା ସହଜରେ ଉପଲବ୍ଧ ହେଉଥିବାରୁ ଥରେ ବ୍ୟବହାର କରାଯାଉଥିବା ପ୍ଲାଷ୍ଟିକ ଓ ୫୦ ମାଇକ୍ରନ୍‌ରୁ କମ୍ ମୋଟେଇ ପଲିଥିନ ବହୁଳ ମାତ୍ରାରେ ବ୍ୟବହାର କରାଯାଉଛି । ପରିବେଶ ପାଇଁ ଏହା ଅତ୍ୟନ୍ତ ବିପଜ୍ଜନକ । ଏହି କଠିନ ବର୍ଜ୍ୟବସ୍ତୁକୁ ପରିଚାଳନା କରିବା ପ୍ରଶାସନ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇଛି। ପଲିଥିନଗୁଡ଼ିକୁ ପୌର ବର୍ଜ୍ୟରୁ ସେଗୁଡ଼ିକୁ ଅଲଗା କରାଯାଇ ପୁନଃ ପ୍ରକ୍ରିୟାକରଣ କରାଯିବ। ନିଜ ଅଞ୍ଚଳରେ କେତେ ପରିମାଣର ବର୍ଜ୍ୟ ବାହାରୁଛି ପୌର ସଂସ୍ଥା ଏବଂ ପଞ୍ଚାୟତ ତାହାର ରେକର୍ଡ ରଖିବେ। ସଂଗୃହୀତ ପଲିଥିନ ରାସ୍ତା ନିର୍ମାଣ ଏବଂ ସିମେଣ୍ଟ କାରଖାନାରେ ବ୍ୟବହାର କରାଯିବ। ପଞ୍ଚାୟତଗୁଡ଼ିକ ପୁନଃ ପ୍ରକ୍ରିୟାକରଣ ପାଇଁ ବର୍ଜ୍ୟବସ୍ତୁଗୁଡ଼ିକୁ ପୌର ସଂସ୍ଥାଗୁଡ଼ିକୁ ହସ୍ତାନ୍ତର କରିବେ। ଆଗାମୀ ଦିନରେ ଥରେ ବ୍ୟବହୃତ ପଲିଥିନଗୁଡ଼ିକୁ ନଷ୍ଟ କରିବା ପାଇଁ ରିଫ୍ୟୁଜ ଡିରାଇଭିଡ୍ ଫୁଏଲ(ଆର୍‌ଡିଏଫ) ପ୍ଲାଣ୍ଟ ଏବଂ ୱେଷ୍ଟ ଟୁ ଏନର୍ଜି ପ୍ଲାଣ୍ଟ (ଡବ୍ଲ୍ୟୁଟିଇ) ପ୍ଲାଣ୍ଟ ସ୍ଥାପନ କରାଯିବ।

ରାଜ୍ୟର ସମସ୍ତ ପୌର ସଂସ୍ଥା ଏବଂ ପଞ୍ଚାୟତ ପାଇଁ ସ୍ୱତନ୍ତ୍ର ସ୍କ୍ୱାଡ ଗଠନ କରାଯିବ। ହାଟ, ବଜାର, ଗଚ୍ଛିତ ରଖୁଥିବା ବ୍ୟବସାୟୀ, ଶିଳ୍ପାଞ୍ଚଳ ଇତ୍ୟାଦିକୁ ଏହି ସ୍କ୍ୱାଡ ସପ୍ତାହକୁ ଦୁଇଥର ଅଚାନକ ପରିଦର୍ଶନ କରିବେ। ନିଷେଧ କରାଯାଇଥିବା ପଲିଥିନଗୁଡ଼ିକୁ ଜବତ କରି ଜରିମାନା ଆଦାୟ କରିବେ। ସେହି ଜରିମାନାକୁ ପୌର ସଂସ୍ଥା ଏବଂ ପଞ୍ଚାୟତରେ ଏକ ଆକାଉଣ୍ଟ ଖୋଲାଯାଇ ଡିପୋଜିଟ୍ କରାଯିବ। କୌଣସି ପ୍ରକାର ଆଇନଶୃଙ୍ଖଳା ଯେପରି ସୃଷ୍ଟି ନ ହେବ ସେଥିପାଇଁ ପୋଲିସ ସ୍କ୍ୱାଡ୍ ଚଢ଼ାଉ ସମୟରେ ସହଯୋଗ କରିବ। ଜରିମାନା ଅର୍ଥରେ ଜନସଚେତନତା ସୃଷ୍ଟି କରାଯିବ। ପଲିଥିନ ପରିବର୍ତ୍ତେ ପରିବେଶକୁ ଖାପଖୁଆଇବା ଭଳି ଝୋଟରେ ତିଆରି ବ୍ୟାଗ୍ ଓ ଅନ୍ୟାନ୍ୟ ବସ୍ତୁ ବ୍ୟବହାର ଉପରେ ଗୁରୁତ୍ୱ ଦିଆଯିବ। ଏଥିପାଇଁ ନାବାର୍ଡ କିମ୍ବା ବ୍ୟାଙ୍କରୁ ସହାୟତା ପ୍ରଦାନ କରାଯିବ। ସମସ୍ତ ସରକାରୀ ଏବଂ ଘରୋଇ ଶିକ୍ଷାନୁଷ୍ଠାନ, ସରକାରୀ କାର୍ଯ୍ୟାଳୟ, ଶିଳ୍ପ ସଂସ୍ଥା, ଧାର୍ମିକ ସ୍ଥଳ, ଡାକ୍ତରଖାନା, ନର୍ସିଂହୋମ୍‌ଗୁଡ଼ିକୁ ପଲିଥିନ ମୁକ୍ତ ଘୋଷଣା କରିବାକୁ ପ୍ରୋତ୍ସାହିତ କରାଯିବ ବୋଲି ମୁରୁଗେସେନ କହିଛନ୍ତି।

# ସୂର୍ଯ୍ୟମନ୍ଦିର ବୁଲିଲେ ୭ ଦେଶର ରାଷ୍ଟ୍ରଦୂତ

**କୋଣାର୍କର ଇତିହାସ ଜାଣି ବିମୋହିତ**

କୋଣାର୍କ,୨୭।୧୦(ଡି.ଏନ୍.ଏ.)

ବିଶ୍ୱ ପର୍ଯ୍ୟଟନସ୍ଥଳୀ କୋଣାର୍କର ସୂର୍ଯ୍ୟମନ୍ଦିର, ଆନ୍ତର୍ଜାତିକ ବ୍ୟାଖ୍ୟାନ କେନ୍ଦ୍ରକୁ ଗୁରୁବାର ଆସୋସିଏଶନ ଅଫ୍ ସାଉଥ ଇଷ୍ଟ ଏସିଆନ ନେଶନର ସଦସ୍ୟ ମଣ୍ଡଳୀ ବୁଲି ଦେଖିଛନ୍ତି। ଏହି ଓଡ଼ିଶା ଭ୍ରମଣରେ ସାମିଲ ହୋଇଥିଲେ ଭିଏତନାମ, ମ୍ୟାନମାର, ଥାଇଲାଣ୍ଡ, ଲାଓପିଡିଆର, ମାଲେସିଆ, ଇଣ୍ଡୋନେସିଆ, ବୋର୍ନିଓର ରାଷ୍ଟ୍ରଦୂତ ସମୂହ। ସଦସ୍ୟ ମଣ୍ଡଳୀ ପ୍ରଥମେ କୋଣାର୍କରେ ପହଞ୍ଚିବା ପରେ ଜିଲା ପ୍ରଶାସନ ପକ୍ଷରୁ ଜିଲାପାଳ ସମର୍ଥ ବର୍ମା ରାଷ୍ଟ୍ରଦୂତମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ପ୍ରାୟ ୩ ଘଣ୍ଟାର ଭ୍ରମଣ ସମୟରେ ବ୍ୟାଖ୍ୟାନ କେନ୍ଦ୍ରରେ ଓଡ଼ିଶାର ଐତିହ୍ୟ, ବୋଇତ ବନ୍ଦାଣ, ଭଗ୍ନ କୋଣାର୍କର ପୂର୍ବ ସ୍ଥିତିର ପ୍ରତିକାତ୍ମକ ପ୍ରସ୍ତର ଖୋଦେଇ ସୂକ୍ଷ୍ମ କାରୁକାର୍ଯ୍ୟ ଦେଖିବା ସହ କୋଣାର୍କର ଇତିହାସ ସମ୍ବନ୍ଧୀୟ ସ୍ଥିରଚିତ୍ର ଦେଖି ବିମୋହିତ ହୋଇଥିଲେ। ଏହାପରେ କୋଣାର୍କ ସୂର୍ଯ୍ୟମନ୍ଦିର ବୁଲି ପ୍ରତ୍ନତାତ୍ତ୍ୱିକ ତଥ୍ୟ, ସୂର୍ଯ୍ୟ ଘଡି, ପୌରାଣିକ କାହାଣୀ, ଶାମ୍ବ ଓ ଧର୍ମପଦଙ୍କ କାହାଣୀ ଆଦି ଗାଇଡ୍‌ଙ୍କଠାରୁ ବୁଝିଥିଲେ। ଏଭଳି କାରୁକାର୍ଯ୍ୟ ଦେଖି ବିଶ୍ୱରେ ବିରଳ ଓ ଅଦ୍ୱିତୀୟ ବୋଲି ରାଷ୍ଟ୍ରଦୂତମାନେ କହିଥିଲେ। କୋଣାର୍କରୁ ଏକ ଭଲ ଅନୁଭୂତି ନେଇଯିବା ଓଡ଼ିଶାର ପର୍ଯ୍ୟଟନ ବିକାଶରେ ସହାୟକ ହେବ। ସୂର୍ଯ୍ୟମନ୍ଦିର ଦର୍ଶନ କରିବା ସହ ନିପୁଣ କାରୁକାର୍ଯ୍ୟ ଦେଖି ଖୁସିବ୍ୟକ୍ତ କରିଥିଲେ ଟିମ୍ ସଦସ୍ୟଗଣ। ଏହି ଗସ୍ତ ସମୟରେ ପୁରୀ ଅତିରିକ୍ତ ଜିଲାପାଳ ଦିଲୀପ କୁମାର ମହାପାତ୍ର, ଗୋପ ତହସିଲଦାର ଏସ୍.କେ.ସାଗିର, ଜିଲା ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନ, କୋଣାର୍କ ଥାନା ଅଧିକାରୀ ରଞ୍ଜନ କୁମାର ମଲ୍ଲିକ ଓ କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମିୟ କୁମାର ସେଠୀଙ୍କ ସମେତ ଏଏସ୍‌ଆଇର ଅଧିକାରୀମାନେ ଉପସ୍ଥିତ ଥିଲେ।



ସୂର୍ଯ୍ୟ ମନ୍ଦିର ପରିଦର୍ଶନ ଅବସରରେ ଗୁରୁବାର ଆସୋସିଏଶନ ଅଫ୍ ସାଉଥ୍ ଇଷ୍ଟ ଏସିଆନ ନେଶନର ସଦସ୍ୟମଣ୍ଡଳୀ।

# ନଭେମ୍ବରରେ ପାଣିକୋଇଲି ଟୋଲ୍ ପ୍ଲାଜା ସ୍ଥାନାନ୍ତର

**■ ଲିଜ୍ ଅବଧି ସରିବା ପରେ ବି ଏନ୍‌ଏଚ୍‌ଏଆଇ ନୀରବ**
**■ ଟୋଲ ଅର୍ଥ ହେରାଫେରି ଆଶଙ୍କା**
**■ ସ୍ଥାନାନ୍ତର ନିଷ୍ପତ୍ତିକୁ ୬ ବର୍ଷ ବିତିଲା**



ଯାଜପୁର ଅଫିସ,୨୭।୧୦

ଏନଏଚ୍‌ଏଆଇ(ନ୍ୟାଶନାଲ ହାଇୱେ ଅଥରିଟି ଅଫ୍ ଇଣ୍ଡିଆ) ଅଧୀନରେ ଥିବା ଯାଜପୁର ଜିଲା ପାଣିକୋଇଲି ଟୋଲ ପ୍ଲାଜା ସ୍ଥାନାନ୍ତର ନିଷ୍ପତ୍ତିକୁ ୬ ବର୍ଷ ବିତିଛି। ଏପରିକି ଟୋଲ ଆଦାୟ ଦାୟିତ୍ୱରେ ଥିବା ରଞ୍ଜୋର ଡେଭଲପମେଣ୍ଟ ପ୍ରା.ଲିଃ. ଠିକାସଂସ୍ଥାର ଲିଜ୍ ଅବଧି ଗୁରୁବାର ଶେଷ ହୋଇଛି। କିନ୍ତୁ ଭଦ୍ରକ-ଯାଜପୁର ସୀମାନ୍ତବର୍ତ୍ତୀ ନେଉଳିଆଠାରେ ନବନିର୍ମିତ ଟୋଲପ୍ଲାଜାକୁ ସ୍ଥାନାନ୍ତର କରିବାକୁ ଏନଏଚ୍‌ଏଆଇ କର୍ତ୍ତୃପକ୍ଷ ଦିନ ଗଡ଼ାଇ ଚାଲିଛନ୍ତି। ଆଗକୁ ନୂତନ ଟେଣ୍ଡର ହେବା ପର୍ଯ୍ୟନ୍ତ ଦୈନିକ ପ୍ରାୟ ୩୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଟୋଲ ଆଦାୟ ଅର୍ଥକୁ ହେରାଫେରି କରିବାକୁ ଏହା ଏକ ଚକ୍ରାନ୍ତ ବୋଲି ସାଧାରଣରେ ଆଲୋଚନା ହେଉଛି। ଅନ୍ୟପକ୍ଷେ ପାଣିକୋଇଲି ଟୋଲପ୍ଲାଜା ଆସନ୍ତା ନଭେମ୍ବର ପ୍ରଥମ ସପ୍ତାହ ସୁଦ୍ଧା ସ୍ଥାନାନ୍ତର ହେବ ବୋଲି ଏନଏଚ୍‌ଏଆଇ ପକ୍ଷରୁ ସୂଚନା ମିଳିଛି।

ଯାଜପୁର ଜିଲା ଦେଇ ଯାଇଥିବା ୧୬ନଂ. ଜାତୀୟ ରାଜପଥର ପାଣିକୋଇଲି ଓ ୫୩ନଂ. ଜାତୀୟ ରାଜପଥର ଶ୍ରୀରାମପୁର ଟୋଲପ୍ଲାଜା ସ୍ଥାନାନ୍ତର ନିଷ୍ପତ୍ତି ୬ ବର୍ଷ ହେଲା ଅସମାହିତ ହୋଇରହିଛି। ଅବଧି ସରିବାର ପ୍ରାୟ ଅଢେଇ ମାସ ପରେ ପାଣିକୋଇଲି ଟୋଲପ୍ଲାଜାକୁ ନେଇ ୨୦୨୦ ଅଗଷ୍ଟ ୬ ରେ ଟେଣ୍ଡର ହୋଇଥିଲା। ଏହି ଅଢେଇ ମାସ ଏନଏଚ୍‌ଏଆଇ କର୍ତ୍ତୃପକ୍ଷଙ୍କ ଦ୍ୱାରା ପରିଚାଳିତ ହୋଇଥିଲାବେଳେ ଠିକାସଂସ୍ଥା ସାହାକାର ପ୍ରାଇଭେଟ ଲିଃ କେବଳ ପରିଚାଳନା କରିଥିଲା। ସେତେବେଳେ ଉକ୍ତ ଠିକାସଂସ୍ଥାକୁ ପରିଚାଳନା ଖର୍ଚ୍ଚ ପ୍ରଦାନ କରି ବାକି ଟୋଲ ଆଦାୟର ସିଂହଭାଗ ଅର୍ଥ ମିଳିମିଶି ଲୁଟ୍ କରାଯାଇଥିବା ଅଭିଯୋଗ ହୋଇଥିଲା। ସେତେବେଳେ ଏକ ନୂତନ ଠିକାସଂସ୍ଥାକୁ ଦୈନିକ ୩୨ଲକ୍ଷ ୭୨ ହଜାର ଟଙ୍କାରେ ଲିଜ୍ ଦେଇଥିବା ସୂଚନା ମିଳିଥିଲା। ଅନୁରୂପ ଭାବେ ବର୍ତ୍ତମାନ ମଧ୍ୟ ଟେଣ୍ଡର ପ୍ରକ୍ରିୟାକୁ ବିଳମ୍ବିତ କରି ଟୋଲ ଆଦାୟ ଅର୍ଥକୁ ବାଟମାରଣା କରିବାକୁ ଚକ୍ରାନ୍ତ ଚାଲିଥିବା କୁହାଯାଉଛି। ତେଣୁ ନେଉଳିଆ ଟୋଲ ପ୍ଲାଜା ନିର୍ମାଣ ଶେଷ ହୋଇ ସାରିଥିଲେ ହେଁ ଜାଣିଶୁଣି ସେଠାକୁ ସ୍ଥାନାନ୍ତର କରାଯାଉନାହିଁ। ଯେତେଦିନ ଟେଣ୍ଡର ପ୍ରକ୍ରିୟା ଘୁଞ୍ଚିବ ସେତେଦିନ ପର୍ଯ୍ୟନ୍ତ ଟୋଲ ଆଦାୟର ବିପୁଳ ଅର୍ଥ ସମ୍ପୃକ୍ତ କେତେଜଣ ଅଧିକାରୀଙ୍କ ପକେଟକୁ ଯିବ ବୋଲି ଆଶଙ୍କା ପ୍ରକାଶ ପାଇଛି।

ସୂଚନାଯୋଗ୍ୟ, ଏନ୍‌ଏଚ୍‌ଏଆଇର ଗାଇଡ୍‌ଲାଇନ ଅନୁଯାୟୀ ଗୋଟିଏ ଟୋଲଗେଟରୁ ଅନ୍ୟ ଟୋଲ୍‌ଗେଟର ଦୂରତା ଅତିକମରେ ୬୦ କିଲୋମିଟର ହେବା ଆବଶ୍ୟକ। କିନ୍ତୁ ୧୬ନଂ. ଜାତୀୟ ରାଜପଥ, ଚଣ୍ଡିଖୋଲ-ପାରାଦୀପ ୫୩ନଂ. ଏବଂ ପାଣିକୋଇଲି-କେନ୍ଦୁଝର ୨୦ନଂ. ଜାତୀୟ ରାଜପଥରେ ୪ଟି ଟୋଲପ୍ଲାଜା ରହିଛି। ସେଥିମଧ୍ୟରୁ ଯାଜପୁର ଜିଲାର ପାଣିକୋଇଲି ଓ ଶ୍ରୀରାମପୁରରେ ୨ଟି ଟୋଲପ୍ଲାଜା କାମ କରୁଛି। କେବଳ ୧୬ନଂ. ଏନଏଚରେ ୪୭ କିମି ଦୂରତା ମଧ୍ୟରେ ପାଣିକୋଇଲି ଓ ବନ୍ଦାଲୋ ଟୋଲପ୍ଲାଜା ରହିଛି। ଭୁବନେଶ୍ୱରଠାରୁ ଯାଜପୁର ଜିଲାଦେଇ ପ୍ରସିଦ୍ଧ ଘଟଗାଁ ତାରିଣୀ ମନ୍ଦିରକୁ ଗଲେ ମଙ୍ଗୁଳି, ପାଣିକୋଇଲି ଓ ଆନନ୍ଦପୁର ନିକଟସ୍ଥ ୩ ଟୋଲପ୍ଲାଜା ଅତିକ୍ରମ କରିବାକୁ ପଡୁଛି। ତେଣୁ ଜାତୀୟ ରାଜପଥ ପ୍ରାଧିକରଣ(ଏନ୍‌ଏଚ୍‌ଆଇ) ପକ୍ଷରୁ ମଙ୍ଗୁଳି ଟୋଲପ୍ଲାଜାକୁ ବନ୍ଦାଲୋ, ପାଣିକୋଇଲି ଟୋଲପ୍ଲାଜାକୁ ଭଦ୍ରକ ଜିଲା ନେଉଳିଆ ଏବଂ ଶ୍ରୀରାମପୁର ଟୋଲପ୍ଲାଜାକୁ କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇକୁ ସ୍ଥାନାନ୍ତର କରିବାକୁ ୨୦୧୬ ଜୁଲାଇରେ ନିଷ୍ପତ୍ତି ହୋଇଥିଲା। ଏହି ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବାକୁ ରାଜ୍ୟ ପରିବହନ କମିଶନର ତାଙ୍କ ପତ୍ରସଂଖ୍ୟା ୧୧୦୬୩/୧୯।୭।୨୦୧୬ରେ ୱାର୍କସ ସେକ୍ରେଟାରୀଙ୍କୁ ପତ୍ର ଲେଖିଥିଲେ। ଏହି ପତ୍ର ଜାରି ହେବାର ୬ ବର୍ଷରୁ ଊର୍ଦ୍ଧ୍ୱ ସମୟ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ ନିଜର ସ୍ୱାର୍ଥସାଧନ ପାଇଁ ବିଭାଗୀୟ କର୍ତ୍ତୃପକ୍ଷ ଲୋକଙ୍କୁ ଶୋଷଣ କରୁଥିବା ଅଭିଯୋଗ ହେଉଛି। ଏହି କ୍ରମରେ ଏନ୍‌ଏଚ୍ ସମ୍ପ୍ରସାରଣ କାର୍ଯ୍ୟ ମଧ୍ୟ ବାଧାପ୍ରାପ୍ତ ହେଉଛି।

ଏ ସଂକ୍ରାନ୍ତରେ ଏନଏଚ୍‌ଏଆଇ ବାଲେଶ୍ୱର ଡିଭିଜନର ନିର୍ଦ୍ଦେଶକ ଜେ.ପି. ବର୍ମାଙ୍କୁ ପଚାରିବାରୁ ସେ କହିଛନ୍ତି, ନଭେମ୍ବର ପ୍ରଥମ ସପ୍ତାହ ସୁଦ୍ଧା ପାଣିକୋଇଲି ଟୋଲପ୍ଲାଜା ସ୍ଥାନାନ୍ତର କରାଯିବ। ଟେଣ୍ଡର ହେବା ପର୍ଯ୍ୟନ୍ତ ପୁରୁଣା ସଂସ୍ଥା ପରିଚାଳନା କରିବ। ଏଥିରେ କୌଣସି ହେରାଫେରିର ସମ୍ଭାବନା ନାହିଁ।

# ୧ରୁ ଖୋଲିବ ଶିମିଳିପାଳ ଅଭୟାରଣ୍ୟ

ବାରିପଦା ଅଫିସ,୨୭।୧୦

ମୟୂରଭଞ୍ଜ ଜିଲାର ପ୍ରସିଦ୍ଧ ଶିମିଳିପାଳ ଅଭୟାରଣ୍ୟ ଅସନ୍ତା ନଭେମ୍ବର ୧ତାରିଖରୁ ଖୋଲିବ। ଏନେଇ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ବାରିପଦାଙ୍କ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୪୨୬୮/୨୬।୧୦।୨୨ ଅନୁଯାୟୀ ପର୍ଯ୍ୟଟକମାନେ ଶିମିଳିପାଳ ମଧ୍ୟକୁ ପ୍ରବେଶ କରି ପାରିବେ ବୋଲି ଅନୁମତି ପ୍ରଦାନ କରାଯାଇଛି।

ବାରିପଦାର ପିଠାବଟା ଗେଟ ଦେଇ ଅଗ୍ରୀମ ବୁକିଂ କିମ୍ବା ପ୍ରଥମେ ପହଞ୍ଚିଥିବା ୨୫ଟି ଗାଡ଼ି ଏବଂ ଯଶିପୁର କାଳିଆଣୀ ପଟୁ ୩୫ଟି ଗାଡ଼ି ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପକୁ ପ୍ରବେଶ ପାଇଁ ସକାଳ ୬ଟାରୁ ୯ଟା ମଧ୍ୟରେ ଅନୁମତିପତ୍ର ନେଇପାରିବେ। ବ୍ୟାଘ୍ର ପ୍ରକଳ୍ପ ମଧ୍ୟକୁ ପ୍ରବେଶ କରିବା ପୂର୍ବରୁ ପର୍ଯ୍ୟଟକମାନେ ପ୍ରଚଳିତ ନିୟମାବଳୀ ପାଳନ ନିମନ୍ତେ ଲିଖିତନାମା ପ୍ରଦାନ କରିବେ। ନିୟମାବଳୀ ଉଲ୍ଲଂଘନ କଲେ ଆଇନ ଅନୁଯାୟୀ ଦଣ୍ଡିତ ହେବେ ବୋଲି ବିଭାଗ ସତର୍କ କରାଇଛି। ପର୍ଯ୍ୟଟକଙ୍କ ଯାନ ଏବଂ ସେମାନଙ୍କ ସମସ୍ତ ଜିନିଷପତ୍ର ପ୍ରବେଶ ଓ ପ୍ରସ୍ଥାନ ଫାଟକରେ ଯାଞ୍ଚ କରାଯିବ। ଅପରାହ୍ନ ୩ଟା ପୂର୍ବରୁ ସମସ୍ତ ପର୍ଯ୍ୟଟକ ଯୋରନ୍ଦା, ବରେହିପାଣି ଜଳପ୍ରପାତ ଏବଂ ଅପରାହ୍ନ ୪ଟା ପୂର୍ବରୁ ଚହଲା ସ୍ଥାନ ଛାଡ଼ିବେ। କୌଣସି କାରଣରୁ ଯାନ ଖରାପ ହେଲେ ସେହି ଯାନରେ ଥିବା ପର୍ଯ୍ୟଟକମାନଙ୍କୁ ବାରିପଦା କିମ୍ବା ଯଶିପୁର ବସ୍‌ଷ୍ଟାଣ୍ଡ ପହଞ୍ଚାଇବାକୁ ଅଗ୍ରୀମ ୪ହଜାର ଟଙ୍କା ଜମା କରିବା ପରେ ବିଭାଗ ପକ୍ଷରୁ ସେମାନଙ୍କୁ ସ୍ଥାନାନ୍ତର କରାଯିବ। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ଥିବା କୁମାରୀ, ଗୁଡ଼ଗୁଡିଆ, ରାମତୀର୍ଥ, ବରେହିପାଣି ଓ ଜାମୁଆଣୀରେ ରାତ୍ରିଯାପନ କରିବା ନିମନ୍ତେ ପର୍ଯ୍ୟଟକମାନଙ୍କୁ ୱେବ୍‌ସାଇଟ ଇକୋଟୁର ଓଡ଼ିଶା ଡଟ୍ କମ୍‌ରେ ଅଗ୍ରୀମ ଆରକ୍ଷଣ କରିବା ପାଇଁ ବ୍ୟବସ୍ଥା କରାଯାଇଛି। ଚଳିତ ବର୍ଷଠାରୁ ପର୍ଯ୍ୟଟକମାନେ ନିଜର ଏବଂ ଯାନର ପ୍ରବେଶ ନିମନ୍ତେ ଅନୁମତିପତ୍ର ଶିମିଳିପାଳ ଡଟ୍ ଓଆର୍‌ଜି ୱେବ୍‌ସାଇଟ ଜରିଆରେ କିମ୍ବା ପୂର୍ବ ପରି ପ୍ରବେଶ ପଥରେ ଅନୁମତିପତ୍ର ନେଇପାରିବେ। ଅଭୟାରଣ୍ୟକୁ ପ୍ରବେଶ ପାଇଁ ଯାନ ସହିତ ଜଣେ ଗାଇଡ୍ ନେବା ବାଧ୍ୟତାମୂଳକ କରାଯାଇଛି। ସେହିପରି ଦେବକୁଣ୍ଡ ଭ୍ରମଣ ପାଇଁ ନଭେମ୍ବର ୧ତାରିଖ ସକାଳ ୭ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ମୁଖ୍ୟ ଫାଟକ ସମ୍ମୁଖରୁ ଅନୁମତିପତ୍ର ମିଳିପାରିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ଏସୀୟ ମହିଳା କ୍ରିକେଟ୍‌ରେ ଭାରତର ଆଧିପତ୍ୟ



ନିର୍ମଳ କୁମାର ମିଶ୍ର




ଅନ୍ତର୍ଜାତୀୟ ଦୃଶ୍ୟପଟରେ ମହିଳା କ୍ରିକେଟର ଗୁରୁତ୍ୱ ବଢ଼ିଛି। ସେହି ଅନୁସାରେ ଦେଖିବାକୁ ଗଲେ ଭାରତରେ ମଧ ମହିଳା କ୍ରିକେଟ ବହୁ ଆଗକୁ ବଢ଼ିଛି। ମହିଳା ଏସିଆ କପ୍‌ରେ ପ୍ରଭାବୀ ପ୍ରଦର୍ଶନ କରିଛି ଭାରତ। ଏ ପର୍ଯ୍ୟନ୍ତ ଖେଳାଯାଇଥିବା ୮ଟି ସଂସ୍କରଣ ମଧ୍ୟରୁ ୭ ଥର ଚାମ୍ପିୟନ ହେବାର ସୌଭାଗ୍ୟ ଅର୍ଜନ କରିଛି। ଏକଦା ମହିଳା କ୍ରିକେଟର ଆଦୌ ଗୁରୁତ୍ୱ ନ ଥିବା ବେଳେ ଗତ କିଛି ବର୍ଷ ହେବ ଅନ୍ତର୍ଜାତୀୟ କ୍ରିକେଟ କାଉନ୍‌ସିଲ (ଆଇସିସି) ଏବଂ ବିଭିନ୍ନ ଦେଶର କ୍ରିକେଟ ବୋର୍ଡମାନେ ଏହାକୁ ପ୍ରାଧାନ୍ୟ ଦେବାରୁ ଅନେକ ଖ୍ୟାତିସମ୍ପନ୍ନ ଖେଳାଳି ସୃଷ୍ଟି ହୋଇ ପାରିଛନ୍ତି। ବିଭିନ୍ନ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସିରିଜ ଆରମ୍ଭ ହୋଇଛି। ଏହା ସହିତ କ୍ରିକେଟର ୩ଟି ଫର୍ମାଟରେ ମଧ ପ୍ରତିଯୋଗିତା ହେଉଛି। ମହିଳାମାନେ ପ୍ରତିଯୋଗିତା ଗୁଡ଼ିକରେ ଚୟନକର୍ତ୍ତା, ଭାଷ୍ୟକାର, ମ୍ୟାଚ ରେଫରି ଏବଂ ଅମ୍ପାୟରର ଦାୟିତ୍ୱ ମଧ ସଫଳତାର ସହ ନିର୍ବାହ କରୁଥିବାର ଦେଖାଯାଉଛି। ଯାହାକି କ୍ରିକେଟ ପରି ଏକ ଲୋକପ୍ରିୟ ଖେଳର ଗୁରୁତ୍ୱ ବଢାଇଛି।

ଏସିଆନ କାଉନସିଲ୍ ଅଫ୍ କ୍ରିକେଟ ଫର ଓମେନ୍ସ ଆନୁକୂଲ୍ୟରେ ପ୍ରତି ୨ବର୍ଷରେ ମହିଳା ଏସିଆ କପ୍ ଆୟୋଜନ ହେଉଛି। ଏଥିପାଇଁ ଆଇସିସି ମଧ ସମ୍ପୂର୍ଣ୍ଣ ସହଯୋଗ କରୁଛି। ୨୦୦୪ରୁ ଆରମ୍ଭ ହୋଇଥିବା ମହିଳା ଏସିଆ କପ୍‌ର ପ୍ରଥମ ୪ଟି ସଂସ୍କରଣ ଏକଦିବସୀୟ ଫର୍ମାଟରେ ଖେଳାଯାଇଥିବା ବେଳେ ୨୦୧୨ରୁ ଏହା ଟି୨୦ ଫର୍ମାଟରେ ଅନୁଷ୍ଠିତ ହେଉଛି। ୨୦୦୪ରେ ପ୍ରଥମ ସଂସ୍କରଣ ଶ୍ରୀଲଙ୍କାଠାରେ ଖେଳାଯାଇଥିଲା। ଏଥିରେ ୨ଟି ଦଳ ଭାରତ ଓ ଶ୍ରୀଲଙ୍କା ଅଂଶ ଗ୍ରହଣ କରିଥିଲେ। ୫ ମ୍ୟାଚ ବିଶିଷ୍ଟ ଏକଦିବସୀୟକୁ ଭାରତୀୟ ଦଳ ୫-୦ରେ ଜିତିଥିଲା। ୨୦୦୬ରେ ଏହା ପାକିସ୍ତାନରେ ଆୟୋଜିତ ହୋଇଥିଲା। ଭାରତ ସହିତ ଶ୍ରୀଲଙ୍କା ଏବଂ ପାକିସ୍ତାନ ଏଥିରେ ଯୋଗ ଦେଇଥିଲେ। ଫାଇନାଲରେ ଶ୍ରୀଲଙ୍କାକୁ ୯୭ ରନ୍‌ରେ ହରାଇ ଭାରତ ୨ୟଥର ପାଇଁ ଚାମ୍ପିୟନ ହୋଇଥିଲା। ୨୦୦୬ରେ ଭାରତରେ ଆୟୋଜିତ ଏହି ଟୁର୍ନାମେଣ୍ଟରେ ଶ୍ରୀଲଙ୍କା ଫାଇନାଲରେ ଭାରତଠାରୁ ୮ ଉଇକେଟରେ ପରାସ୍ତ ହୋଇଥିଲା। ୨୦୦୮ରେ ଶ୍ରୀଲଙ୍କାକୁ ବିଶାଳ ରନ୍ ବ୍ୟବଧାନରେ ହରାଇ ଭାରତ ଚାମ୍ପିୟନ ହୋଇଥିଲା।

୨୦୧୨ଠାରୁ ଏହା ଟି୨୦ ଫର୍ମାଟକୁ ପରିବର୍ତ୍ତିତ ହୋଇଥିଲା। ୨୦୧୨ରେ ଚାଇନା ଏହାର ଆୟୋଜକ ହୋଇଥିଲା ଏବଂ ଭାରତ ଫାଇନାଲରେ ପାକିସ୍ଥାନକୁ ୧୯ ରନ୍‌ରେ ହରାଇ ଟାଇଟଲ ବଜାୟ ରଖିଥିଲା। ୨୦୧୬ରେ ଥାଇଲାଣ୍ଡ ଏହାର ଆୟୋଜକ ହୋଇଥିଲା ସେଠାରେ ମଧ ଭାରତ ଫାଇନାଲରେ ପାକିସ୍ଥାନକୁ ୧୭ ରନ୍‌ରେ ପରାସ୍ତ କରିଥିଲା। ମାତ୍ର ୨୦୧୮ରେ ମାଲେସିଆରେ ଅନୁଷ୍ଠିତ ପ୍ରତିଯୋଗିତାର ଫାଇନାଲରେ ବାଂଲାଦେଶ ୩ ଉଇକେଟରେ ବିଜୟୀ ହୋଇ ଭାରତର ବିଜୟ ଧାରାରେ ପ୍ରତିବନ୍ଧକ ଲଗାଇଥିଲା। କୋଭିଡ ପାଇଁ ୨ ବର୍ଷ ପ୍ରତିଯୋଗିତାର ଆୟୋଜନରେ ବ୍ରେକ୍ ଲାଗିଥିବାବେଳେ ୨୦୨୨ରେ ବାଂଲାଦେଶଠାରେ ଖେଳାଯାଇଥିବା ଟୁର୍ନାମେଣ୍ଟର ଫାଇନାଲରେ ଭାରତ ଶ୍ରୀଲଙ୍କାକୁ ୮ ଉଇକେଟରେ ପରାସ୍ତ କରି ପୁଣି ଟ୍ରଫି ମଣ୍ଡନ ଧାରାକୁ ଫେରିଛି।

**ଏସିଆ କପ୍ ମହିଳା କ୍ରିକେଟର ଅଷ୍ଟମ ସଂସ୍କରଣ ନିକଟରେ ବାଂଲାଦେଶରେ ଅନୁଷ୍ଠିତ ହୋଇଯାଇଛି। ଟୁର୍ନାମେଣ୍ଟର ସବୁଠାରୁ ସଫଳ ଦଳଭାବେ ଭାରତ ସପ୍ତମ ଥରପାଇଁ ଚାମ୍ପିୟନ ହୋଇଛି। ଏସୀୟ କ୍ରିକେଟରେ ଭାରତୀୟ ମହିଳା ଦଳର ଆଧିପତ୍ୟ ଅବ୍ୟାହତ ରହିଥିବା ଏଥିରୁ ପ୍ରମାଣ ମିଳିଛି...**

ଟୁର୍ନାମେଣ୍ଟର ଗତ ସଂସ୍କରଣରେ ମୋଟ ୭ଟି ଦେଶ ଯୋଗ ଦେଇଥିବା ବେଳେ ୨୪ଟି ମ୍ୟାଚ ଖେଳାଯାଇଥିଲା। ଏଥିରେ ଭାରତ ସହିତ ଆୟୋଜକ ବାଂଲାଦେଶ, ପାକିସ୍ଥାନ, ଶ୍ରୀଲଙ୍କା, ୟୁଏଇ, ଥାଇଲାଣ୍ଡ ଏବଂ ମାଲେସିଆ ଯୋଗଦେଇଥିଲେ। ଭାରତୀୟ ମହିଳା ଦଳ ପ୍ରଥମ ମ୍ୟାଚରେ ଶ୍ରୀଲଙ୍କାକୁ ୪୫ ରନ୍‌ରେ ହରାଇଥିବା ବେଳେ ୨ୟ ମ୍ୟାଚରେ ମାଲେସିଆକୁ ଡିଏଲ ପଦ୍ଧତିରେ ୩୦ ରନ୍‌ରେ ପରାସ୍ତ କରିଥିଲା। ୩ୟ ମ୍ୟାଚରେ ୟୁଏଇକୁ ୧୦୪ରନ୍‌ରେ ହରାଇଥିଲେ ହେଁ ପରବର୍ତ୍ତୀ ମ୍ୟାଚରେ ପାରମ୍ପରିକ ପ୍ରତିଦ୍ୱନ୍ଦୀ ପାକିସ୍ଥାନଠାରୁ ୧୩ରନ୍‌ରେ ହାରି ଯାଇଥିଲା। ତେବେ ୫ମ ମ୍ୟାଚରେ ବାଂଲାଦେଶକୁ ୫୯ ରନ୍‌ରେ ଏବଂ ୬ଷ୍ଠ ମ୍ୟାଚରେ ଥାଇଲାଣ୍ଡକୁ ୯ ଉଇକେଟରେ ହରାଇ ପଏଣ୍ଟ ଟେବୁଲରେ ଶୀର୍ଷ ସ୍ଥାନ ଅଧିକାର କରିଥିଲା।

ଭାରତ ଟୁର୍ନାମେଣ୍ଟର ପ୍ରଥମ ପର୍ଯ୍ୟାୟରେ ମୋଟ ୬ଟି ମ୍ୟାଚ ଖେଳି ୫ ବିଜୟ, ୧ ପରାଜୟ ସହ ୧୦ ପଏଣ୍ଟ ପାଇଥିଲା। ପାକିସ୍ଥାନ ୧୦ ପଏଣ୍ଟ ସହ ୨ୟ, ଶ୍ରୀଲଙ୍କା ୮ ପଏଣ୍ଟ ସହ ୩ୟ ଏବଂ ଥାଇଲାଣ୍ଡ ୬ ପଏଣ୍ଟ ପାଇ ୪ର୍ଥ ସ୍ଥାନରେ ରହିଥିଲା। ପ୍ରଥମ ସେମିଫାଇନାଲରେ ଭାରତ ୭୪ ରନ୍‌ରେ ଥାଇଲାଣ୍ଡକୁ ପରାସ୍ତ କରିଥିବା ବେଳେ ରୋମାଞ୍ଚକର ୨ୟ ସେମିରେ ଶ୍ରୀଲଙ୍କା ମାତ୍ର ୧ ରନରେ ପାକିସ୍ଥାନକୁ ହରାଇ ଟାଇଟଲ ପର୍ଯ୍ୟାୟରେ ପହଞ୍ଚିଥିଲା। ମାତ୍ର ଫାଇନାଲରେ ଭାରତ ଶୋଚନୀୟ ଭାବେ ଶ୍ରୀଲଙ୍କାକୁ ହରାଇ ବିଜୟ ମୁକୁଟ ପିନ୍ଧିଥିଲା। ଚାମ୍ପିୟନ ଭାରତୀୟ ଦଳ ଟ୍ରଫି ସହ ପୁରସ୍କାର ଆକାରରେ ୧୬ଲକ୍ଷ ୪୮ହଜାର ଟଙ୍କା ପାଇଥିଲା। ଶ୍ରୀଲଙ୍କା ୧୦ଲକ୍ଷ ୩୦ହଜାର ଟଙ୍କା ସହ ରନର ଅପ୍ ପୁରସ୍କାର ପାଇଥିଲା।

ଭାରତ ପକ୍ଷରୁ ଜେଜିମା ରୋଡ୍ରିଗ୍ସେଜ ଟୁର୍ନାମେଣ୍ଟରେ ସର୍ବାଧିକ ୨୧୭ ରନ୍ ସ୍କୋର କରିଥିଲେ। ବ୍ୟକ୍ତିଗତ ସର୍ବାଧିକ ସ୍କୋର ଶ୍ରୀଲଙ୍କାର ହର୍ଷିତା ମାଧବୀ (୮୧ରନ୍)ଙ୍କ ନାମରେ ରହିଥିଲା। ରୋଡ୍ରିଗ୍ସେଜ ସର୍ବାଧିକ ୨ଟି ଅର୍ଦ୍ଧଶତକ ହାସଲ କରିଥିବାବେଳେ ଶେଫାଳୀ ବର୍ମା ସର୍ବାଧିକ ୬ଟି ଛକା ମାରିଥିଲେ। ଭାରତୀୟ ବୋଲର ଦୀପ୍ତି ଶର୍ମା ଏବଂ ଶ୍ରୀଲଙ୍କାର ଇନୋକା ରାନାୱିରା ୧୩ଟି ଲେଖାଏ ଉଇକେଟ ହାସଲ କରିଥିଲେ। ଗୋଟିଏ ଇନିଂସରେ ଶ୍ରେଷ୍ଠ ବୋଲିଂ ସଫଳତା ପାଇଥିଲେ ପାକିସ୍ତାନର ଓମାଇମା ସୋହେଲ (୫/୧୩)।

ଅନ୍ୟ ପକ୍ଷରେ ଦେଖିବାକୁ ହେଲେ ଓଡ଼ିଶା ମହିଳା ସିନିୟର କ୍ରିକେଟ ଦଳ ଗତ କିଛି ବର୍ଷ ହେବ ବିସିସିଆଇ ଦ୍ୱାରା ଆୟୋଜିତ ମହିଳା କ୍ରିକେଟ ଟୁର୍ନାମେଣ୍ଟରେ ଭଲ ପ୍ରଦର୍ଶନ କରୁଥିଲେ ମଧ ଜାତୀୟ ଦଳରେ ସ୍ଥାନ ପାଇବା ପାଇଁ ତାହା ପର୍ଯ୍ୟାପ୍ତ ହୋଇନାହିଁ। ଓଡ଼ିଶା ଦଳରେ ଅନେକ ଖ୍ୟାତି ସମ୍ପନ୍ନ ଏବଂ ପ୍ରତିଭାବାନ ମହିଳା ଖେଳାଳି ଅଛନ୍ତି। ସେମାନଙ୍କ ମଧ୍ୟରେ ମାଧୁରୀ ମେହେଟା, ସରିତା ମେହେର, ମଧୁସ୍ମିତା ବେହେରା, ପ୍ରିୟଙ୍କା ପ୍ରିୟଦର୍ଶିନୀ, ବନଲତା ମଲିକ, ସୁଜାତା ମଲିକ, ସୁଶ୍ରୀ ଦିବ୍ୟଦର୍ଶିନୀ, କାଜଲ ଜେନା, ରୋଶନାରା ପରବିନ ଅନ୍ୟତମ। ଗତ କିଛି ବର୍ଷ ହେବ ଓଡ଼ିଶା କ୍ରିକେଟ ଆସୋସିଏଶନ ମହିଳା କ୍ରିକେଟକୁ ବେଶ୍ ଗୁରୁତ୍ୱ ଦେଉଛି। ବଛାବଛା ଖେଳାଳିଙ୍କୁ ନେଇ ଓଡ଼ିଶା ଓମେନ୍ସ ପ୍ରିମିୟର ଲିଗ୍ ଆୟୋଜନ କରୁଛି। ଏଥିରୁ ଭଲ ଖେଳାଳି ମଧ ସୃଷ୍ଟି ହୋଇଛନ୍ତି। ଇତି ମଧ୍ୟରେ ଓଡ଼ିଶା ଟି୨୦ ଲିଗ୍‌ର ଦ୍ୱିତୀୟ ସଂସ୍କରଣ ସରିଛି। ପ୍ରିୟଙ୍କା ପ୍ରିୟଦର୍ଶିନୀ, ସୁଶ୍ରୀ ପ୍ରିୟଦର୍ଶିନୀ, ସରିତା ମେହର, ମାଧୁରୀ ମେହେଟା ପ୍ରମୁଖ ଘରୋଇ ସିଜନ୍‌ରେ ଭଲ ପ୍ରଦର୍ଶନ କରି ସୁଯୋଗ ଅପେକ୍ଷାରେ ରହିଛନ୍ତି।

# ଅଜାତଶତ୍ରୁ ରୋଜର ବିନ୍ନି

ବିଶ୍ୱର ଧନଶାଳୀ କ୍ରିକେଟ ବୋର୍ଡ ବିସିସିଆଇ। ବିଶ୍ୱର ସବୁଠାରୁ ପ୍ରଭାବଶାଳୀ କ୍ରିକେଟ ବୋର୍ଡ ଅନେକାଂଶରେ କ୍ରିକେଟ ସମ୍ପର୍କିତ ସମସ୍ତ ନିଷ୍ପତ୍ତିକୁ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ନିୟନ୍ତ୍ରଣ ମଧ କରିଥାଏ। କିଏ ଏହାର ମୁଖ୍ୟ ହେବ ତା ଉପରେ ସମଗ୍ର ବିଶ୍ୱର ନଜର ରହିଥାଏ। ଏହା ମଧ୍ୟରେ ସିସିଆଇର ସଭାପତି ଦାୟିତ୍ୱ ଗ୍ରହଣ କରିଛନ୍ତି ୬୭ ବର୍ଷୀୟ ରୋଜର ବିନ୍ନି। କେବଳ ବିଶ୍ୱକପ ବିଜୟୀ ଭାରତୀୟ ଦଳର ସଦସ୍ୟ ନୁହନ୍ତି ବରଂ ଜଣେ ଭଦ୍ର କ୍ରିକେଟର ଯାହାଙ୍କ ବ୍ୟକ୍ତିତ୍ୱ ପଡିଆ ଭିତରେ ଓ ବାହାରେ ସର୍ବଦା ନିର୍ବିବାଦୀୟ। ୮୦ଦଶକରେ ଯଦି ବିସିସିଆଇ ପକ୍ଷରୁ ଜେଣ୍ଟଲମ୍ୟାନ କ୍ରିକେଟର ଭାବରେ ଏକ ପୁରସ୍କାର ପ୍ରଦାନ କରାଯାଇଥାନ୍ତା ତେବେ ରୋଜର ମାଇକେଲ ହମ୍ଫେରି ବିନ୍ନି ନିଶ୍ଚୟ ଏହି ପୁରସ୍କାର ହାସଲ କରିଥାନ୍ତେ। ନିର୍ବିବାଦୀୟ ବ୍ୟକ୍ତିତ୍ୱ ରଖିଥିବା ଏହି ମିଷ୍ଟଭାସୀ କ୍ରିକେଟରଙ୍କୁ ଅଜାତଶତ୍ରୁ ବୋଲି ମଧ କୁହାଯାଇଥାଏ। କର୍ଣ୍ଣାଟକ ଦଳରେ ଗୁଣ୍ଡାପ୍ପା ବିଶ୍ୱନାଥ, ଏରାପଲ୍ଲୀ ପ୍ରସନ୍ନା, ସୟଦ କିରମାନୀ, ବ୍ରିଜେଶ ପଟେଲ ଓ ଏଭି ଜୟପ୍ରକାଶଙ୍କ ସହିତ ସେ ବନ୍ଧୁ ରହିଥିଲେ। ସ୍କଟିଶ ମୂଳ ବାସିନ୍ଦା ରୋଜର ଜଣେ ଆଙ୍ଗ୍ଲୋ ଇଣ୍ଡିଆନ୍। କର୍ଣ୍ଣାଟକ ପାଇଁ ରଣଜୀ ଖେଳିବା ସହିତ ଜାତୀୟ ଦଳ ପାଇଁ ୨୭ ଟେଷ୍ଟ ଓ ୭୨ଟି ଦିନିକିଆ ଖେଳିଛନ୍ତି। ୨୧ ନଭେମ୍ବର ୧୯୭୯ରେ ପାକିସ୍ତାନ ବିପକ୍ଷରେ ଟେଷ୍ଟ ଓ ୬ ଡିସେମ୍ବର ୧୯୮୦ରେ ଅଷ୍ଟ୍ରେଲିଆ ବିପକ୍ଷରେ ଦିନିକିଆ ପଦାର୍ପଣ କରିଥିଲେ। ସଂଯୋଗ ବଶତଃ ବେଙ୍ଗାଲୁରୁର ଏମ୍ ଚିନ୍ନାସ୍ୱାମୀ କ୍ରିକେଟ ଷ୍ଟାଡିୟମରେ ବିନ୍ନି ନିଜ କ୍ୟାରିୟରର ପ୍ରଥମ ଓ ଅନ୍ତିମ ଟେଷ୍ଟ ମ୍ୟାଚ ଖେଳିଥିଲେ। ୧୯୮୩ ବିଶ୍ୱକପ ଦଳର କପିଳ ଦେବ ଦଳର ଷ୍ଟ୍ରାଇକ ବୋଲର ରହିଥିବା ବେଳେ ପ୍ରାୟ୭-୮ ବର୍ଷ ଧରି ମଦନ ଲାଲ ଓ ବିନ୍ନି ସହଯୋଗୀ ବୋଲର ରହିଥିଲେ। ଅନ୍ୟ ସାଥୀ ଖେଳାଳିଙ୍କ ପରି ବିନ୍ନି କେବେ ଗର୍ବ କରନ୍ତି ନାହିଁ। ତାଙ୍କର ସରଳତା ହିଁ ତାଙ୍କୁ ପ୍ରସିଦ୍ଧି ଆଣି ଦେଇଥିଲା। ୬ ଫୁଟ ଉଚ୍ଚତା ବିଶିଷ୍ଟ ବିଶାଳକାୟ ଶରୀରର ଅଧିକାରୀ ବିନ୍ନି ନିଜ ସୁଇଙ୍ଗ ବୋଲିଂ ପାଇଁ ପ୍ରସିଦ୍ଧ। ଇଂଲଣ୍ଡରେ ଦର୍ଶକ ମାନେ ମଜାରେ ତାଙ୍କୁ ଜ୍ୟାକ ଫ୍ରୁଟ(ପଣସ) ବୋଲି ମଧ ଡାକିଥାନ୍ତି। ୧୯୮୬ ହେଡିଂଲି ଟେଷ୍ଟରେ ଦିଲ୍ଲୀପ ଭେଙ୍ଗସରକାରଙ୍କ ଶତକ ସମସ୍ତଙ୍କ ମନେଥିବା ବେଳେ ଏହି ଟେଷ୍ଟରେ ବିନ୍ନିଙ୍କ ଅବଦାନ ମଧ କିଛି କମ୍ ନଥିଲା। କର୍ଣ୍ଣାଟକ ପାଇଁ ଓପନ କରୁଥିବା ତଥା ସଞ୍ଜୟ ଦେଶାଇଙ୍କ ସହିତ ୧୯୭୭-୭୮ ସିଜନରେ ୪୫୧ ରନର ଓପନିଙ୍ଗ ଭାଗୀଦାରିର ରେକର୍ଡ ବିନ୍ନିଙ୍କ ନାମରେ ଥିବା ବେଳେ ଭାରତୀୟ ଦଳରେ ତାଙ୍କୁ ୮ ଓ ୯ ନମ୍ବରରେ ସୁଯୋଗ ମିଳୁଥିଲା। ତାରକା ଖଚିତ ଟପ୍ ଓ ମିଡିଲ ଅର୍ଡରରେ ବିନ୍ନିଙ୍କୁ ନିମ୍ନକ୍ରମରେ ବ୍ୟାଟିଂ ମିଳୁଥିଲା। ତାଙ୍କ ବୋଲିଂରେ ପେସ୍‌ର ଅଭାବ ଓ ଉପ ମହାଦେଶର ଟର୍ନିଙ୍ଗ ଟ୍ରାକ୍ କାରଣରୁ ବିନ୍ନିଙ୍କ ଟେଷ୍ଟ ରେକର୍ଡ ଏତେ ଭଲ ନ ଥିଲା। ୨୭ ଟେଷ୍ଟରୁ ସେ ମାତ୍ର ୪୭ ଉଇକେଟ ନେବାରେ ସମର୍ଥ ହୋଇଥିଲେ। ଇଡେନ୍ ଗାର୍ଡେନ୍ସରେ ପାକିସ୍ତାନ ବିପକ୍ଷରେ ୬/୫୬ର କ୍ୟାରିୟର ଶ୍ରେଷ୍ଠ ବୋଲିଂ କରିଥିଲେ ବିନ୍ନି। ତେବେ ଅନେକଙ୍କୁ ଜଣା ନ ଥିବ ଏହି ସୁନୀଲ ଗାଭାସ୍କରଙ୍କ ସହିତ ସେ ନିଜର ଅନ୍ତିମ ଟେଷ୍ଟ ଖେଳିଥିଲେ। ଟର୍ନିଂ ଟ୍ରାକରେ ଗାଭାସ୍କରଙ୍କ ୯୬ ରନ୍ କ୍ରିକେଟ ଜଗତରେ ଆଲୋଡନ ଖେଳାଇ ଦେଇଥିବା ବେଳେ ବିନ୍ନିଙ୍କୁ ଏହି ମ୍ୟାଚରେ ମାତ୍ର ୩ ଓଭର ବୋଲିଂର ସୁଯୋଗ ମିଳିଥିଲା। ଗାଭାସ୍କର ଅବସର ଘୋଷଣା କରିଥିବା ବେଳେ ବିନ୍ନିଙ୍କୁ ଏହି ମ୍ୟାଚ ପରେ ଭାରତୀୟ ଦଳରୁ ବାଦ୍ ଦିଆଯାଇଥିଲା। ଟେଷ୍ଟରେ ଏତେଟା ସଫଳତା ମିଳି ନଥିଲେ ହେଁ ଦିନିକିଆ ଏବଂ ଆଇସିସି ଟୁର୍ନାମେଣ୍ଟ ଗୁଡିକରେ ବିନ୍ନିଙ୍କ ରେକର୍ଡ ବେଶ ସ୍ୱତନ୍ତ୍ର। ପ୍ରଥମ ବିଶ୍ୱକପ ବିଜୟୀ ଦଳର ସଦସ୍ୟ ରହିଥିବା ବିନ୍ନି ୧୯୮୩ରେ ୧୮ ଉଇକେଟ ସହ ଭାରତର ସର୍ବାଧିକ ଉଇକେଟ ହାସଲକାରୀ ରହିଥିଲେ। ଏହ ବ୍ୟତୀତ ଅଷ୍ଟ୍ରେଲିଆରେ ଖେଳା ଯାଇଥିବା ୧୯୮୫ରେ ୱାର୍ଲ୍ଡ ସିରିଜ କ୍ରିକେଟ ଚାମ୍ପିୟନଶିପରେ ମଧ ୧୭ ଉଇକେଟ ହାସଲ କରିଥିଲେ। ବିନ୍ନ ବଲ୍ ସୁଇଁ କରିବାରେ ମାହିର ଥିବା ବେଳେ ବିଦେଶୀ ପିଚରେ ତାଙ୍କୁ ମିଳୁଥିଲା ଅପାର ସଫଳତା। ତେବେ ସେ ସମୟର ଫ୍ଲାଟ ଭାରତୀୟ ଟ୍ରାକରେ ଏହି କିମ୍ବଦନ୍ତୀ ଅଲରାଉଣ୍ଡରଙ୍କୁ ଏତେଟା ସଫଳତା ମିଳି ନ ଥିଲା। ଭାରତରେ ଆୟୋଜିତ ୧୯୮୭ କ୍ରିକେଟ ବିଶ୍ୱକପରେ ଜିଓଫ୍ ମାର୍ଶ ଓ ଡେଭିଡ୍ ବୁନଙ୍କ ପରି ଖେଳାଳି ତାଙ୍କ ବିପକ୍ଷରେ ରନ୍ ସଂଗ୍ରହ କରିବା ସହ ତାଙ୍କ କ୍ୟାରିୟର ଶେଷ କରି ଦେଇଥିଲେ। ୧୯୮୭ରେ ବିନ୍ନିଙ୍କ ଅନ୍ତର୍ଜାତୀୟ କ୍ୟାରିୟର ଶେଷ ହୋଇଥିଲେ ହେଁ ଏହାପରେ କିଛବର୍ଷ ଧରି ସେ ରଣଜୀ ଟ୍ରଫି ଖେଳିବା ଜାରି ରଖିଥିଲେ। ଏହି ସମୟରେ ବିନ୍ନିଙ୍କ ତତ୍ତ୍ୱାବଧାନରେ ରାହୁଲ ଦ୍ରାବିଡ଼, ଜାଭାଗଲ ଶ୍ରୀନାଥ ଓ ଭେଙ୍କଟେଶ ପ୍ରସାଦଙ୍କ ପରି ଖେଳାଳି ଜାତୀୟ ଦଳରେ ସାମିଲ ହୋଇଥିଲେ। ଏପରିକି ଦ୍ରାବିଡ୍ ଏକ ପୁରୁଣା ସାକ୍ଷାତକାରରେ ବିନ୍ନିଙ୍କୁ ବେଶ ପ୍ରଶଂସା କରିଥିଲେ। ଏକ ଟୁର ପରେ ବିନ୍ନି ନିଜ ଜର୍ସି ଦ୍ରାବିଡଙ୍କୁ ପ୍ରଦାନ କରିଥିଲେ। ଜଣେ ଯୁବ ଖେଳାଳି ଭାବରେ ଏହା ତାଙ୍କ ଆତ୍ମବିଶ୍ୱାସ ବୃଦ୍ଧିରେ ବେଶ୍ ସହାୟକ ହୋଇଥିଲା ବୋଲି ଦ୍ରାବିଡ ପ୍ରକାଶ କରିଥିଲେ।

**ବିନ୍ନିଙ୍କ ବ୍ୟକ୍ତିତ୍ୱ ପଡିଆ ଭିତରେ ଓ ବାହାରେ ସର୍ବଦା ନିର୍ବିବାଦୀୟ। ସେ ବଲ୍‌କୁ ସୁଇଂ କରିବାରେ ମାହିର ଥିବା ବେଳେ ବିଦେଶୀ ପିଚରେ ତାଙ୍କୁ ମିଳୁଥିଲା ଅପାର ସଫଳତା। ତେବେ ଭାରତର ଫ୍ଲାଟ ଟ୍ରାକରେ ଏହି କିମ୍ବଦନ୍ତୀ ଅଲରାଉଣ୍ଡର ଏତେଟା ସଫଳ ହୋଇ ନ ଥିଲେ...**



ମାତ୍ର ୪୫ ବର୍ଷ ବୟସରେ ୨୦୦୦ ମସିହାରେ ତାଙ୍କୁ ଭାରତୀୟ ୧୯ ବର୍ଷରୁ କମ ଦଳର ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଯୁବରାଜ ସିଂ, ମହମ୍ମଦ କୈଫ୍ ଓ ରୀତିନ୍ଦର ସିଂ ସୋଢିଙ୍କ ପରି ଖେଳାଳି ଏହି ଦଳର ସଦସ୍ୟ ରହିଥିଲେ। ତେବେ ନିଜେ ପ୍ରଚ୍ଛଦପଟରେ ରହି ଯୁବରାଜ ଓ କୈଫଙ୍କ ପରି ଖେଳାଳିଙ୍କୁ ଷ୍ଟାରଡମ ସହିତ ପରିଚିତ କରିଥିଲେ। ୧୯ ବର୍ଷରୁ କମ ବିଶ୍ୱକପରେ ଭାରତ ନିଜର ପ୍ରଥମ ଟ୍ରଫି ଏହି ଟୁର୍ନାମେଣ୍ଟରେ ହିଁ ଜିତିଥିଲା। ଏହାପରେ ସେ ବେଙ୍ଗଲ ରଣଜୀ ଦଳର କୋଚ୍ ଭାବରେ ମଧ ଦାୟିତ୍ୱ ତୁଲାଇଥିଲେ। ଜଣେ କୋଚ୍ ଭାବରେ ମଧ ବିନ୍ନି ବେଶ ଭଦ୍ର ଥିଲେ। ଅନ୍ୟ ଉପର ନିଜର ବ୍ୟକ୍ତିତ୍ୱକୁ କେବେହେଁ ଲଦିବାକୁ ସେ ପ୍ରୟାସ କରନ୍ତି ନାହିଁ। ୨୦୧୨ରେ ବିନ୍ନି ଜାତୀୟ ଦଳର ଚୟନକର୍ତ୍ତା ରହିଥିଲେ। ତେବେ ୩ ବର୍ଷର କାର୍ଯ୍ୟକାଳ ପରେ ଦ୍ୱୈତ ସ୍ୱାର୍ଥ ମାମଲାରେ ତାଙ୍କୁ ପଦ ହରାଇବାକୁ ପଡିଥିଲା। ରୋଜର ବିନ୍ନିଙ୍କ ପୁଅ ଷ୍ଟୁଆର୍ଟ ବିନ୍ନି ଜଣେ ଉପଯୋଗୀ ଅଲରାଉଣ୍ଡର ମଧ ଥିଲେ। ଚୟନକର୍ତ୍ତା ଥିଲେ ହେଁ କେବେ ଏହାର ଫାଇଦା ଉଠାଇ ନିଜ ପୁଅକୁ ଦଳରେ ସାମିଲ କରିନଥିଲେ। ବିନ୍ନିଙ୍କ ପୂର୍ବତନ ଟିମମେଟ୍ ସୁନୀଲ ଗାଭାସ୍କର ଏ ସମ୍ପର୍କରେ ସ୍ପଷ୍ଟ କରିଛନ୍ତି। ଯେଉଁ ସମୟରେ ଚୟନ କମିଟିରେ ଷ୍ଟୁଆର୍ଟଙ୍କ ସମ୍ପର୍କରେ ଆଲୋଚନା ହୁଏ ରୋଜର ଉକ୍ତ ଆଲୋଚନାରେ ଅଂଶଗ୍ରହଣ କରୁ ନ ଥିବା ନେଇ ଗାଭାସ୍କର ନିଜ କଲମ୍‌ରେ ଉଲ୍ଲେଖ କରିଥିଲେ। ବିନ୍ନି କର୍ନାଟକ କ୍ରିକେଟ ଆସୋସିଏଶନର ସଭାପତି ଥିବା ସମୟରେ ଭୂତପୂର୍ବ ସମ୍ପାଦକ ସନ୍ତୋଷ ମେନନଙ୍କୁ ପରିଚାଳନାର ପୂର୍ଣ୍ଣ ଅଧିକାର ପ୍ରଦାନ କରିଥିଲେ। ସନ୍ତୋଷଙ୍କ ପରଲୋକ ପରେ ବିଗତ କିଛି ମାସ ମଧ୍ୟରେ ବିନ୍ନି ପ୍ରଶାସନିକ ପରିଚାଳନାରେ ନିଜକୁ ଅଧିକ ଜଡିତ ରଖିଥିଲେ। ପ୍ରଶାସନିକ କ୍ୟାରିୟର ପାଇଁ ଆହୁରି ୩ ବର୍ଷ ବାକି ଥିବା ବେଳେ ବନ୍ଧୁ ବ୍ରିଜେଶ ପଟେଲ ଓ ଏନ୍ ଶ୍ରୀନିବାସନଙ୍କ ସହାୟତାରେ ବିସିସିଆଇ ସଭାପତି ପଦ ପାଇଁ ଆବେଦନ କରିଥିଲେ।

-ସରୋଜ ଜେନା



## ସଂକ୍ଷେପରେ ବିନ୍ନିଙ୍କ କ୍ୟାରିୟର

| | ଟେଷ୍ଟ | ଦିନିକିଆ |
|---|---|---|
| ମ୍ୟାଚ | ୨୭ | ୭୨ |
| ରନ୍ | ୮୩୦ | ୬୨୯ |
| ଆଭରେଜ | ୨୩.୦୬ | ୧୬.୧୩ |
| ଶତକ/ଅର୍ଦ୍ଧଶତକ | ୦/୫ | ୦/୧ |
| ସର୍ବାଧିକ ସ୍କୋର | ୮୩ | ୫୭ |
| ଉଇକେଟ | ୪୭ | ୭୭ |
| ବୋଲିଂ ଆଭରେଜ | ୩୨.୬୪ | ୨୯.୩୫ |
| ୫ ଉଇକେଟ ସଫଳତା | ୨ | ୦ |
| ଶ୍ରେଷ୍ଠ ବୋଲିଂ | ୮/୧୦୧ | ୪/୨୯ |
| କ୍ୟାଚ୍ | ୧୧ | ୧୨ |
| ୧୯୮୩ କ୍ରିକେଟ ବିଶ୍ୱକପ୍ | | ୧୮ ଉଇକେଟ |
| ୧୯୮୫ ୱାର୍ଲ୍ଡ ସିରିଜ କ୍ରିକେଟ ଚାମ୍ପିୟନଶିପ | | ୧୭ ଉଇକେଟ |

# ଏନ୍‌ଜିଟି ନିର୍ଦ୍ଦେଶରେ ସ୍ଥିତି ଅନୁଧ୍ୟାନ କଲା ଟିମ୍

## ସ୍ଲରି ପାଇପ୍‌ରେ ଖଣିଜ ପରିବହନ ପ୍ରସଙ୍ଗ

ଯୋଡ଼ା,୨୭।୧୦(ଡି.ଏନ୍.ଏ)

କେନ୍ଦୁଝର ଜିଲା ଯୋଡ଼ା ସହର ତଥା ଆଖପାଖ ବନାଞ୍ଚଳ ଗ୍ରାମ ଦେଇ ଯାଇଥିବା ଖଣିଜ ସ୍ଲରି ପାଇପ୍‌ଲାଇନ୍‌ର ଅନୁଧ୍ୟାନ କରିଛନ୍ତି ଜିଲା ଉଚ୍ଚସ୍ତରୀୟ ପ୍ରଶାସନିକ ଅଧିକାରୀ ଓ ଯନ୍ତ୍ରୀଙ୍କ ଏକ ଟିମ୍। ନ୍ୟାଶ୍‌ନାଲ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି)ଙ୍କ ନିର୍ଦ୍ଦେଶରେ ପ୍ରତିନିଧି ଦଳ ଗୁରୁବାର ଯୋଡ଼ାରେ ପହଞ୍ଚି ସର୍ବେକ୍ଷଣ କାର୍ଯ୍ୟ ଆରମ୍ଭ କରିଛନ୍ତି। ଏହି ଟିମ୍ ନଦୀର ସ୍ଥିତିକୁ କମ୍ପ୍ୟୁଟର ମାଧ୍ୟମରେ ପରୀକ୍ଷଣ କରିଥିଲେ। ଉଲ୍ଲେଖଯୋଗ୍ୟ, ୨୦୧୯ ଜୁଲାଇ ୧୦ ଓ ଅଗଷ୍ଟ ୧୨ରେ 'ଓଡ଼ିଶା ପୋଷ୍ଟ'ରେ ଏ ସମ୍ପର୍କିତ ଖବର ପ୍ରକାଶ ପରେ ଏନ୍‌ଜିଟି ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ, ବଡ଼ ବଡ଼ ଖଣି କମ୍ପାନୀ ନଦୀର ମଧୁର ଜଳକୁ ବ୍ୟବହାର କରି ପାଇପ୍‌ଲାଇନ୍ ଜରିଆରେ ସ୍ଲରି ତିଆରି କରି ପାରାଦୀପ ଓ ଯାଜପୁର ଅଞ୍ଚଳକୁ ଖଣିଜ ପରିବହନ କରୁଛନ୍ତି। କିଛି କମ୍ପାନୀ ସ୍ଲରି ପାଇପ୍‌ଲାଇନ୍ ମାଧ୍ୟମରେ ଖଣିଜ ପରିବହନ କରିବା ପାଇଁ ଉଦ୍ୟମ ମଧ୍ୟ ଆରମ୍ଭ କରିଛନ୍ତି। ମାଟି ଖୋଳି ପାଇପ୍‌ଲାଇନ ନେବା ଦ୍ୱାରା ଜମି, ଜଳ ଓ ଜଙ୍ଗଲ ପରି ପ୍ରାକୃତିକ ସମ୍ପଦ ନଷ୍ଟ ହେବାରେ ଲାଗିଛି। ହାତୀ ଚଲାପଥ ମଧ୍ୟ ପ୍ରଭାବିତ ହେଉଛି। ବିଶେଷ କରି ପାଇପ୍‌ଲାଇନ୍‌ରେ ଲୋକଙ୍କ ଜୀବନ ରେଖା କୁହାଯାଉଥିବା ନଦୀଗୁଡ଼ିକର ଜଳସ୍ରୋତ ବିଶେଷ ଭାବେ ପ୍ରଦୂଷିତ ହେବା ସହିତ ପ୍ରଭାବିତ ହେଉଛି। ଏହାକୁ ନେଇ ଗତ କିଛି ମାସ ହେବ ନଦୀର ସୁରକ୍ଷା ନେଇ ବିଭିନ୍ନ ସଂଗଠନ ଆନ୍ଦୋଳନର ଡାକରା ଦେଇଛନ୍ତି। ଲୋକଶକ୍ତି ଓ ଜନ ଆନ୍ଦୋଳନ ରାଷ୍ଟ୍ରୀୟ ସମନ୍ୱୟ ତରଫରୁ ଓଡ଼ିଶାର ନଦୀ ଓ ଜଳ ଉତ୍ସ ଗୁଡ଼ିକର ସୁରକ୍ଷା ଅଭିଯାନ ଯାତ୍ରାର ଆହ୍ୱାନ ଦିଆଯାଇଥିଲା। ଅନ୍ୟପକ୍ଷେ ସ୍ଲରି ପାଇପ୍‌ଲାଇନ୍ ଦ୍ୱାରା ଖଣିଜ ପରିବହନ ହେତୁ ସୁନ୍ଦରଗଡ଼ ଜିଲା କୋଇଡ଼ା, କେନ୍ଦୁଝର ଜିଲାର ଗୁଆଲି, ଭଦ୍ରାସାହି, ବଡ଼ବିଲ, ଯୋଡ଼ା, ବିଲେଇପଦା, ଜୁରୁଡ଼ି, ବାମେବାରି, କେନ୍ଦୁଝର, ଯାଜପୁରର ଚଣ୍ଡିଖୋଲ, ପାରାଦୀପ, ଜଗତସିଂପୁର ପ୍ରଭୃତି ଅଞ୍ଚଳର ଟ୍ରକ୍ ମାଲିକମାନେ ପ୍ରଭାବିତ ହେଉଛନ୍ତି। ଏଣୁ ଟ୍ରକ୍ ମାଲିକ ସଂଘ ମଧ୍ୟ ଏହାର ତୀବ୍ର ବିରୋଧ କରୁଛନ୍ତି। ଏହି ଅଭିଯୋଗକୁ ଭିତ୍ତିକରି ଏନ୍‌ଜିଟିଙ୍କ ନିର୍ଦ୍ଦେଶରେ ଜିଲା ପ୍ରଶାସନିକ ଅଧିକାରୀଙ୍କ ଟିମ୍ ଅନୁଧ୍ୟାନ କରିଛନ୍ତି। ଯୋଡ଼ା ସୁନାନଦୀରେ ମେଶିନ ଲଗାଇ ନଦୀ ଗର୍ଭକୁ ଖୋଳି ପାଇପ ଲାଇନ୍ ନେବା ସ୍ଥାନଟିକୁ ପ୍ରତିନିଧିମାନେ ପରିଦର୍ଶନ କରିବା ପରେ ଅତ୍ୟନ୍ତ କ୍ଷୋଭ ପ୍ରକାଶ କରିଥିଲେ। ଟିମ୍‌ରେ କେନ୍ଦୁଝର ଜିଲା ଅତିରିକ୍ତ ଜିଲାପାଳ ଚନ୍ଦ୍ରମଣୀ ମହାଲଙ୍କ ନେତୃତ୍ୱରେ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟର ଅଧିକାରୀ ସନ୍ଦୀପ ସିଂ, ସେଣ୍ଟ୍ରାଲ ପଲ୍ୟୁସନ୍ କଣ୍ଟ୍ରୋଲ୍ ବୋର୍ଡ(କୋଲକାତା)ର ବୈଜ୍ଞାନିକ ଜି.ପି. ସିଂ, ଜଳ ସମ୍ପଦ ଅଧିକାରୀ ପ୍ରଣବ ନାୟକ, ଜିଲା ପ୍ରଦୂଷଣ ବିଭାଗ ଅଧିକାରୀ ପ୍ରଶାନ୍ତ କରଙ୍କ ସମେତ ବିଭାଗୀୟ ପ୍ରଶାସନିକ ଅଧିକାରୀମାନେ ସାମିଲ ଥିଲେ।



ନଦୀର ସ୍ଥିତି ଅନୁଧ୍ୟାନ କରୁଛି ଟିମ୍।

# ଔଷଧ ଦୋକାନ ସ୍ଥାନାନ୍ତର ପାଇଁ ଲାଞ୍ଚ

## ଭିଜିଲାନ୍ସରେ କିରାଣି, ଡାଟାଏଣ୍ଟ୍ରି ଅପରେଟର

ବ୍ରହ୍ମପୁର ଅଫିସ,୨୭।୧୦

ଏକ ଔଷଧ ଦୋକାନ ସ୍ଥାନାନ୍ତର ପାଇଁ ବ୍ରହ୍ମପୁରରେ ଥିବା ଗଞ୍ଜାମ ରେଞ୍ଜ-୧ ଡ୍ରଗ୍ସ ଇନ୍ସପେକ୍ଟରଙ୍କ କାର୍ଯ୍ୟାଳୟ କନିଷ୍ଠ କିରାଣି ଓ ଡାଟା ଏଣ୍ଟ୍ରି ଅପରେଟର ୨୫ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଗୁରୁବାର ଭିଜିଲାନ୍ସ ହାତରେ ଧରାପଡିଛନ୍ତି। ଅଭିଯୁକ୍ତ ଦୁଇଜଣ ହେଲେ କନିଷ୍ଠ କିରାଣି ଜୟନ୍ତ କୁମାର ମଲିକ ଓ ଡାଟା ଏଣ୍ଟ୍ରି ଅପରେଟର ପ୍ରେମାଞ୍ଜନ ସ୍ୱାଇଁ। ଭିଜିଲାନ୍ସ ଟିମ୍ ସେମାନଙ୍କଠାରୁ ଉକ୍ତ ଲାଞ୍ଚ ଟଙ୍କା ସହ ଆବଶ୍ୟକ କାଗଜପତ୍ର ଜବତ କରିଛି। ସେମାନଙ୍କ ବିରୋଧରେ ନଂ.୨୩/୨୨ରେ ମାମଲା ରୁଜୁ ହୋଇଛି। ଖବର ଲେଖା ହେବା ସୁଦ୍ଧା ଅଫିସ ସମେତ ସେମାନଙ୍କ ବାସଭବନରେ ଭିଜିଲାନ୍ସର ଅନ୍ୟ ଏକ ଟିମ୍ ଚଢ଼ାଉ ଜାରି ରଖିଛି।

ପ୍ରକାଶ ଯେ, ଔଷଧ ଦୋକାନର ସ୍ଥାନ ପରିବର୍ତ୍ତନ ପାଇଁ ମ୍ୟାନେଜର ଗଞ୍ଜାମ ରେଞ୍ଜ-୧ ଡ୍ରଗ୍ସ ଇନ୍ସପେକ୍ଟର କାର୍ଯ୍ୟାଳୟର କିରାଣି ଓ ଡାଟା ଏଣ୍ଟ୍ରି ଅପରେଟରଙ୍କୁ କହିଥିଲେ। ସେମାନେ ୨୫ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ପରେ ଦୋକାନ ମ୍ୟାନେଜର ଏନେଇ ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ଯୋଜନା ମୁତାବକ ଗୁରୁବାର ସନ୍ଧ୍ୟାରେ ଉକ୍ତ ମ୍ୟାନେଜର ବ୍ରହ୍ମପୁରରେ ଥିବା ଡ୍ରଗ୍ସ ଇନ୍ସପେକ୍ଟରଙ୍କ କାର୍ଯ୍ୟାଳୟକୁ ଯାଇ ଜୟନ୍ତ ଓ ପ୍ରେମାଞ୍ଜନଙ୍କୁ ୨୫ହଜାର ଟଙ୍କା ଲାଞ୍ଚ ଦେଇଥିଲେ। ସେଠାରେ ଛକି ରହିଥିବା ଭିଜିଲାନ୍ସ ଟିମ୍ ଉକ୍ତ ଦୁଇ ଅଭିଯୁକ୍ତଙ୍କଠାରୁ ଲାଞ୍ଚ ଟଙ୍କା ଜବତ କରିଥିଲା।

# ଘରୋଇ ଡାକ୍ତରଖାନାକୁ ରୋଗୀଙ୍କୁ ପଠାଉଛନ୍ତି ଦଲାଲ

## କଡ଼ା ନଜର ରଖିବାକୁ ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶ

### ସିଡିଏମ୍‌ଓ, ଅଧକ୍ଷ, ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଚିଠି ଲେଖିଲେ ସ୍ୱାସ୍ଥ୍ୟ ସଚିବ

ଭୁବନେଶ୍ୱର, ୨୭।୧୦(ବ୍ୟୁରୋ)

ବହୁ ଦୂରଦୂରାନ୍ତରୁ ସରକାରୀ ହସ୍ପିଟାଲକୁ ଆସୁଥିବା ରୋଗୀଙ୍କୁ ପ୍ରଲୋଭିତ କରି ଦଲାଲମାନେ ଘରୋଇ ହସ୍ପିଟାଲକୁ ପଠାଉଛନ୍ତି। ଫଳରେ ରୋଗୀମାନେ ଖର୍ଚ୍ଚାନ୍ତ ହେବା ସହ ସରକାରୀ ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି। ସାହାଯ୍ୟ କରିବା ବାହାନରେ ଦଲାଲମାନେ ରୋଗୀଙ୍କୁ ସରକାରୀ ଡାକ୍ତରଖାନାରୁ ଘରୋଇ ଡାକ୍ତରଖାନାକୁ ପଠାଇ ଦେଉଛନ୍ତି। ଆଉଟ ପେସେଣ୍ଟ ଡିପାର୍ଟମେଣ୍ଟ (ଓପିଡି)ରୁ ରୋଗୀମାନଙ୍କୁ ଘରୋଇ ହସ୍ପିଟାଲକୁ ପଠାଯାଉଥିବା ନେଇ ବିଭିନ୍ନ ସମୟରେ ଅଭିଯୋଗ ହେଉଛି। ସରକାରୀ ଡାକ୍ତରଖାନାରେ ଭଲ ଚିକିତ୍ସା ହେଉ ନାହିଁ। ଘରୋଇ ହସ୍ପିଟାଲରେ ମାଗଣା ଚିକିତ୍ସା ଯୋଗାଇ ଦେବାର ମିଥ୍ୟା ପ୍ରତିଶ୍ରୁତି ଦେଇ ରୋଗୀଙ୍କ ପରିବାରଠାରୁ ଦଲାଲମାନେ ଟଙ୍କା ଆଦାୟ କରୁଛନ୍ତି। ରୋଗୀଙ୍କୁ ଏହି ଦଲାଲମାନଙ୍କ କବଳରୁ ରକ୍ଷା କରିବା ପାଇଁ ସମସ୍ତ ଡାକ୍ତର, ସ୍ୱାସ୍ଥ୍ୟ କର୍ମୀ ଏବଂ ହସ୍ପିଟାଲର ଅନ୍ୟ କର୍ମଚାରୀମାନଙ୍କୁ ଏ ନେଇ ସତର୍କ ରହିବାକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି। ବିଭାଗୀୟ ସଚିବ ଶାଳିନୀ ପଣ୍ଡିତ ଏ ନେଇ ଗୁରୁବାର ରାଜ୍ୟର ସମସ୍ତ ମେଡିକାଲ କଲେଜ ଡିନ୍, ଅଧକ୍ଷ, ସୁପରିଣ୍ଟେଣ୍ଡେଣ୍ଟ, ଜିଲା ଚିକିତ୍ସା ଅଧିକାରୀ, ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଚିଠି ଲେଖିଛନ୍ତି। ଦଲାଲଙ୍କ ଉପରେ କଡ଼ା ନଜର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାକୁ ପ୍ରତିହତ କରିବା ପାଇଁ ହସ୍ପିଟାଲର ପ୍ରବେଶ ଦ୍ୱାର ଏବଂ ଅନ୍ୟାନ୍ୟ ଉପଯୁକ୍ତ ସ୍ଥାନରେ ଓଡ଼ିଆ ଏବଂ ଇଂଲିଶରେ ସାଇନବୋର୍ଡ ଲଗାଇ ରୋଗୀଙ୍କ ପରିବାରଙ୍କୁ ସଚେତନ କରିବାକୁ କୁହାଯାଇଛି। ଏହାକୁ ଅତି ଗୁରୁତର ସହ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ଯେଉଁ ସ୍ୱାସ୍ଥ୍ୟ ଅଧିକାରୀ ଏହାର ଖିଲାପ କରିବେ ସେମାନଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନେଇ ଚିଠିରେ ଉଲ୍ଲେଖ କରାଯାଇଛି।

# କଳିଙ୍ଗ ପୁସ୍ତକ ମେଳାରେ ଅଂଶଗ୍ରହଣ କରିବ ପ୍ରକାଶନ ବିଭାଗ

ଭୁବନେଶ୍ୱର, ୨୭।୧୦ (ବ୍ୟୁରୋ)

କଳିଙ୍ଗ ପୁସ୍ତକ ମେଳା ଶୁକ୍ରବାରଠାରୁ ପ୍ରଦର୍ଶନୀ ପଡ଼ିଆରେ ଆରମ୍ଭ ହେଉଛି। ଏହି ମେଳାରେ ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ବିଭାଗ ଅଧୀନରେ ଥିବା ପ୍ରକାଶନ ବିଭାଗ ଅଂଶଗ୍ରହଣ କରୁଛି। ଭାରତ ତଥା ଓଡିଶାର ଇତିହାସ, ଭୂଗୋଳ, କଳା, ସଂସ୍କୃତି, ଦେଶ ପାଇଁ ବଳିଦାନ ଦେଇଥିବା ସ୍ୱାଧୀନତା ସଂଗ୍ରାମୀଙ୍କ ଜୀବନ କାହାଣୀ, ସାମାଜିକ ବିଜ୍ଞାନ, ସାଧାରଣ ଜ୍ଞାନ ଆଦି ସମ୍ପର୍କିତ ପୁସ୍ତକ ରିହାତି ଦରରେ ଉପଲବ୍ଧ ହେବ। ଏ ସମ୍ପର୍କରେ ପ୍ରକାଶନ ବିଭାଗ ପକ୍ଷରୁ ପ୍ରକାଶିତ ହେଉଥିବା ଯୋଜନା (ଓଡିଆ)ର ସମ୍ପାଦକ ଇତିଶ୍ରୀ ସିଂହ ରାଠୋର ସୂଚନା ଦେଇ କହିଛନ୍ତି, କୋଭିଡ୍ ପରେ ଏହି ପୁସ୍ତକ ମେଳା ଆୟୋଜିତ ହେଉଛି। ତେଣୁ ଜନସାଧାରଣ ତଥା ଛାତ୍ରୀଛାତ୍ର ପ୍ରକାଶନ ବିଭାଗର ଷ୍ଟଲ ପରିଦର୍ଶନ କରିବାକୁ ସେ ନିବେଦନ କରିଛନ୍ତି।

ସୂଚନା ଅନୁଯାୟୀ, ୧୯୪୧ରେ ପ୍ରତିଷ୍ଠା ହୋଇଥିବା ପ୍ରକାଶନ ବିଭାଗ ଭାରତର କଳା, ସଂସ୍କୃତି, ଐତିହ୍ୟ, ବିଜ୍ଞାନ, ଇତିହାସ ଆଦିକୁ ନେଇ ପତ୍ରିକା, ପୁସ୍ତକ ପ୍ରକାଶିତ କରି ଆସୁଛି। ଶିଶୁ ସାହିତ୍ୟ ପ୍ରକାଶନରେ ମଧ୍ୟ ପ୍ରକାଶନ ବିଭାଗର ଅଗ୍ରଣୀ ଭୂମିକା ରହିଛି। ଏହି ବିଭାଗ ଅଧୀନରେ କୁରୁକ୍ଷେତ୍ର, ଯୋଜନା, ଆଜକଲ, ରୋଜଗାର ସମାଚାର, ବାଳ ଭାରତୀ ଭଳି ଲୋକପ୍ରିୟ ପତ୍ରିକା ବିଭିନ୍ନ ଭାଷାରେ ପ୍ରକାଶିତ ହୋଇ ଆସୁଛି।


**DIRECTORATE OF PRISONS AND CORRECTIONAL SERVICES, ODISHA**

Heads of the Departments Building
3rd Floor, Southern Wing, Unit - V, Bhubaneswar - 751001 (Odisha)
Ph. No. 0674-2536737, Fax No.: 0674-2395491, Email ID: prisons.od@nic.in

No. 15963 Dated: 27.10.2022
OE/MISC-32/2019

**ADVERTISEMENT FOR ENGAGEMENT OF RETIRED GROUP-D PERSONNEL FOR THE POST OF PEON**

No. D-200: Applications in plain paper are invited from retired Group-D personnel to fill-up 04 (Four) vacant posts of Peon (Group-D) with consolidated remuneration Rs.10,000/- per month in the Directorate of Prisons & Correctional Services, Odisha Heads of the Department Building, 3rd Floor, Southern Wing, Unit - V, Bhubaneswar - 751001

Eligible and interested candidates may submit their application in the prescribed proforma with copies of testimonials in support of their service records by Registered Post/Speed Post superscribing "Application for re-employment as Group-D "Peon" latest by 30.11.2022". For details please go through our website **https://prisons.odisha.gov.in** and application form can be downloaded.

**A. Eligibility, Tenure, Terms & Conditions of re-engagement of retired employees.**

1. Persons who have retired from Government Service after attaining the age of superannuation and below the age of 65 (Sixty five) years having good service records and are physically fit shall be eligible to be considered for the engagement.
2. Group-D officials against whom departmental proceedings or criminal cases are contemplated/pending or who have been penalized for misconduct during the period of preceding five years will not be eligible for consideration.
3. The selection for the engagement as such shall be made by a duly constituted selection committee by taking into account all factors governing such selection.
4. The engagement shall be made initially for a period of two years and can be extended for subsequent period of two years with spells of one year each subject to satisfactory performance upto a total period of four years not beyond the age of sixty five years.
5. The persons so engaged shall be entitled to remuneration as will be decided by the Government from time to time.
6. Re-employed personnel's shall be governed by the provisions of Odisha Government Servants Conduct Rules, 1959 and shall be liable to be proceeded against for their misconduct, omissions and commissions as per the provisions under the Odisha Pension Rules, 1992.
7. The re-employment can be terminated at any time by the respective appointing authority due to unsatisfactory performance of any of the re-employed Group-D staff by giving one month's notice. On the contrary, if any re-employed Group-D official desires to resign he shall do so by giving one month's written notice to the competent authority.
8. Re-engagement of the person is subject to verification of character and antecedents, which shall be done through Police verification.
9. Duly filled in application in prescribed form along with self attested front page of Service Book/PPO shall reach in the Office of the Director of Prisons & Correctional Services, Odisha on or before 30.11.2022 by Registered Post/Speed Post.
10. The Committee reserves the right to accept or reject any or all applications without assigning any reason thereof.

**Sd./- Deputy Inspector General of Prisons (Hqrs.), Odisha**

**ଓଡ଼ିଶା ସରକାରଙ୍କର ଗୃହ ବିଭାଗ ଅଧୀନସ୍ଥ କାରାଗାର ନିର୍ଦ୍ଦେଶାଳୟରେ ଅବସର ପ୍ରାପ୍ତ ସରକାରୀ ୪ର୍ଥ ଶ୍ରେଣୀ କର୍ମଚାରୀଙ୍କ ପାଇଁ "ଚପରାସୀ" ପଦବୀରେ ନିଯୁକ୍ତି ପାଇଁ ବିଜ୍ଞାପନ ।**

କାରାଗାର ନିର୍ଦ୍ଦେଶାଳୟରେ ଗ୍ରୁପ-ଡି ଅଣଗେଜେଟେଡ୍ ୪ (ଚାରି) ଗୋଟି ଚପରାଶି ପଦବୀ ପୂରଣ ନିମନ୍ତେ ଅବସରପ୍ରାପ୍ତ ୪ର୍ଥ ଶ୍ରେଣୀ ସରକାରୀ ପ୍ରାର୍ଥୀଙ୍କଠାରୁ ଚପରାସୀ ପଦବୀରେ ମାସିକ ଟ.୧୦,୦୦୦ ଟଙ୍କା ପାରିଶ୍ରମିକ ଭିତ୍ତିରେ ନିଯୁକ୍ତି ନିମନ୍ତେ ଆବେଦନ ପତ୍ର ଗ୍ରହଣ କରାଯାଉଅଛି। ଯୋଗ୍ୟ ଏବଂ ଇଚ୍ଛୁକ ଆବେଦନକାରୀ ଦିଆଯାଇଥିବା ଫର୍ମ ପୂରଣ ସହିତ ଆବଶ୍ୟକ ସେବା ପ୍ରମାଣ ସଂଲଗ୍ନ କରି ରେଜିଷ୍ଟର୍ଡ କିମ୍ବା ସ୍ପିଡ୍‌ପୋଷ୍ଟ ମାଧ୍ୟମରେ କାରାଗାର ନିର୍ଦ୍ଦେଶାଳୟ ଏବଂ ସଂସ୍କାର ସେବା ସଂସ୍ଥା, ଓଡ଼ିଶା ମୁଖ୍ୟ ଦପ୍ତର, ତୃତୀୟ ମହଲା, ଦକ୍ଷିଣପ୍ରାନ୍ତ, ୟୁନିଟ୍ - ୫, ଭୁବନେଶ୍ୱର - ୭୫୧୦୦୧ ପଠାଇବାକୁ ହେବ।

**ଚାକିରି କାର୍ଯ୍ୟକାଳ ଓ ସର୍ତ୍ତାବଳୀ**

୧. ଅବସର ସରକାରୀ କର୍ମଚାରୀଙ୍କ ବୟସ ସୀମା ୬୫ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ ସହିତ ଉତ୍ତମ ସେବାର ପ୍ରମାଣ ଏବଂ ଶାରୀରିକଭାବେ ସକ୍ଷମ ଥିବା ପ୍ରାର୍ଥୀ ନିଯୁକ୍ତି ପାଇଁ ବିବେଚିତ ହେବେ।
୨. ଯେଉଁ ଅବସରପ୍ରାପ୍ତ କର୍ମଚାରୀ ବିରୁଦ୍ଧରେ ଅବସରପ୍ରାପ୍ତର ପାଞ୍ଚବର୍ଷ ପୂର୍ବରୁ ଚାକିରି କ୍ଷେତ୍ରରେ ଏବଂ ତାଙ୍କ ନାମରେ କୌଣସି ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ କିମ୍ବା ଅପରାଧିକ ମାମଲାରେ ଜଡ଼ିତ/ବିଚାରଧୀନ କିମ୍ବା ଦଣ୍ଡିତ ଥିବେ ସେମାନେ ନିଯୁକ୍ତି ପାଇଁ ବିବେଚନା ହେବେନାହିଁ।
୩. ଏହି ଚୟନ ପ୍ରକ୍ରିୟା ସମସ୍ତ ବ୍ୟବସ୍ଥିତ ବ୍ୟବସ୍ଥାକୁ ପରିଲକ୍ଷିତ କରି ଗଠନ କରାଯାଇଥିବା ଚୟନ କମିଟି ଦ୍ୱାରା ଚୟନ କରାଯିବ।
୪. ଏହି ନିଯୁକ୍ତି ପ୍ରଥମେ ୦୨ (ଦୁଇ) ବର୍ଷ ପାଇଁ ଦିଆଯିବ ଏବଂ ସନ୍ତୋଷଜନକ କାର୍ଯ୍ୟ ସମ୍ପାଦନ ପରେ ପରବର୍ତ୍ତୀ ଦୁଇବର୍ଷ ଯାହା ଏକ ବର୍ଷ ଅନ୍ତରାଳରେ ବୃଦ୍ଧି କରାଯିବ ଏବଂ ସର୍ବମୋଟ ୬୫ ବର୍ଷ ଅତିକ୍ରମ କରୁନଥିବ।
୫. ନିଯୁକ୍ତି ହୋଇଥିବା ବ୍ୟକ୍ତି ସରକାରଙ୍କର ପୁନଃ ନିଯୁକ୍ତି ନିର୍ଦ୍ଧାରିତ ପାରିଶ୍ରମିକ ଅନୁସାରେ ହକ୍‌ଦାର ହେବେ।
୬. ନିଯୁକ୍ତି ପ୍ରକ୍ରିୟାରେ ଯଦି ପ୍ରାର୍ଥୀ ନିଯୁକ୍ତି ପାଆନ୍ତି ତେବେ ସରକାରଙ୍କ ଆଚରଣ ନିୟମାବଳୀ ୧୯୫୯ ଓ ପେନସନ ଆଚରଣ ବିଧି ୧୯୯୨ ଅନୁସାରେ ପରିଚାଳିତ ହେବେ।
୭. ପୁନଃ ନିଯୁକ୍ତି ବ୍ୟକ୍ତିଙ୍କ କାର୍ଯ୍ୟରେ ଯଦି ପ୍ରାଧିକାରୀ କୌଣସି ତ୍ରୁଟି ପରିଲକ୍ଷିତ କରନ୍ତି ତେବେ ତାଙ୍କୁ ଯେ କୌଣସି ସମୟରେ କାର୍ଯ୍ୟରୁ ବାହାର କରିପାରିବେ। ଏଥି ସହିତ ଯଦି କୌଣସି ପୁନଃ ନିଯୁକ୍ତ କର୍ମଚାରୀ ସେମାନଙ୍କ କାର୍ଯ୍ୟରୁ ଅବସର ନେବାକୁ ଚାହାନ୍ତି ତେବେ ସେମାନେ ତାଙ୍କର କାର୍ଯ୍ୟରୁ ଅବସର ନେବାର ୧(ଏକ) ମାସ ପୂର୍ବରୁ ପ୍ରାଧିକାରୀଙ୍କୁ ଜଣାଇବାକୁ ହେବ।
୮. ପୁନଃ ନିଯୁକ୍ତି ପୂର୍ବରୁ ଆବେଦନକାରୀଙ୍କ ସମସ୍ତ ପୂର୍ବ ଅପରାଧିକ କାର୍ଯ୍ୟ ଓ ଚରିତ୍ର ବିଷୟରେ ପୋଲିସ୍ ଦ୍ୱାରା ଯାଞ୍ଚ କରାଯିବ।
୯. ଆବେଦନକାରୀ ଦିଆଯାଇଥିବା ଫର୍ମକୁ ସଠିକ୍ ଭାବେ ପୂରଣ କରିବେ। ତତ୍ ସହିତ ସେମାନଙ୍କର ପେନସନ ପେପର ଏବଂ ସେବା ପୁସ୍ତିକା ପ୍ରଥମ ପୃଷ୍ଠାର ନକଲକୁ ନିଜର ଦସ୍ତଖତ ସହ ସଂଲଗ୍ନ କରି କାରାଗାର ନିର୍ଦ୍ଦେଶାଳୟ, ଭୁବନେଶ୍ୱରଠାରେ ତା ୩୦।୧୧।୨୦୨୨ରିଖ ମଧ୍ୟରେ ରେଜିଷ୍ଟର୍ଡ କିମ୍ବା ସ୍ପିଡ୍‌ପୋଷ୍ଟ ମାଧ୍ୟମରେ ପଠାଇବାକୁ ହେବ।
୧୦. ଚୟନ କମିଟିଙ୍କର ଅଧିକାର ଅନୁଯାୟୀ ସମସ୍ତ ଆବେଦନ ପତ୍ରର ଗ୍ରହଣ/ଖାରଜ ଯେ କୌଣସି ସମୟରେ ବିନା ସୂଚନାରେ କରାଯିବାର ଅଧିକାର ରହିଛି।

OIPR-12024/11/0009/2223 ସ୍ୱା./- କାରାଗାର ଉପ ମହାନିରୀକ୍ଷକ



**OFFICE OF THE NOTIFIED AREA COUNCIL, BOUDHGARH**

e-mail: boudhgarhnac@yahoo.co.in, Ph. No.: 06841-222024
Q.C. No. 7424 Dated: 26.10.2022

**QUOTATION CALL NOTICE**

No. C-1453: Sealed quotation is invited from the Reputed Manufacture/Suppliers/Agency having valid GST Registration Certificate uptodate Tax Clearance Certificate, PAN etc. for supply of the following materials for wealth center. The quotation will be received from **Dt.26.10.2022 to 02.11.2022** upto 5.30 P.M. by Registered Post and Speed Post and it will be opened on **03.11.2022 at 11.00 A.M.** in presence of their authorised representative. All the information are available in NAC Office website **www.boudhgarhnac.in** and District website **www.boudh.nic.in**.
The rate should be quoted inclusive of all taxes and delivery charges. The quotation paper can be downloaded from the website of the NAC Boudhgarh and NIC Boudh. The authority reserves the right to accept or reject any or all quotations without assigning any reason thereof.

**Sd./- Executive Officer, Boudhgarh N.A.C.**
OIPR-13155/11/0025/2223



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER GANJAM (R&B) DIVISION NO.I, BERHAMPUR**

Phone/Fax:(0680) 2233683, e-mail:sernb1.ganjam@yahoo.com

No.B-716: **"e" Procurement Notice**

**Bid Identification No.SE R&B Divn.No.I Bam.56/2022-23 Lr.No.10741, dtd.18.10.2022**

| | | |
|---|---|---|
| Name of Work | : | Building Work |
| No. of Works | : | 1 (One) No. |
| Estimated Cost | : | Approximately Rs.49.74 Lakh |
| Period of Completion | : | Six Calendar Months |
| Date and time of availability of bid document in the portal | : | From 10.00 hours of 26.10.2022 to 16.00 hours of 02.11.2022. |
| Last date/time for receipt of bids in the portal | : | Upto 16.00 hours of 02.11.2022 |
| Name & Address of the Officer Inviting Bid | : | Superintending Engineer, Ganjam (R&B) Division No.I, Berhampur |

Further details can be seen from the e-Procurement portal https://tendersodisha.gov.in.

**Sd./- Superintending Engineer**
**Ganjam (R&B) Division No.I, Berhampur**
OIPR-34109/11/0018/2223



**SAMBALPUR MUNICIPAL CORPORATION**

Notice No. 10233/SMC Date: 26.10.2022

**SHORT TENDER CALL NOTICE**

No. C-1456: Sealed quotations are invited from the Suppliers/Dealers for supply of Welding/Iron materials to the Sambalpur Municipal Corporation. The bidder must have PAN and GST Registration. The quotations should reach the undersigned on or before Dt.09.11.2022 upto 2.00 P.M. and the same will be opened on same day at 5.00 P.M. in presence of bidders or their authorized agent, if any. The detailed bid documents shall be downloaded from the SMC official website **(www.smcsambalpur.nic.in)**.
The authority reserves the right to cancel any or all the Bids without assigning any reason thereof.

**Sd./- Municipal Commissioner**
**Sambalpur Municipal Corporation**
OIPR-13122/11/0063/2223



**Government of Odisha** No.B-740:-
**"E" Procurement Tender Notice**
**OFFICE OF THE SUPERINTENDING ENGINEER, RAYAGADA (R&B) DIVISION NO.-II**
E-mail ID: eepwd765017@gmail.com, Phone- (06856) 299969

**Bid Identification No. RC (RANDB) RGD No.-II 14/2022-23 (Online tender)**
No.4637 Dated 14.10.2022

1. Total No. of the works: 01 No. of Road work.
2. Approximate estimated cost: Rs.84.41 lakhs.
3. Period of completion: 3 (Three) calendar months.
4. Date & time of availability of bid document in the portal: 11.00 hrs. of Dtd.28.10.2022 to 17.00 hrs. of Dtd.17.11.2022 for online bidding.
5. Last date / time for receipt of bids in the portal: Upto 17.00 hrs. of Dt.17.11.2022.
6. Name and address of the officer inviting BID: **Executive Engineer, Rayagada (R&B) Division No.-II.**
7. Date of opening of bid at 11.00 hours on Dt.18.11.2022.
8. Further details can be seen from the e-Procurement portal: **www.tendersodisha.gov.in**.
9. Date of opening of financial bid to be announced.
10. Further addendum / corrigendum if any will be hosted in the above website only.

**Sd./- Executive Engineer, Rayagada (R&B) Division No.-II**
OIPR-34139/11/0006/2223



No. C-1449

**WATCO**
**OFFICE OF THE CHIEF EXECUTIVE OFFICER**

WATCO, Ground Floor, Unnati Bhawan, H.B. Colony, Satyanagar, Bhubaneswar - 751007, Odisha
Tele: +91-674-2391444, E-mail: mail@watcoodisha.in

**INVITATION FOR BID (IFB)**

**Bid Identification No. WATCO(W) - 30/2022-23 Dtd.22.10.2022**
**WATCO No. 4908** **Date: 22.10.2022**

**1. Name of the Work:**
1. Implementation of Drink from Tap with 24×7 water supply to Zone No. 21 (1400 KL) at Jail Road in Ward No. 18(P), 20(P), 21(P), 22(P), 23(P), 26(P) of CMC (Network Improvement with Installation of Valves, Pipe laying, House connection & site development), Cuttack under SUJAL.
2. Implementation of Drink from Tap with 24×7 water supply to Zone No. 22 (1500 KL) at Jholasahi in Ward No. 21(P), 22(P), 26(P), 27(P), 28(P), 29(P) & 30(P) of CMC (Network Improvement with Installation of Valves, Pipe laying, House connection & site development), Cuttack under SUJAL.
3. Implementation of Drink from Tap with 24×7 water supply to Zone No. 25 (1500 KL) at Circuit House Campus Ward No. 25, 34 & 33(P) of CMC (Network Improvement with Installation of Valves, Pipe laying, House connection & site development), Cuttack under SUJAL.
4. Implementation of Drink from Tap with 24×7 water supply to Zone No. 26 (1300 KL) at Rajabagicha Ward No. 24(P), 27(P), 28(P), 29 & 30(P) of CMC (Network Improvement with Installation of Valves, Pipe laying, House connection & site development), Cuttack under SUJAL.
5. Implementation of Drink from Tap with 24×7 water supply to Zone No. 13 (1200 KL) at Kafla in Ward No. 10(P), 11(P), 12(P) of CMC (Network Improvement with Installation of Valves, Pipe laying, House connection & site development), Cuttack under SUJAL.
6. Implementation of Drink from Tap with 24×7 water supply to Zone No. 19 at Universe Campus (800 KL) Ward No. 15(P), 17(P) & 25(P) of CMC, (Network Improvement with Installation of Valves, Pipe laying, House connection & construction of PLC & Chlorination room, yard lighting & site development), Cuttack under SUJAL.
7. Implementation of Drink from Tap wtih 24×7 water supply to Zone No. 49 (500 KL) at Bidyadharpur Ward No. 3 of CMC (Network Improvement with Installation of Valves, Pipe laying, House connection & site development), Cuttack under SUJAL.
8. Implementation of Drink from Tap with 24×7 water supply to Zone No. 20 (900 KL) at Annapurna Ward No. 17(P), 22(P), 24(P) & 27(P) of CMC, (Network Improvement with Installation of Valves, Pipe laying, House connection & construction of PLC & Chlorination room, yard lighting & site development), Cuttack under SUJAL.

2. Estimated Cost :
(1) Rs.244.25 lakh, (2) Rs.287.37 lakh, (3) Rs.341.14 lakh, (4) Rs.304.22 lakh, (5) Rs.255.40 lakh, (6) Rs.236.48 lakh,

| | | |
|---|---|---|
| 3. Period of Completion | : | 6 (Six) Months |
| 4. Date & time of availability of bid document in the portal | : | From 11.00 A.M. of Dt.01.11.2022 to 5.00 P.M. of Dt.15.11.2022 |
| 5. Last date/time of receipt of bids in the portal | : | 5.00 P.M. of 15.11.2022 |
| 6. Date & time of opening of Technical Bids | : | 12.30 P.M. of 16.11.2022 |
| 7. Name and address of the Officer Inviting Bid | : | Chief Executive Officer, WATCO, Telefax: 0674-2391444, E-mail: **mail@watcoodisha.in**, mail to: **eephibbsr@ori.nic.in** |

8.The bidders have to participate in ONLINE bidding only.
Further details can be seen from the website **www.tendersodisha.gov.in**.

OIPR-13194/11/0058/2223 **Sd./- CEO, WATCO**



See Career Appointment on every Wednesday & Saturday



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, BALANGIR (R&B) DIVISION, BALANGIR**

E mail: eepwd.bgr@rediffmail.com, eepwd.bgr@gmail.com, Ph.No. 06652-232374

No.B-714:- **e-Procurement Notice**

**BID IDENTIFICATION No.BGR R&B / 15/2022-23**
No.4201/ Dtd.15.10.22

| | | | |
|---|---|---|---|
| 1 | The Executive Engineer, Balangir (R&B) Division, Balangir on behalf of Governor of Odisha invites percentage rate bid in Double cover system in ONLINE MODE for the construction of works detailed in the table below from B Class Contractors registered with the State Governments and contractors of equivalent Grade / Class registered with Central Government / MES / Railways for execution of Road / Building / Bridge works. The proof of registration from the appropriate authority shall be enclosed along with the bid. | | |
| 2 | Nature of work | : | Building work |
| 3 | No. of tender | : | Building work- 01 No. |
| 4 | Tender cost | : | Rs.10,000/- |
| 5 | Class of contractor | : | 'B' Class (Registered with CDMS) |
| 6 | Date & time of sale & receipt of bids | : | From Dt.25.10.2022, 10.00 A.M. to Dt.15.11.2022 upto 05.00 P.M. |
| 7 | Date of opening bid | : | Dt.16.11.2022 at 11.00 A.M. |
| 8 | The bidders have to participate in ONLINE bidding only. Further details can be seen fromthe website: http://tendersorissa.gov.in. All future corrigendums will be available on ONLINE MODE only. | | |

**Sd./- Executive Engineer, Balangir (R&B) Division**
OIPR-34028/11/0013/2223



**OFFICE OF THE CHIEF CSO/CSO-CUM-DISTRICT MANAGER**
**ODISHA STATE CIVIL SUPPLIES CORPORATION LTD., SUNDARGARH DISTRICT**

**Mob. No.: 9438200060, District Website: www.sundergarh.nic.in**
**Tender No.: 3340/3341/3342/3343/3344/3345/3346/3347/3348/3349/3350/3351/3352/3353/3354/3355/3356/ Dt.26.10.2022**

No. CAD-2290: District Manager, Odisha State Civil Supplies Corporation Ltd., Sundargarh invites Block wise tenders as mentioned below through **ONLINE MODE ONLY** on e-procurement portal i.e. **www.tendersodisha.gov.in** for the works below.

| | | |
|---|---|---|
| 1 | Name of the Work | Selection and appointment of **Transport Contractors for transportation of Paddy from Mandi to Mill Point** within district or outside the district within the State of Odisha for the KMS: 2022-23 |
| 2 | Availability of Bid document in the portal | On Dt.27.10.2022 at 10.00 A.M. |
| 3 | Last date/time for receipt of bids in the protal | Upto 05.30 P.M. on Dt.10.11.2022 |
| 4 | Date, Time & Venue for opening of Technical Bid | On Dt.11.11.2022 at 10.30 A.M. onwards at Office Chamber of Collector, Sundargarh for: Balisankara, Bargaon, Hemgir, Kutra, Lephirpara, Rajgangpur, Subdega, Tangarpali, Bisra, Koira, Kuarmunda, Lathikata, Nuagaon, Lahunipara, Bonai, Gurundia and Sadar Block |

Tender documents & other details can be seen from the e-procurement portal **www.tendersodisha.gov.in** along with district website. Amendments/corrigendum/cancellation/retenders etc. if any shall be published only in above websites.

**Sd./- Chief CSO/CSO-cum-District Manager**
OIPR-07017/11/0004/2223 **OSCSC Ltd., Sundargarh**

## ହ୍ରାସ ପାଉଛି ନିଯୁକ୍ତି ସଂଖ୍ୟା

**ନୂଆଦିଲ୍ଲୀ:** ଚଳିତ ବର୍ଷ ଅଗଷ୍ଟ ମାସରେ ଦେଶରେ ସଂଗଠିତ ନିଯୁକ୍ତି ସଂଖ୍ୟା ହ୍ରାସ ପାଇଛି। ଏପରିକି ସରକାରଙ୍କ ବିଭିନ୍ନ ସଂସ୍ଥା ପକ୍ଷରୁ ଜାରି କରାଯାଇଥିବା ତଥ୍ୟରୁ ଏହା ଜଣାପଡ଼ିଛି। ବିଶେଷ କରି କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫ୍‌ଓ), କର୍ମଚାରୀ ରାଜ୍ୟ ବୀମା ନିଗମ (ଇଏସ୍‌ଆଇସି) ଏବଂ ଜାତୀୟ ପେନସନ୍ ସ୍କିମରେ ମଧ୍ୟ ଏହି ମାସରେ କମ୍ ସଂଖ୍ୟକ ନୂଆ କର୍ମଚାରୀ ଯୋଡ଼ି ହୋଇଛନ୍ତି। ସେହିଭଳି ଗତ ଜୁଲାଇରେ ୧୮.୨ ଲକ୍ଷ ନୂଆ ସଦସ୍ୟ ଇପିଏଫ୍‌ଓରେ ଯୋଡ଼ି ହୋଇଥିଲେ ହେଲେ ଅଗଷ୍ଟରେ ସେମାନଙ୍କ ସଂଖ୍ୟା ୭.୧% ହ୍ରାସ ପାଇ ୧୬.୯ ଲକ୍ଷ ହୋଇଛି।

# ରାଜ୍ୟ ଗୃହନିର୍ମାଣ ସଂସ୍ଥାର ନୂତନ ଅଧ୍ୟକ୍ଷ କଳିକେଶ ନାରାୟଣ ସିଂଦେଓ

ଭୁବନେଶ୍ୱର,୨୭/୧୦(ବ୍ୟୁରୋ)


କଳିକେଶ ନାରାୟଣ ସିଂଦେଓ

ବିଜେଡ଼ି ଲୋକସଭା ପୂର୍ବତନ ସାଂସଦ କଳିକେଶ ନାରାୟଣ ସିଂଦେଓ ଗୁରୁବାର ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥାର ନୂତନ ଅଧ୍ୟକ୍ଷ ଭାବେ ଯୋଗଦାନ କରିଛନ୍ତି। ରାଜ୍ୟ ସରକାରଙ୍କ ଆଭିମୁଖ୍ୟକୁ ସଫଳ ଭାବେ କାର୍ଯ୍ୟ କରିବା ମୋର ଏକମାତ୍ର ଲକ୍ଷ୍ୟ ବୋଲି ସିଂଦେଓ ମତବ୍ୟକ୍ତ କରିଛନ୍ତି।

ତେବେ ଏହି ଯୋଗଦାନ ସମୟରେ ସଂସ୍ଥାର ପରିଚାଳନା ନିର୍ଦ୍ଦେଶିକା ସାଗରିକା ପଟ୍ଟନାୟକ, ସଚିବ ରଶ୍ମିତାରାଣୀ ତରାସିଆ, ଅର୍ଥ ଉପଦେଷ୍ଟା ତଥା ମୁଖ୍ୟ ହିସାବ ଅଧିକାରୀ ପୁଷ୍ପାଞ୍ଜଳି ତ୍ରିପାଠୀ, ମୁଖ୍ୟଯନ୍ତ୍ରୀ ଲୋକନାଥ ପ୍ରସାଦ ମହାପାତ୍ର ଓ ସଂସ୍ଥାର ୱାର୍କର୍ସ ୟୁନିୟନର କର୍ମକର୍ତ୍ତାମାନେ ଦେଓଙ୍କୁ ସ୍ୱାଗତ କରିଥିଲେ। ସିଂଦେଓ ବିଗତ ଦିନରେ ଦୁଇଥର ସାଂସଦ ଓ ଥରେ ରାଜ୍ୟର ସର୍ବକନିଷ୍ଠ ବିଧାୟକ ଭାବେ ନିର୍ବାଚିତ ହୋଇ ଦାୟିତ୍ୱ ନିର୍ବାହ କରିଥିବା ବେଳେ ବନ୍ଧୁକ ଚାଳନା ଓ ବାସ୍କେଟ ବଲରେ ଜାତୀୟସ୍ତରର ଖେଳାଳି ଭାବେ ପ୍ରତିନିଧିତ୍ୱ କରିଛନ୍ତି। ସେ ମଧ୍ୟ ଦେଶର ସ୍ୱନାମଧନ୍ୟ ଡୁନ୍ ସ୍କୁଲ ଓ ଦିଲ୍ଲୀ ସେଣ୍ଟ ଷ୍ଟିଫେନ୍ କଲେଜର ପ୍ରାକ୍ତନ ଛାତ୍ର ଅଟନ୍ତି। ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ରାଜେନ୍ଦ୍ର ନାରାୟଣ ସିଂଦେଓଙ୍କର ସେ ନାତି ଓ ସୁପରିଚିତ ପୂର୍ବତନ ବରିଷ୍ଠ ମନ୍ତ୍ରୀ ଅନଙ୍ଗ ଉଦୟ ସିଂଦେଓଙ୍କ ଜ୍ୟେଷ୍ଠପୁତ୍ର।

# 'ମୁଦ୍ରାନୀତିରେ ହୋଇପାରେ ବଡ଼ ପରିବର୍ତ୍ତନ'

- ବଢ଼ିପାରେ ଋଣ ସୁଧହାର
- ନଭେମ୍ବର ୩ରେ ଜରୁରୀ ଏମ୍‌ପିସି ବୈଠକ ଡାକିବେ ଆର୍‌ବିଆଇ

ନୂଆଦିଲ୍ଲୀ,୨୭।୧୦




ଚଳିତ ବର୍ଷ ନଭେମ୍ବର ୩ରୁ ମୁଦ୍ରାନୀତି କମିଟି (ଏମ୍‌ପିସି)ର ଅତିରିକ୍ତ ବୈଠକ ହେବାକୁ ଯାଉଛି ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ପକ୍ଷରୁ କୁହାଯାଇଛି। ଏପରିକି ଆର୍‌ବିଆଇ ଏମ୍‌ପିସିଙ୍କ ଏକ ଗୁରୁତ୍ୱପୂର୍ଣ୍ଣ (ଏମର୍ଜେନ୍ସି) ବୈଠକ ପାଇଁ ଆହ୍ୱାନ କରାଯାଇଛି। କାରଣ ଏମ୍‌ପିସିଙ୍କ ନିୟମିତ ବୈଠକ ୨୦୨୨ ଡିସେମ୍ବର ୫ରୁ ୭ ମଧ୍ୟରେ ହେବା ଯୋଜନା ରହିଥିଲା। ତେବେ ତା'ର ଯଥେଷ୍ଟ ପୂର୍ବରୁ ଆର୍‌ବିଆଇ ଏହି ଏମ୍‌ପିସି ବୈଠକ ପାଇଁ ଆହ୍ୱାନ କରିବା ସବୁ ବର୍ଗଙ୍କ ପାଇଁ ଆଶଙ୍କା ସୃଷ୍ଟି କରିଛି ବୋଲି ବଜାର ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି। ସେମାନଙ୍କ କହିବା କଥା, ଯେକୌଣସି ସମୟରେ ଏକ ବଡ଼ଧରଣର ପରିବର୍ତ୍ତନ ସପକ୍ଷରେ ଆର୍‌ବିଆଇ ଘୋଷଣା କରିପାରେ ବା କିଛି ଦୃଢ଼ ପଦକ୍ଷେପ ଗ୍ରହଣ କରିବ ବୋଲି ଆଶା କରାଯାଉଛି। ସେହିଭଳି ଆର୍‌ବିଆଇଙ୍କ ଏହି ବୈଠକରେ ଖୁଚୁରା ମୁଦ୍ରାସ୍ଫୀତି ୬%ରୁ ଉପରେ ରହିବା ଯୋଗୁ ଆଗାମୀ ଶୀତକାଳୀନ ଅଧିବେଶନରେ ସରକାର ବିରୋଧୀଙ୍କୁ ଦେବାକୁ ଥିବା ଜବାବ ନେଇ ମଧ୍ୟ ବିସ୍ତୃତ ଆଲୋଚନା ହୋଇପାରେ ବୋଲି ଆକଳନ କରାଯାଇଛି। ଅପରପକ୍ଷରେ ଆର୍‌ବିଆଇ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଭାରତୀୟ ରିଜର୍ଭ ବ୍ୟାଙ୍କ ଅଧିନିୟମ ୧୯୩୪ର ଧାରା ୪୫ ଜେଡ୍‌ଏନ୍‌ରେ ଥିବା ପ୍ରାବଧାନ ଅନୁସାରେ ଏମ୍‌ପିସିର ଏହି ବିଶେଷ ବୈଠକ ଡକାଯାଇଛି। ସେହିପରି ପୂର୍ବ ଏମ୍‌ପିସି ବୈଠକ ଚଳିତ ବର୍ଷ ସେପ୍ଟେମ୍ବର ୨୮ରୁ ୩୦ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସେହି ଅନୁସାରେ ପରବର୍ତ୍ତୀ ବୈଠକ ଆସନ୍ତା ଡିସେମ୍ବର ୫ରୁ ୭ ମଧ୍ୟରେ ହେବା କାର୍ଯ୍ୟକ୍ରମ ରହିଥିଲା। ତେବେ କେତେକ ଜରୁରୀ ଆହ୍ୱାନ ଯୋଗୁ ଆର୍‌ବିଆଇ ପକ୍ଷରୁ ମାସକ ପୂର୍ବରୁ ଏହି ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ପାଇଁ ଆହ୍ୱାନ କରାଯାଇଛି। ଗତ ମାସ (ସେପ୍ଟେମ୍ବର) ୩୦ ତାରିଖରେ ଶେଷ ହୋଇଥିବା ଏମ୍‌ପିସି ବୈଠକରେ ନୀତିଗତ ରେପୋ ହାର ୫୦ ଆଧାର ଅଙ୍କ (ବିପିଏସ୍) ପର୍ଯ୍ୟନ୍ତ ବଢ଼ାଯାଇଥିଲା। ରେପୋ ହାର ୫.୯% ହୋଇଯାଇଥିଲା। ଫଳରେ ସବୁ ପ୍ରକାର ଋଣ ହାର ମହଙ୍ଗା ହୋଇଯାଇଥିଲା। ତେବେ ନଭେମ୍ବର ୩ରେ ଅନୁଷ୍ଠିତ ହେବାକୁ ଯାଉଥିବା ଏହି ଜରୁରୀ ଏମ୍‌ପିସି ବୈଠକରେ ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣ କରିବା ପାଇଁ ଆର୍‌ବିଆଇ କଡ଼ା ନୀତି ଆପଣେଇ ପାରନ୍ତି। ଫଳରେ ପୁଣି ଥରେ ଋଣ ସୁଧହାର ବୃଦ୍ଧି ହେବାର ଆଶଙ୍କା ରହିଛି ବୋଲି ଆକଳନ କରାଯାଉଛି।


## ଜନ୍ମଦିନର ଶୁଭେଚ୍ଛା



**ନୀଲମ ବନଛୋର**
ଗ୍ରାମ: ଲଇଡାଗୁଣା, ଗ୍ରା.ପ.- ତେଲି ତିଲେଇମାଲ, ଥାନା- କୁଚିଣ୍ଡା, ଜିଲ୍ଲା- ସମ୍ବଲପୁର
୪ର୍ଥତମ ଜନ୍ମଦିନ ଅବସରରେ ଅଭିନନ୍ଦନ ଓ ଶୁଭେଚ୍ଛା । ପରିବାରବର୍ଗ
ଜନ୍ମ ତା।୨୮।୧୦।୨୦୧୮ ମଃ
ଧ-୧୮୫୪


# ଟାଟା-ଏୟାରବସ୍ ମଧ୍ୟରେ ରାଜିନାମା

ଭୁବନେଶ୍ୱର,୨୭।୧୦

ଦେଶର ପ୍ରମୁଖ ବାଣିଜ୍ୟିକ ସଂସ୍ଥା ତଥା ଟାଟା ଗ୍ରୁପର ସହଯୋଗୀ ସଂସ୍ଥା ଟାଟା ଆଡଭାନ୍ସ ସିଷ୍ଟମ ଲିମିଟେଡ (ଟିଏଏସଏଲ) ୟୁରୋପିୟାନ ଆଭିଏସନ ସଂସ୍ଥା ଏୟାର ବସ ସହ ଏକ ରାଜିନାମା ସ୍ୱାକ୍ଷର ହୋଇଯାଇଛି। ଉକ୍ତ ରାଜିନାମା ଅନୁଯାୟୀ ଉଭୟ ସଂସ୍ଥାର ଗୁଜରାଟର ଭଦୋଦରା ଠାରେ ଭାରତୀୟ ବାୟୁସେନ ପାଇଁ ସି-୨୯୫ ଏୟାରକ୍ରାଫ୍ଟ ନିର୍ମାଣ କରିବେ ବୋଲି କୁହାଯାଇଛି। ଏପରିକି ଏ ନେଇ ଟାଟା ଏବଂ ଏୟାରବସ ସହ ଏକ ଡିଲ୍ ମଧ୍ୟ ହୋଇଛି। ଏହା ଜରିଆରେ ବାୟୁସେନା ପାଇଁ ଅତ୍ୟାଧୁନିକ ଏୟାରକ୍ରାଫ୍ଟ ନିର୍ମାଣ କରାଯିବ। ପ୍ରଥମଥର ପାଇଁ ଏୟାରବସ ସହ ଚୁକ୍ତି କରି ଟାଟା ଗୁଜରାଟରେ ସି-୨୯୫ ଏୟାରକ୍ରାଫ୍ଟ ଭାରତରେ ନିର୍ମାଣ କରିବ ବୋଲି ଜଣାପଡ଼ିଛି। ସେହିପରି ଗୁଜରାଟର ଭଦୋଦରାରେ ଗୋଟିଏ ପ୍ଲାଣ୍ଟରେ ଏହି ସି-୨୯୫ ଏୟାରକ୍ରାଫ୍ଟ ନିର୍ମାଣ କରାଯିବ ବୋଲି ଟାଟା ପକ୍ଷରୁ କୁହାଯାଉଛି। ଏପରିକି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅକ୍ଟୋବର ୩୦ରେ ଏହି ପ୍ଲାଣ୍ଟର ଶିଳାନ୍ୟାସ କରିବେ ବୋଲି ବିଶେଷ ସୂତ୍ରରୁ ସୂଚନା ମିଳିଛି। ଉକ୍ତ ସୂଚନା ଅନୁସାରେ ଟାଟା ଏବଂ ଏୟାରବେସ ମିଳିତ ଭାବେ ବାୟୁସେନା ପାଇଁ ମୋଟ ୪୦ଟି ଏୟାରକ୍ରାଫ୍ଟ ନିର୍ମାଣ କରିବେ ବୋଲି ରାଜିନାମା ହୋଇଛି।

# ଟିଏମ୍‌ସି ସହ ହିରୋର ଦ୍ୱିପାକ୍ଷିକ ସହଭାଗିତା

ନୂଆଦିଲ୍ଲୀ,୨୭।୧୦

ଦେଶର ପ୍ରମୁଖ ୨ଚକିଆ ଯାନ ନିର୍ମାତା 'ହିରୋ ମୋଟୋକର୍ପ' ଖୁବ୍‌ଶୀଘ୍ର ଫିଲିପାଇନ୍ସ ବଜାରରେ ମଧ୍ୟ ତା'ର ଉପସ୍ଥିତି ଜାହିର କରିବାକୁ ଯାଉଛି। କାରଣ କଲମ୍ବିଆନ ଗ୍ରୁପ୍ ଅଫ୍ କମ୍ପାନୀଗୁଡ଼ିକର ଏକ ଅଂଶ ଟେରାଫିର୍ମା ମୋଟର୍ସ କର୍ପୋରେଶନ (ଟିଏମ୍‌ସି) ତଥା ଅନ୍ୟତମ ଅଗ୍ରଣୀ ଏବଂ ଅଭିଜ୍ଞ ଅଟୋମୋବାଇଲ ଗୋଷ୍ଠୀ ହିରୋ ମୋଟୋକର୍ପ ସହ ମିଳିତ ହୋଇଛନ୍ତି। ଫଳରେ କମ୍ପାନୀର ବିଭିନ୍ନ ମଡେଲକୁ ଫିଲିପାଇନ୍ସ ବଜାରରେ ଉପଲବ୍ଧ କରାଇବା ନେଇ ଉଭୟଙ୍କ ମଧ୍ୟରେ ସହଯୋଗ ରହିବ ବୋଲି ଜଣାପଡ଼ିଛି। ସେହିଭଳି ଏହି ଦ୍ୱିପାକ୍ଷିକ ସହଭାଗିତାର ଏକ ଅଂଶ ଭାବେ ଟିଏମ୍‌ସି ଫିଲିପାଇନ୍ସରେ ହିରୋ ମୋଟୋକର୍ପ ମୋଟରସାଇକେଲର ସ୍ୱତନ୍ତ୍ର ଏକତ୍ରକାରୀ ଏବଂ ବିତରକ ହେବ ବୋଲି କୁହାଯାଇଛି। ଏପରିକି କମ୍ପାନୀ ଲାଗୁନା ସହରରେ ଅବସ୍ଥିତ ଅତ୍ୟାଧୁନିକ ମୁଖ୍ୟ ଉତ୍ପାଦନ ସୁବିଧାରେ ୨୯,୦୦୦ ବର୍ଗ ମିଟର ପରିମିତ ଅଞ୍ଚଳରେ ଏକ ଆସେମ୍ବ୍ଲି ସୁବିଧା ମଧ୍ୟ ଉପଲବ୍ଧ କରାଇବ। ବିଶେଷକରି ୨୦୨୪ ଆର୍ଥିକ ବର୍ଷର ଦ୍ୱିତୀୟାର୍ଦ୍ଧଠାରୁ ଏହା କାର୍ଯ୍ୟ ଆରମ୍ଭ କରିବ ବୋଲି ଜଣାପଡିଛି। ଏ ସମ୍ପର୍କରେ ହିରୋ ମୋଟୋକର୍ପର ଗ୍ଲୋବାଲ ବିଜ୍‌ନେସର ମୁଖ୍ୟ ସଞ୍ଜୟ ଭାନ୍ କହିଛନ୍ତି, ଆମେ ସର୍ବଦା ବିଶ୍ୱ ବଜାରରେ ନୂତନ ସୁଯୋଗ ଅନୁସନ୍ଧାନ କରୁଛୁ। ଏପରିକି ଦକ୍ଷିଣ ପୂର୍ବ ଏସୀୟ ଅଞ୍ଚଳରେ ପ୍ରବେଶ କରିବା ପାଇଁ ଟିଏମ୍‌ସି ସହ ଆମର ସହଭାଗିତା ଏହି ବିସ୍ତାର ରଣନୀତିର ଏକ ଅବିଚ୍ଛେଦ୍ୟ ଅଙ୍ଗ। ଫିଲିପାଇନ୍ସରେ ଟିଏମ୍‌ସି ଅଟୋମୋବାଇଲର ପାରଦର୍ଶିତା ଏବଂ ନେଟ୍‌ୱାର୍କ ସହିତ ହିରୋ ମୋଟୋକର୍ପର ବିଶ୍ୱସନୀୟତା ଏବଂ ଟେକ୍ନୋଲୋଜି ନିଶ୍ଚିତ ଭାବେ ଏକ ପ୍ରଭାବ ସୃଷ୍ଟି କରିବ ଏବଂ ଏହି ପ୍ରମୁଖ ବଜାରରେ ଆମର ପାଦଚିହ୍ନକୁ ସୁଦୃଢ଼ କରାଇବ।

# ସରକାରଙ୍କ ନଜରରେ ଡିଟିଏଚ୍ କମ୍ପାନୀ

ନୂଆଦିଲ୍ଲୀ,୨୭।୧୦

ସାରା ଦେଶରେ ଡାଇରେକ୍ଟ-ଟୁ-ହୋମ୍ (ଡିଟିଏଚ୍) ସେବା ପ୍ରଦାନ କରୁଥିବା କମ୍ପାନୀଗୁଡ଼ିକର ହିସାବ ଖାତାର ଅଡିଟ୍ କରିବା ଲାଗି କେନ୍ଦ୍ର ସରକାର ଯୋଜନା କରୁଥିବା ଜଣାପଡ଼ିଛି। କାରଣ ଉକ୍ତ ସେବା ପ୍ରଦାନକାରୀ ସଂସ୍ଥାଗୁଡ଼ିକର ଲାଇସେନ୍ସ ଫିଂକୁ ନେଇ ସରକାର ସନ୍ଦେହ ପ୍ରକାଶ ସହ ଉକ୍ତ କମ୍ପାନୀଗୁଡ଼ିକର କାରବାର ଉପରେ ନଜରରେ ରଖିଛନ୍ତି। ସେହିଭଳି ଡିଟିଏଚ୍ କମ୍ପାନୀଗୁଡ଼ିକୁ ନେଇ ଦୀର୍ଘଦିନରୁ ଯେଉଁ ବିବାଦ ଲାଗି ରହିଛି, ତା'ର ସମାଧାନ ସହ ଉକ୍ତ କମ୍ପାନୀଗୁଡ଼ିକର ଖାତା ଅଡିଟ୍ କରିବା ଲାଗି ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ଭାରତର ମହାଲେଖା ନିୟନ୍ତ୍ରକ ଓ ମହାସମୀକ୍ଷକ (ସିଏଜି)ଙ୍କୁ ମଧ୍ୟ ଏକ ଚିଠି ଲେଖାଯାଇଛି। ବିଶେଷକରି ଉକ୍ତ କମ୍ପାନୀଗୁଡ଼ିକର ଏକ ପୂର୍ଣ୍ଣାଙ୍ଗ ଅଡିଟ୍ କରିବାକୁ ସିଏଜିଙ୍କୁ ଉକ୍ତ ଚିଠିରେ କୁହାଯାଇଛି।

# ମୁଥୁଟ୍ ଗ୍ରୁପ୍‌ର ସିଏସ୍‌ଆର୍ କାର୍ଯ୍ୟକ୍ରମ



ନୂଆଦିଲ୍ଲୀ,୨୭।୧୦

ଦେଶର ପ୍ରମୁଖ ଘରୋଇ ଆର୍ଥିକ ସଂସ୍ଥା ମୁଥୁଟ୍ ଫାଇନାନ୍ସର ନୂତନ କର୍ପୋରେଟ କାର୍ଯ୍ୟାଳୟ 'ଏମ୍.ଜି.ଜର୍ଜ ମୁଥୁଟ୍ ଟାୱାର-୨'ର ଶୁଭାରମ୍ଭ ହୋଇଯାଇଛି। ସେହିଭଳି ସଂସ୍ଥାର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍) କାର୍ଯ୍ୟକ୍ରମ ଅଧୀନରେ ଜାରି ରହିଥିବା ପ୍ରୋଜେକ୍ଟ ଆସିଆନା ସମ୍ପର୍କରେ ମଧ୍ୟ ଏକ ବଡ ଘୋଷଣା କରାଯାଇଛି। ଏପରିକି ଏହା ଅଧୀନରେ ୨୦ ଟି ମୁଥୁଟ୍ ଆସିଆନା ଘର ହରିୟାଣାର ରେୱାରି ଘାଟଲ ମହାନିୱାସ ସମାଜର ଅବହେଳିତ ଓ ଅସହାୟ ଲୋକଙ୍କୁ ଯୋଗାଇ ଦିଆଯାଇଛି। ବିଶେଷକରି ପ୍ରୋଜେକ୍ଟ ଆସିଆନା ଅଧୀନରେ ୨୦୦ରୁ ଅଧିକ ଘର ମଧ୍ୟ ନିର୍ମାଣ ହୋଇସାରିଛି।

ଏ ସମ୍ପର୍କରେ ମୁଥୁଟ୍ ଗ୍ରୁପ୍‌ର ଚେୟାରମ୍ୟାନ୍ ଜର୍ଜ ଯାକବ ମୁଥୁଟ୍ କହିଛନ୍ତି, ମୁଥୁଟ୍ ଆସିଆନା ପ୍ରକଳ୍ପ ହେଉଛି ଏକ ପଦକ୍ଷେପ ଯାହା ଆମ ହୃଦୟର ଅତି ନିକଟତର ପ୍ରକଳ୍ପ ଭାବେ ପରିଗଣିତ ହୋଇଛି। ସେହିଭଳି ଦେଶରେ ଆମ ଗ୍ରୁପ୍‌ର ଉତ୍ତର, ପୂର୍ବ ଏବଂ ପଶ୍ଚିମ ଭାରତ ଦ୍ୱାରା ପ୍ରଦର୍ଶିତ ତ୍ୱରିତ ଅଭିବୃଦ୍ଧି ପାଇଁ ମଧ୍ୟ ଆମେ ବେଶ୍ ଗର୍ବିତ । ସେହିପରି ଆମର ନୂତନ କାର୍ଯ୍ୟାଳୟର ଉଦ୍‌ଘାଟନ ସହ ଏହି ବିସ୍ତାରକୁ ପୂର୍ଣ୍ଣ କରିବାକୁ ଆନନ୍ଦିତ ଅଛୁ।

## ଫୁର୍‌ସତ

# ବାଣ ବଦଳରେ ୫ ଶହ ଟଙ୍କା ଜାଳିବାକୁ କହିଥିଲେ ବାପା


ରକୁଲ ପ୍ରୀତ ସିଂ

**ମୁମ୍ବାଇ:** ଦୀପାବଳିରେ ବାଣ ନ ଫୁଟାଇବା ପାଇଁ ଅଭିନେତ୍ରୀ ରକୁଲ ପ୍ରୀତ ସିଂଙ୍କୁ ତାଙ୍କ ବାପା ଅଭିନବ ଉପାୟରେ ଶିକ୍ଷା ଦେଇଥିଲେ। ବାଣ ଫୁଟାଇବାର ମାନେ ସିଧାସଳଖ ଟଙ୍କା ଜାଳିବା ବୋଲି ରକୁଲଙ୍କୁ ପିଲାଦିନେ ବୁଝାଯାଇଥିଲା ବୋଲି ଅଭିନେତ୍ରୀ ଜଣକ ନିକଟରେ ପ୍ରକାଶ କରିଛନ୍ତି। ପିଲାଦିନ କଥା ମନେପକାଇ ରକୁଲ ଏକ ସାକ୍ଷାତ୍‌କାରରେ କହିଛନ୍ତି, ସେ ମାତ୍ର ୯ ବର୍ଷ ବୟସରେ ଶେଷଥର ପାଇଁ ବାଣ ଫୁଟାଇଥିଲେ। ୫ମ ଶ୍ରେଣୀ ପରଠାରୁ ସେ ଅଦ୍ୟାବଧି କେବେ ବାଣ ଫୁଟାଇନାହାନ୍ତି। ଶେଷଥର ଯେବେ ବାଣ ଫୁଟାଇବାକୁ ଇଚ୍ଛା ହୋଇଥିଲା, ସେତେବେଳେ ତାଙ୍କ ବାପା ରକୁଲଙ୍କୁ ଏକ ୫୦୦ ଟଙ୍କିଆ ନୋଟ୍ ଦେଇ ତାହାକୁ ଜାଳିବାକୁ କହିଥିଲେ। ଏହା ଶୁଣି ରକୁଲ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। କାହିଁକି ଟଙ୍କା ଜାଳିବି ବୋଲି ରକୁଲ ତାଙ୍କ ବାପାଙ୍କୁ ପଚାରିଥିଲେ। ଉତ୍ତରରେ ବାପା କହିଥିଲେ, ବାଣ ଓ ଟଙ୍କା ଜାଳିବା ସମାନ କଥା। ପରେ ବାପାଙ୍କ ସହ ଦୋକାନକୁ ଯାଇ ମିଠା କିଣିବା ସହ ତାହାକୁ ବାଣ୍ଟିଥିଲେ। ଏହା ତାଙ୍କୁ ବେଶ୍ ଖୁସି ଦେଇଥିଲା ବୋଲି ରକୁଲ କହିଛନ୍ତି। ଡକ୍ଟର ଜି ଫିଲ୍ମରେ ରକୁଲଙ୍କୁ ଦେଖିବାକୁ ମିଳିଥିଲା। ଗତ ୨୫ ତାରିଖରେ ରିଲିଜ ହୋଇଥିବା ଇନ୍ଦ୍ର କୁମାରଙ୍କ 'ଥ୍ୟାଙ୍କ୍ ଗଡ୍'ରେ ମଧ୍ୟ ରକୁଲ ଅଭିନୟ କରିଛନ୍ତି। ଏଥିରେ ଅଜୟ ଦେବଗନ୍ ଏବଂ ସିଦ୍ଧାର୍ଥ ମାଲ୍‌ହୋତ୍ରା ମୁଖ୍ୟ ଭୂମିକାରେ ରହିଛନ୍ତି।

# ଡିମାଣ୍ଡରେ ଟ୍ରାଭେଲ ଟାୱାର

## ୨ ବର୍ଷ ପାଇଁ ସରିଛି ବୁକିଂ

ଲଣ୍ଡନ



ବ୍ରିଟେନର ସବୁଠାରୁ ଲୋକପ୍ରିୟ ଟାୱାରରେ ଛୁଟି ମନାଇବାକୁ ଲୋକଙ୍କ ଭିତରେ ବେଶ୍ କ୍ରେଜ୍ ଦେଖିବାକୁ ମିଳେ। ୱେୟାରହାମ୍‌ରେ ଥିବା ଏହି ଟାୱାରର ନାଁ ହେଉଛି 'କ୍ଲାଭେଲ୍ ଟାୱାର'। ଏହାର ସବୁଠୁ ବଡ଼ ସ୍ୱତନ୍ତ୍ରତା ହେଉଛି ଛୁଟିରେ ଏଠାକୁ ଆସିବାକୁ ଚାହୁଁଥିଲେ ପର୍ଯ୍ୟଟକଙ୍କୁ ବହୁ ଆଗରୁ ବୁକିଂ କରିବାକୁ ପଡ଼େ। ୪ ମହଲା ବିଶିଷ୍ଟ ଏହି ବୃତ୍ତାକାର ଟାୱାରର ବେଶ୍ ଚାହିଦା ଯୋଗୁ ଏଠାରେ ଟିକେଟ୍ ମିଳିବା ମଧ୍ୟ ସହଜ ହୋଇ ନ ଥାଏ। ଏବେ ବି ଏହି ଟାୱାର ସମ୍ପୂର୍ଣ୍ଣ ଭାବେ ବୁକ୍ ହୋଇସାରିଛି। ୨୦୨୫ ପର୍ଯ୍ୟନ୍ତ କୌଣସି ପର୍ଯ୍ୟଟକ କ୍ଲାଭେଲ ଟାୱାର ବୁକ୍ କରିବା କଷ୍ଟକର।

୧୮୩୦ରେ କ୍ଲାଭେଲ ଟାୱାର ନିର୍ମିତ ହୋଇଥିଲା। ଏହା ପ୍ରସିଦ୍ଧ ଲେଖକ ପିଡି ଜେମ୍ସ ଏବଂ ଥୋମାସ୍ ହାର୍ଡିଙ୍କ ଘର ଥିଲା। ଐତିହାସିକ କୋଠାର ଯତ୍ନ ନେଉଥିବା ଲ୍ୟାଣ୍ଡମାର୍କ ଟ୍ରଷ୍ଟ ଏହାର ପରିଚାଳନା ତଥା ତଦାରଖ କରିଥାଏ। ଚଳିତବର୍ଷ ଏହାର ନବୀକରଣ କରାଯାଇଛି। ଏହି ଟାୱାରରେ ରୁମ୍ ବୁକିଂ ପାଇଁ ପ୍ରତିବର୍ଷ ଲୋକଙ୍କୁ ଦୀର୍ଘ ଅପେକ୍ଷା କରିବାକୁ ପଡ଼ିଥାଏ। ଯଦି ଆପଣ ୪ ରାତି ପର୍ଯ୍ୟନ୍ତ ଟାୱାରରେ ରୁହନ୍ତି, ତେବେ ଆପଣଙ୍କୁ ୫୮୦ ପାଉଣ୍ଡ ଅର୍ଥାତ୍ ପ୍ରାୟ ୫୫୦୦୦ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ। ଏହି ଅର୍ଥରେ ଏକ ଡବଲ ବେଡ୍‌ରୁମ୍‌ରେ ଦୁଇଜଣ ରହିପାରିବେ। ଏଥିରେ ଓଭନ ଏବଂ ଏକ ଇଲେକ୍ଟ୍ରିକ୍ ହବ୍ ଅଛି। ସେଠାକୁ ଲୋକେ ନିଜ ପୋଷା କୁକୁରକୁ ମଧ୍ୟ ନେଇ ଯାଇପାରିବେ। ଟାୱାରରେ ପହଞ୍ଚିବା ପାଇଁ ଅତିଥିମାନଙ୍କୁ ୧୦ ମିନିଟ୍ ଚାଲିବାକୁ ପଡ଼ିବ। ଟାୱାରର ତୃତୀୟ ମହଲାରୁ ଆପଣ ସମୁଦ୍ରର ଚମତ୍କାର ଦୃଶ୍ୟ ଦେଖିବାକୁ ପାଇବେ। ଟାୱାର ଚାରିପଟ ବାତାବରଣ ହିଁ ଏହାର ଚାହିଦାକୁ ବହୁଗୁଣ କରିଛି। ଗତ ବର୍ଷ ଅନ୍‌ଲାଇନରେ ମାତ୍ର ୩୦୦ ସେକେଣ୍ଡରେ ସମଗ୍ର ୬ ମାସ ପାଇଁ ସ୍ଲଟ୍ ବିକ୍ରି ହୋଇଯାଇଥିଲା। ଲ୍ୟାଣ୍ଡମାର୍କ ଟ୍ରଷ୍ଟର ଜଣେ ମୁଖପାତ୍ର କହିଛନ୍ତି, ଏହି ସ୍ଥାନଟି ସମ୍ପୂର୍ଣ୍ଣ ଭିନ୍ନ। ବେଡ୍‌ରେ ଶୋଇଥିବାବେଳେ ମଧ୍ୟ ଆପଣ ଏଠାରୁ ସମୁଦ୍ରର ଦୃଶ୍ୟ ଦେଖିପାରିବେ।

# ସୁନ୍ଦରୀ ପ୍ରତିଯୋଗିତାରେ ମାରପିଟ

**ନ୍ୟୁୟର୍କ:** ଆମେରିକାର ନ୍ୟୁୟର୍କରେ ମିସ୍ ଶ୍ରୀଲଙ୍କା ସୌନ୍ଦର୍ଯ୍ୟ ପ୍ରତିଯୋଗିତା ଶେଷହେବାରେ ଅଜବ ଦୃଶ୍ୟ ଦେଖିବାକୁ ମିଳିଛି। ଏଥିରେ ଭାଗ ନେଇଥିବା ପ୍ରତିଯୋଗୀଙ୍କ ମଧ୍ୟରେ ମାଡପିଟ୍ ହେଉଥିବାର ଭିଡିଓ ସୋସିଆଲ ମିଡିଆରେ ବହୁଳ ପ୍ରସାରିତ ହୋଇଛି। ପାର୍ଟି ପରେ ଏଠାରେ ମାଡ଼ପିଟ୍ ଆରମ୍ଭ ହୋଇଥିଲା। ଏଥିରେ କେତେଜଣ ଆହତ ହୋଇଛନ୍ତି। ନ୍ୟୁୟର୍କର ଷ୍ଟାଟେନ୍ ଦ୍ୱୀପର ଭାଣ୍ଡେରବିଟ୍‌ଠାରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ୧୪ ପ୍ରତିଯୋଗୀଙ୍କ ସହ ୩୦୦ରୁ ଉର୍ଦ୍ଧ୍ୱ ଅତିଥି ଯୋଗ ଦେଇଥିଲେ। ପ୍ରତିଯୋଗିତାର ଶେଷରେ ମିସ୍ ଶ୍ରୀଲଙ୍କା ନ୍ୟୁୟର୍କ ଆଞ୍ଜେଲିଆ ଗୁନାଶେକାରାଙ୍କୁ ବିଜେତା ଘୋଷଣା କରାଯାଇଥିଲା।




ମିସ୍ ଶ୍ରୀଲଙ୍କା ନ୍ୟୁୟର୍କ ଆଞ୍ଜେଲିଆ ଗୁନାଶେକାରା

ଏହା ପରେ ପାର୍ଟିର ଆୟୋଜନ ହୋଇଥିଲା। ସେହି ସମୟରେ ସେଠାରେ କେତେଜଣ ପ୍ରତିଯୋଗୀ ଓ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିଙ୍କ ଭିତରେ ପାଟିତୁଣ୍ଡ ସହ ମାଡ଼ପିଟ୍ ଆରମ୍ଭ ହୋଇଯାଇଥିଲା। ତେବେ ଗଣ୍ଡଗୋଳର ପ୍ରକୃତ କାରଣ ଜଣାପଡ଼ିନାହିଁ। ମାଡପିଟ୍‌ରେ କୌଣସି ପ୍ରତିଯୋଗୀ ସାମିଲ ନ ଥିଲେ ବୋଲି ପ୍ରତିଯୋଗିତାର ଜଣେ ଆୟୋଜକ ସୁଜାନି ଫର୍ନାଣ୍ଡୋ କହିଛନ୍ତି।


# ମନେ ପଡ଼ନ୍ତି

## ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୧୮।୧୦।୨୦୨୨
**ସନ୍ଦୀପ କୁମାର ମହାନ୍ତି**
ସମସ୍ତଙ୍କୁ ପରକରି ଶେଷ ନିଃଶ୍ୱାସ ନେଇ ଚାଲିଗଲେ ଆରପାରିକୁ। ସୃଷ୍ଟି ହେଲା ବିରାଟ ଶୂନ୍ୟସ୍ଥାନ। ଯାହା ଭରଣା ହେବା କଷ୍ଟ। ବନ୍ଧୁ ପରିଜନ, ସାଙ୍ଗସାଥୀ, ପୁଅ, ଝିଅ ଉପସ୍ଥିତ... ଜଗନ୍ନାଥଙ୍କ ପାଖରେ ଆମେ ପ୍ରାର୍ଥନା କରୁଛୁ ଆପଣଙ୍କ ଆତ୍ମା ସଦ୍‌ଗତି ହେଉ।
ଧ-୧୮୬୧

## ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ଁଉମାବତୀ ତ୍ରିପାଠୀ**
ଲକ୍ଷ୍ମୀସାଗର, ଭୁବନେଶ୍ୱର
ପୁଅ କଲ୍‌ଦି ତୋ ବାପା ପାଖକୁ ନେଇଯା କାର୍ତ୍ତିକ ମାସରେ ସତକୁ ସତ ବୋଉତୁ ଚାଲିଗଲୁ, କାର୍ତ୍ତିକ ମାସରେ
ଆବିର୍ଭାବ: ୧୯୩୬ (ଅଳାଁ ନବମୀ)
ତିରୋଧାନ: ୧୮।୧୦।୨୦୨୨
ଆପଣଙ୍କର ଅନାବିଳ ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା, ତ୍ୟାଗ, ଦକ୍ଷତା, ଆଦର୍ଶ, ଆଶୀର୍ବାଦ, ଭଲପାଇବା ଆମ୍ଭମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିଥାଉ। ଆପଣଙ୍କ ଅନୁପସ୍ଥିତି ଆମ୍ଭେମାନେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
ପୁତ୍ର: ଲକ୍ଷ୍ମୀନାରାୟଣ, ରବି ନାରାୟଣ ଓ ସମସ୍ତ ଜ୍ୱାଇଁ: ବିଜୟ, ସୁନୀଲ, ଆଦିତ୍ୟ, ସୁରେଶ, ବସନ୍ତ, ଝିଅ: ରୁନୁ, ଝୁନୁ, ଲକ୍ଷ୍ମୀ, ସୁରୁ ଓ ଇତି, ନାତି ଓ ନାତୁଣୀ: ନିତୁ, ସୋନି, ରୋନି, ମିଟୁ, ରିଟୁ, ଲିଜା, ବନ୍ଧୁ ଓ ପରିବାରବର୍ଗ ।
ଧ-୧୮୨୯

## ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଏକାଦଶାହ ଉପଲକ୍ଷେ



**ଁ ସରସ୍ୱତୀ ସିଂହ**
ଓଟିଏମ୍ କଲୋନୀ, ଚୌଦ୍ୱାର
ତିରୋଧାନ - ୧୮ /୧୦/୨୦୨୨
ତୁମେ ଅକସ୍ମାତ ଆମକୁ ଶୋକସାଗରରେ ଭସାଇ ଅମର ପୁରକୁ ଗ୍ଲଲିଗଲ । ତୁମର ନୀତି, ସ୍ନେହ, ଆଦର୍ଶ, ସରଳ ସ୍ୱଭାବ, କର୍ତ୍ତବ୍ୟ ନିଷ୍ଠା ଆମର ସର୍ବଦା ପାଥେୟ ହେଉ । ତୁମର ପବିତ୍ର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଦପଦ୍ମରେ ଆମର ବିନମ୍ର ପ୍ରାର୍ଥନା ।
ତୁମର ଶୋକସନ୍ତପ୍ତ :
ସ୍ୱାମୀ, ପୁତ୍ର/ପୁତ୍ରବଧୂ
ଝିଅ/ଜ୍ୱାଇଁ, ନାତି/ନାତୁଣୀ
ଓ ବନ୍ଧୁ ଏବଂ ଆତ୍ମୀୟସ୍ୱଜନ ।
ଧ-୧୮୫୭

## ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



**ଡା. ବିପ୍ର ଚରଣ ନାୟକ**
୦୪.୦୮.୧୯୩୮ - ୦୮.୧୧.୨୦୨୧
ବାପା, ଆଜକୁ ଠିକ୍ ଏକ ବର୍ଷ ହେଲା ଆପଣ ଆମକୁ ଚିରଦିନ ପାଇଁ ଛାଡ଼ି ଦିବ୍ୟଧାମକୁ ଚାଲିଗଲେ। ସୃଷ୍ଟିର ଏହି ନିଷ୍ଠୁର ସତ୍ୟ ଆମ୍ଭମାନଙ୍କୁ ବାକ୍‌ଶୂନ୍ୟ କରି ଦେଇଛି। ସୃଷ୍ଟିର ଏହି ନିୟମ ଅଲଙ୍ଘନୀୟ ତଥାପି ଏ ଅବୁଝାମନ ବୁଝୁନି। ଆପଣଙ୍କ ଅପ୍ରତ୍ୟାଶିତ ବିୟୋଗରେ ଆମ୍ଭମାନଙ୍କ ଜୀବନରେ ଏକ ଅପୂରଣୀୟ ଶୂନ୍ୟସ୍ଥାନ ଓ କ୍ଷତ ରହିଯାଇଛି ଏବଂ ରହିବ। ଆପଣଙ୍କର ଅହେତୁକ ସ୍ନେହ, ଶ୍ରଦ୍ଧା, ନୀତି, ଆଦର୍ଶ, ଅସୀମ ଧୈର୍ଯ୍ୟ ସହନଶୀଳତା, ସ୍ୱାଭିମାନ, ପ୍ରେରଣା ଓ ମାର୍ଗଦର୍ଶନ ଆମପାଇଁ ଚିରପାଥେୟ। ଆଜି ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଆପଣଙ୍କ ଅମ୍ଳାନ ଆତ୍ମାର ସଦ୍‌ଗତି ନିମନ୍ତେ ଆମ୍ଭମାନଙ୍କର ଶୋକ ସନ୍ତପ୍ତ ଓ ଅଶ୍ରୁପୂର୍ଣ୍ଣ ପ୍ରାର୍ଥନା ଅନାଦି ଅନନ୍ତ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଚରଣାରବିନ୍ଦରେ ସମର୍ପଣ କରୁଛୁ।
ଶୋକସନ୍ତପ୍ତ: ସ୍ତ୍ରୀ, ପୁତ୍ର, ପୁତ୍ରବଧୂ, ନାତିନାତୁଣୀ ଓ ବନ୍ଧୁବାନ୍ଧବ
ଧ-୭୩୮୭

DSPL - 243

Government of Odisha

ODISHA
NEW OPPORTUNITIES

MAKE IN ODISHA CONCLAVE'22
BHUBANESWAR | 30 NOV-04 DEC | 2022

# BUSINESS SUMMIT *with* ASEAN HEADS OF MISSIONS IN INDIA

**28th October 2022 | Bhubaneswar**

**BRUNEI DARUSSALAM**



**H.E. Dato Alaihuddin Mohd Taha**
High Commissioner

**INDONESIA**



**H.E. Ms. Ina Hagniningtyas Krisnamurthi**
Ambassador

**LAO PDR**



**H.E. Mr. Bounneme Chouanghom**
Ambassador

**MYANMAR**



**H.E. Mr. Moe Kyaw Aung**
Ambassador

**THAILAND**



**H.E. Ms. Pattarat Hongtong**
Ambassador

**MALAYSIA**



**Mr. Amizal Fadzli Rajali**
Chargé d'affaires a.i



**Shri Naveen Patnaik**
Hon'ble Chief Minister, Odisha

COME, JOIN THE JUGGERNAUT

**Industrial Promotion & Investment Corporation of Odisha Limited (IPICOL)**
( A Government of Odisha Undertaking )

IPICOL House, Janpath, Bhubaneswar – 751022, Odisha | info@investodisha.org 1800 345 7111
For further information please visit http://www.investodisha.gov.in/

Follow us on @investInOdisha /InvestOdisha Invest Odisha

OIPR-14005/13/0015/2223

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶୁକ୍ରବାର, ଅକ୍ଟୋବର ୨୮/୨୦୨୨ Sambalpur, Friday, October 28/ 2022



ଓଡ଼ିଶା ଏଫ୍‌ସି ଓ ବେଙ୍ଗାଲୁରୁ ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ଆରମ୍ଭ ପୂର୍ବରୁ ଜାତୀୟ ସଙ୍ଗୀତ ଗାନ ବେଳେ ଉପସ୍ଥିତ ଅଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

# କଳିଙ୍ଗରେ ଓଏଫ୍‌ସିର କ୍ରମାଗତ ବିଜୟ

**ଭୁବନେଶ୍ୱର,୨୭।୧୦ (ସ୍ପୋର୍ଟ୍ସ ବ୍ୟୁରୋ)**

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ କ୍ରମାଗତ ବିଜୟ ହାସଲ କରିଛି ଓଡ଼ିଶା ଏଫ୍‌ସି(ଓଏଫ୍‌ସି)। ଗତ ମ୍ୟାଚରେ କେରଳ ବ୍ଲାଷ୍ଟର୍ସକୁ ପରାସ୍ତ କରିଥିବା ଓଏଫ୍‌ସି ଦ୍ୱିତୀୟ ମ୍ୟାଚରେ ସୁନୀଲ ଛେତ୍ରୀଙ୍କ ବେଙ୍ଗାଲୁରୁ ଏଫ୍‌ସିକୁ ୧-୦ରେ ପରାସ୍ତ କରିଛି। ଓଏଫ୍‌ସି ୪-୩-୩ କମ୍ବିନେଶନ ସହିତ ପଡିଆକୁ ଓହ୍ଲାଇଥିବା ବେଳେ ବିଏଫ୍‌ସି ୪-୨-୪ କମ୍ବିନେଶନରେ ଓହ୍ଲାଇଥିଲା। ୪ ଫରୱାର୍ଡଙ୍କ ସହିତ ବିଏଫ୍‌ସି ଆରମ୍ଭରୁ ଘନଘନ ଆକ୍ରମଣ କରିଥିଲା। ତେବେ ଓଡ଼ିଶା ଗୋଲକିପର ଅମରିନ୍ଦର ସିଂ କିଛି ଚମତ୍କାର ସେଭ୍ କରିଥିଲେ। ୧୪ ତମ ମିନିଟରେ ଓଏଫ୍‌ସିର ଡିଏଗୋ ମରିସିଓଙ୍କ ନିକଟରେ ବଲ ରହିଥିବା ବେଳେ ବିଏଫ୍‌ସିର ଡି ସମ୍ପୂର୍ଣ୍ଣ ଖାଲିଥିଲା। ମରିସିଓ ବିଏଫ୍‌ସି ଗୋଲ କିପର ଗୁରପ୍ରୀତଙ୍କୁ ପରାସ୍ତ କରି ପାରିନଥିଲେ। ମ୍ୟାଚର ୩୩ତମ ମିନିଟରେ ଓଏଫ୍‌ସି ଫରୱାର୍ଡ ନନ୍ଦ କୁମାର ଦଳ ପକ୍ଷରୁ ଏକମାତ୍ର ଗୋଲ ସ୍କୋର କରିଥିଲେ। ମ୍ୟାଚରେ ୫୪ ପ୍ରତିଶତ ସମୟ ବଲ୍ ବିଏଫ୍‌ସି ନିୟନ୍ତ୍ରଣରେ ରହିଥିଲା। ଏହାପରେ ବିଏଫ୍‌ସି ପକ୍ଷରୁ ଗୋଲ ପରିଶୋଧର ଉଦ୍ୟମ କରାଯାଇଥିଲେ ହେଁ ଏହା ସମ୍ଭବ ହୋଇନଥିଲା। ଏହି ବିଜୟ ସହିତ ୪ ମ୍ୟାଚରୁ ୩ ବିଜୟ ସହିତ ଓଏଫ୍‌ସି ପଏଣ୍ଟ ଟେବଲର ପ୍ରଥମ ସ୍ଥାନରେ ପହଞ୍ଚିଛି। ନଭେମ୍ବର ୫ ତାରିଖରେ ଓଏଫ୍‌ସି ଏହାର ପରବର୍ତ୍ତୀ ମ୍ୟାଚରେ ହାଇଦ୍ରାବାଦ ଏଫ୍‌ସିକୁ ଭେଟିବ।

## ଦର୍ଶକଙ୍କ ଭିଡ

କଳିଙ୍ଗ ଷ୍ଟାଡିୟମକୁ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍) ମ୍ୟାଚ୍ ଫେରିଥିବା ବେଳେ ଦ୍ୱିତୀୟ ମ୍ୟାଚରେ ଯୋଗ ଦେଇଛନ୍ତି ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଓଡ଼ିଶା ଏଫ୍‌ସି(ଓଏଫ୍‌ସି) ଓ ବେଙ୍ଗାଲୁରୁ ଏଫ୍‌ସି (ବିଏଫ୍‌ସି) ମଧ୍ୟରେ ଖେଳା ଯାଇଥିବା ମ୍ୟାଚରେ ଯୋଗ ଦେଇଥିଲେ ମୁଖ୍ୟମନ୍ତ୍ରୀ। ଏହା ସହିତ ୫ଟି ସଚିବ ଭି. କେ. ପାଣ୍ଡିଆନ୍ ମଧ୍ୟ ଉଦ୍‌ଘଟନୀ ସମାରୋହରେ ଯୋଗ ଦେଇଥିଲେ। ଉଭୟ ଖେଳାଳିଙ୍କ ସହିତ ପରିଚିତ ହେବା ପରେ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା। ଏହା ସହିତ ଗୁରୁବାର ସନ୍ଧ୍ୟାର ଅନ୍ୟତମ ଆକର୍ଷଣ ରହିଥିଲେ ଭାରତୀୟ ଦଳର ଅଧିନାୟକ ସୁନୀଲ ଛେତ୍ରୀ। ବିଏଫ୍‌ସିର ଅଧିନାୟକ ରହିଥିବା ଛେତ୍ରୀଙ୍କୁ ଦେଖିବା ପାଇଁ ଷ୍ଟାଡିୟମର ଇଷ୍ଟ ଷ୍ଟାଣ୍ଡଟି ଦର୍ଶକରେ ଭରପୁର ହୋଇଯାଇଥିଲା। କିସ୍/କିଟ୍ ସ୍କୁଲର ବହୁ ସଂଖ୍ୟାରେ ଛାତ୍ରୀ ଛାତ୍ର ମଧ୍ୟ ବିପୁଳ ସଂଖ୍ୟାରେ ଯୋଗ ଦେଇ ମ୍ୟାଚର ମଜା ନେଇଥିଲେ। ଓଏଫ୍‌ସି ଦଳକୁ ଉତ୍ସାହିତ କରିବା ଲାଗି ଓଡ଼ିଶା-ଓଡ଼ିଶା ନାରାରେ ଷ୍ଟାଡିୟମ ପ୍ରକମ୍ପିତ ହୋଇଥିଲା।

# ଆମେରିକୀୟ ଫୁଟବଲରେ ମହିଳାଙ୍କୁ ସମାନ ମ୍ୟାଚ୍ ଫି

**ନ୍ୟୁୟର୍କ,୨୭।୧୦**

କ୍ରୀଡାରେ ସମାନ ଖେଳକୁ ନେଇ ସମାନ ପାଉଣା ଉପରେ ଦୀର୍ଘ ବର୍ଷ ଧରି ବିତର୍କ ଜାରି ରହିଛି। ଦୀର୍ଘ ବର୍ଷର ଆଲୋଚନା ପରେ ମଧ୍ୟ କେବଳ କିଛି ହାତଗଣତି ଟୁର୍ନାମେଣ୍ଟ ବ୍ୟତୀତ ଅନ୍ୟ କେଉଁଥିରେ ବିଶେଷ ପରିବର୍ତ୍ତନ ଦେଖା ଦେଇ ନାହିଁ। ବିଶ୍ୱର ଅଧିକାଂଶ ଟୁର୍ନାମେଣ୍ଟରେ ପୁରୁଷ ଏବଂ ମହିଳା ଖେଳାଳିଙ୍କ ପାଉଣା ଭିନ୍ନ ହୋଇଥାଏ। ଏପରି କି ଦରମା ଏବଂ ଚୁକ୍ତିନାମା ମଧ୍ୟ ଭିନ୍ନ ଅଟେ। ନ୍ୟାଶନାଲ ବାସ୍କେଟ ବଲ୍ ଆସୋସିଏଶନ(ଏନ୍‌ବିଏ)ରେ ପୁରୁଷ ବୃତ୍ତିଗତ ଖେଳାଳିଙ୍କ ହାରାହାରି ବାର୍ଷିକ ଦରମା ୫୦,୦୦୦ ଡଲାର୍ ପାଖାପାଖି ଥିବାବେଳେ ମହିଳାମାନଙ୍କ ପାଇଁ ଏହା ପ୍ରାୟ ୩୬,୦୦୦ ଡଲାର୍ ରହିଛି। ସେହିଭଳି ଏଟିପି ଏବଂ ଡବ୍ଲୁଟିଏ ଦ୍ୱାରା ପରିଚାଳିତ ପ୍ରମୁଖ ଗ୍ରାଣ୍ଡସ୍ଲାମ ଟେନିସ୍ ଟୁର୍ନାମେଣ୍ଟରେ ସମାନ ଦରମା ରହିଛି। ପୁରୁଷ ଟେନିସ୍ ତାରକାମାନେ ଗ୍ରାଣ୍ଡସ୍ଲାମରେ ଖେଳିବା ପାଇଁ ଯେଉଁ ଟଙ୍କା ପାଇଥାନ୍ତି ତାହା ମହିଳା ଖେଳାଳିଙ୍କ ପ୍ୟାକେଜ୍‌ଠାରୁ ଯଥେଷ୍ଟ ଅଧିକ ଅଟେ। ଏ କ୍ଷେତ୍ରରେ କେବଳ ୟୁଏସ୍ ଓପନ ଏକମାତ୍ର ବ୍ୟତିକ୍ରମ। ୟୁଏସ୍ ଓପନରେ ପୁରୁଷ ଓ ମହିଳା ବିଜେତାଙ୍କୁ ସମାନ ପୁରସ୍କାର ରାଶି ମିଳିଥାଏ। କ୍ରିକେଟରେ କେବଳ ନ୍ୟୁଜିଲାଣ୍ଡ ଓ ଭାରତ ସମାନ ପାଉଣା ନିୟମ ଲାଗୁ କରିଥିବା ବେଳେ ପ୍ରଥମ ଦେଶ ଭାବରେ ଫୁଟବଲରେ ଆମେରିକା ମଧ୍ୟ ସମାନ ନିୟମ କରି ଉଦାହରଣ ସୃଷ୍ଟି କରିଥିଲା। ଆମେରିକୀୟ ଜାତୀୟ ଫୁଟବଲ ଦଳର ଉଭୟ ପୁରୁଷ ଓ ମହିଳା ଖେଳାଳିଙ୍କ ସମାନ ମ୍ୟାଚ୍ ଫି ପ୍ରଦାନ କରାଯାଇଥାଏ ଯାହାକୁ ବିଶ୍ୱର ଅନ୍ୟ କୌଣସି ରାଷ୍ଟ୍ର ଲାଗୁ କରି ନାହାନ୍ତି। ୨୦୨୧ରେ ଆମେରିକୀୟ ଫୁଟବଲରେ ଏହି ନିୟମ ଲାଗୁ କରାଯାଇଥିବା ବେଳେ ଧୀରେ ଧୀରେ ଅନ୍ୟ କ୍ରୀଡାରେ ମଧ୍ୟ ଏହା ଲାଗୁ କରାଯିବ। ଭାରତରେ ମଧ୍ୟ କ୍ରୀଡା ସହିତ ଜଡିତ ମହିଳାଙ୍କୁ ସମାନ ପରସ୍ଥିତିର ସାମ୍ନା କରିବାକୁ ପଡିଥାଏ। ଫୁଟବଲ ଲିଗ୍ ଇଣ୍ଡିଆନ୍ ସୁପର ଲିଗ୍‌ରେ ପୁରସ୍କାର ରାଶି ୭୦ ଲକ୍ଷଟଙ୍କା ରହିଥିବା ବେଳେ ଓମେନ୍ସ ଲିଗ୍‌ରେ ପୁରସ୍କାର ରାଶି ମାତ୍ର ୧୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥାଏ।

# ପାକିସ୍ତାନକୁ ୧ ରନ୍‌ରେ ହରାଇଲା ଜିମ୍ବାୱେ

**ପର୍ଥ, ୨୭।୧୦ (ପି.ଟି.)**



ଶାନ୍ ମାସୁଦଙ୍କ ଉଇକେଟ୍ ପତନ ପରେ ଉଲ୍ଲସିତ ଶିକନ୍ଦର ରାଜା।

ଚଳିତ ଟି୨୦ ବିଶ୍ୱକପ୍‌ରେ ଗୁରୁବାର ପାକିସ୍ତାନ ବିପକ୍ଷରେ ଜିମ୍ବାୱେ ଏକ ରନ୍‌ରେ ରୋମାଞ୍ଚକ ବିଜୟ ହାସଲ କରିଛି। ଜିମ୍ବାୱେ ଦ୍ୱାରା ଧାର୍ଯ୍ୟ ୧୩୧ ରନର ବିଜୟ ଲକ୍ଷ୍ୟକୁ ପିଛା କରିବା ବେଳେ ପାକିସ୍ତାନ ଦଳର ନିୟମିତ ଉଇକେଟ ପତନ ଘଟିବାରେ ଲାଗିଥିଲା। ଦଳ ନିର୍ଦ୍ଧାରିତ ଓଭରରେ ୮ ଉଇକେଟ ବିନିମୟରେ ୧୨୯ରନ କରିବାରେ ସମର୍ଥ ହୋଇଥିଲା। ପାକିସ୍ତାନ ଜନ୍ମିତ ଅଲ୍‌ରାଉଣ୍ଡର ସିକନ୍ଦର ରାଜା ମ୍ୟାଚର ଗତିପଥ ବଦଳାଇ ଦେଇଥିଲେ। ସେ ତାଙ୍କ ୪ ଓଭର ବୋଲିଂରେ ୨୫ରନ ଦେଇ ୩ଟି ମୂଲ୍ୟବାନ ଉଇକେଟ ଅକ୍ତିଆର କରିଥିଲେ।। ଶାନ ମାସୁଦ (୪୪ରନ), ଶାଦବ ଖାଁ (୧୭) ଓ ହାଇଦର ଅଲି ତାଙ୍କ ବୋଲିଂର ଶିକାର ହୋଇଥିଲେ। ଡାହାଣ ହାତି ପେସର ବ୍ରାଡ୍ ଇଭାନ୍ସ (୨/୨୫), ବ୍ଲେସିଂ ମୁଜାରାବାନୀ (୧/୧୮) ଓ ଲ୍ୟୁକ୍ ଜଙ୍ଗୱି (୧/୧୦) ମଧ୍ୟ ଉଇକେଟ ଅକ୍ତିଆର କରିଥିଲେ। ସୁପର-୧୨ ପର୍ଯ୍ୟାୟରେ ପାକିସ୍ତାନ ଏପର୍ଯ୍ୟନ୍ତ ଖେଳିଥିବା ଦୁଇଟି ମ୍ୟାଚରେ ପରାଜିତ ହୋଇଛି। ପୂର୍ବରୁ ଭାରତ ବିପକ୍ଷରେ ଅନ୍ୟ ଏକ ରୋମାଞ୍ଚକ ମ୍ୟାଚରେ ଦଳ ୪ ଉଇକେଟରେ ପରାଜିତ ହୋଇଥିଲା। ସମାନ ସଂଖ୍ୟକ ମ୍ୟାଚ ଖେଳିଥିବା ଜିମ୍ବାୱେର ଏହା ହେଉଛି ପ୍ରଥମ ବିଜୟ। ପୂର୍ବରୁ ବର୍ଷାରେ ଧୋଇଯାଇଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ମ୍ୟାଚରେ ଦଳ ପଏଣ୍ଟ ବଣ୍ଟାଆରା କରିଥିଲା।

**ସଂକ୍ଷିପ୍ତ ସ୍କୋର**

**ଜିମ୍ବାୱେ ଇନିଂସ:** ୨୦ ଓଭରରେ ୧୩୦/୮ (ସିନ୍ ୱିଲିୟମ୍ସ-୩୧ ; ଶଦାବ ଖାନ୍-୩/୨୩, ମହମ୍ମଦ ୱାସିମ୍-୪/୨୪)। **ପାକିସ୍ତାନ ଇନିଂସ:** ୨୦ ଓଭରରେ ୧୨୯/୮ (ଶାନ୍‌ମାସୁଦ-୪୪ ;ଶିକନ୍ଦର ରାଜା-୩/୨୫, ବ୍ରାଡ୍ ଇଭାନ୍ସ-୨/୨୫)।



ଶତକୀୟ ଇନିଂସ୍ ଅବସରରେ ରିଲି ରୋଷୋ।

# ରୋଷୋଙ୍କ ଶତକରେ ଜିତିଲା ଦକ୍ଷିଣ ଆଫ୍ରିକା

**ସିଡ୍‌ନୀ,୨୭।୧୦**

ଅଷ୍ଟ୍ରେଲିଆରେ ଅନୁଷ୍ଠିତ ଟି୨୦ ବିଶ୍ୱକପ୍‌ରେ ପ୍ରଥମ ବିଜୟ ହାସଲ କରିଛି ଦକ୍ଷିଣ ଆଫ୍ରିକା। ଜିମ୍ବାୱେ ବିପକ୍ଷ ମ୍ୟାଚରେ ବର୍ଷା କାରଣରୁ ପଏଣ୍ଟ ବାଣ୍ଟିଥିବା ଦକ୍ଷିଣ ଆଫ୍ରିକା ୧୦୪ ରନରେ ବାଂଲାଦେଶକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ରିଲି ରୋଷୋଙ୍କ ଶତକ ବଳରେ ୨୦୫ ରନ କରିଥିବା ବେଳେ ବାଂଲାଦେଶ ମାତ୍ର ୧୦୧ ରନରେ ଅଲଆଉଟ ହୋଇଥିଲା। ଦକ୍ଷିଣ ଆଫ୍ରିକା ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଅଧିନାୟକ ଟେମ୍ବା ବାଭୁମା ମାତ୍ର ୨ ରନ୍ କରି ପ୍ୟାଭିଲିୟନ ଫେରିଥିବା ବେଳେ ଦ୍ୱିତୀୟ ଉଇକେଟରେ ରିଲି ରୋଷୋ(୧୦୯) ଏବଂ କ୍ୱିଣ୍ଟନ୍ ଡି'କକ୍(୬୩) ଯୋଗ କରିଥିଲେ ୧୬୮ ରନ୍। ୫୬ ବଲ ଖେଳିଥିବା ରୋଷୋ ୭ ଚୌକା ଓ ୮ ଛକା ମାରିଥିଲେ। ଅନ୍ୟ ପକ୍ଷରେ ଡି କକ୍ ୩୮ ବଲ ଖେଳି ୭ ଚୌକା ଓ ୩ ଛକା ମାରିଥିଲେ। ବାଂଲାଦେଶ ପକ୍ଷରୁ ସାକିବ୍ ଅଲ ହସନ୍ ୨ ଉଇକେଟ ନେଇଥିବା ବେଳେ ଟାସ୍କିନ ଅହମ୍ମଦ, ଆଫିଫ୍ ହୋସେନ୍ ଓ ହସନ ମେହମୁଦ୍ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

୨୦୬ ରନ ପିଛା କରୁଥିବା ବାଂଲାଦେଶ ୧୬.୩ ଓଭରରେ ୧୦୧ ରନରେ ଅଲଆଉଟ ହୋଇଥିଲା। ଲିଟନ୍ ଦାଶ ସର୍ବାଧିକ ୩୪ ରନ କରିଥିବା ବେଳେ ସୌମ୍ୟ ସରକାର ୧୫ ରନ୍ କରିଥିଲେ। ଦକ୍ଷିଣ ଆଫ୍ରିକା ପକ୍ଷରୁ ଆନରିଚ୍ ନର୍ଜେ ସର୍ବାଧିକ ୪ ଉଇକେଟ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟାବରେଜ୍ ସାମ୍ସି ୩ ଉଇକେଟ ନେଇଥିଲେ। ରିଲି ରୋଷୋଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ ଘୋଷଣା କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ଦକ୍ଷିଣ ଆଫ୍ରିକା ୨୦ ଓଭରରେ ୨୦୫/୫ (ରିଲି ରୋଷୋ-୧୦୯, କ୍ୱିଣ୍ଟନ ଡି'କକ୍-୬୩, ଏଡେନ୍ ମାରକ୍ରମ-୧୦, ସାକିବ୍ ଅଲ୍ ହାସାନ- ୨/୩୩, ଆଫିଫ ହୋସେନ୍-୧/୧୧, ହସନ ମେହମୁଦ-୧/୩୬)। ବାଂଲାଦେଶ ୧୬.୩ ଓଭରରେ ୧୦୧/ଅଲଆଉଟ (ଲିଟନ୍ ଦାଶ-୩୪,ସୌମ୍ୟ ସରକାର-୧୫, ମେହିଦୀ ହସନ-୧୧, ଆନରିଚ୍ ନର୍ଜେ-୪/୧୦, ଟାବରେଜ୍ ସାମ୍ସି-୩/୨୦, କାଗିସୋ ରବାଡା-୧/୨୪)।

## ୩ରୁ ବାଜି ରାଉତ ଜାତୀୟ ଫୁଟବଲ କପ୍ ଟୁର୍ନାମେଣ୍ଟ

### ଅଂଶଗ୍ରହଣ କରିବେ ୮ ରାଜ୍ୟ

**ଢେଙ୍କାନାଳ ଅଫିସ/ଅନୁଗୋଳ ଅଫିସ, ୨୭।୧୦:** ଶିଳ୍ପ ଜିଲା ଅନୁଗୋଳ, ଢେଙ୍କାନାଳକୁ ଫେରିବ ଫୁଟବଲ ଫିଭର। ସର୍ବଭାରତୀୟ ଫୁଟବଲ ମହାସଂଘ (ଏଆଇଏଫ୍‌ଏଫ୍), 'ଆମେ ଓଡ଼ିଆ ଫାଉଣ୍ଡେଶନ ଟ୍ରଷ୍ଟ' ଏବଂ ଜିଲା କ୍ରୀଡା ସଂସଦର ମିଳିତ ସହଯୋଗରେ ନଭେମ୍ବର ୩ରୁ ୮ ତାରିଖ ଯାଏ ଅନୁଷ୍ଠିତ ହେଉଥିବା 'ବାଜି ରାଉତ ଜାତୀୟ ଫୁଟବଲ କପ୍ ଟୁର୍ନାମେଣ୍ଟ' କ୍ରୀଡ଼ାପ୍ରେମୀଙ୍କ ପାଇଁ ଏହି ସୁଯୋଗ ଆଣିଦେଇଛି। ପ୍ରତିଯୋଗିତାରେ ୮ ରାଜ୍ୟ ଅଂଶଗ୍ରହଣ କରିବେ। ଢେଙ୍କାନାଳ ଷ୍ଟାଡିୟମଠାରେ ଏହାର ଉଦ୍‌ଘାଟନୀ ସମାରୋହ ଅନୁଷ୍ଠିତ ହେବ। ଅନୁଗୋଳରେ ୨ ସେମିଫାଇନାଲ ଖେଳାଯିବାକୁ ଥିବାବେଳେ ତାଳଚେରରେ ଫାଇନାଲ ମ୍ୟାଚ୍ ଆୟୋଜନ କରାଯିବାକୁ ବିଧିବଦ୍ଧ ଭାବେ ନିଷ୍ପତ୍ତି ହୋଇଛି। ଗୁରୁବାର ପୂର୍ବାହ୍ନ ସାଢ଼େ ୧୧ଟାରେ ସ୍ଥାନୀୟ ସୂର୍ଯ୍ୟମଣ୍ଡପରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଟୁର୍ନାମେଣ୍ଟ ସମ୍ପର୍କରେ ସବିଶେଷ ସୂଚନା ଦେଇଛନ୍ତି 'ଆମେ ଓଡ଼ିଆ ସଙ୍ଗଠନ' ସମ୍ପାଦକ ସଂଗ୍ରାମ ପାତ୍ର। ଏହି ଅବସରରେ ପ୍ରତିଯୋଗିତାର ଲୋଗୋ ଓ ଜର୍ସି ଉନ୍ମୋଚନ କରାଯାଇଛି।

# ଭାରତର ଦ୍ୱିତୀୟ ବିଜୟ

**ସିଡ୍‌ନୀ,୨୭।୧୦**

**ଟି୨୦ ବିଶ୍ୱକପ୍ ସୁପର୍-୧୨**



ସ୍କୁପ୍ ଶଟ୍ ଖେଳୁଛନ୍ତି ସୂର୍ଯ୍ୟକୁମାର ଯାଦବ।

ଷ୍ଟାର ବ୍ୟାଟର ସୂର୍ଯ୍ୟକୁମାର ଯାଦବଙ୍କ ଧୂଆଁଧାର ବ୍ୟାଟିଂ ବଳରେ ଟି୨୦ ବିଶ୍ୱକପ୍‌ର ସୁପର-୧୨ରେ କ୍ରମାଗତ ଦ୍ୱିତୀୟ ମ୍ୟାଚରେ ବିଜୟୀ ହୋଇଛି ଭାରତ। ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡରେ ସୂର୍ଯ୍ୟକୁମାରଙ୍କ ବ୍ୟତୀତ ରୋହିତ ଶର୍ମା ଓ ବିରାଟ କୋହଲି ମଧ୍ୟ ଅର୍ଦ୍ଧଶତକ ହାସଲ କରିଥିବାବେଳେ ନେଦରଲାଣ୍ଡକୁ ୫୬ ରନରେ ପରାସ୍ତ କରିଛି ଭାରତ। ଏହା ସହିତ ଗ୍ରୁପ୍ ବି'ର ପଏଣ୍ଟ ଟେବଲ ଶୀର୍ଷରେ ମଧ୍ୟ ଦଳ ପହଞ୍ଚିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୨ ଉଇକେଟରେ ୧୭୯ ରନ୍ ସଂଗ୍ରହ କରିଥିଲା। କେ. ଏଲ୍. ରାହୁଲ ପୁନର୍ବାର ବିଫଳ ହେବା ସହିତ ମାତ୍ର ୯ ରନ୍ କରି ପ୍ୟାଭିଲିୟନ୍ ଫେରିଥିଲେ। ତେବେ ଅଧିନାୟକ ରୋହିତ ଶର୍ମା(୫୩) ଓ ବିରାଟ କୋହଲି(୬୨*) ଙ୍କ ମଧ୍ୟରେ ୭୩ ରନର ଭାଗୀଦାରି ହୋଇଥିଲା। ଦଳୀୟ ସ୍କୋର ୮୪ ରନରେ ରୋହିତ ପ୍ୟାଭିଲିୟନ୍ ଫେରିଥିଲେ। ୩୯ ବଲ ଖେଳିଥିବା ରୋହିତ ୪ ଚୌକା ଓ ୩ ଛକା ମାରିଥିଲେ। ଏହାପରେ କ୍ରିଜ୍‌ରେ ଯୋଗ ଦେଇଥିଲେ ସୂର୍ଯ୍ୟକୁମାର ଯାଦବ। ମାତ୍ର ୨୫ ବଲ ଖେଳି ସେ ୫୧ ରନ କରିଥିବା ବେଳେ ଚତୁର୍ଥ ଉଇକେଟରେ କୋହଲିଙ୍କ ସହିତ ୪୮ ବଲରେ ୯୫ ରନ୍ ଯୋଡିଥିଲେ। କୋହଲିଙ୍କ ଇନିଂସରେ ୩ ଚୌକା ଓ ୨ ଛକା ସାମିଲ ଥିବା ବେଳେ ସୂର୍ଯ୍ୟକୁମାର ମାରିଥିଲେ ୭ ଚୌକା ଓ ୧ ଛକା। ନେଦରଲାଣ୍ଡ ପକ୍ଷରୁ ଫ୍ରେଡ୍ କ୍ଲାସେନ୍ ଓ ଭାନ୍ ମିକେରାନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

୧୮୦ ରନର ପିଛା କରୁଥିବା ନେଦରଲାଣ୍ଡକୁ ଭାରତୀୟ ବୋଲର ଆରମ୍ଭରୁ ଚାପରେ ରଖିଥିଲେ। ଭାରତର ଭୁବନେଶ୍ୱର କୁମାର ୩ ଓଭରରୁ ୨ ମେଡେନ ସହିତ ୨ ଉଇକେଟ ନେଇଥିଲେ। ଟିମ୍ ପ୍ରିଙ୍ଗଲ ସର୍ବାଧିକ ୨୦ ରନ୍ କରିଥିବା ବେଳେ କଲିନ୍ ଆକରମ୍ୟାନ ୧୭ ରନ୍ କରିଥିଲେ। ଭୁବନେଶ୍ୱରଙ୍କ ବ୍ୟତୀତ ଅକ୍ଷର ପଟେଲ, ଆର. ଅଶ୍ୱିନ ଓ ଅର୍ଶଦୀପ ସିଂ ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ନେଦରଲାଣ୍ଡ ନିର୍ଦ୍ଧାରିତ ଓଭରରେ ୯ ଉଇକେଟ ହରାଇ ୧୨୩ ରନ କରିଥିଲା। ସୂର୍ଯ୍ୟକୁମାର ଯାଦବଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ ଘୋଷଣା କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ଭାରତ ୨୦ ଓଭରରେ ୧୭୯/୨( ବିରାଟ କୋହଲି-୬୨*, ରୋହିତ ଶର୍ମା-୫୩, ସୂର୍ଯ୍ୟକୁମାର ଯାଦବ-୫୧*, ଫ୍ରେଡ୍ କ୍ଲାସେନ-୧/୩୩, ଭାନ୍ ମିକେରାନ-୧/୩୨)। ନେଦରଲାଣ୍ଡ ୨୦ ଓଭରରେ ୧୨୩/୯ (ଟିମ୍ ପ୍ରିଙ୍ଗଲ-୨୦, କଲିନ୍ ଆକରମ୍ୟାନ୍-୧୭,ମ୍ୟାକ୍ସେ ଓଡୋଡ୍-୧୬, ଭୁବନେଶ୍ୱର କୁମାର-୨/୯, ଅକ୍ଷର ପଟେଲ ୨/୧୮, ଆର. ଅଶ୍ୱିନ-୨/୨୧, ଅର୍ଶଦୀପ ସିଂ-୨/୩୭)।






Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

## ସଂକ୍ଷେପରେ

### ମଦ ଜବତ, ୨ ଗିରଫ

**ନୂଆପଡ଼ା ଅଫିସ,୨୭।୧୦:** ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ଲଖନା ଥାନା କୁସୁମପଡା ରେଲୱେ ଫାଟକ ନିକଟରେ ଅବକାରୀ ବିଭାଗ ବାଇକ୍ ସହ ମଦ ଜବତ କରିଛି। ଏହି ଅଭିଯୋଗରେ କୁକୁରିମୁଣ୍ଡି ଗ୍ରାମର ମୁରଲି ମାଝି (୩୮) ଓ ନୀଳକଣ୍ଠ ଦାସ (୩୯)ଙ୍କୁ ଗିରଫ କରାଯାଇଛି। ଗୁରୁବାର ପୂର୍ବାହ୍ନରେ ଜିଲା ଅବକାରୀ ବିଭାଗ ଅଧିକାରୀ ଗୁପ୍ତେଶ୍ୱର ପଟେଲଙ୍କ ନେତୃତ୍ୱରେ ଏକ ଦଳ ଲଖନା ଅଞ୍ଚଳରେ ପାଟ୍ରୋଲିଂ କରୁଥିଲା। ଏକ ବାଇକ୍‌ରେ ୨ଜଣ ଯୁବକ ପ୍ଲାଷ୍ଟିକ ଜାରରେ ମଦ ନେଉଥିବା କୌଣସି ସୂତ୍ରରୁ ଖବର ପାଇ ଅବକାରୀ ବିଭାଗ କର୍ମଚାରୀମାନେ ୨ ଯୁବକଙ୍କୁ ଲଖନା ରେଲୱେ ଫାଟକ କୁସୁମପଡାଠାରେ ଅଟକାଇଥିଲେ। ପଚାରାଉଚରା କରିବାରୁ ଏକ ପ୍ଲାଷ୍ଟିକ ଜାରରେ ୪୦ ଲିଟର ଦେଶି ମଦ ନେଉଥିବା ସ୍ୱୀକାର କରିଥିଲେ। ପାଟ୍ରୋଲିଂରେ ଏଏସ୍‌ଆଇ ହିଙ୍ଗୁଳା ଦାସ, ସଞ୍ଜୀବ ସାହୁ, କନଷ୍ଟେବଲ ଗିରେନ୍ଦ୍ର କଟା, ମଳୟ ମହାଲିଙ୍ଗ ପ୍ରମୁଖ ସାମିଲ ଥିଲେ।

### ଲୋହରା ସମାଜର ଜିଲା କାର୍ଯ୍ୟକାରିଣୀ ବୈଠକ

**ବୋଡେନ,୨୭।୧୦(ଡି.ଏନ.ଏ.):** ନୂଆପଡ଼ା ଜିଲା ବୋଡେନ ବ୍ଲକ ବିନୋପୁରଠାରେ ଲୋହରା ସମାଜର ଜିଲା କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଅଶୋକ ପରାଭୋଇଙ୍କ ସଭାପତିତ୍ୱରେ ଆୟୋଜିତ ସଭାକୁ ସମ୍ପାଦକ ଗଗନ ବିହାରୀ ପରାଭୋଇ ପରିଚାଳନା କରିଥିଲେ। ବୋଡେନ ବ୍ଲକ ସଭାପତି ଧନମତ ପରାଭୋଇ, ସିନାପାଲି ବ୍ଲକ ସଭାପତି ସଦାରାମ ଲୁହାର, ଖଡିଆଳ ବ୍ଲକ ସଭାପତି ହରଚନ ଲୁହାର, କୋମନା ବ୍ଲକ ସଭାପତି ଭୁଜ ପରାଭୋଇ, ନୂଆପଡା ବ୍ଲକରୁ ସଭାପତି ଡାକ୍ତର ଲୁହାର ଓ ଦେବରାଜ ପରାଭୋଇ, କଳାହାଣ୍ଡିରୁ ହିମାଂଶୁ ନାଏକ, ବରଗଡରୁ ଶଙ୍କର ପରାଭୋଇ ପ୍ରମୁଖଙ୍କ ସହ ଜଗଲ ଲୁହାର, ନାକା ପରାଭୋଇ, ପଙ୍କଜ ବିଶ୍ୱକର୍ମା ମଞ୍ଚାସୀନ ଥିଲେ। ନୂଆପଡା ଜିଲାର ୫ଟି ବ୍ଲକରୁ କର୍ମକର୍ତ୍ତା ଯୋଗଦାନ କରି ସମାଜ ସଂସ୍କାର, ସଚେତନତା, ସାମାଜିକ ନୀତିନିୟମ, ଶିକ୍ଷା ଆଦି ଉପରେ ଆଲୋଚନା କରିଥିଲେ। ସମାଜିକ କାର୍ଯ୍ୟକ୍ରମରେ ମଦ୍ୟପାନକୁ ସମ୍ପୂର୍ଣ୍ଣ ନିଷେଧ କରିବା, କୌଳିକ ବୃତ୍ତିକୁ ବଜାୟ ରଖି ଉଚିତ ମୂଲ୍ୟରେ ବିକ୍ରୟ କରିବା ଆଦି ଉପରେ ଆଲୋଚନା ହୋଇଥିଲା।

# ମୃତଦେହ ରଖି ରାସ୍ତାରୋକୋ

**କ୍ଷତିପୂରଣ ଦାବି**

■ ୨ ବାଇକ୍ ମୁହାଁମୁହିଁ ଧକ୍କାରେ ଜଣକଙ୍କର ମୃତ୍ୟୁ ଘଟଣା

**ଭବାନୀପାଟଣା,୨୭।୧୦(ସ୍ୱ.ପ୍ର.)**



ଜୟପାଟଣା-ମୋଟେର ମୁଖ୍ୟ ରାସ୍ତା ଦୁଲକିବନ୍ଧ ଛକରେ ରାସ୍ତା ରୋକୋ।

କଳାହାଣ୍ଡି ଜିଲା ଜୟପାଟଣା-ମୋଟେର ମୁଖ୍ୟ ରାସ୍ତା ଦୁଲକିବନ୍ଧ ଦୁର୍ଗା ମନ୍ଦିର ନିକଟରେ ବୁଧବାର ସନ୍ଧ୍ୟାରେ ୨ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ଦୁଲକିବନ୍ଧ ଗ୍ରାମର ତିଲ ରାଉତଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ମୃତ ତିଲଙ୍କ ୪ ବର୍ଷର ଛୋଟ ପୁଅ ସିଦ୍ଧୁ ଗୁରୁତର ଆହତ ହୋଇଥିବା ବେଳେ ତାଙ୍କୁ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟରୁ ପରେ ବୁର୍ଲା ବୀର ସୁରେନ୍ଦ୍ର ସାଏ ମେଡ଼ିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି। ଗୁରୁବାର ସକାଳରେ ଜୟପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଯିବା ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଥିଲା। ପରେ ଦୁଲକିବନ୍ଧ ଛକ ନିକଟରେ ଡ୍ରାଇଭର ମହାସଂଘର ସହଯୋଗରେ ପରିବାର ଲୋକେ କ୍ଷତିପୂରଣ ଦାବିରେ ମଧ୍ୟାହ୍ନ ୧ଟାରୁ ପ୍ରାୟ ଅପରାହ୍ନ ଅଢେଇଟା ଯାଏଁ ଜୟପାଟଣା-ମୋଟେର ମୁଖ୍ୟ ରାସ୍ତାରେ ମୃତଦେହ ରଖି ରାସ୍ତାରୋକୋ କରିଥିଲେ। ଏହି ସମୟରେ ଉକ୍ତ ରାସ୍ତାରେ ଯାତାୟାତ କରୁଥିବା ଶତାଧିକ ଯାନବାହାନ ଅଟକି ରହିଥିଲା। ପରେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ମୃତକଙ୍କ ପରିବାରକୁ ସରକାରୀସ୍ତରରେ ଥିବା ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯିବା ପରେ ରାସ୍ତାରୋକୋ ହଟିଥିଲା। ଅନ୍ୟପକ୍ଷରେ ଏହି ଦୁର୍ଘଟଣାରେ ଅନ୍ୟ ଏକ ବାଇକରେ ଥିବା ଶିକ୍ଷକ କ୍ଷେତ୍ର ମୋହନ ଶବର ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ଜଣାପଡିଛି।

# ରାସ୍ତାରେ ଗଜରାଜଙ୍କ ରାଜ୍, ଲୋକେ ଭୟଭୀତ

**ଭବାନୀପାଟଣା,୨୭।୧୦(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଭବାନୀପାଟଣା-ଥୁଆମୂଳ ରାମପୁର ମୁଖ୍ୟ ରାସ୍ତାରେ ଏକ ଗଜରାଜ (ହାତୀ)ଙ୍କ ରାଜ ଚାଲିଥିବା ଦେଖିବାକୁ ମିଳିଛି। ଉକ୍ତ ରାସ୍ତାରେ ଯାତାୟାତ କରୁଥିବା ଲୋକମାନେ ଭୟଭୀତ ହେବା ସହ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଠାରେ ନିଯୁକ୍ତି ଥିବା ଏଲିଫେଣ୍ଟ ସ୍କ୍ୱାର୍ଡ ସମେତ ବନ କର୍ମଚାରୀଙ୍କ ଦେଖା ମିଳୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରକାଶ ଯେ, କର୍ଲାପାଟ ଅଭୟାରଣ୍ୟ ମଧ୍ୟ ଦେଇ ଯାଇଥିବା ଏହି ରାସ୍ତାରେ ପ୍ରତିଦିନ ଗଜରାଜଙ୍କୁ ଦେଖିବାକୁ ମିଳିଥାଏ। ଅନେକ ସମୟରେ ମୁଖ୍ୟ ରାସ୍ତାରେ ଗଜରାଜ ରହିଥିବାରୁ ଲୋକେ ଭୟରେ ଏହି ରାସ୍ତା ଦେଇ ଯିବାକୁ ଡରୁଛନ୍ତି। ହାତୀ ଘଉଡାଇବା ସହ ହାତୀଗତିବିଧି ଉପରେ ନଜର ରଖିବାକୁ ବନବିଭାଗ ପକ୍ଷରୁ ଏଲିଫେଣ୍ଟ ସ୍କ୍ୱାର୍ଡଙ୍କୁ ନିଯୁକ୍ତି କରାଯାଇଥିବାବେଳେ ଏହି ଟିମ୍ ମଧ୍ୟ ଠିକ ସୂଚନା ଲୋକଙ୍କ ପାଖରେ ପହଞ୍ଚାଇ ପାରୁନାହିଁ। ଫଳରେ ଅନେକ ସମୟରେ ଗଜରାଜ ମଣିଷ ମୁହାଁମୁହିଁ ହେବା ଦୃଶ୍ୟ ଦେଖିବାକୁ ମିଳୁଛି। ବିଶେଷ କରି ଫୁରଲିଝରଣ ନିକଟରେ ସନ୍ଧ୍ୟାରେ ହାତୀ ଓ ମଣିଷ ପ୍ରାୟ ସମୟରେ ମୁହାଁମୁହି ହେଉଥିବା ଜଣାପଡିଛି। ଏହି ସମୟରେ ଯାତ୍ରୀମାନେ ଭୟରେ ନିଜ ଗାଡି ମଧ୍ୟ ସେଠାରୁ ଛାଡି ପଳାଉଛନ୍ତି। ଏହି ଗଜରାଜଙ୍କୁ ଘଉଡାଇବା ପାଇଁ ଦାୟିତ୍ୱରେ ଥିବା କର୍ମଚାରୀଙ୍କ ଦେଖା ନ ମିଳିବା ଫଳରେ ଲୋକଙ୍କ ଜୀବନ ପ୍ରତି ବିପଦ ରହିଛି।

# ଫସଲ, ଜଳ ଆକଳନ ସମ୍ବନ୍ଧୀୟ ଦକ୍ଷତା ବୃଦ୍ଧି କାର୍ଯ୍ୟଶାଳା




କାର୍ଯ୍ୟଶାଳାରେ ଯୋଗଦେଇଥିବା ଅତିଥିବୃନ୍ଦ।

**ଜୁନାଗଡ,୨୭।୧୦(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ବଣ୍ଡାକୁଟ୍ରାସ୍ଥିତ କର୍ତ୍ତବ୍ୟ ପ୍ରଶିକ୍ଷଣ ଗୃହରେ ଗୁରୁବାର ଫସଲ, ଜଳ ଆକଳନ ସମ୍ବନ୍ଧୀୟ ଦକ୍ଷତା ବୃଦ୍ଧି କାର୍ଯ୍ୟଶାଳା ଉଦ୍‌ଘାଟିତ ହୋଇଯାଇଛି। କର୍ତ୍ତବ୍ୟ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଶୋକ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟଶାଳାରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଉପାଧ୍ୟକ୍ଷା ସୁଧିରା ମେହେର ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମାଜସେବା କ୍ଷେତ୍ରରେ କର୍ତ୍ତବ୍ୟ ଅନୁଷ୍ଠାନର ଅବଦାନକୁ ସେ ପ୍ରଂଶାସ କରିବା ସହ ଜଳସେଚନ ନିମନ୍ତେ ଥିବା ସରକାରୀ ଯୋଜନାଗୁଡିକରେ ଉଚିତ କ୍ରିୟାନ୍ୱୟନ ନିମନ୍ତେ ତାଙ୍କର ପ୍ରଚେଷ୍ଟା ଜାରି ରହିବ ବୋଲି ନିଜ ଅଭିଭାଷଣରେ କହିଥିଲେ। ସେହିପରି ଗ୍ରାମୀଣ ତଥା କୃଷିର ଉନ୍ନତି ନିମନ୍ତେ ଜଳ ସ୍ରୋତର ସାଧନ, ଜଳର ସଂରକ୍ଷଣ ଓ ଜଳର ସୁପରିଚାଳନା ଉପରେ କର୍ତ୍ତବ୍ୟର ମୁଖ୍ୟ କାର୍ଯ୍ୟ ନିର୍ବାହୀ ପଟ୍ଟନାୟକ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସମ୍ମାନିତ ଅତିଥି ଭାବେ କୋଏଲେସନ ଫର ଚେଞ୍ଜ ଇନ୍ ଓଡିଶାର ସଂଯୋଜକ ଦୋଲଗୋବିନ୍ଦ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟଶାଳାରେ କର୍ତ୍ତବ୍ୟ, ହର୍ଷଟ୍ରଷ୍ଟ ତଥା ପ୍ରଦାନ ସଂସ୍ଥାର ୨୫ଜଣ ପଦାଧିକାରୀ ପ୍ରଶିକ୍ଷଣ ନେଉଛନ୍ତି। ସେମାନଙ୍କୁ ଫାଉଣ୍ଡେସେନ ଫର ଇକୋଲୋଜିକାଲ ସିକ୍ୟୁରିଟିର କାର୍ଯ୍ୟକ୍ରମ ପରିଚାଳକ ଦ୍ରୋଣ ଚନ୍ଦ୍ରକର ଓ ଡେପୁଟି ପ୍ରୋଜେକ୍ଟ ଅଫିସର ସୁଶାନ୍ତ ପାଲ ପ୍ରଶିକ୍ଷଣ ଦେଉଛନ୍ତି। କର୍ତ୍ତବ୍ୟ ପ୍ରକଳ୍ପ ସଂଯୋଜକ ନିରାକାର ଦଣ୍ଡସେନା ଅତିଥି ପରିଚୟ ସହ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟଶାଳା ଆସନ୍ତା ୨୯ ତାରିଖ ଯାଏଁ ଚାଲିବ ବୋଲି ଜଣାପଡିଛି।

# ବିଡିଓଙ୍କ ମନମୁଖି କାର୍ଯ୍ୟ ନେଇ ସରପଞ୍ଚ ସଂଘ କ୍ଷୁବ୍ଧ

**କେସିଙ୍ଗା,୨୭।୧୦(ଡି.ଏନ.ଏ.)**



ଅନୁଷ୍ଠିତ ବୈଠକରେ ଯୋଗଦେଇଥିବା ସରପଞ୍ଚ ବୃନ୍ଦ।

■ ଜିଲାପାଳ, ରାଜ୍ୟ ସଭା ସଦସ୍ୟଙ୍କ ନିକଟରେ ଅଭିଯୋଗ

■ ୧୦ରେ ଜିଲାପାଳଙ୍କ ଅଫିସରେ ଗଣଧାରଣା ଚେତାବନୀ

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ସରପଞ୍ଚ ସଂଘ ପକ୍ଷରୁ ବୋରିଆ ପଞ୍ଚାୟତ କାର୍ଯ୍ୟାଳୟଠାରେ ସରପଞ୍ଚ ସଂଘ ସଭାପତି ସୁବୋଧ ରଣାଙ୍କ ନେତୃତ୍ୱରେରେ ଗୁରୁବାର ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଡିଓଙ୍କ ମନମୁଖି କାର୍ଯ୍ୟ ବିରୋଧରେ କାର୍ଯ୍ୟାନୁଷ୍ଠାନ ଏବଂ ବଦଳି କରା ନ ଗଲେ ଆସନ୍ତା ନଭେମ୍ବର ୧୦ ତାରିଖରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟକାଳ ପାଇଁ ଜିଲାର ୧୩ ବ୍ଲକର ପ୍ରାୟ ୩ଶହରୁ ଊର୍ଦ୍ଧ୍ୱ ସରପଞ୍ଚ ଧାରଣା ଦେବେ ବୋଲି ସରପଞ୍ଚ ସଂଘ ସଭାପତି ରଣା ଚେତାବନୀ ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ଗତ ୨୧ ତାରିଖରେ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଚତୁର୍ଥ ବୈଠକ ଅନୁଷ୍ଠିତ ହୋଇଥିଲା। ବିଡିଓ ଅଦୁଙ୍କ ମନମୁଖୀ କାର୍ଯ୍ୟ, ସରପଞ୍ଚଙ୍କୁ ଦୁର୍ବ୍ୟବହାର, ୫-ଟି ଯୋଜନାରେ ନିର୍ମାଣାଧୀନ ୯ଟି ସ୍କୁଲ କାର୍ଯ୍ୟରେ ସରପଞ୍ଚଙ୍କୁ ଅଣଦେଖା କରିବା, ପ୍ରଥମ ସମିତି ବୈଠକରେ ଆଗତ ପ୍ରସ୍ତାବକୁ ରେଜୁଲେସନ ବହିରେ ଉଲ୍ଲେଖ ନ କରିବା, ସରପଞ୍ଚଙ୍କ ବିନା ପରାମର୍ଶରେ ମୋ ସେବା କେନ୍ଦ୍ରରେ ନିଯୁକ୍ତି ଦେବା ସହ ସବୁବେଳେ ଦୋମୁହାଁ ନୀତି ଆପଣାଇବା ସହିତ ସରପଞ୍ଚଙ୍କଠାରୁ ପିସି ଡିମାଣ୍ଡ କରିବାକୁ ନେଇ ବୈଠକ ବର୍ଜନ କରିଥିଲେ ଏବଂ ବ୍ଲକ ଅଫିସ ସମ୍ମୁଖରେ ଧାରଣାରେ ବସିଥିଲେ। ବିଡିଓ ଏଥିପ୍ରତି ଅଣଦେଖା କରିବାରୁ ଶେଷରେ ସରପଞ୍ଚ ସଂଘ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଜିଲାପାଳ ଏକ କମିଟି ଗଠନ କରି ଏହାର ପଦକ୍ଷେପ ନେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଆଜକୁ ୭ ଦିନ ବିତିଯାଇଥିଲେ ସୁଦ୍ଧା କୌଣସି ପଦକ୍ଷେପ ନେଇ ନ ଥିବାରୁ ଗୁରୁବାର ପୁଣି ଥରେ ରାଜ୍ୟ ସଭା ସଦସ୍ୟ ସୁଜିତ କୁମାର ଓ ଜିଲାପାଳଙ୍କୁ ଲିଖିତ ଭାବେ ଅଭିଯୋଗ କରିଛନ୍ତି। ଏ ନେଇ ବିଡିଓ ପ୍ରଫୁଲ୍ଲ କୁମାର ଅଦୁଙ୍କୁ ପଚାରିବାରୁ ମୁଁ ଏ ବିଷୟରେ କିଛି ଜାଣିନାହିଁ। ମୋତେ କୌଣସି ସରପଞ୍ଚ ମୋ ପାଖକୁ ଆସି ନିଷ୍ପତ୍ତି କରିବା ପାଇଁ କହିନାହାନ୍ତି। ଏହା କେତେକ ସରପଞ୍ଚ ମୋ ବିରୋଧରେ ଲାଗିଛନ୍ତି। ଏହା ଏକ କପୋଳକଳ୍ପିତ ବୋଲି କହିଥିଲେ।

# ମହାତ୍ମା ଗାନ୍ଧୀ ରାଷ୍ଟ୍ରୀୟ ଗ୍ରାମୀଣ ଶିକ୍ଷା ପରିଷଦ ପକ୍ଷରୁ ସର୍ଭେ

**ଖଡ଼ିଆଳ,୨୭।୧୦(ଡି.ଏନ.ଏ.)**

ନୂଆପଡ଼ା ଜିଲା ଖଡ଼ିଆଳ ଡିଗ୍ରୀ ମହିଳା କଲେଜ ମହାତ୍ମା ଗାନ୍ଧୀ ରାଷ୍ଟ୍ରୀୟ ଗ୍ରାମୀଣ ଶିକ୍ଷା ପରିଷଦ ପକ୍ଷରୁ ସର୍ଭେ କରାଯାଇଛି। ଗ୍ରାମାଞ୍ଚଳରେ ଶିକ୍ଷାର ଗୁଣବତ୍ତା ଏବଂ ଆବଶ୍ୟକ ଆନୁସଙ୍ଗିକ ବ୍ୟବସ୍ଥା ଉପରେ ସର୍ଭେ କରିଛନ୍ତି। ଏହା ଦ୍ୱାରା କଲେଜରେ ଥିବା ସମସ୍ତ ସୁବିଧା, ସୁଯୋଗ ଏବଂ କଲେଜ ପରିସର ମଧ୍ୟରେ ବୃକ୍ଷ ରୋପଣ ତଥ୍ୟ ସଂଗ୍ରହ କରିଛନ୍ତି। ଅଶୀତ ସେନାପତି ଏବଂ ହେମ ସାଗର ସାହୁ, କଲେଜ ଅଧ୍ୟାପକ ଦେଓ କୁମାର ସତନାମୀ, କଲେଜ ଲାଇବ୍ରେରିୟନ ଲକ୍ଷ୍ମୀକାନ୍ତ ପଣ୍ଡା, କଲେଜ କର୍ମଚାରୀ ବିକ୍ରମ ସେଠୀ ପ୍ରମୁଖ ଉପସ୍ଥିତ ରହିଥିଲେ। ଜିଲାର ୧୦ଟି କଲେଜ ସର୍ବେକ୍ଷଣ ହୋଇଛି। ନ୍ୟାଶନାଲ କଲେଜ, କୋମନା କଲେଜ, ମହାମାୟା କଲେଜ, ଖଡ଼ିଆଳ ସ୍ୱୟଂଶାସିତ ବିଦ୍ୟାଳୟ, ଖଡ଼ିଆଳ ମହିଳା ଡିଗ୍ରୀ କଲେଜ, ଶ୍ରୀ ସାଇ କଲେଜ, ପୋଲିଟେକ୍ନିକ କଲେଜ, ଡିଆଇଟି ନୂଆପଡା ପରିଦର୍ଶନ କରିଥିଲେ।

# ଜିଲାପାଳ, ଏସ୍‌ପିଙ୍କୁ ଏନ୍‌ଏଚ୍‌ଆର୍‌ସିଙ୍କ ରିପୋର୍ଟ ତଲବ

**ଭବାନୀପାଟଣା,୨୭।୧୦(ସ୍ୱ.ପ୍ର.)**

**ବିଦ୍ୟୁତ୍ ଆଘାତରେ ଶ୍ରମିକଙ୍କ ମୃତ୍ୟୁ ଘଟଣା**

■ ୪ ସପ୍ତାହ ମଧ୍ୟରେ ରିର୍ପୋଟ ଦେବାକୁ ନିର୍ଦ୍ଦେଶ

କଳାହାଣ୍ଡି ଜିଲା କେଗାଁ ଥାନା ଅନ୍ତର୍ଗତ ସାନଚେରଗାଁ କର୍ଲାପଡାର ରଷି ଚନ୍ଦନ(୨୮) ନାମକ ଜଣେ ଯୁବକ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟଣାରେ ଶକ୍ତି ବିଭାଗ ପ୍ରମୁଖ ସଚିବ, କଳାହାଣ୍ଡି ଜିଲାପାଳ, ଏସ୍‌ପିଙ୍କୁ ୪ ସପ୍ତାହ ମଧ୍ୟରେ ରିର୍ପୋଟ ଦାଖଲ କରିବାକୁ ଜାତୀୟ ମାନବିଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି) ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶ ଯେ, ଗତ ଜାନୁୟାରୀ ୨୩ରେ ଉପରୋକ୍ତ ଗ୍ରାମର ଲକ୍ଷ୍ମଣ ମାଝି ଘର ତିଆରି କାମରେ ଶ୍ରମିକ ରଷି ନିୟୋଜିତ ଥିଲେ। ଘର ଛାତ ଉପର ଦେଇଯାଇଥିବା ଉଚ୍ଚ ଶକ୍ତି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ରଷିଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାକୁ ନେଇ କଳାହାଣ୍ଡିର ମାନବଧିକାର କର୍ମୀ ଦିଲୀପ କୁମାର ଦାସ ଜାତୀୟ ମାନବଧିକାର କମିଶନ ନିକଟରେ ଅଭିଯୋଗ କରିଥିଲେ। ମୃତକଙ୍କ ପରିବାରକୁ ୨୦ଲକ୍ଷ ଟଙ୍କା କ୍ଷତିପୂରଣ ସହିତ ଶକ୍ତି ବିଭାଗ ଅଧିକାରୀ ଓ ଟାଟା ପାୱାର ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସେ ଦାବି କରିଥିଲେ। ଜାତୀୟ ମାନବଧିକାର କମିଶନ ଏକ ମାମଲା (ନଂ.୧୧୭୨/୨୨) ପଞ୍ଜୀକରଣ କରି ଘଟଣାର ବିଚାର କରିବା ସହିତ ଗୁରୁବାର ଶକ୍ତି ବିଭାଗ ପ୍ରମୁଖ ସଚିବ, କଳାହାଣ୍ଡି ଜିଲାପାଳ ଓ ଏସ୍‌ପିଙ୍କୁ ୪ ସପ୍ତାହ ମଧ୍ୟରେ ତଦନ୍ତର ରିର୍ପୋଟ ଦାଖଲ କରିବାକୁ ନୋଟିସ ଜାରି କରିଛନ୍ତି। ଶ୍ରମିକ କାମ କରିବା ସମୟରେ ସୁରକ୍ଷା ଉପକରଣ ନିଯୁକ୍ତି ଦାତାଙ୍କ ପକ୍ଷରୁ ଦେବା ନିୟମ ରହିଥିଲେ ମଧ୍ୟ ଏପରି ନିୟମ ଖିଲାପ ହେବା ସ୍ଥଳେ ଶ୍ରମିକଙ୍କ ମୃତ୍ୟୁ କିମ୍ବା ଆଘାତ ପ୍ରାପ୍ତ ହେଲେ କ୍ଷତିପୂରଣ ଦେବା ପାଇଁ ସରକାର ବାଧ୍ୟ ବୋଲି ଏନ୍‌ଏଚ୍‌ଆର୍‌ସି ସୂଚାଇଛନ୍ତି।

# ଫୁଟ୍‌ବଲ ଟୁର୍ନାମେଣ୍ଟ: ସେମିଫାଇନାଲରେ ଚିଚର୍ଲା

**କର୍ଲାମୁଣ୍ଡା,୨୭।୧୦(ଡି.ଏନ.ଏ.)**



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିମାନେ।

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସ୍ଥାନୀୟ ଚିନାଭାଡି ପଡିଆଠାରେ ଲକ୍ଷ୍ମୀନାରାୟଣ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ କର୍ଲାମୁଣ୍ଡା କପ୍ ଫୁଟବଲ ଟୁର୍ନାମେଣ୍ଟର ଗୁରୁବାର ଦ୍ୱିତୀୟ ଦିବସରେ ଚିଚର୍ଲା ଓ ବଲାଙ୍ଗୀର (ଫୌଜି)କ୍ଲବ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଉଭୟ ଦଳ ନିର୍ଦ୍ଧାରିତ ସମୟରେ ସମାନ ଗୋଲ କରିବାରୁ ପେନାଲଟିକି ସୁଟର ଆଶ୍ରୟ ନିଆଯାଇଥିଲା। ଏଥିରେ ଚିଚର୍ଲା ୫-୪ ଗୋଲରେ ବିଜୟୀ ହୋଇ ପ୍ରଥମ ସେମିଫାଇନାଲରେ ପ୍ରବେଶ କରିଛି। ମ୍ୟାଚ ଲଳିତ ସାହୁ, ପିଙ୍କୁ ଚନ୍ଦନ, ବିନୋଦ ହେର୍ନା ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ କର୍ଲାମୁଣ୍ଡା ବ୍ଲକ ସରପଞ୍ଚ ସଂଘ ସଭାପତି ବରୁଣ ଛତ୍ରିଆ, ସମ୍ମାନିତ ଅତିଥି ଭାବେ ରିଞ୍ଜା ସରପଞ୍ଚ ପଞ୍ଚାନନ ବାଗ, ଗଜବାହଲ ସରପଞ୍ଚ ଅରବିନ୍ଦ ଗହୀର, ତେରେସିଙ୍ଗା ସରପଞ୍ଚ ପ୍ରମୋଦ ସୁନା, ଚିଷିଡା ସରପଞ୍ଚ ସେବତୀ ରଣା, ପୌରକେଲା ସରପଞ୍ଚ ଯଶୋଶ୍ୱିନୀ ଧରୁଆ, ବୋରପଦର ସରପଞ୍ଚ ସୁବାଷ ସାହୁ, ଆୟୋଜକ ଅନୁଷ୍ଠାନ ସଭାପତି ନନ୍ଦି କିଶୋର ଭୋଇ, ସମ୍ପାଦକ ଡୋଲାମଣୀ ଭୋଇ ପ୍ରମୁଖ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଶୁକ୍ରବାର ପ୍ରଥମ ସେମିଫାଇନାଲ ମ୍ୟାଚ ଚିଚର୍ଲା ଓ ଦାଦପୁର ମଧ୍ୟରେ ଅନୁଷ୍ଠିତ ହେବ। ଅନ୍ୟମାନଙ୍କ ମଧ୍ୟରେ ଟୁର୍ନାମେଣ୍ଟ ମ୍ୟାନେଜର ଦୁର୍ଲ୍ଲଭ ମେହେର, ଉପସଭାପତି ମୁକେଶ ସାହୁ ଓ ନୀଳ ମାଧବ ଭୋଇ, ବିରେନ୍ଦ୍ର ସାହୁ, ବିରୁ ସାହୁ, ନମିତ ସୁନା, ମଣୀ ମେହେର, ସୌମ୍ୟବ୍ରତ ବଗର୍ତ୍ତି, ସିତୁ ସାହୁ, ଜିତ ସାହୁ, ରାଜା ସାହୁ, ଅଜିତ ସାହୁ, ଟୁନା ସାହୁ ସହଯୋଗ କରିଥିଲେ। ଅଭିମନ୍ୟୁ ନନ୍ଦ ଓ ଭାରତ ଷଡଙ୍ଗୀ ଧାରାବିବରଣୀ ପ୍ରଦାନ କରିଥିଲେ।

**IN THE DEBTS RECOVERY TRIBUNAL: CUTTACK**
C-71, Sector-7, CDA, Cuttack-753014
O.A. No. 218/22

Utkal Grameen Bank ...Applicant
Vs.
Sri Ashok Kumar Agrawala & Ors. ...Defendants

To,
2. **Sri Manoj Kumar Agrawala,** age not known but major, S/o- Narasingh Das Agrawala,
3. **Sri Pilu Agrawala,** age not known but major, S/o- Late Ratanlal Agrawala,
4. **Sri Siba Prasad Agrawala,** age not known but major, S/o- Late Ratanlal Agrawala,
5. **Sri Jayaram Behera,** age not known but major, S/o- Janma Behera, All of and PO: Chichinda, Via/PS: Bheden, Dist.: Bargarh-768104.
...*Defendants*

**SUMMONS BY PAPER PUBLICATION FOR SHOWING CAUSE AS TO WHY RELIEFS PRAYED FOR SHOULD NOT BE GRANTED**

Take notice that the applicant has instituted **OA No. 218/22** in the Debts Recovery Tribunal, Cuttack for recovery of **Rs.28,82,205.78** only pendentiliete and future interest thereon at the agreement rate till recover from the defendants with costs and for other reliefs. The above named defendants are hereby directed to appear before this Tribunal in person or through advocates or authorized agents and show cause on **28.11.2022 at 10.30 AM** positively as to why the reliefs prayed for should not be granted.

Take notice that in case of your default the original application shall be heard and disposed off exparte in your absence.

Given under hand and seal of this Tribunal on this **20th day of month October of 2022.**

By orders of this Tribunal
Sd/- Registrar
Debts Recovery Tribunal

**ODISHA HYDRO POWER CORPORATION LIMITED**
OHPC
ISO 9001, 14001 & 45000
(A Government of Odisha Undertaking)
Regd. Office- Odisha State Police Housing & Welfare Corporation Building, Vanivihar Chowk, Janpath, Bhubaneswar-22,
Ph: 2542983,2542802,2545526,2542826, Fax: (0674) 2542102.Website: www.ohpcltd.com
CIN- U40101OR1995SGC003963

**ADVERTISEMENT NO.OHPC: HQ: HRD: RECTT: 04/2022 Dated: 27.10.2022**

**CAREER OPPORTUNITIES FOR YOUNG PROFESSIONALS**

**The Corporation intends to recruit young, bright and energetic Professionals as Administrative Non-Executive (ANE) Trainees i.e. Jr. Clerk Trainee/L D Assistant Trainee.**

Odisha Hydro Power Corporation Limited (OHPC) is an ISO 9001:2008 certified Gold rated State Public Sector Undertaking (with installed capacity of **2099.80** MW) having **6 (six)** projects within the state and one inter-State Project. OHPC is also promoting investment in renewable energy projects and various green energy sources through GEDCOL (a wholly owned subsidiary of OHPC).

OHPC intends to recruit bright, qualified and energetic professionals to be inducted as **Administrative Non-Executive (ANE) Trainees i.e. Jr. Clerk Trainees/L D Assistant Trainees** as per the following for their placement at various Units, Corporate Office and Project sites:

| Name of Post | ST | SC | SEBC | UR | TOTAL |
|---|---|---|---|---|---|
| Jr. Clerk Trainees / LD Assistant Trainees | 12 (W:4) | 07 (W:2) | 07 (W:2) | 24 (W:8) | 50 {PWD:2, Ex SM:1} |

**Important Dates:-**
The Commencement of Online registration & payment of application fee - 12.11.2022
Last date for payment of online application fee - 11.12.2022
The last date for submission of Online application in complete shape - 11.12.2022

**The detailed advertisement containing the category wise vacancy position, eligibility criteria, remuneration, procedure for online application and all other terms & conditions is available on the company's website - www.ohpcltd.com**

Director (HR)

SBC

**ସ୍ୱତନ୍ତ୍ର ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା - ୨୦୨୨**

**ନୀଳାଚଳ ଅର୍ବାନ ହାଟ, ପୁରୀ**
ତାରିଖ : ୩୧ ଅକ୍ଟୋବର ୨୦୨୨ ପର୍ଯ୍ୟନ୍ତ
ସମୟ : ସକାଳ ୧୧ ଠାରୁ ରାତ୍ର ୯ ପର୍ଯ୍ୟନ୍ତ



ଆକର୍ଷଣୀୟ ସରକାରୀ ରିହାତି ଉପଲବ୍ଧ



ଆୟୋଜକ :
ସମ୍ବଲପୁରୀ ବସ୍ତ୍ରାଳୟ
ତନ୍ତଶିଳ୍ପ ସସୀମ ସହଯୋଗ ସମିତି ଲି.

ପ୍ରାୟୋଜକ :
ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାର ଏବଂ
ବୟନ ଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା ସରକାର
ଓ ହସ୍ତଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା ସରକାର

**ଜିଲ୍ଲା ପରିଷଦ, ଜଗତ୍‌ସିଂହପୁର** Panchayati Raj
**OFFICE OF THE ZILLA PARISHAD, JAGATSINGHPUR**
**At/P.O.: Saanra, Via: Nalibar, Jagatsinghpur, PIN - 754104**
**Phone No.: 06724-231091, E-Mail: ori-djagatsinghpur@nic.in**
**No. 4387/ZP** **Dt.26.10.2022**

**NOTICE**

No. CAD-2289: It is hereby informed to all concerned that Provisional Merit List of Gram Rojgar Sevak (GRS) is hereby notified/published with reference to advertisement No. 1702, Dated: 18.05.2022 of Collector, Jagatsinghpur. The candidate who have applied as candidate for recruitment for the post of Gram Rozgar Sevak are hereby intimated to visit the Jagatsinghpur District website i.e. **www.jagatsinghpur.nic.in** & verify their names & other details in the provisional merit list & reject list of applications, published in the above website & file written objections if any personally by attending the office of the Zilla Parishad, Jagatsinghpur within 15 days of publication of this notice, with supporting documents.

**Sd./- Collector-cum-CEO**
**Zilla Parishad, Jagatsinghpur**
**OIPR-19249/11/0002/2223**

**କଫ ସିରପ୍ ଜବତ, ଜଣେ ଗିରଫ**

ଅମ୍ବାଭୋନା,(ଡି.ଏନ.ଏ): ବରଗଡ଼ ଜିଲା ଅମ୍ବାଭୋନା ଥାନା ଅନ୍ତର୍ଗତ ଭୁକ୍ତାଠାରେ ଅବକାରୀ ବିଭାଗ ଚଢ଼ାଉ କରି ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଚକ୍ରଧର ସାହୁ ଓରଫ ଚକ୍କୁ(୫୧)। ତାଙ୍କ ପାଖରୁ ୨୬ ବୋତଲ କଫ ସିରପ ଜବତ ହୋଇଛି। ଗିରଫ ଅଭିଯୁକ୍ତଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଛି।

## ସଂକ୍ଷେପରେ

### ବିକାଶ ଛାତ୍ରୀଛାତ୍ରଙ୍କ ସଫଳତା

**ବରଗଡ଼ ଅଫିସ୍,୨୭।୧୦:** ରାଜ୍ୟ ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ତଥା ଜାତୀୟ ବିପର୍ଯ୍ୟୟ ଦିବସ ପାଳନ ଅବସରରେ ବରଗଡ଼ ଜିଲା ପ୍ରଶାସନ ପକ୍ଷରୁ ବିପର୍ଯ୍ୟୟ ମୁକାବିଲାର ସ୍ଥିରତା ପାଇଁ ଗୋଷ୍ଠୀର କାର୍ଯ୍ୟଦକ୍ଷତା ଉପରେ ତର୍କ, ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ ଆଦି ପ୍ରତିଯୋଗିତା ହୋଇଥିଲା। ଏଥିରେ ବିକାଶ ଶିକ୍ଷାନୁଷ୍ଠାନର ଶ୍ରେୟାଂଶୀ ମହାପାତ୍ର, ଶ୍ରେୟା ଶରଣ୍ୟା ରାଉତ, ସୃଷ୍ଟି ସୌଜନ୍ୟା ପଣ୍ଡା, ସ୍ୱୟଂ ଶୁଭମ୍ ପଣ୍ଡା, କେସିଆ ଶ୍ରୀଚୁଆ, ତୃପ୍ତିମୟୀ ମେହେର ପ୍ରମୁଖ କୃତିତ୍ୱ ଅର୍ଜନ କରିଛନ୍ତି। କୃତୀ ଛାତ୍ରୀଛାତ୍ରଙ୍କୁ ଆସନ୍ତା ୨୯ତାରିଖରେ ଜିଲାପାଳଙ୍କ ଅଫିସ ସମ୍ମିଳନୀ କକ୍ଷରେ ପୁରସ୍କୃତ କରାଯିବାର କାର୍ଯ୍ୟକ୍ରମ ରହିଛି। ସେହିପରି ଜୋନାଲସ୍ତରୀୟ ପ୍ରତିଯୋଗିତା ପାଇଁ ୫ଜଣ ଛାତ୍ରୀଛାତ୍ର କିଶନ ପ୍ରଧାନ, ଅର୍ପିତା ଦାଶ, ନମ୍ରତା କର, ଓମ୍ ସାଇ ନାଏକ, ଦେବଯାନୀ ଗିରି ମନୋନିତ ହୋଇଛନ୍ତି। ବିକାଶ ଗ୍ରୁପ୍ର ଚେୟାରମ୍ୟାନ ଡି. ମୁରଲି କ୍ରିଷ୍ଣା, ବିକାଶ ଆବାସିକ ସ୍କୁଲର ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ମୁରାରି ପ୍ରସାଦ ସାହୁ, ବିକାଶ ଆବାସିକ ବିଦ୍ୟାଳୟର ଉପାଧ୍ୟକ୍ଷ ଚିତ୍ତରଞ୍ଜନ ପତି, ଉପାଧ୍ୟକ୍ଷ ପ୍ରଦୀପ କୁମାର ସାହୁ ପ୍ରମୁଖ କୃତୀ ଛାତ୍ରୀଛାତ୍ରଙ୍କୁ କୃତଜ୍ଞତା ଜଣାଇଛନ୍ତି ।

### ସୁପ୍ରିୟା ସ୍ମାରକୀ ଫୁଟ୍‌ବଲ: ରେଲୱେ ଷ୍ଟେଶନ, କାଇଁଶିର ବିଜୟୀ

**ବରଗଡ଼ ଅଫିସ୍,୨୭।୧୦:** ବରଗଡ଼ ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମରେ ଚାଲିଥିବା ସୁପ୍ରିୟା ସ୍ମାରକୀ ଫୁଟବଲ ପ୍ରତିଯୋଗିତାର ଗୁରୁବାର ମ୍ୟାଚ୍‌ରେ ରେଲୱେ ଷ୍ଟେଶନପଡ଼ା ଏଫ୍‌ସି ଏବଂ କାଇଁଶିର ଦଳ ପ୍ରତିପକ୍ଷକୁ ହରାଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି। ରେଲୱେ ଷ୍ଟେଶନ ଏଫ୍‌ସି ଓ ସୋହେଲା ମଧ୍ୟରେ ପ୍ରଥମ ମ୍ୟାଚ୍ ହୋଇଥିଲା। ଏଥିରେ ରେଲୱେ ଷ୍ଟେଶନ ଏଫ୍‌ସି ୪-୦ ଗୋଲରେ ବିଜୟୀ ହୋଇଥିଲା। ଦଳର ନରେନ୍ଦ୍ର ନାଏକ, ଭକ୍ତ ଚନ୍ଦନ, ପ୍ରଭାତ ଡନସେନା, ନରେନ୍ଦ୍ର ପାତ୍ର ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଶୁଭମ ପାତ୍ର, ସୁନିଲ ବାଗ, ବିଶିକେଶନ ପ୍ରଧାନ, ଉମାକାନ୍ତ ସାହୁ ମ୍ୟାଚ୍ ପରିଚାଳନା କରିଥିଲେ। ସେହିପରି କାଇଁଶିର ଓ ବହଲପାଲି ମଧ୍ୟରେ ଦ୍ୱିତୀୟ ମ୍ୟାଚ୍ ହୋଇଥିଲା। ନିର୍ଦ୍ଧାରିତ ସମୟ ସୁଦ୍ଧା କୌଣସି ଦଳ ଗୋଲ ସ୍କୋର କରି ପାରି ନ ଥିଲେ। ଫଳରେ ଟାଇବ୍ରେକରରେ କାଇଁଶିର ୩-୧ ଗୋଲରେ ବିଜୟୀ ହୋଇଥିଲା। ଦୀପେଶ ପ୍ରଧାନ, ଆଦିତ୍ୟ ନାୟକ, ଶଙ୍କର୍ଷଣ ପ୍ରଧାନ, ନାରାୟଣ ପଣ୍ଡା ମ୍ୟାଚ୍ ପରିଚାଳନା କରିଥିଲେ।

### ଖଡ଼ିଆଳ କ୍ରିକେଟ ସ୍ପୋର୍ଟ୍ସ ଆସୋସିଏଶନ ବୈଠକ

**ଖଡ଼ିଆଳ,୨୭।୧୦(ଡି.ଏନ.ଏ.):** ନୂଆପଡା ଜିଲା ଖଡ଼ିଆଳଠାରେ ୧୯ତମ ଖଡ଼ିଆଳ କ୍ରିକେଟ ସ୍ପୋର୍ଟ୍ସ ଆସୋସିଏଶନ (କେସିଏସ୍‌ଏ) ଟୁର୍ନାମେଣ୍ଟ ପାଇଁ ପ୍ରସ୍ତୁତି ବୈଠକ ସଂଘ ସଭାପତି ତଥା ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଛି। ବୈଠକରେ ସଂଘ ସମ୍ପାଦକ ସନ୍ତୋଷ ପଟ୍ଟନାୟକ, କୋଷାଧକ୍ଷ ଜିତେନ୍ଦ୍ର ନାୟକ, ଖଡ଼ିଆଳ ଏନ୍‌ଏସି ଅଧକ୍ଷ ଉଜ୍ଜଳ ଗୁପ୍ତା, ବିଧାୟକ ପ୍ରତିନିଧି ଅକ୍ଷୟ ନନ୍ଦ, ସଂଘ ବରିଷ୍ଠ ସଦସ୍ୟ ଶତପାଲ ସିଂ ଛାବଡା, ନୟନ ବିଭାର, ଘନଶ୍ୟାମ ପାଣିଗ୍ରାହୀ, ସରୋଜ ବାଗ, ଅମିତାଭ ପଟେଲ, ସରୋଜ ପଣ୍ଡା, ତାପସ ପତି ତଥା ସଂଘ ସମସ୍ତ ସଭ୍ୟ ଉପସ୍ଥିତ ଥିଲେ। ଆସନ୍ତା ଡିସେମ୍ବର ୨୦ରୁ ୨୪ ତାରିଖ ପର୍ଯ୍ୟନ୍ତ ଟୁର୍ନାମେଣ୍ଟ କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଟୁର୍ନାମେଣ୍ଟରେ ମୋଟ ୮ଟି ଦଳ ଯୋଗଦେବା ପାଇଁ ନିଷ୍ପତ୍ତି ହୋଇଥିବା ବେଳେ ସେଥି ମଧରୁ ୭ଟି ଦଳ ରେଲୱେ ବିଭାଗ ଦଳରେ ବିଳାସପୁର, ଭୁବନେଶ୍ୱର, ଖୋର୍ଦ୍ଧା, ଛତିଶଗଡ ବନ ବିଭାଗର ଦଳ, ଆନ୍ଧ୍ରପ୍ରଦେଶ, ନାଗପୁର, ସୁନ୍ଦରଗଡ ଏବଂ ଘରୋଇ ଖଡ଼ିଆଳ ଦଳ ଅଂଶ ଗ୍ରହଣ କରିବା ନିଷ୍ପତ୍ତି ହୋଇଛି। ଟୁର୍ନାମେଣ୍ଟରେ ବିଜୟୀ ଦଳକୁ ୫୧ ହଜାର ନଗଦ ଟଙ୍କା ସହ ଟ୍ରଫି ଓ ଉପବିଜେତା ଦଳକୁ ୩୫ ହଜାର ଟଙ୍କା ସହ ଟ୍ରଫି ପୁରସ୍କାର ଦିଆଯିବା ପାଇଁ ନିଷ୍ପତ୍ତି ହୋଇଛି। ବୈଠକରେ ଅଞ୍ଚଳର ଖେଳାଳିଙ୍କୁ କିଭଳି ଅଗ୍ରାଧିକାର ଦିଆଯାଇ ଅଭିଜ୍ଞ ଖେଳାଳିଙ୍କୁ ସୁଯୋଗ ମିଳିବା ଉପରେ ବିଧାୟକ ଗୁରୁତ୍ୱ ଦେଇଥିଲେ। ଏଥିସହ ଆଗାମୀ ଦିନରେ ସେମାନଙ୍କୁ ରାଜ୍ୟସ୍ତରୀୟ ଟୁର୍ନାମେଣ୍ଟରେ ସୁଯୋଗ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପରେ କେସିସିଏ ପକ୍ଷରୁ ଖଡ଼ିଆଳ ନଗରପାଳ ଉଜ୍ଜ୍ୱଳ ଗୁପ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ୨୯ରୁ ଆରମ୍ଭ ହେବ ବଲାଙ୍ଗୀର ଦିନ୍ ଉତ୍ସବ

**ବଲାଙ୍ଗୀର ଅଫିସ, ୨୭।୧୦**



ବଲାଙ୍ଗୀର ଦିନ୍ ଆୟୋଜନ କମିଟି ପକ୍ଷରୁ ଖବରଦାତା ସମ୍ମିଳନୀ।

ଆସନ୍ତା ନଭେମ୍ବର ୧ ତାରିଖ ବଲାଙ୍ଗୀର ଦିନ୍ ଉତ୍ସବ ପାଳନ କରାଯିବ। ଏନେଇ ସମସ୍ତ ପ୍ରସ୍ତୁତି ସରିଛି। ସ୍ଥାନୀୟ ଅମଲା ଭବନଠାରେ ଗୁରୁବାର ବଲାଙ୍ଗୀର ଦିନ୍ ଆୟୋଜକ କମିଟି ଅଧ୍ୟକ୍ଷ ଗୋପାଳଜୀ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଏକ ଖବରଦାତା ସମ୍ମିଳନୀ କରାଯାଇ ଏହି ସୂଚନା ଦିଆଯାଇଛି। ଏହି ଉତ୍ସବ ପାଇଁ ୨୯ ତାରିଖରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ବିଭିନ୍ନ ପ୍ରତିଯୋଗିତା ଆରମ୍ଭ ହେବ। ୨୯ ତାରିଖ ପୂର୍ବାହ୍ନ ୧୦ଟାରେ ଟାଉନ ହଲ୍‌ରେ ନୃତ୍ୟ ଏବଂ ଆମର୍ ପିନ୍ଧନ୍ ଉଢ଼ନ୍ କାର୍ଯ୍ୟକ୍ରମ, ଅପରାହ୍ଣ ୩ ଟାରେ କଲେଜ ଛକ କଲ୍ୟାଣ ମଣ୍ଡପରେ ହୁଲହୁଲି ଓ ରଙ୍ଗୋଲି ପ୍ରତିଯୋଗିତା ଅନୁଷ୍ଠିତ ହେବ । ୩୦ ତାରିଖ ସନ୍ଧ୍ୟା ୫ଟାରେ ଟାଉନ ବାଳିକା ବିଦ୍ୟାଳୟରେ ଆମର୍ ପିଠାପଣା ପ୍ରତିଯୋଗିତା, ୩୧ ତାରିଖ ଦିନ ଘୁନସରଠାରେ ରକ୍ତଦାନ ଶିବିର ଆୟୋଜନ କରାଯିବ। ୧ତାରିଖ ସକାଳ ୯ ଟାରେ କୋଶଳ କଳା ମଣ୍ଡଳ ପଡିଆରୁ ସାଂସ୍କୃତିକ ଓ ମଶାଲ ଶୋଭାଯାତ୍ରା ବାହାରି ସମଲେଇ ମନ୍ଦିର ଓ ପାଟଣେଶ୍ୱରୀ ମନ୍ଦିର ଦେଇ କୋଶଳ କଳାମଣ୍ଡଳକୁ ଫେରିବ ବୋଲି ସୂଚନା ଦିଆଯାଇଛି। ଅପରାହ୍ଣ ୨ଟାରୁ ବିଭିନ୍ନ ପ୍ରତିଯୋଗିତା ହେବ। ଏଥିରେ ଗ୍ରାମ୍ୟ କଳାକାରମାନେ ଯୋଗଦେବେ। ସନ୍ଧ୍ୟା ୬ଟାରେ ପିନ୍ଧନ ଉଢ଼ନ ର୍ୟାମ୍ପ ଶୋ ଆୟୋଜନ କରାଯିବ। ସନ୍ଧ୍ୟା ସାଢ଼େ ୬ଟାରେ ସଭା ଆରମ୍ଭ ହେବ। ଏଥିରେ ଅତିଥି ଭାବେ ଜିଲାର ଲୋକସଭା ସାଂସଦ, ରାଜ୍ୟ ସଭା ସଦସ୍ୟ, ଜିଲାର ବିଧାୟକ, ଦୁଇଜଣ ପଦ୍ମଶ୍ରୀ, ଦୁଇ ବୋର୍ଡ ନିଗମ ଅଧକ୍ଷ, ଅଧକ୍ଷା ଯୋଗଦେବେ ବୋଲି ସୂଚନା ଦିଆଯାଇଛି। ରାତି ୮ଟାରେ ବିଭିନ୍ନ ସାଂସ୍କୃତିକ ଦଳ ଓ ବିଭିନ୍ନ ନାଁ କରା କାଳାକାର ନୃତ୍ୟଗୀତ ପରିବେଷଣ କରିବେ। ଖବରତଦାତା ସମ୍ମିଳନୀରେ ବିଜେଡିର ଲୋଟସ ଷଡଙ୍ଗୀ, ଭାଜପାର ଦିନେଶ ଶର୍ମା, ସଙ୍ଗଠକ ସୁରୁଲାଲ ମଟାରୀ ଓ ଗୋପାଳ ପ୍ରଧାନ, ବିଜେଡି କାଉନସିଲର ସରିତା ଦାଶ, ଅବସରପ୍ରାପ୍ତ ସୈନିକ ସଂଘ ସମ୍ପାଦକ ପ୍ରତାପ ରଥ, ନାଗରିକ କମିଟି ସାଧାରଣ ସମ୍ପାଦକ ମନୋରଞ୍ଜନ ସାହୁ, ସଙ୍ଗୀତଜ୍ଞ ମୁରଲିଧାରୀ ପତି ମଞ୍ଚାସୀନ ଥିଲେ। ଏହି କାର୍ଯ୍ୟକ୍ରମରେ ବିନୋଦ କାଲସାଏ, ସୋମନାଥ ମିଶ୍ର, ଅଙ୍କୁଶ ପାଣ୍ଡିଆ, ସନ୍ଦୀପ ସାହୁ, ରବି ଖମାରୀ, ଅଭିଷେକ ଦାଶ, ସୁମେଶ ଡାଙ୍ଗ, ବ୍ରହ୍ମାନନ୍ଦ ବନଛୋର, ନୂତନ ଦାଶ, ଶୋଭନ ଅଗ୍ରୱାଲ, ପ୍ରଦୀପ ସାହୁ, ବଷ୍ଟି ବିଶ୍ୱାଳ, ସୁଜିତ ଚନ୍ଦନ, ସୁରଞ୍ଜନ ଘିବେଲା, ରବି ଚାନ୍ଦ, ରଜତ ପ୍ରଧାନ, ପ୍ରୀତମ ଠାକୁର ଉପସ୍ଥିତ ଥିଲେ ।

## ବଲାଙ୍ଗୀର ଦିନ୍ ଲୋଗୋ ଉନ୍ମୋଚିତ

**ବଲାଙ୍ଗୀର ଅଫିସ,୨୭।୧୦**

ଗୋଟିଏ ପଟେ ବଲାଙ୍ଗୀର ଦିନ୍ କମିଟି ଖବରଦାତା ସମ୍ମିଳନୀ କରି ୧ ତାରିଖ ଦିନ ବଲାଙ୍ଗୀର ଦିନ୍ ପାଳନ ସମ୍ପର୍କରେ ସୂଚନା ଦେଇଥିଲେ। ଅନ୍ୟପଟେ ପାଟଣେଶ୍ୱରୀ ମନ୍ଦିରଠାରେ ଆଉ ଗୋଟିଏ ଗୋଷ୍ଠୀ ବଲାଙ୍ଗୀର ଦିନ୍ ପାଳନ ପାଇଁ ନୂତନ ଲୋଗୋ ଉନ୍ମୋଚିତ କରିଥିବା ଜଣାପଡିଛି। କମିଟି ଆବାହକ ଜୟକୃଷ୍ଣ ମିଶ୍ରଙ୍କ ଆବାହକତ୍ୱରେ ପ୍ରେସକ୍ଲବ ସଭାପତି ତଥା ପ୍ରଚାର ପ୍ରସାର କମିଟି ଅଧକ୍ଷ ଅରୁଣ ମିଶ୍ର ଏହି ଲୋଗୋକୁ ଆନୁଷ୍ଠାନିକ ଭାବେ ଉନ୍ମୋଚିତ କରିଛନ୍ତି। ପ୍ରଥମେ ଇଷ୍ଟଦେବୀ ଦେବୀ ପାଟଣେଶ୍ୱରୀଙ୍କଠାରେ ପୂଜାର୍ଚ୍ଚନା କରାଯାଇଥିଲା । ଏହି ଲୋଗୋକୁ ନିଗମାନନ୍ଦ ନାଥ ଅଙ୍କନ କରିଥିବା ସୂଚନା ଦିଆଯାଇଥିଲା। ଲୋଗୋ ଉନ୍ମୋଚନ ଅବସରରେ ଉପଦେଷ୍ଟା ମନୋରଞ୍ଜନ ପୁରୋହିତ, ସ୍ମରଣିକା କମିଟି ସମ୍ପାଦକ ବିଭୁ କଲ୍ୟାଣ ଗଡ଼ତ୍ୟା, କଳାକାର ସଙ୍ଗୀତା ଦାସ, ସାମାଜିକ କର୍ମୀ କରୁଣାକର ପ୍ରଧାନ, କମ୍ବୁପାଣି ପୂଜାରୀ, ଶ୍ରୀମନ୍ତ ପଣ୍ଡା, ବାବୁ ପୂଜାରୀ, ଗୁଲଠୁ ପୁରୋହିତ, ବାସୁଦେବ ପ୍ରଧାନ, ସୋନୁ କୁମାର, ବୁଲୁ ପଣ୍ଡା, ମଳୟ ଦିଶ୍ରୀ, ଦୃତିବାହାନ ଚନ୍ଦନ, ପ୍ରଦୀପ ସାହୁ, ମଣ୍ଟୁ ଗଡ଼ତ୍ୟା ଶୁକଦେବ ମାଝି, କର୍ଣ୍ଣ କଠାର, ବାଲମୁକୁନ୍ଦ ଘିବେଲା, ମହେଶ୍ୱର ସାହୁ, ଭୀମା ମାଝି, କୋଶଲ ସେନା, ଗାନ୍ଧୀ ସ୍ମୃତି କମିଟି, ଦେବାଳୟ ସୁରକ୍ଷା କମିଟି, ଜିଲା ଯାଦବ ସମାଜ, ବଲାଙ୍ଗୀର ସହର କୁଲତା ସମାଜ, ବଲାଙ୍ଗୀର ଗାୟତ୍ରୀ ପରିବାର, ପରିବେଶ ସୁରକ୍ଷା କମିଟି କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ । ଶେଷରେ ଆୟୋଜନ କମିଟି ସମ୍ପାଦକ ପ୍ରଶାନ୍ତ ମହାକୁର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଲେ ।


ପାଟଣେଶ୍ୱରୀ ମନ୍ଦିର ଠାରେ ଲୋଗୋ ଉନ୍ମୋଚନ କରାଯାଉଛି।

## କରଣ ସମାଜର ସାଧାରଣ ଅଧିବେଶନ, ଚିତ୍ରଗୁପ୍ତ ପୂଜା


ଜିଲା କରଣ ସମାଜ ବାର୍ଷିକ ଅଧିବେଶନରେ ଓଡିଶା ପ୍ରଶାସନିକ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଐଶର୍ଯ୍ୟା ପୃଷେଠ୍‌ଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ବଲାଙ୍ଗୀର ଅଫିସ,୨୭।୧୦**

ବଲାଙ୍ଗୀର ଜିଲା ଚିତ୍ରଗୁପ୍ତ କଲ୍ୟାଣ ସମିତି ପକ୍ଷରୁ ଚିତ୍ରଗୁପ୍ତଙ୍କ ବାର୍ଷିକ ପୂଜା ଏବଂ କରଣ ସମାଜର ସାଧାରଣ ଅଧିବେଶନ ସ୍ଥାନୀୟ ଚିତ୍ରଗୁପ୍ତ ମନ୍ଦିର ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଥିଲା। ଚଳିତବର୍ଷ ଚିତ୍ରଗୁପ୍ତଙ୍କ ପୂଜାରେ ବରିଷ୍ଠ ସଦସ୍ୟ ଦିଲୀପ କୁମାର ପୃଷେଠ ସପତ୍ନୀକ କର୍ତ୍ତା ଭାବେ ଦାୟିତ୍ୱ ତୁଲାଇ ଥିଲେ। କରଣ ସମାଜ ମହିଳା ଶାଖାର ଶତାଧିକ ସଦସ୍ୟା କଳସ ଶୋଭାଯାତ୍ରା କରି ସହର ପରିକ୍ରମା କରିଥିଲେ । ବଲାଙ୍ଗୀର କରଣ ସମାଜ ସଭାପତି ଅସୀମ ପଟ୍ଟନାୟକଙ୍କ ଅଧକ୍ଷତାରେ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଖିଳ ଭାରତ କାୟସ୍ଥ ମହାସଭା କାର୍ଯ୍ୟକାରୀ କମିଟି ସଦସ୍ୟ ବିକ୍ରମାନନ୍ଦ ବହିଦାର ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ସାଧାରଣ ସମ୍ପାଦକ ପ୍ରଦୀପ କୁମାର କୁଅଁର ବାର୍ଷିକ ବିବରଣୀ ପାଠ କରିଥିଲେ। କୋଷାଧକ୍ଷ ମାନସ ରଞ୍ଜନ ବହିଦାର ଆୟବ୍ୟୟ ବିବରଣୀ ପ୍ରଦାନ କରିଥିଲେ। ବିଭିନ୍ନ ସମାଜସେବା ମୂଳକ କାର୍ଯ୍ୟକ୍ରମ ଗୁଡିକରେ ସକ୍ରିୟ ଅଂଶଗ୍ରହଣ କରିଥିବା ଯୁବ ସଦସ୍ୟା, ସଦସ୍ୟମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଓଡିଶା ପ୍ରଶାସନିକ ସେବା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଐଶର୍ଯ୍ୟା ପୃଷେଠ ଓ ନବନିର୍ବାଚିତ ପୌର ପରିଷଦ ସଦସ୍ୟ ଲଲାଟେନ୍ଦୁ ପଟ୍ଟନାୟକଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା ।

ଅଧିବେଶନର ଅନ୍ତିମ ପର୍ଯ୍ୟାୟରେ ଆଗାମୀ ଦୁଇ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ ସଭାପତି ଭାବେ ପ୍ରୀତମ କୁମାର ବକ୍ସି, ସାଧାରଣ ସମ୍ପାଦକ ଅଶ୍ୱିନୀ କୁମାର ପଟ୍ଟନାୟକ ଓ କୋଷାଧକ୍ଷ ଭାବେ ମାନସ ରଞ୍ଜନ ବହିଦାରଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଥିଲା । ନିର୍ବାଚନକୁ ବିକ୍ରମାନନ୍ଦ ବହିଦାରଙ୍କ ଉପସ୍ଥିତିରେ ବରିଷ୍ଠ ସଦସ୍ୟ ରବି ନାରାୟଣ ବହିଦାର, ରାଜାରାମ ପଟ୍ଟନାୟକ, ପ୍ରୀତମ ବକ୍ସି ଓ କାଞ୍ଚନମଣି ଦାନୀ ପରିଚାଳନା କରିବା ସହ ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା କରିଥିଲେ। ସମସ୍ତ କାର୍ଯ୍ୟକ୍ରମରେ ନମିତା ବକ୍ସି, ବିଷ୍ଣୁପ୍ରିୟା ବହିଦାର, ସ୍ମିତା ପଟ୍ଟନାୟକ, ଜୟରାମ ପଟ୍ଟନାୟକ, ସଂଗ୍ରାମ ବହିଦାର, ଶଙ୍କର ପଟ୍ଟନାୟକ, ନିଖିଲ ବହିଦାର, ରବିନ୍ଦ୍ର ପଟ୍ଟନାୟକ, ପ୍ରଦୀପ ପଟ୍ଟନାୟକ, ଆନନ୍ଦ ପଟ୍ଟନାୟକ, ପ୍ରିୟରଞ୍ଜନ ମହାନ୍ତି, ଅଜିତ କୁମାର ଦାଶ, ଅନନ୍ତରାମ ପଟ୍ଟନାୟକ, ଧର୍ମ ନିରଞ୍ଜନ ପଟ୍ଟନାୟକ ସକ୍ରିୟ ଅଂଶଗ୍ରହଣ କରିଥିଲେ।

## ରାଜ୍ୟସ୍ତରୀୟ କରାଟେ ପ୍ରତିଯୋଗିତା ପାଇଁ ଗଲେ ୭ ପ୍ରତିଯୋଗୀ

**ଲାଞ୍ଜିଗଡ,୨୭।୧୦(ଡି.ଏନ.ଏ.)**

ଝାରସୁଗୁଡାଠାରେ ଆସନ୍ତା ୨୮ ଓ ୨୯ ତାରିଖ ୨ ଦିନ ଡିଏଭି ରାଜ୍ୟସ୍ତରୀୟ କରାଟେ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ଭାଗ ନେବାକୁ କଳାହାଣ୍ଡି ଜିଲାର ୭ଜଣ ପ୍ରତିଯୋଗୀ ଗୁରୁବାର ଝାରସୁଗୁଡା ଗସ୍ତ କରିଛନ୍ତି। ଏହି ପ୍ରତିଯୋଗୀମାନେ ହେଲେ କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ଡିଏଭି ବେଦାନ୍ତ ଆନ୍ତର୍ଜାତୀୟ ବିଦ୍ୟାଳୟର ବାଳକ ବିଭାଗର ଛାତ୍ର ହିତେସ କୁମାର ମହାଖୁଡ଼, କିରନ ବେମାଲ, ଲୋକେଶ କୁମାର ମହାଖୁଡ଼ ଓ ଶକ୍ତିସରୂପ ନାୟକ ରହିଛନ୍ତି। ବାଳିକା ବିଭାଗରେ ଅର୍ପିତା ବାଡ଼ତିଆ, ରୋଜାଲିନି ଲେଙ୍କା ଓ ଅଦ୍ୟାସା ପ୍ରିୟଦର୍ଶୀ ଦାସ ସାମିଲ ଅଛନ୍ତି। ଲାଞ୍ଜିଗଡ଼ ବେଦାନ୍ତ ଆଲୁମିନା ପକ୍ଷରୁ କରାଟେ ପ୍ରଶିକ୍ଷଣ ଶିବିର ଚାଲି ଆସୁଥିବା ବେଳେ କରାଟେ କୋଚ କ୍ଷମାନିଧି ମହାଖୁଡ଼ ତାଲିମ ପ୍ରଦାନ କରୁଛନ୍ତି। କୋଚ ମହାଖୁଡ଼ ଏବଂ ଡିଏଭି ବେଦାନ୍ତ ଆନ୍ତର୍ଜାତୀୟ ବିଦ୍ୟାଳୟ ଶିକ୍ଷକ ନରେନ୍ଦ୍ର ପ୍ରସାଦଙ୍କ ସହିତ ଏହି ପ୍ରତିଯୋଗୀମାନେ ଗସ୍ତ କରିଛନ୍ତି। ଏହି ଖେଳାଳିମାନେ ଲାଞ୍ଜିଗଡ ବେଦାନ୍ତ ଆଲୁମିନା ଓ ଡିଏଭି ବେଦାନ୍ତ ଆନ୍ତର୍ଜାତୀୟ ବିଦ୍ୟାଳୟ ସହଯୋଗୀତାରେ ରାଜ୍ୟସ୍ତରୀୟ ଡିଏଭି କରାଟେ ପ୍ରତିଯୋଗିତା ପାଇଁ ଉତ୍ତୀର୍ଣ୍ଣ ହୋଇଥିବା ଯୋଗୁ ଖେଳାଳିଙ୍କୁ ବେଦାନ୍ତ ଆଲୁମିନା ଡେପୁଟି ସିଇଓ ଜି.ଜି. ପାଲ, ସିଏସଆର ମୁଖ୍ୟ ବିଭେଦେନ୍ଦୁ ପଣ୍ଡା, ଡିଏଭି ବେଦାନ୍ତ ଆନ୍ତର୍ଜାତୀୟ ବିଦ୍ୟାଳୟ ଅଧକ୍ଷ ସଦାନନ୍ଦ ହୋତା, ବେଦାନ୍ତ ସିଏସଆର ଦିଲୀପ ପ୍ରଜାପତି ଓ ଅଭିନବ ପ୍ରତାପ, କଳାହାଣ୍ଡି ଉତ୍କଳ କରାଟେ ସ୍କୁଲ ଚିପ ଟେକନିକାଲ ଡ଼ାଇରେକ୍ଟର ସେନସେଇ ସୁରେଶ ଜାଲ ଯାଦବ ଖେଳାଳି ଓ କୋଚଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିବା ସହ ସଫଳତା ପାଇଁ କାମନା କରିଛନ୍ତି।

## ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି

**ନୂଆପଡ଼ା ଅଫିସ,୨୭।୧୦**

ନୂଆପଡା ଜିଲା କୋମନା ବ୍ଲକ ଅଧୀନ ଜଡାମୁଣ୍ଡା ଉନ୍ନୀତ ଉଚ୍ଚ ବିଦ୍ୟାଳୟଠାରେ ଗୋଷ୍ଠି ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୨ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୋମନା ଗୋଷ୍ଠି ଶିକ୍ଷା ଅଧିକାରୀ ହେମସାଗର ମହାନନ୍ଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ କୋମନା ପଞ୍ଚାୟତ ସମିତି ଅଧ୍ୟକ୍ଷା ଅନୁସୂୟା କୁମ୍ଭାର ମୁଖ୍ୟଅତିଥି, ଜିଲା ପରିଷଦ ସଭ୍ୟ ଅବନୀ ରଞ୍ଜନ ଯୋଶୀ, ଜଡାମୁଣ୍ଡା ସରପଞ୍ଚ ପ୍ରେମଶିଳା ମାଝି, ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ଶୁଭ୍ରାଂସୁ ମୌଳି ପୁରୋହିତ, କୋମନା ଜିତାମିତ୍ର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ କପିଳ ପାତ୍ର, ଜଡାମୁଣ୍ଡା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ କ୍ଷିରୋଦ କୁମାର ସାହୁ, ସିଆରସିସି ଲୋକନାଥ ଶବର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗୀଙ୍କୁ ନେଇ ସଙ୍ଗୀତ, ନୃତ୍ୟ, ଚିତ୍ରାଙ୍କନ, ପ୍ରବନ୍ଧ ଆଦି ପ୍ରତିଯୋଗିତା କରାଯାଇଥିଲା। ଯେଉଁ ପ୍ରତିଯୋଗୀମାନେ ବ୍ଲକସ୍ତରରେ କୃତିତ୍ୱ ହୋଇଛନ୍ତି, ସେମାନେ ଜିଲାସ୍ତରକୁ ଯାଇ ପ୍ରତିନିଧିତ୍ୱ କରିବେ। ଅପରାହ୍ନରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ ଜିଲା ପରିଷଦ ଉପାଧ୍ୟକ୍ଷା ଦୀପିକା କୌଶଲ୍ୟା ମୁଖ୍ୟଅତିଥି, ଜିଲା ପରିଷଦ ସଭ୍ୟ ମୁରଲି ଭୋଇ, ଝଗ୍ରାହୀ ଆଦର୍ଶ ବିଦ୍ୟାଳୟ ଅଧକ୍ଷ ଜିତେନ୍ଦ୍ର ପ୍ରଧାନ, ଜଡାମୁଣ୍ଡା ସମିତି ସଭ୍ୟ କନସନ ଧରୁଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କୁରୁମପୁରି ସିଆରସିସି ସୁବଳ ଶ୍ୟାମ ପଣ୍ଡା ମଞ୍ଚ ପରିଚାଳନା କରିଥିବା ବେଳେ ଲଖନା ସିଆରସିସି ବିଶ୍ୱଦେବ ପଣ୍ଡା ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ ସିଆରସିସି, ଜଡାମୁଣ୍ଡା ଉଚ୍ଚ ବିଦ୍ୟାଳୟ ସମସ୍ତ ଶିକ୍ଷୟିତ୍ରୀ/ଶିକ୍ଷକ ଓ ଅନ୍ୟାନ୍ୟ ବିଦ୍ୟାଳୟରୁ ଆସିଥିବା ଶିକ୍ଷୟିତ୍ରୀ/ଶିକ୍ଷକ ସହଯୋଗ କରିଥିଲେ।



ମଞ୍ଚାସୀନ ଅତିଥି ବୃନ୍ଦ।

## ଫୁଟ୍‌ବଲ: କଣ୍ଟାବାଞ୍ଜି, ସମ୍ବଲପୁର ବିଜୟୀ

**ବରଗଡ଼ ଅଫିସ୍,୨୭।୧୦**

ବରଗଡ଼ ବ୍ଲକ ଖୁଣ୍ଟପାଲି ଖେଳ ପଡ଼ିଆରେ ଗୁରୁବାର ତୃତୀୟ ବାଲୁଙ୍କେଶ୍ୱର କପ୍ ଫୁଟବଲ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଛି। ପ୍ରଥମ ଦିବସରେ ପ୍ରଥମ ମ୍ୟାଚ୍ କଣ୍ଟାବାଞ୍ଜି ଓ ଭାରତ କ୍ଲବ ମଧ୍ୟରେ ପ୍ରଥମ ମ୍ୟାଚ୍ ହୋଇଥିଲା। ଏଥିରେ କଣ୍ଟାବାଞ୍ଜି ୫-୧ ଗୋଲରେ ବିଜୟୀ ହୋଇଥିଲା। ସେହିପରି ସମ୍ବଲପୁର ସରସ୍ୱତୀ କ୍ଲବ ଓ ଲରମ୍ଭା ମଧ୍ୟରେ ଦ୍ୱିତୀୟ ମ୍ୟାଚ୍ ହୋଇଥିଲା। ଏଥିରେ ସମ୍ବଲପୁର ସରସ୍ୱତୀ କ୍ଲବ ୩-୦ ଗୋଲରେ ବିଜୟୀ ହୋଇଥିଲା। ମନୋଜ କୁମାର ଆଚାର୍ଯ୍ୟ, ଚନ୍ଦ୍ରମଣି ପ୍ରଧାନ, ସାହେବ ସାହୁ, ଅନିଲ ସାହୁ, କେଦାର ସାହୁ, ସୂର୍ଯ୍ୟମଣି ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଅଶ୍ୱିନୀ ମେହେର, ଶିବାନନ୍ଦ ଦାଶ, ପଞ୍ଚାନନ ପାତ୍ର, ଅନିଲ ବାଗ ଖେଳ ପରିଚାଳନା କରିଥିଲେ।

## ଅର୍ଥମନ୍ତ୍ରୀଙ୍କ ସହ କୃଷକ ସଙ୍ଗଠନର ଆଲୋଚନା

**ପଦ୍ମପୁର, ୨୭।୧୦(ଡି.ଏନ.ଏ.)**

ବରଗଡ଼ ଜିଲା ପଦ୍ମପୁର ଡ଼ାକବଙ୍ଗଳାଠାରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ସହ ରାଜବୋଡା ସମ୍ବର କୃଷକ ସଙ୍ଗଠନର ଏକ ବୈଠକ ଗୁରୁବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଛି। ବୈଠକରେ ଚାଷୀ ସଙ୍ଗଠନ ତରଫରୁ ବୀମା ଓ ଇନ୍‌ପୁଟ ରାଶି ପ୍ରଦାନ ଦାବି କରାଯାଇଥିଲା। ମନ୍ତ୍ରୀ ପୂଜାରୀ ଜିଲାପାଳଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ ପାଇଁ ଚେଷ୍ଟା କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ତେବେ ମନ୍ତ୍ରୀଙ୍କ ଉତ୍ତର ଚାଷୀଙ୍କୁ ସନ୍ତୁଷ୍ଟ କରିପାରିନାହିଁ। ତୁରନ୍ତ ବୀମା ଓ ଇନପୁଟ ସମସ୍ୟାର ସମାଧାନ ନ ହେଲେ ଆଗାମୀ ଉପନିର୍ବାଚନକୁ ଦୃଢ଼ ବିରୋଧ କରିବା ସହ ନିର୍ବାଚନ ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ବନ୍ଦ କରିବା ନେଇ ସଙ୍ଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି। ଆଲୋଚନାରେ ଜିଲା ଯୋଜନା ବୋର୍ଡ ଅଧକ୍ଷ ଦେବେଶ ଆଚାର୍ଯ୍ୟ, ରାଜବୋଡାସମ୍ବର କୃଷକ ସଙ୍ଗଠନର ରମେଶ ମହାପାତ୍ର, ସଙ୍ଗଠନ ସଭାପତି ବାଞ୍ଛାନିଧି ନାୟକ, ଆବାହକ ଅଶୋକ ସାହୁ, ଅଜିତ ଶତପଥି, ପଞ୍ଚାନନ ସାହୁ, କୈଳାଶ ବାରିକ, ରୋହିତ ପ୍ରଧାନ, ଅରବିନ୍ଦ ପଣ୍ଡା, ସରୋଜ ସାହୁ, ବିରେନ ପ୍ରଧାନ, ଲିଙ୍ଗରାଜ ପ୍ରଧାନ, ଭଗବାନ ସାହୁ, ଯଦୁମଣି ପଟେଲ, ସୁବାଷ ପ୍ରଧାନ, ମୁରଲି ଭୋଇ, ପ୍ରଭାତ ସାହୁ, ଅଶୋକ ସାହୁ, ପ୍ରମୋଦ ରୟ ପ୍ରମୁଖ ଅଂଶଗ୍ରହଣ କରିଥିଲେ।


ମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ସହ କୃଷକ ସଙ୍ଗଠନ ପ୍ରତିନିଧିଙ୍କ ଆଲୋଚନା।

# ଜିଲାସ୍ତରୀୟ ବିଭିନ୍ନ ପ୍ରତିଯୋଗିତା

**ନୂଆପଡ଼ା ଅଫିସ,୨୭।୧୦**


ମଞ୍ଚରେ ଉପସ୍ଥିତ ବିଚାରକ ମଣ୍ଡଳୀ।

**ବିପର୍ଯ୍ୟୟ ପ୍ରଶମନ, ସତର୍କତା ଦିବସ ଉପଲକ୍ଷେ**

ନୂଆପଡା ଜିଲା ପ୍ରଶାସନଙ୍କ ନିର୍ଦ୍ଦେଶକ୍ରମେ ସମଗ୍ର ଶିକ୍ଷା ନୂଆପଡା ଆନୁକୂଲ୍ୟରେ ବିପର୍ଯ୍ୟୟ ପ୍ରଶମନ ଓ ସତର୍କତା ଦିବସ ପାଳନ ଉପଲକ୍ଷେ ସ୍ଥାନୀୟ ନ୍ୟାଶନାଲ ଉଚ୍ଚ ବିଦ୍ୟାଳୟଠାରେ ଜିଲାସ୍ତରୀୟ ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କନିଷ୍ଠ ବର୍ଗ ବକ୍ତୃତା ପ୍ରତିଯୋଗିତାରେ ମେଣ୍ଡାଟାଲ ଉଚ୍ଚ ବିଦ୍ୟାଳୟ ପ୍ରମିଳା ମାଝି ପ୍ରଥମ, ନୂଆପଡ଼ଶ ନ୍ୟାଶନାଲ ଉଚ୍ଚ ବିଦ୍ୟାଳୟ ଅନିନ୍ଦିତା ପଟ୍ଟନାୟକ ଦ୍ୱିତୀୟ ଓ ଖରିଆର ରୋଡ ସରକାରୀ ଉଚ୍ଚ ବିଦ୍ୟାଳୟ ଶହବତ ଖାନ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ବରିଷ୍ଠ ବର୍ଗରେ ନୂଆପଡ଼ା ନ୍ୟାଶନାଲ ଉଚ୍ଚ ବିଦ୍ୟାଳୟର ଆଶିଷ ପ୍ରିୟାଂସୁ ସାହୁ ପ୍ରଥମ, ଖରିଆର ରୋଡ ସରକାରୀ ଉଚ୍ଚ ବିଦ୍ୟାଳୟର କିରଣ ସାହୁ ଦ୍ୱିତୀୟ ଓ ନୂଆପଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ନିହାରିକା ବିଶ୍ୱାଳ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଚିତ୍ରାଙ୍କନରେ କନିଷ୍ଠବର୍ଗ ନୂଆପଡ଼ା ନ୍ୟାଶନାଲ ଉଚ୍ଚ ବିଦ୍ୟାଳୟର ଶୁଭଲକ୍ଷ୍ମୀ ବାରିକ ପ୍ରଥମ, ସାଲେଭଟା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଲୋକେଶ ସାହୁ ଦ୍ୱିତୀୟ ଓ ସଗନ ମାଝି ତୃତୀୟ ସ୍ଥାନ ଅଧକାର କରିଛନ୍ତି। ବରିଷ୍ଠ ବର୍ଗରେ ନୂଆପଡ଼ା ବାଳିକା ଉଚ୍ଚ ବିଦ୍ୟାଳୟର ମଞ୍ଜୁ କେଉଟ ପ୍ରଥମ, ନୂଆପଡ଼ା ନ୍ୟାଶନାଲ ଉଚ୍ଚ ବିଦ୍ୟାଳୟର ଇତିଶ୍ରୀ ସୁର ଦ୍ୱିତୀୟ ଓ ମେଣ୍ଡାଟାଲ ସରକାରୀ ଉଚ୍ଚ ବିଦ୍ୟାଳୟର ଲିପକା ବାଗ ତୃତୀୟ ସ୍ଥାନ ଅଧକାର କରି କତୀତ୍ୱ ହାସଲ କରିଛନ୍ତି। ଏହି ପ୍ରତିଯୋଗୀଙ୍କୁ ଆସନ୍ତା ୨୯ରେ ଜିଲା ପ୍ରଶାସନ ଦ୍ୱାରା ଆୟୋଜିତ ଜିଲାସ୍ତରୀୟ ଉତ୍ସବରେ ପୁରସ୍କୃତ କରାଯିବ। ପ୍ରତିଯୋଗିତାର ଜିଲା ବିଜ୍ଞାନ ନୀରିକ୍ଷକ ଗିରିଧାରି ସା, ଶିକ୍ଷା ସଂଯୋଜକ ସମଗ୍ର ଜିଲା ନୂଆପଡା କମଲ କୁମାରଙ୍କ ପ୍ରମୁଖ ଭୂମିକା ରହିଥିଲା। ବକ୍ତୃତା ପ୍ରତିଯୋଗିତାରେ ବିଚାରକ ଭାବେ କିଶୋର କୁମାର ପରିଡା, କିଶୋର କୁମାର ପ୍ରଧାନ, ଯୋଗେନ୍ଦ୍ର ବେହେରା ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ ମହତାବ ଆଡଜୁଆଡ, ମାନସିଂ ମାଝି ଓ ସୁରେନ୍ଦ୍ର ଶବର ଯୋଗଦେଇଥିଲେ।

## କରଣ ସମାଜର ଚିତ୍ରଗୁପ୍ତ ପୂଜା

କଣ୍ଟାବାଞ୍ଜି,(ଡି.ଏନ.ଏ.): ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି କରଣ ସମାଜ ପକ୍ଷରୁ ଗୁରୁବାର ଚିତ୍ରଗୁପ୍ତ ପୂଜା ସ୍ଥାନୀୟ ମାନସ ଭବନରେ ପାଳିତ ହୋଇଯାଇଛି । ସମାଜର ସଭାପତି ପୂର୍ଣ୍ଣାନନ୍ଦ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ସୁବାଷ ବେହେରା, ଟୁକୁ ମହାନତି, ଶୁକଦେବ ମହାନ୍ତିଙ୍କ ସହ ସମାଜର ବହୁସଂଖ୍ୟାରେ ମହିଳା ପୁରୁଷ ସାମିଲ ହୋଇଥିଲେ । ସମାଜର ଉନ୍ନତିକଳ୍ପେ ସଭାରେ ଆଲୋଚନା କରାଯାଇଥିଲା ।

## ସଂକ୍ଷେପରେ

### ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ ସମ୍ପନ୍ନ

ଲୋଇସିଂହା,୨୭।୧୦(ଡି.ଏନ.ଏ): ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ହୀରାପୁର ପଞ୍ଚାୟତ ଅନ୍ତର୍ଗତ ବାର୍ଡୁଲ ଗ୍ରାମ ନାଳତଟରେ ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ହୃଦାନନ୍ଦ ମିଶ୍ର ଓ ସନ୍ତୋଷ ତ୍ରିପାଠୀ ପ୍ରତିଷ୍ଠା ଦିବସରେ ପୂଜାର୍ଚ୍ଚନା କରିଥିଲେ । ନୀଳମଣି ପୁଟେଲ ଓ ସମାରୀ ପୁଟେଲ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ । ପ୍ରତିଷ୍ଠା ଦିବସ ଉପଲକ୍ଷେ ଆୟୋଜିତ ସୁନ୍ଦରାକାଣ୍ଡ ପାରାୟଣକୁ ଗାୟକ ବିକାଶ ଷଡଙ୍ଗୀ ପାରାୟଣ କରିଥିଲେ । ପାରାୟଣ ଶବଣ ଓ ମନ୍ଦିର ପ୍ରତିଷ୍ଠା ଦର୍ଶନ ଲାଗି ଶ୍ରଦ୍ଧାଳୁଙ୍କ ସମାଗମ ଲାଗିଥିଲା । ବିଜେଡି ବ୍ଲକ ସଭାପତି ହୃଦୟାନନ୍ଦ ବେହେରା ଉତ୍ସବରେ ସାମିଲ ହୋଇଥିଲେ ।

### ମଧୁମେହ ରୋଗୀଙ୍କୁ ମିଳୁନି ମାଗଣା ଔଷଧ

ଲୋଇସିଂହା,୨୭।୧୦(ଡି.ଏନ.ଏ.): ବଲାଙ୍ଗୀର ଜିଲା ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମଧୁମେହ ରୋଗୀଙ୍କ ପାଇଁ ଆସୁଥିବା ମାଗଣା ଔଷଧ ଉପଲବ୍ଧ ନାହିଁ । ପ୍ରାୟ ଦୁଇ ସପ୍ତାହ ହେଲା ଏପରି ସମସ୍ୟା ଲାଗି ରହିଛି । ତେଣୁ ଦୈନିକ ବହୁ ସଂଖ୍ୟକ ମଧୁମେହ ରୋଗୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଡାକ୍ତରଙ୍କ ପରାମର୍ଶ ଏବଂ ଔଷଧ ନେବାକୁ ଆସି ନିରାଶ ହୋଇ ଫେରୁଥିବା ଅଭିଯୋଗ ହୋଇଛି। ବର୍ତ୍ତମାନ ଯୁବକଠାରୁ ବୟସ୍କ ପର୍ଯ୍ୟନ୍ତ ବହୁସଂଖ୍ୟାରେ ମଧୁମେହରେ ପୀଡିତ ହେଉଛନ୍ତି। ଏପରିସ୍ଥଳେ ଗତ ଦୁଇସପ୍ତାହ ହେଲା ଲୋଇସିଂହା ଡାକ୍ତରଖାନରେ ଏହି ରୋଗରେ ପୀଡିତଙ୍କୁ ଔଷଧ ନ ମିଳିବା ଚିନ୍ତାର କାରଣ ହୋଇଛି। ପ୍ରତ୍ୟେକ ୪୦ରୁ ୫୦ ରୋଗୀ ଡାକ୍ତରଖାନ ଆସି ଔଷଧ ନ ପାଇ ଫେରୁଥିବା ବାଦିବାହାଲର ବିଶ୍ୱନାଥ ନାୟକ ଅଭିଯୋଗ କରିଛନ୍ତି। ଏଥିପ୍ରତି ଜିଲା ସ୍ୱାସ୍ଥ୍ୟ ବିଭାଗ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

### ବିଡିଓଙ୍କୁ ଗାଳିଗୁଲଜ କଲେ ପୂର୍ବତନ ସରପଞ୍ଚ

ଖପ୍ରାଖୋଲ,୨୭।୧୦(ଡି.ଏନ.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ପରିସରରେ ଗୁରୁବାର ବେନ୍ଦେର ପଞ୍ଚାୟତର ଜଣେ ପୂର୍ବତନ ସରପଞ୍ଚ ବିଡ଼ିଓ ରଶ୍ମି ରଞ୍ଜନ ରାଉତ ଓ କର୍ମଚାରୀଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିଥିବା ଅଭିଯୋଗ ହୋଇଛି। ବରିଷ୍ଠ କିରାଣୀ ଏପରି ନ କରିବାକୁ ବରଣ କରିବାରୁ ସେ ଆକ୍ରମଣର ଶିକାର ହୋଇଛନ୍ତି। ଖବର ଲେଖା ହେବା ଯାଏ ଥାନାରେ ଅଭିଯୋଗ ହୋଇ ନଥିବା ଜଣାଯାଇଛି। ଏନେଇ ବିଡ଼ିଓ ରାଉତଙ୍କୁ ପଚାରିବାରୁ ବ୍ଲକ ଅଫିସରେ ଗଣ୍ଡଗୋଳ ନେଇ ଥାନାରେ ଅଭିଯୋଗ କରିବୁ ବୋଲି କହିଛନ୍ତି। ସମ୍ପୃକ୍ତ ପୂର୍ବତନ ସରପଞ୍ଚଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

### ମା’ ମାନପୁରିଆଣୀ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ

କୋକସରା,୨୭।୧୦(ଡି.ଏନ.ଏ.): କଳାହାଣ୍ଡି ଜିଲା କୋକସରା ବ୍ଲକ ଲଡୁଗାଁ ପଞ୍ଚାୟତ ସୁନାମାଲଠାରେ ମା’ ମାନ ପୁରିଆଣୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କମିଟି ଆୟୋଜନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଲଡୁଗାଁ ସରପଞ୍ଚ ନକୁଳ ନାଏକ, ମୁଖ୍ୟବକ୍ତା ଭାବେ ବ୍ଲକ ଉପାଧକ୍ଷ ରାଜୀବ କୁମାର ଅଗ୍ରୱାଲ, ସମ୍ମାନିତ ଅତିଥି ଭାବେ ଲଡୁଗାଁ ନାଏବ ସରପଞ୍ଚ ସୋଭାଗିନି ଚଣ୍ଡୀ, ସାମାଜିକ କର୍ମୀ ଲିଙ୍ଗରାଜ ଧଙ୍ଗଡା ମାଝି, ୱାର୍ଡମେମ୍ବର ବିଷ୍ଣୁ ହଂସ, ରତ୍ନାକର ଚଣ୍ଡୀ, ଶଙ୍କର ବାରିକ ପ୍ରମୁଖ ଯୋଗଦେଇଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ବିଭିନ୍ନ ସ୍ଥାନରୁ ଆସିଥିବା କଳାକାରମାନେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମ ତରୁଣ ଧଙ୍ଗଡାମାଝି, ବୈବସୁତ ସାହୁ ଯୋଗେନ୍ଦ୍ର ହଂସ ପ୍ରମୁଖ ପରିଚାଳନା କରିଥିବା ବେଳେ ଧନମତ ଧଙ୍ଗଡାମାଝି, ରତ୍ନାକର ଚଣ୍ଡୀ, ପୁରୋଷୋତମ ମହାନନ୍ଦ, ପୂର୍ଣ୍ଣ ଚନ୍ଦ୍ର ସାହୁ ବିଚାରପତି ଭାବେ ଉପସ୍ଥିତ ରହିଥିଲେ। ମା’ ମାନ ପୁରିଆଣି ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କମିଟି ସଭାପତି ଭୁବନେଶ୍ୱର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଦୈତାରି ଭାଟି, ଧନସିଂ ଛତ୍ରିଆ, ଦେବିସିଂ ଧଙ୍ଗଡାମାଝି, ସୁନିଲକୁମାର ଧଙ୍ଗଡାମାଝି, ଗୋବର୍ଦ୍ଧନ ଭର୍ତିଆ ପ୍ରମୁଖ ପରିଚାଳନା କରିଥିବା ବେଳେ ସୁନାମାଲ ଡ୍ରାଇଭର ସଂଘ କର୍ମକର୍ତ୍ତା ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ।



ଜିଲାପାଳ ଚଞ୍ଚଳ ରାଣା ଏସ୍ଏଚ୍ଜି ସଦସ୍ୟାଙ୍କୁ ଋଣ ସହାୟତା ବଣ୍ଟନ କରୁଛନ୍ତି ।

# ୩୧୧ ଏସ୍ଏଚ୍ଜିଙ୍କୁ ୮ କୋଟିର ଋଣ

**ବଲାଙ୍ଗୀରରେ ମେଗା ଏସ୍ଏଚ୍ଜି ଋଣମେଳା**

ବଲାଙ୍ଗୀର ଅଫିସ,୨୭।୧୦

ବଲାଙ୍ଗୀର ଟାଉନ୍ ହଲ୍‌ରେ ଗୁରୁବାର ଏକ ମେଗା ଋଣମେଳା ଅନୁଷ୍ଠିତ ହୋଇଥିଲା । ଏହାକୁ ଜିଲାପାଳ ଚଞ୍ଚଳ ରାଣା ଉଦ୍‌ଘାଟନ କରିଥିଲେ । ଏହି ଋଣମେଳାରେ ଜିଲାର ୩୧୧ ଏସ୍ଏଚ୍‌ଜିକୁ ୮ କୋଟି ଟଙ୍କାର ଋଣ ସହାୟତାର ଯୋଗାଇ ଦିଆଯାଇଛି । ଉଦ୍‌ଘାଟନୀ ଉତ୍ସବରେ ଯୋଗଦାନ କରି ଜିଲାପାଳ ରାଣା କହିଥିଲେ ଯେ, ଜିଲା ପ୍ରଶାସନ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଏବଂ ମିଶନ ଶକ୍ତି ମିଳିତ ସହଯୋଗରେ ଜିଲାର ଏସ୍ଏଚ୍‌ଜି ସଦସ୍ୟାଙ୍କୁ ଋଣ ଯୋଗାଇ ଦିଆଯାଉଛି । ଋଣ ସହାୟତା ଦ୍ୱାରା ମହିଳା ସଶକ୍ତୀକରଣ ସହ ସେମାନେ ସ୍ୱାବଲମ୍ବୀ ହେଉଛନ୍ତି। ଜିଲାର ୩୧୧ ଏସ୍ଏଚ୍‌ଜି ସଦସ୍ୟାଙ୍କୁ ୮ କୋଟି ଋଣ ଯୋଗାଇ ଦିଆଯିବା ଫଳରେ ସେମାନେ ବିଭିନ୍ନ କ୍ଷେତ୍ରରେ ଏହା ବ୍ୟବହାର କରି ଲାଭବାନ ହେବେ ବୋଲି କହିଥିଲେ। ଏହି ଅବସରରେ କେତେକ ନିର୍ଦ୍ଦିଷ୍ଟ ଏସ୍ଏଚ୍‌ଜିଙ୍କ ଉଲ୍ଲେଖନୀୟ ସଫଳତା ଉପରେ ସେ କହିଥିଲେ। ମହିଳାମାନେ କର୍ମଯୋଗୀ ହେବା ଦ୍ୱାରା ପରିବାର ଭିତରେ କିଭଳି ଆର୍ଥିକ ଉନ୍ନତି ହୋଇଛି ଓ ଏହା ପ୍ରକାରାନ୍ତରେ କିଭଳି ଜୀବନର ମୂଲ୍ୟବୋଧ ବଢ଼ାଉଛି କହିଥିଲେ। ସଭାରେ ବିଭିନ୍ନ ଏସ୍ଏଚ୍‌ଜି ସଦସ୍ୟାଙ୍କୁ ଜିଲାପାଳ ଋଣ ସହାୟତା ବଣ୍ଟନ କରିଥିଲେ। ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ଏସ୍‌ବିଆଇ ଜିଏମ୍ ଉତ୍ତର କୁମାର ଚୌଧୁରୀ, ଡେପୁଟି ଜିଏମ୍ ମଦନ ମୋହନ ବରିଆର, ଏସ୍‌ବିଆଇ ରିଜିଓନାଲ ମ୍ୟାନେଜର ଭଗତ ଚୌଧୁରୀ ଏବଂ ମିଶନ ଶକ୍ତି ଜିଲା ପ୍ରକଳ୍ପ ସଂଯୋଜିକା ସୁମନ ଦ୍ୱିବେଦୀ ମଞ୍ଚାସୀନ ଥିଲେ।

# ଗିରିଗୋବର୍ଦ୍ଧନ ପୂଜା ଉଦ୍‌ଯାପିତ


ମୁରିବାହାଲ ବ୍ଲକ ହଳଦୀରେ ବାହାରି ଥିବା ଶୋଭାଯାତ୍ରାରେ ଅଖିଳ ଭାରତୀୟ ଯୁବ ଯାଦବ ସମାଜ ସଭାପତି ଇଂ.ପ୍ରଦୀପ ବେହେରା ଓ ଅନ୍ୟମାନେ ।

କଣ୍ଟାବାଞ୍ଜି,୨୭।୧୦(ଡି.ଏନ.ଏ.)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀ ଅଧୀନ କଣ୍ଟାବାଞ୍ଜି ଏନଏସି, ତୁରେକେଲା, ବଙ୍ଗୋମୁଣ୍ଡା ଏବଂ ମୁରିବାହାଲ ବ୍ଲକରେ ଯାଦବ ସମାଜ ଆନୁକୂଲ୍ୟରେ ଚାଲିଥିବା ଗିରି ଗୋବର୍ଦ୍ଧନ ପୂଜା ଗୁରୁବାର ଉଦ୍‌ଯାପିତ ହୋଇଛି। ମୁରିବାହାଲ ବ୍ଲକର ମୁରିବାହାଲ, ଘଣ୍ଟବାହାଲି, ପତ୍ରାପାଲି(ଖ) ଶିରୁଲ, ଗଡଗଡବାହାଲ, ଚଲକି, ବଡସାଇମରା, ଚନାବାହାଲ, ଗଁରେଇ, ଠେମେରା, କୋକ୍‌ଡୁଙ୍ଗରୀ (ଡଙ୍ଗରପଡା), ଝିଙ୍କିଡୁଗଙ୍ଗୁରି, ବଙ୍ଗୋମୁଣ୍ଡା ବ୍ଲକର ବଙ୍ଗୋମୁଣ୍ଡା, ଅଲଣ୍ଡା, ସାଗୁନଭାଡି ଓ ତୁରେକେଲା ବ୍ଲକର ତୁରେକେଲା, କୁଲିଆଦର, ମହୁଲପାଟି, ହଲନଭଟା, ଚାରପାଣି ଗ୍ରାମରେ ପାଳିତ ହୋଇଯାଇଛି। ମୁରିବାହାଲ ବ୍ଲକ ହଳଦୀରେ କଳସ ଯାତ୍ରା ସହ ଯାଦବମାନଙ୍କ ପାରମ୍ପରିକ ବାଡିଖେଳ ସହ ଲାଠୋର ଧନୁଯାତ୍ରାର କଂସଙ୍କ ଶୋଭଯାତ୍ରା ନଗର ପରିକ୍ରମା କରିଥିଲା । ଏହି କାର୍ଯ୍ୟକ୍ରମରେ ଅଖିଳ ଭାରତୀୟ ଯୁବ ଯାଦବ ସମାଜ ସଭାପତି ଇଂ.ପ୍ରଦୀପ ବେହେରା, ଭୁବନେଶ୍ୱର ଉତ୍କଳ ଯାଦବ ମହାସଭା ପ୍ରକଳ୍ପ ସେଲ ସଭାପତି ଲକ୍ଷ୍ମଣ ବାଗ, ଉତ୍କଳ ଯାଦବ ମହାସଭା ଓଡିଶା ସମ୍ପାଦକ କିର୍ତ୍ତନ ନାଏକ, ବଲାଙ୍ଗୀର ଜିଲା ଯାଦବ ମହାସଭା ସଭାପତି ପରମାନନ୍ଦ ହାତୀ, ବିଶିଷ୍ଟ ସମାଜସେବୀ ବାଳକୃଷ୍ଣ ଷାଣ୍ଢ, ଦିଲୀପ ଖର୍ସେଲ, ପ୍ରଦୀପ ଖର୍ସେଲ, ଭୈରବ କଟା, ପ୍ରୀତିରଞ୍ଜନ ଯାଦବ ଅତିଥିଭାବେ ଯୋଗ ଦେଇଥିଲେ।

ସେହିପରି ମୁରିବାହାଲ ବ୍ଲକ ସଦର ମହକୁମାରେ ଆୟୋଜିତ ସଭାରେ ପାଟଣାଗଡ ଏନଏସିର ପୂର୍ବତନ ଅଧକ୍ଷା ଶୈଳବାଳା ବାଗ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତାଭାବେ ମୁରିବାହାଲ ଯୁକ୍ତ ୨ ମହାବିଦ୍ୟାଳୟ ଅଧାପିକା ଭବାନୀ ପୋଢ ଯୋଗଦେଇ ନାରୀ ସଶକ୍ତିକରଣ ଓ ନାରୀଶିକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିସହ ଯାଦବମାନଙ୍କ କୌଳିକ ବୃତ୍ତି ଗୋପାଳନକୁ ଅଧିକ ପ୍ରାଧାନ୍ୟ ଦେଇ କିପରି ଅର୍ଥନୈତିକ ବିକାଶ କରାଯାଇ ପାରିବ ବୋଲି ତାହା ଉପରେ କହିଥିଲେ। ସେହିପରି କୁଲିଆଦରଠାରେ ଅନୁଷ୍ଠିତ ଗିରି ଗୋବର୍ଦ୍ଧନ ପୂଜାରେ ଏକ ଆଲୋଚନାଚକ୍ର ‘ସାମାଜିକ, ଅର୍ଥନୈତିକ, ରାଜନୈତିକ କ୍ଷେତ୍ରରେ ଯାଦବମାନଙ୍କ ଭୂମିକା’ ଉପରେ କୀର୍ତ୍ତନ ନାଏକ, ପରମାନନ୍ଦ ହାତୀ, ସୁନାଧର ବନଛୋର, ଭୋଦେବ ବନଛୋର ପ୍ରମୁଖ ବକ୍ତବ୍ୟ ରଖିଥିଲେ।

## ଗ୍ରାହକଙ୍କୁ ବ୍ୟାଙ୍କ ପରିଚାଳକଙ୍କ ଦୁର୍ବ୍ୟବହାର

ବୋଡେନ,୨୭।୧୦(ଡି.ଏନ.ଏ.)

ନୂଆପଡ଼ା ଜିଲା ବୋଡେନ ଭାରତୀୟ ଷ୍ଟେଟ୍‌ବ୍ୟାଙ୍କ ଶାଖା ପରିଚାଳକ ଜଣେ ଗ୍ରାହକଙ୍କୁ ଦୁର୍ବ୍ୟବହାର କରିବା ସହ ଗାଳିଗୁଲଜ କରିଥିବା ବୋଡେନ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ, ଭଇଁସାଦାନୀ ପଞ୍ଚାୟତ ପାଟଦରା ଗ୍ରାମର ମୋତିରାମ ମାଝି (୫୫)ଙ୍କ ବାପା ସ୍ୱର୍ଗତ ଦାମୁଧର ମାଝିଙ୍କ ବ୍ୟାଙ୍କ ଆକାଉଣ୍ଟରେ ଏକ ଲକ୍ଷ ଟଙ୍କା ଜମା ଅଛି । ଦାମୁଧରଙ୍କ ମୃତ୍ୟୁ ପରେ ତାଙ୍କ ଉତ୍ତରାଧିକାରୀ ଭାବେ ମୋତିରାମ ଟଙ୍କା ଉଠାଣ କରିବାକୁ ଆବଶ୍ୟକ କାଗଜପତ୍ର ବ୍ୟାଙ୍କରେ ଦାଖଲ କରିଛନ୍ତି। ୩ ମାସ ବିତିଯାଇଥିଲେ ମଧ ମୋତିରାମ ଟଙ୍କା ଉଠାଣ କରିପାରି ନାହାନ୍ତି। ଗୁରୁବାର ପୂର୍ବାହ୍ନରେ ମୋତିରାମ ବ୍ୟାଙ୍କକୁ ଯାଇଥିବା ବେଳେ ବ୍ୟାଙ୍କ ପରିଚାଳକ ତାଙ୍କୁ ଗାଳି ଗୁଳଜ କରିବା ସହ ତାଙ୍କ କୌଣସି ବ୍ୟାଙ୍କ କାମ ହୋଇପାରିବ ନାହିଁ ବୋଲି କହିଥିବା ଅଭିଯୋଗ ହୋଇଛି। ଏ ନେଇ ବ୍ୟାଙ୍କ ପରିଚାଳକ ପ୍ରାଣବନ୍ଧୁ ବେହେରାଙ୍କୁ ପଚାରିବାରୁ ମୁଁ କୌଣସି ଗ୍ରାହକଙ୍କୁ ଦୁର୍ବ୍ୟବହାର କରିନାହିଁ। ଦାମୁଧରଙ୍କ ଆକାଉଣ୍ଟରେ ଲକ୍ଷାଧିକ ଟଙ୍କା ଜମା ଅଛି। ଯଦି କୌଣସି ସରକାରୀ ଯୋଜନା ଟଙ୍କା ହୋଇଥିଲେ ଏବଂ ତାର କାମ ହୋଇ ନ ଥିଲେ ବ୍ୟାଙ୍କକୁ ତାର ଜବାବ ଦେବାକୁ ପଡିଥାଏ। ଏଣୁ ତାହା କେଉଁ ସୂତ୍ରରୁ ଜମା ହୋଇଛି, ତଦନ୍ତ ହେବା ପରେ ତାଙ୍କୁ ଉଠାଣ କରି ଦିଆଯିବ ବୋଲି କହିଥିଲେ।

## ଶିକ୍ଷକ ପାଇନାହାନ୍ତି ଫେଷ୍ଟିଭାଲ ଆଡଭାନ୍ସ

ଦେଓଗାଁ,୨୭।୧୦(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକରେ ଦଶହରା ପୂର୍ବରୁ ଶିକ୍ଷୟତ୍ରୀ ଶିକ୍ଷକମାନେ ଆବେଦନ କରିଥିବା ଫେଷ୍ଟିଭାଲ ଆଡଭାନ୍ସ ଏଯାଏ ପାଇନାହାନ୍ତି। ଏଡାକୁ ନେଇ ଶିକ୍ଷକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଶିକ୍ଷକ ମାନଙ୍କ କହିବାନୁସାରେ ଉପରିସ୍ଥ ଅଧିକାରୀଙ୍କ ଫେଷ୍ଟିଭାଲ ଆଡଭାନ୍ସ ମଞ୍ଜୁର ହୋଇଥିବା ବେଳେ ଆମମାନଙ୍କର କାହିଁକି ହେଲାନାହିଁ ବୁଝା ପଡୁନି। ସେପଟେ ବିଭାଗୀୟ ଅଧିକାରୀଙ୍କ କହିବାନୁସାରେ କାଗଜପତ୍ରରେ କିଛି ତ୍ରୁଟି ରହିଥିବାରୁ ବିଳମ୍ବ ହୋଇଛି। ଏବେ କାଗଜପତ୍ର ପୁନଃ ପଠାଯାଇଛି। ଦିନେ ଦୁଇଦିନ ମଧ୍ୟରେ ହୋଇଯିବ ବୋଲି ସେ ମତପ୍ରକାଶ କରିଛନ୍ତି।

## ୪ ଅଗ୍ରଣୀ ଚାଷୀ ସମ୍ମାନିତ


ଚାଷୀ କଚେରୀ ପଧାନଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରୁଛନ୍ତି ।

ଲୋଇସିଂହା,୨୭।୧୦(ଡି.ଏନ.ଏ)

**ପଞ୍ଚମ ଗିରିଗୋବର୍ଦ୍ଧନ ପୂଜା ଉଦ୍‌ଯାପିତ**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ପଞ୍ଚାୟତ ଅନ୍ତର୍ଗତ ଛେଲବାହାଲ ଖେକେର୍ଲିଡୁଙ୍ଗରୀରେ ଚାଲିଥିବା ୫ମ ବର୍ଷ ଗିରିଗୋବର୍ଦ୍ଧନ ପୂଜା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଛେଲାବାହାଲ, ଅଗଲାପାଲି ଓ କୁମୁଣ୍ଡେ ଗ୍ରାମବାସୀଙ୍କ ମିଳିତ ଆନୁକୂଲରେ ଗିରିଗୋବର୍ଦ୍ଧନା ପୂଜା ପାଳିତ ହୋଇଆସୁଛି। ବୁଧବାର ଉଦ୍‌ଘାଟନୀ ଉତ୍ସବରେ ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି, ଚମରା ଚୌହାନ, ରାଜେନ୍ଦ୍ର ବିଶ୍ୱାଳ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟ ଅତିଥି ମହାଲିଙ୍ଗ ଏହି ଅବସରରେ ୪ ଜଣ ଅଗ୍ରଣୀ ଚାଷୀ ଅଗଲାପାଲିର ଭୀମ ବାରିକ ଓ ରଘୁନାଥ ମହାକୁର, ଛେଲବାହାଲର କଚେରୀ ପଧାନ, କୁମୁଣ୍ଡେର ଉମାକନ୍ତ ମହାକୁରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ମୁଖ୍ୟ ଅତିଥି ମହାଲିଙ୍ଗ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ଅଧିକ ଅମଳ ପାଇଁ ଚାଷରେ ରାସାୟନିକ ସାର ପ୍ରୟୋଗ କରାଯାଉଛି । ଏହାଦ୍ୱାରା ଜୀବଜଗତ ଓ ମାନବ ସମାଜ ଉପରେ କୁପ୍ରଭାବ ପଡୁଛି। ମାଟିର ଉର୍ବରତା ବଜାୟ ରଖିବା ଏବଂ ସୁସ୍ଥ ଜୀବନ ଶୈଳି ପାଇଁ ଜୈବିକ ସାର ଉପରେ ପ୍ରାଧାନ୍ୟ ଦେବାକୁ ସେ ଚାଷୀଙ୍କୁ ପରାମର୍ଶ ଦେଇଥିଲେ। ଛେଲବାହାଲ, ଅଗଲାପାଲି ଓ କୁମୁଣ୍ଡେ ଗ୍ରାମ ପୂଜା କମିଟି କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ । ଏହି ଅବସରରେ ଲୋଇସିଂହାର ଶଙ୍କର ବେହେରାଏବଂ ତୁଷୁରାର ଘୁଡକା ବଜା କଳାକାରଙ୍କ ଦ୍ୱାରା ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ବେଶ ଉପଭୋଗ୍ୟ ହୋଇଥିଲା।

## ପ୍ରଜାପିତା ବ୍ରହ୍ମାକୁମାରୀ ଆଶ୍ରମରେ ଭାଇଦୁଜ କାର୍ଯ୍ୟକ୍ରମ


ଉପସ୍ଥିତ ଶୁଭେଚ୍ଛୁଙ୍କୁ ବନ୍ଦାପନା କରାଯାଉଛି ।

ଦେଓଗାଁ,୨୭।୧୦(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରୀ ଆଶ୍ରମରେ ଭାଇଦୁଜ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆଶ୍ରମର ମୁଖ୍ୟ ପରିଚାଳକ ଜୟନ୍ତୀ ଭଉଣୀଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଇଥିଲା। ପରେ ଉପସ୍ଥିତ ଶୁଭେଚ୍ଛୁମାନଙ୍କୁ ଭାଇରୂପେ ବନ୍ଦାପନା କରି ଦୀର୍ଘାୟୁ କାମନା କରିଥିଲେ। କାର୍ଯ୍ୟକ୍ରମକୁ ପଦ୍ମିନୀ ରଣା, ଭାଗ୍ୟ ସାହୁ, କ୍ଷୀରୋଦିନୀ ରଣା, ସତ୍ୟଭାମା ମହାନ୍ତି, କମଳି ଅଗ୍ରୱାଲ, ରଜନୀ ପାତ୍ର ସହଯୋଗ କରିଥିଲେ।

## ଚାଷୀ ବ୍ଲକ କୃଷି ଅଧିକାରୀଙ୍କ ଦ୍ୱାରସ୍ଥ

ବୋଡେନ,୨୭।୧୦(ଡି.ଏନ.ଏ.)

**ରୋଗ ପୋକ ଯୋଗୁ ଫସଲ ନଷ୍ଟ**

ନୂଆପଡ଼ା ଜିଲା ବୋଡେନ ବ୍ଲକ ଅଞ୍ଚଳରେ ଚଳିତବର୍ଷ ଭଲ ବର୍ଷା ହୋଇଥିଲା । ଚାଷୀ ଭଲ ଅମଳ ହେବା ଆଶା କରିଥିଲେ। କିନ୍ତୁ ଶେଷ ସମୟରେ ରୋଗପୋକ ଦାଉ ସାଧିଛି। ଫଳରେ ଚାଷୀଙ୍କ ଆଶା ପାଣି ଫୋଟକା ଭଳି ମେଳାଇ ଯାଇଛି। ଗୁରୁବାର ବୋଡେନ ଗ୍ରାମପଞ୍ଚାୟତ ଅନ୍ତର୍ଗତ ବିରେଶକେଲା ଗ୍ରାମର ଚାଷୀମାନେ ଏ ନେଇ ବୋଡେନ ବ୍ଲକ କୃଷି ଅଧିକାରୀଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରାୟ ୫୦ଜଣ ଚାଷୀଙ୍କ ଦସ୍ତଖତ ସମ୍ବଳିତ ଏକ ଅଭିଯୋଗ ପତ୍ର ବ୍ଲକ କୃଷି ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି। ଚାଷୀଙ୍କ ଅଭିଯୋଗ ଅନୁସାରେ, ଧାନ ଫସଲ ଅମଳ ସମୟ ହୋଇ ଆସୁଥିବା ବେଳେ ଫସଲରେ କାଣ୍ଡ ବିନ୍ଧା, ଛଅ ଗୋଡିଆ (ଗନ୍ଧି) ପୋକ ଓ ଗଣ୍ଡି କଟା ଭଳି ପୋକର ପ୍ରଦୁର୍ଭାବ ଦେଖାଦେଇଛି। ଏଥିଯୋଗୁ ଫସଲ ନଷ୍ଟ ହେବାକୁ ବସିଛି। କିଛି ସ୍ଥାନରେ ଚକଡାର ପ୍ରଦୁର୍ଭାବରେ ମଧ ଫସଲ ନଷ୍ଟ ହୋଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏ ନେଇ ଚାଷୀ କୃଷି ଅଧିକାରୀଙ୍କ ନିର୍ଦ୍ଦେଶ ଅନୁସାରେ କୀଟ ନାଶକ ବ୍ୟବହାର ସତ୍ତ୍ୱେ କୌଣସି ସୁଫଳ ମିଳି ନ ଥିବା ଅଧିକାରୀ ଦୁଃଖୀରାମ ଟୁଡୁଙ୍କୁ ଅବଗତ କରାଇବା ସହ ଚାଷ ଜମି ପରିଦର୍ଶନ ସହ ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି।


ବ୍ଲକ କୃଷି ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି ।

# ଉପଜିଲାପାଳଙ୍କ କାର୍ଯ୍ୟାଳୟ ଘେରିଲା ଭାଜପା

ଟିଟିଲାଗଡ,୨୭।୧୦(ଡି.ଏନ.ଏ.)

ଉଚ୍ଛେଦ ହୋଇଥିବା ଦୋକାନୀଙ୍କୁ ଥଇଥାନ, ଟିଟିଲାଗଡ ହାଟପଦା ବଜାରସ୍ଥଳରେ ଅବିଳମ୍ବେ ନୂତନ ପିଣ୍ଡି ନିର୍ମାଣ ଦାବି କରିଛି ଭାଜପା । ଏହା ସହ ଟିଟିଲାଗଡ ସହରର ଅନ୍ୟ କେତେକ ପ୍ରମୁଖ ଦାବି ଓ ଏହାର ସମାଧାନ ଦାବିରେ ଦଳ ପକ୍ଷରୁ ଗୁରୁବାର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଭାଜପା କର୍ମକର୍ତ୍ତାମାନେ ସ୍ଥାନୀୟ ଘଣ୍ଟାଶୁନି ମନ୍ଦିରରୁ ଶୋଭାଯାତ୍ରା ବାହାର କରି ନଗର ପରିକ୍ରମା ପରେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ନାରାବାଜି କରାଯାଇଥିଲା । ସେଠାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଦଳ ପକ୍ଷରୁ କୁହାଯାଇଥିଲା ଯେ, ସହରର ମୁଖ୍ୟ ହାଟପଦା ବଜାର ସ୍ଥଳରେ ନୂତନ ପିଣ୍ଡି ନିର୍ମାଣ କରାଯିବ ବୋଲି ପୌର ପରିଷଦ ଶତାଧିକ ଦୋକାନୀଙ୍କୁ ହଟାଇଥିଲା। ହେଲେ ଅଦ୍ୟାବଧି ପିଣ୍ଡି ତିଆରି ହୋଇପାରିଲା ନାହିଁ। ଏନେଇ ଦୋକାନୀମାନେ କର୍ମହରା ହୋଇପଡିଛନ୍ତି। ତତ୍କାଳୀନ ଭାରପ୍ରାପ୍ତ ପୌର ନିର୍ବାହୀ ଅଧିକାରୀ ତଥା ବର୍ତ୍ତମାନର ଉପଜିଲାପାଳ ମନୋଜ ସତ୍ୟୱାନ ମହାଜନ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରି ନ ଥିବା ଆନ୍ଦୋଳନକାରୀ ଅଭିଯୋଗ କରିଛନ୍ତି। ଏହା ସହ ସହରରେ ଅଘୋଷିତ ବିଦ୍ୟୁତ୍ କାଟ, ପାନୀୟ ଜଳ ସମସ୍ୟା, ରାସ୍ତାଗୁଡିକର ପ୍ରଶସ୍ତିକରଣ, ନିୟମିତ ଆପରାଧିକ କାର୍ଯ୍ୟକଳାପ ରୋକିବାକୁ ସିସିଟିଭି ବ୍ୟବସ୍ଥା, ଉପଖଣ୍ଡ ମୁଖ୍ୟ ସରକାରୀ ଡାକ୍ତରଖାନାରେ ଆବଶ୍ୟକ ଡାକ୍ତର, ବୈଷୟିକ କର୍ମଚାରୀ ନିଯୁକ୍ତ, ପରୀକ୍ଷା ଉପକରଣ ମେଶିନ ବ୍ୟବସ୍ଥା, ଝାରଦେବନ୍ଦରେ ଥିବା ବିରାଟ ଅଶ୍ୱତ୍ଥ ଗଛ କୋରଡ଼ରେ ଦୀର୍ଘଶତାବ୍ଦୀ ଧରି ବିରାଜମାନ ଶୈବପୀଠକୁ ପର୍ଯ୍ୟଟନ କ୍ଷେତ୍ର ମାନ୍ୟତା, ସଂଲଗ୍ନ ଦୁଇ ପ୍ରାଚୀନ ପୋଖରୀର ସୌନ୍ଦର୍ଯ୍ୟକରଣ କରିବାକୁ ଦାବି କରାଯାଇଥିଲା। ଉପଜିଲାପାଳଙ୍କ ଅନୁପସ୍ଥିତିରେ ସହାୟକ ଜିଲାପାଳ ଡ଼. ଲଳିତ ବାଗଙ୍କୁ ଭାଜପା ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରିଯାଇଥିଲା। ଏହି ଅବସରରେ ଦଳର ନଗର ସଭାପତି ପ୍ରଶାନ୍ତ ଷଡ଼ଙ୍ଗୀ, ପୌରାଧକ୍ଷା ମମତା ଜୈନ, ବଜାର କମିଟି ସଭାପତି ନିରାକାର ସରାଫ, ଭାଜପା ନେତା ନବୀନ ଜୈନ, ଏମ୍‌ପି ପ୍ରତିନିଧି ଗୁଲାବ ସୋନି, ମୁକେଶ ଜୈନ, ମହେନ୍ଦ୍ର ଠାକୁର, ଆଲୋକ ନାୟକ, ଜୟରାଜ ସାହୁ, ସଞ୍ଜୟ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ ।


ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭରତ ଭାଜପା କର୍ମୀ ଓ ନେତା ।

## ଗିରି ଗୋବର୍ଦ୍ଧନ ପୂଜା ଉଦ୍‌ଯାପିତ

ଡୁଙ୍ଗୁରିପାଲି (ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ବେହେରାମାଲ ଲୁଡୁକିବେଡାସ୍ଥିତ ଡୁଙ୍ଗୁରିତଳରେ ୩୫ତମ ଗିରି ଗୋବର୍ଦ୍ଧନପୂଜା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ବୁଧବାର ଡୁଙ୍ଗୁରିତଳଠାରେ ଥିବା ଶିବ ମନ୍ଦିର ସମ୍ମୁଖରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ନାମଯଜ୍ଞରେ କର୍ତ୍ତାଭାବେ ପିଣ୍ଟୁ ଗଡତିଆ କାର୍ଯ୍ୟ ତୁଲାଉଥିଲେ। ଗିରିଗୋବର୍ଦ୍ଧନ ପୂଜା ଅବସରରେ ଏଠାରେ ରାତିରେ ଦୁଇ ଦିନଧରି ସାଂସ୍କୃତିକ କାର୍ଯ୍ୟକ୍ରମ ରଖାଯାଇଥିଲା। ଦୁଇ ବର୍ଷ ପରେ କଟକଣାମୁକ୍ତ ପୂଜା ହେଉଥିବାରୁ ଏଠାରେ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା।

# ସଂକ୍ଷେପରେ

## ଡାକଘର ଆର୍ଥିକ ସେବା ସଚେତନତା କାର୍ଯ୍ୟକ୍ରମ

ବିନିକା, ୨୭।୧୦(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବିନିକା ସିଦ୍ଧାର୍ଥ ଜୁନିଅର କଲେଜରେ ଡାକଘର ଆର୍ଥିକ ସଚେତନତା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷା ରେଖା ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ସିଦ୍ଧାର୍ଥ ଡିଗ୍ରୀ କଲେଜ ଅଧକ୍ଷ ଧୀରେନ୍ଦ୍ର କୁମାର ନାଏକ, ସୋନପୁର ବ୍ରାଞ୍ଚ ପୋଷ୍ଟ ମାଷ୍ଟର କୃଷ୍ଣଚନ୍ଦ୍ର ନାଏକ, ପୋଷ୍ଟମାଷ୍ଟର ଆନନ୍ଦ ଭୋଇ, ରାମ ଦଣ୍ଡସନା, ପବିତ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ। ଡାକଘରର ଆର୍ଥିକ କରବାର, ସୁରକ୍ଷିତ ବୀମା ବିଷୟରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଯାଇଥିଲା। ପିଏମ ରାଜକିଶୋର ବାଙ୍କ ଧନ୍ୟବାଦ ଦେଇଥିଲେ।

## ବିଜେଡିର ଜନସମ୍ପର୍କ ପଦଯାତ୍ରା

ବିନିକା, ୨୭।୧୦(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ମହାଦେବପାଲି ପଞ୍ଚାୟତରେ ଗୁରୁବାର ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜିଲା ଯୁବ ବିଜେଡି ସଭାପତି ଅଶୋକ ନନ୍ଦଙ୍କ ଆବାହକତ୍ୱରେ ଅନୁଷ୍ଠିତ ପଦଯାତ୍ରାକୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଧାୟକ ପଦ୍ମନାଭ ବେହେରା ଉଦ୍‌ଘାଟନ କରିଥିଲେ। ବୀରମହାରାଜପୁର ବ୍ଲକ ବିଜେଡି ସଭାପତି ନାରାୟଣ ଲୁହା, ଏନଏସି ଅଧକ୍ଷ ସୁବାସ ଚନ୍ଦ୍ର ଭୁଏ, ନଗର ସଭାପତି ସୋମନାଥ ମିଶ୍ର, ଯୁବ ସଂଗଠକ ଦୀନ ମେହେର, ବିନିକା ବ୍ଲକ ସଭାପତି ଦ୍ୱାରିକା ସାହୁ, ଜିଲା ପରିଷଦ ସଦସ୍ୟ ବଶିଷ୍ଠ ଭରାସାଗର, କାଉନସିଲର ବିଜୟ ବରାଇ, ବିନିକା ବ୍ଲକ ଉପାଧକ୍ଷ ନିର୍ମଳ ସାଣ୍ଡ, ହିକୁଡି ସରପଞ୍ଚ କିସାନ ଜଗଦଲାଙ୍କ ସମେତ ଯୁବ ଛାତ୍ର ଜନତା ଦଳର ଶତାଧିକ କର୍ମକର୍ତ୍ତା ଯୋଗ ଦେଇଥିଲେ।

## ଚୋରି ଘଟଣାରେ ୨ ଗିରଫ

ସୋହେଲା,୨୭।୧୦(ଡି.ଏନ.ଏ.) : ବରଗଡ଼ ଜିଲା ସୋହେଲା ଅଞ୍ଚଳରେ ବୁଧବାର ହୋଇଥିବା ଏକ ଚୋରି ଘଟଣାର ପର୍ଦାଫାଶ ହୋଇଛି। ଏହି ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ପୋଲିସ ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ମହେଶ ସୁନା ଓରଫ୍ ଇଲୁ(୨୯) ଏବଂ ନରେଶ ପୋଦ ଓରଫ୍ ବୁଟି (୩୦)। ଅଭିଯୁକ୍ତଙ୍କଠାରୁ ଚୋରି ହୋଇଥିବା ଅଳଙ୍କାର, ନଗଦ ୫୬,୦୧୦ ଟଙ୍କା ଏବଂ ଏକ ମୋବାଇଲ ଜବଦ କରାଯାଇଛି। ଉଭୟଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଛି ବୋଲି ସୋହେଲା ଥାନାଧିକାରୀ ହରିବନ୍ଧୁ ଗଡତିଆ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ବୁଧବାର ପୂର୍ବାହ୍ନ ୧୦ଟାରେ ଥାନା ପଛପଟ କୁମ୍ଭାରବନ୍ଧ ପଦାରେ ରହୁଥିବା ପିଣ୍ଟୁ ପଧାନଙ୍କ ଘରେ ଦିନବେଳା ଚୋରି ହୋଇଥିଲା। ଏ ନେଇ ସେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୨୧୩।୨୨) ରୁଜୁ କରି ତଦନ୍ତ କରିଥିଲା।

## ରାଷ୍ଟ୍ରୀୟ ବୃଦ୍ଧଜନ ସ୍ୱାସ୍ଥ୍ୟସେବା କାର୍ଯ୍ୟକ୍ରମ

ଅମରପାଲି,୨୭।୧୦(ଡି.ଏନ.ଏ): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ସୁବଳୟା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଗୁରୁବାର ସ୍ଥାନୀୟ ଉପଖଣ୍ଡ ଚିକିତ୍ସାଳୟ ଆନୁକୂଲ୍ୟରେ ରାଷ୍ଟ୍ରୀୟ ବୃଦ୍ଧଜନ ସାସ୍ଥ୍ୟ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁବଳୟା ସେକ୍ଟର ଅଞ୍ଚଳର ୬୦ବର୍ଷରୁ ଉର୍ଦ୍ଧ୍ୱ ଲୋକଙ୍କ ସାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ରକ୍ତଚାପ, ମଧୁମେହରୋଗର ପରୀକ୍ଷା କରାଯାଇ ଔଷଧ ବଣ୍ଟନ କରାଯାଇଥିଲା। ବୃଦ୍ଧ ବୟସରେ ସାସ୍ଥ୍ୟର ଯତ୍ନ, ସୁରକ୍ଷା, ଉତ୍ତମ ଖାଦ୍ୟ ଅଭ୍ୟାସ, ସ୍ୱାସ୍ଥ୍ୟ ଶିକ୍ଷା, ଯୋଗ ପ୍ରଶିକ୍ଷକଙ୍କ ଦାରା ଯୋଗଶିକ୍ଷା ଦିଆଯାଇଥିଲା। ସୁବଳୟା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଧିକାରୀ ଡ.ଆନନ୍ଦ ଚନ୍ଦ୍ର ସାହୁ, ଡ.ବିଶନାଥ ରଥ, ଫାର୍ମାସିଷ୍ଟ ଦେବିଦତ୍ତ ସାହୁ, ସନ୍ତୋଷ ଦାସ ସାସ୍ଥ୍ୟ ପରୀକ୍ଷା କରିଥିଲେ।

## ତ୍ରିବେଣୀ ଛକରେ ଗିରିଗୋବର୍ଦ୍ଧନ ପୂଜା

ତରଭା, ୨୭।୧୦(ଡି.ଏନ.ଏ.) : ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ଦୁବୁଲା ପଞ୍ଚାୟତ ତ୍ରିବେଣୀ ଛକରେ ୧୦ମ ଗିରିଗୋବର୍ଦ୍ଧନ ପୂଜା ଓ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇ ଯାଇଛି। ଦୁବୁଲା ବନ୍ଧରୁ ପୂର୍ଣ୍ଣ ଜଳ କଳସ ଆଣି ଯଜ୍ଞ ମଣ୍ଡପ ରେ ସ୍ଥାପନ ପରେ ଗିରି ଗୋବର୍ଦ୍ଧନଙ୍କ ପୂଜା ଓ ଅଷ୍ଟପ୍ରହର ନାମଯଜ୍ଞ ଆରମ୍ଭ ହୋଇଥିଲା। ୮ଟି ମହିଳା ଦଳ କୀର୍ତ୍ତନ୍ୟ ମଣ୍ଡଳୀ ଯୋଗଦାନ କରିଥିଲେ। କର୍ତ୍ତା ଭାବେ ଗିରିଶ ଚନ୍ଦ୍ର ବଗର୍ତ୍ତା, ଅଞ୍ଜନା ବଗର୍ତ୍ତା ଓ ସୁଶାନ୍ତ ସାଣ୍ଡ, ଗୀତା ସାଣ୍ଡ ଦାୟିତ୍ୱ ତୁଲାଇଥିଲେ। ନୀଳକଣ୍ଠ ବଗର୍ତ୍ତା, ସମ୍ପତି ଘିବେଲା, ଚନ୍ଦ୍ର ଶେଖର ବଗର୍ତ୍ତା, ଗଉଡିଆ ସାଣ୍ଡ , ସାରଥୀ ବଗର୍ତ୍ତା, ପ୍ରସାଦି ବଗର୍ତ୍ତା, ଦୁବୁଲା ଯାଦବ କେନ୍ଦ୍ର କର୍ମକର୍ତ୍ତାଙ୍କ ସହ ଦୁବୁଲା ସରପଞ୍ଚ ଆର୍ତ୍ତତ୍ରାଣ ବଗର୍ତ୍ତା ଓ ଗ୍ରାମବାସୀ ସହଯୋଗ କରିଥିଲେ।

# ୨୫ ହାଇସ୍କୁଲ ରୂପାନ୍ତରଣରେ ସାମିଲ

ପାଇକମାଲ,୨୭।୧୦(ଡି.ଏନ.ଏ.)

ବରଗଡ ଜିଲା ପାଇକମାଲ ବ୍ଲକର ସମସ୍ତ ୨୫ ହାଇସ୍କୁଲ ରୂପାନ୍ତରୀକରଣରେ ସାମିଲ ହୋଇଛି। ପୂର୍ବରୁ ୧୧ଟି ହାଇସ୍କୁଲର ରୂପାନ୍ତରୀକରଣ ହୋଇ ସାରିଥିବା ବେଳେ ଗତ ବୁଧବାର ୧୦ଟିର ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଥିଲା। ଗୁରୁବାର ୪ଟି ହାଇସ୍କୁଲର ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଛି। ଅପରାହ୍ନ ୨ଟା ସମୟରେ ପାଇକମାଲ ବ୍ଲକ ଭେଙ୍ଗରାଜପୁର ପଞ୍ଚାୟତର କବି ଖଗେଶ୍ୱର ହାଇସ୍କୁଲରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଅବସରରେ ବିଦ୍ୟାଳୟ ପରିସରରେ ଆୟୋଜିତ ସଭାରେ ବ୍ଲକ ଉପାଧକ୍ଷ ସଞ୍ଜୀବ ବରିହା, ସମିତି ସଭ୍ୟା ଯତିନ


ମନ୍ତ୍ରୀ ପ୍ରଦୀପ ଅମାତଙ୍କୁ ସ୍କୁଲ ସମ୍ମୁଖରେ ସ୍ୱାଗତ କରାଯାଉଛି।

ଭୋଇ, ବିଜେଡି ବ୍ଲକ ସଭାପତି ରାଜେନ୍ଦ୍ର ରାଉତ, ପାଇକମାଲ ବିଡିଓ ଉପାଞ୍ଜଳି ମାଝି, ପାଇକମାଲ ତହସିଲଦାର ପରୀକ୍ଷିତ ସାହୁ, ବିଇଓ ଚୂଡାମଣି ବାରିକ

### ପାଇକମାଲ ବ୍ଲକ

ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସିଆରସିସି ଡୋଲାମଣି ମାହାର ସଭା ପରିଚାଳନା, ପ୍ରଧାନ ଶିକ୍ଷକ ଦୈତାରି ପ୍ରଧାନ ବିବରଣୀ ପାଠ ଏବଂ ଅବସରପ୍ରାପ୍ତ ଶିକ୍ଷକ ନେହେରୁ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ। ଏହାପରେ ମନ୍ତ୍ରୀ ଅମାତ ବୁକୁରାମୁଣ୍ଡା ହାଇସ୍କୁଲରେ ଅନୁଷ୍ଠିତ ଉତ୍ସବରେ ଯୋଗଦାନ କରି ୫-ଟି ରୂପାନ୍ତରୀକରଣର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସେହିପରି ଜଳ ସମ୍ପଦ ମନ୍ତ୍ରୀ ଟୁକୁନି ସାହୁ ପ୍ରଥମେ ଚର୍ଦ୍ଧାପାଲି ହାଇସ୍କୁଲରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ୫-ଟି ସ୍କୁଲ ରୂପାନ୍ତରୀକରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିବା ପରେ ସମଲପୁରୀ ହାଇସ୍କୁଲ ଯାଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ।

# ମାଲିକ ଘର ଆଗରେ ବସ୍‌କୁ ପୋଡ଼ିଦେଲେ

ପାଇକମାଲ,୨୭।୧୦(ଡି.ଏନ.ଏ.)

ବରଗଡ ଜିଲା ପାଇକମାଲ ମୁଖ୍ୟ ଛକ ରାସ୍ତା ଉପରେ ଥିବା ଏକ ବସ୍‌କୁ ଦୁର୍ବୃତ୍ତମାନେ ବୁଧବାର ରାତିରେ ନିଆଁ ଲଗାଇ ଦେଇଥିଲେ। ଫଳରେ ଉକ୍ତ ବସ୍‌ଟି ସମ୍ପୂର୍ଣ୍ଣ ପୋଡ଼ି ନଷ୍ଟ ହୋଇଯାଇଛି। ଏ ନେଇ ପାଇକମାଲ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଘଟଣାର ତଦନ୍ତ ଚଳାଇଛି।

ସୂଚନା ଅନୁସାରେ, ଶରତ ବଡ଼ପଣ୍ଡାଙ୍କ ଘର ସମ୍ମୁଖରେ ପ୍ରତିଦିନ ଭଳି ବୁଧବାର ରାତିରେ ମଧ୍ୟ ଅନେକ ବସ୍ ଅଟକି ରହିଥିଲା। ବିଳମ୍ବିତ ରାତିରେ ସେଥିମଧ୍ୟରୁ ତାଙ୍କ ଘର ସମ୍ମୁଖରେ ଛିଡା ହୋଇଥିବା ବସ୍ (ନଂ.ଓଆର୧୭ଜେ/୯୨୪୪)କୁ କେହି ଅସାମାଜିକ ବ୍ୟକ୍ତି ନିଆଁ ଲଗାଇ ଦେଇଥିଲେ। ରାତି ପ୍ରାୟ ୩ଟା ସମୟରେ ଶବ୍ଦ ଶୁଣି ନିକଟ ବସ୍‌ରେ ଶୋଇଥିବା ଜଣେ କର୍ମଚାରୀ ଉଠି ବସ୍‌ଟି ଜଳୁଥିବା ଦେଖିବାକୁ ପାଇଥିଲେ ଏବଂ ବସ୍ ମାଲିକ



ସମ୍ପୂର୍ଣ୍ଣ ପୋଡ଼ିଯାଇଥିବା ବସ୍।

ଶରତଙ୍କୁ ଫୋନ କରିଥିଲେ। ଫୋନ ପାଇ ଶରତ ଓ ପରିବାର ଲୋକେ ବାହାରକୁ ଆସି ଘର ସମ୍ମୁଖରେ ବସ୍‌ଟି ଜଳୁଥିବା ଦେଖିବାକୁ ପାଇ ତୁରନ୍ତ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ବିଭାଗ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ କିଏ ଏବଂ କାହିଁକି ନିଆଁ ଲଗାଇଲେ ତାର କାରଣ ଜଣାପଡିନାହିଁ।

# ବ୍ଲକସ୍ତରୀୟ ଜନଶୁଣାଣି ଶିବିର


ଜନ ଶୁଣାଣି ଶିବିରରେ ଅଧିକାରୀ ବୃନ୍ଦ।

ଡୁଙ୍ଗୁରିପାଲି, ୨୭।୧୦(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକସ୍ତରୀୟ ଜନଶୁଣାଣି ଶିବିର ବ୍ଲକ ସଭାଗୃହରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏମ୍‌ଜିଏନ୍‌ଆରଇଜିଏସ, ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ୨୦୧୩, ଜାତୀୟ ସାମାଜିକ ସହାୟତା ଯୋଜନା, ପଞ୍ଚଦଶ ଅର୍ଥ ଆୟୋଗ, ସମନ୍ୱିତ ଶିଶୁ ବିକାଶ ଓ ମମତା ଯୋଜନାରେ ସମ୍ପାଦିତ ୨୦୨୧-୨୨ ଆର୍ଥିକ ବର୍ଷର ସମସ୍ତ ବିବରଣୀ ଶିବିରରେ ଉପସ୍ଥାପନ କରାଯାଇଥିଲା। ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶିବିରରେ ଏପିଓ ପ୍ରଦ୍ୟୁମ୍ନ କୁମାର ସାହୁ ୨୦୨୧-୨୨ ଆର୍ଥିକ ବର୍ଷର କାର୍ଯ୍ୟ ଖସଡ଼ା ବିବରଣୀ ପାଠ କରିଥିଲେ। ବ୍ଲକର ୨୬ ପଞ୍ଚାୟତରେ ୨୮ହଜାର ୭୧୬ପରିବାର ଏମ୍‌ଜିଏନ୍‌ଆରଇଜିଏସରେ ନାମ ପଞ୍ଜିକରଣ କରିଥିବା ବେଳେ ସମସ୍ତ ପରିବାରକୁ ଜବକାର୍ଡ ପ୍ରଦାନ କରାଯାଇଛି। ବ୍ଲକର ୬୩୯୮ଶ୍ରମିକ କାମ କରିବା ପାଇଁ ଆବେଦନ କରିଥିଲେ। ସେଥିରୁ ୫୪୧୯ ଜଣ କାମରେ ଯୋଗଦେଇଥଲେ। ୧୮୩୩୧୧ ଶ୍ରମ ଦିବସ ସୃଷ୍ଟି କରାଯାଇଥିବା ସୂଚନା ଦିଆଯାଇଥିଲା। ବିଭିନ୍ନ ପଞ୍ଚାୟତର ୧୨୨ ଶ୍ରମିକ ୧୦୦ ଦିନ କାମ କରିଛନ୍ତି। ବାଙ୍କିପାଲି, ଭୀମଟିକିରା, ଚିନାୟୁରୀ, ଗଜବନ୍ଧ, ଇଚ୍ଛାପୁର, ସହଲା, ସୁନାପାଲି ପଞ୍ଚାୟତରେ ଜଣେ ବି ଶ୍ରମିକ ୧୦୦ଦିନର କାର୍ଯ୍ୟ କରି ନ ଥିବା ନେଇ ଶିବିରରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏହି ଆର୍ଥିକ ବର୍ଷରେ ମୋଟ ୫ କୋଟି ୫୩ ଲକ୍ଷ ୯୪ ହଜାର ଟଙ୍କା ଖର୍ଚ୍ଚ ହୋଇ ଥିବା ଶିବିର ସୂଚନା ଦିଆଯାଇଥିଲା। ଶିବିରକୁ ବିଡ଼ିଓ ତ୍ରିପୁର ମହାନନ୍ଦ ପରିଚାଳନା କରିଥିଲେ। ବ୍ଲକ ଉପାଧକ୍ଷ ମକରଧ୍ୱଜ ସାହୁ, ଏଇ ଶୋଭନାଦ ମାଝି, ସିଡିପିଓ ଜୟନ୍ତୀ ଗଡତିଆ, ଜିଲା ସାମାଜିକ ସମୀକ୍ଷକ ହୃଷିକେଶ ମହାକୁର, ବ୍ଲକ ଯୋଗାଣ ନିରୀକ୍ଷକ ପୂର୍ଣ୍ଣଚନ୍ଦ୍ର ରାଉତ, ଏମ୍‌ଜିଏନ୍‌ଆରଇଜିଏସ୍ ଲୋକପାଳ ବାବୁଲାଲ ଦାସ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଅଶ୍ୱିନୀ କୁମାର ପାଣ୍ଡେ, ବ୍ଲକ ସାମାଜିକ ସମୀକ୍ଷା ଅଧିକାରୀ ସଞ୍ଜୟ କୁମାର ବଡ଼ମାଲି, ଏବିଡ଼ିଓ ଆନନ୍ଦ ଚନ୍ଦ୍ର ମାଝି, ସହକାରୀ ଉଦ୍ୟାନ ଅଧିକାରୀ ତ୍ରିବେଦୀ ବଘାର ଉପସ୍ଥିତ ଥିଲେ। ଏବିଡିଓ ଆନନ୍ଦ ଚନ୍ଦ୍ର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲାପାଳଙ୍କୁ ଫେରାଦ ହେଲା ଆପ୍

ବରଗଡ଼ ଅଫିସ୍,୨୭।୧୦

ବରଗଡ଼ ଜିଲାରେ ଆଉ କିଛିଦିନ ପରେ ଖରିଫ୍ ଧାନ ଅମଳ କରାଯିବ। ଅନ୍ୟପଟେ ଧାନ ସଂଗ୍ରହ ପ୍ରକ୍ରିୟା ବିଳମ୍ବିତ ହୋଇଥିବା ଆମ୍ ଆଦ୍‌ମୀ ପାର୍ଟି (ଆପ୍) ଅଭିଯୋଗ କରିଛି। ଏଭଳି ଅଭିଯୋଗ ନେଇ ଆପ୍‌ର ଏକ ପ୍ରତିନିଧି ଦଳ ଗୁରୁବାର ବରଗଡ଼ ଜିଲାପାଳଙ୍କ ଅଫିସକୁଆସିଥିଲେ। ଜିଲାପାଳ ମୋନିଷା ବାନାର୍ଜୀଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ନବୀନ ପଟେଲଙ୍କୁ ସେମାନେ ଏକ ସ୍ମାରକପତ୍ର ପ୍ରଦାନ ସହିତ ନଭେମ୍ବର ୧୫ରୁ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ କରିବାକୁ ଦାବି କରିଥିଲେ।

ଧାନ ସଂଗ୍ରହ ପ୍ରକ୍ରିୟା ଯେତେ ବିଳମ୍ବିତ ହେବ, ଚାଷୀମାନେ ସେଭଳି କ୍ଷତିଗ୍ରସ୍ତ ହେବେ। ଅଭାବୀ ବିକ୍ରି ସମସ୍ୟା ବଢ଼ିବ। ଅନ୍ୟପଟେ ମିଲର୍ସ, ବେପାରୀ ସର୍ବନିମ୍ନ ସହାୟକ ମୂଲ୍ୟଠାରୁ ଆହୁରି କମ୍ ଦରରେ ଧାନ କିଣିବାର ସୁଯୋଗ ପାଇବେ। ସେହିପରି ମିଲର୍ସଙ୍କଠାରୁ ଗତ ରବିଧାନ ସଂଗ୍ରହ ପ୍ରକ୍ରିୟାର ଚାଉଳ ସଂଗ୍ରହ କରାଯାଇନାହିଁ। ଏହି ଦୃଷ୍ଟିରୁ ଜିଲାର ସମସ୍ତ ରାଇସ୍ ମିଲ୍‌ଗୁଡ଼ିକର ଷ୍ଟକ୍ ଯାଞ୍ଚ କରିବା ସହିତ ଖିଲାପୀ ମିଲର୍ସଙ୍କୁ ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ ନ କରିବାକୁ ଆପ୍ ଦାବି କରିଛି। ଆପ୍‌ର ଜିଲା ଆବାହକ ଭବାନୀ ପ୍ରସାଦ ସାହୁଙ୍କ ନେତୃତ୍ୱରେ ରାଜ୍ୟ ସମ୍ପାଦକ ଅମିତାଭ ପାତ୍ର, ମେରିୟମ ବାର୍ଲା, ଅବିନାଶ ବାଗ, ଦିନେଶ ଅଗ୍ରୱାଲ ପ୍ରମୁଖ ସ୍ମାରକପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।


ଜିଲାପାଳଙ୍କୁ ଫେରାଦ ହୋଇଥିବା ଆପ୍ ପ୍ରତିନିଧି ଦଳ ।

# କୃଷକଙ୍କ ସମସ୍ୟା ନେଇ ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ

ପାଇକମାଲ,୨୭।୧୦(ଡି.ଏନ.ଏ.)

ବରଗଡ ଜିଲା ପାଇକମାଲ ବ୍ଲକ ଭେଙ୍ଗରାଜପୁର ପଞ୍ଚାୟତର କୃଷକମାନେ ସେମାନଙ୍କ ବିଭିନ୍ନ ସମସ୍ୟା ନେଇ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ପ୍ରଦୀପ କୁମାର ଅମାତଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଗୁରୁବାର ୫-ଟି ବିଦ୍ୟାଳୟ ରୂପାନ୍ତରୀକରଣ କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ମନ୍ତ୍ରୀ ଅମାତ କବି ଖଗେଶ୍ୱର ସେଠ ଉଚ୍ଚ ବିଦ୍ୟାଳୟକୁ ଯାଉଥିବା ବେଳେ ଭେଙ୍ଗରାଜପୁର ପଞ୍ଚାୟତର ଉମାକାନ୍ତ ଶତପଥୀ, ହୁତାସନ ପାଣ୍ଡେ, ଭୀଷ୍ମଦେବ ସାହୁ, ଦିନବନ୍ଧୁ ସାହୁ ପ୍ରମୁଖ ଶତାଧିକ ଚାଷୀ ମନ୍ତ୍ରୀଙ୍କୁ ଉକ୍ତ ଦାବିପତ୍ର ପ୍ରଦାନ କରିଥିଲେ। ୨୦୨୧ ଖରିଫ ଫସଲ ବୀମାରାଶି ଯୋଗାଇବା, ସରକାରୀ ଇନ୍‌ପୁଟ ସବ୍‌ସିଡି ତୁରନ୍ତ ପ୍ରଦାନ, ଗନ୍ଧମାର୍ଦ୍ଦନ ପାହାଡକୁ ଜାତୀୟ ସମ୍ପତ୍ତି ଘୋଷଣା, ପାହାଡର ନିମ୍ନଭାଗରେ ସ୍ଥାୟୀ ପାଚେରୀ ନିର୍ମାଣ, ବନ୍ୟଜନ୍ତୁଙ୍କ ଦ୍ୱାରା କ୍ଷତି ହେଉଥିବା ଫସଲର ଠିକ୍ ଆକଳନ ଓ ଆକ୍ରମଣରେ ମୃତ୍ୟୁବରଣ କରୁଥିବା ବ୍ୟକ୍ତି ବିଶେଷଙ୍କ ପରିବାରକୁ ଉପଯୁକ୍ତ ସହାୟତା ରାଶି ପ୍ରଦାନ କରିବା ପାଇଁ ଉକ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଛି।

# ଏସ୍‌ପିଙ୍କ ଲେପ୍ରା ସୋସାଇଟି ପରିଦର୍ଶନ

ସୋନପୁର,୨୭।୧୦(ନି.ପ୍ର.)

ସୁବର୍ଣ୍ଣପୁର ଏସ୍‌ପି ଅମରେଶ କୁମାର ପଣ୍ଡା ଗୁରୁବାର ସନ୍ଧ୍ୟାରେ ଲେପ୍ରା ସୋସାଇଟିର ଚକ୍ଷୁ ବିଭାଗ, ଫିଜିଓ ଥେରାପି ଓ ଜୋତା ତିଆରି ବିଭାଗ ଆଦି ବୁଲି ଦେଖିଥିଲେ। କୁଷ୍ଠମୁକ୍ତ ରୋଗୀ ୱାର୍ଡ ବୁଲି ଦେଖିବା ସହ ଅନ୍ତେବାସୀଙ୍କ ସହିତ ଆଲୋଚନା କରି ସେମାନେ ସୁଖ ଶାନ୍ତିରେ କିପରି ରହିବେ ସେ ସମ୍ପର୍କରେ ଏସ୍‌ପି ପରାମର୍ଶ ଦେଇଥିଲେ। ଏଠାରେ ନର୍ସିଂ ପ୍ରଶିକ୍ଷଣ ଦିଆ ଯାଉଥିବା ସମ୍ପର୍କରେ ଏସ୍‌ପି ପଚାରି ବୁଝିଥିଲେ। ଏହି ପରିଦର୍ଶନ ସମୟରେ ଲେପ୍ରା ସୋସାଇଟି ପରିସରରେ ଏସ୍‌ପି ପଣ୍ଡା ଏକ ଫୁଲ ଗଛ ଲଗାଇଥିଲେ।


ଏସ୍‌ପି ଅମରେଶ କୁମାର ପଣ୍ଡା ଲେପ୍ରା ସୋସାଇଟି ପରିଦର୍ଶନ କରୁଛନ୍ତି ।

ଲେପ୍ରା ସୋସାଇଟି ଭବିଷ୍ୟତରେ କିଭଳି ଉତ୍ତରୋତ୍ତର ଉନ୍ନତି କରିବ ସେ ସମ୍ପର୍କରେ ଉପସ୍ଥିତ କର୍ମକର୍ତ୍ତାମାନଙ୍କୁ ସେ ପରାମର୍ଶ ଦେଇଥିଲେ।

# ନିଷ୍ପତ୍ତି ବଦଳିଲା, ୨୫ରୁ ଧାନକିଣା

ବରଗଡ଼ ଅଫିସ୍,୨୭।୧୦

ବରଗଡ଼ ଜିଲାରେ ଡିସେମ୍ବର ୧ରୁ ଖରିଫ୍ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବ ବୋଲି ପୂର୍ବରୁ ପ୍ରଶାସନ ନିଷ୍ପତ୍ତି ନେଇଥିଲା। ଗତ ୨୧ତାରିଖରେ ଜିଲାପାଳଙ୍କ ଅଫିସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକରେ ଏହି ନିଷ୍ପତ୍ତି ନିଆଯିବା ପରେ ଜିଲାର ଚାଷୀ ସଙ୍ଗଠନଗୁଡ଼ିକ ଅସନ୍ତୋଷ ପ୍ରକାଶ କରିଥିଲେ ଏବଂ ନଭେମ୍ବର ମାସରୁ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ କରିବାକୁ ଦାବି କରିଥିଲେ। ଏହାପରେ ଜିଲା ପ୍ରଶାସନ ପୂର୍ବ ନିଷ୍ପତ୍ତିକୁ ବଦଳାଇଛି ଏବଂ ଆସନ୍ତା ନଭେମ୍ବର ୨୫ରୁ ଧାନ ସଂଗ୍ରହ କରିବା ପାଇଁ ନିଷ୍ପତ୍ତି ନେଇଛି। ତେବେ ନଭେମ୍ବର ୨୫ରେ କେବଳ ଜିଲାର ଅତାବିରା ବ୍ଲକରେ ମଣ୍ଡିଗୁଡ଼ିକ ଖୋଲିବ। ସେହି ମାସ ୨୬ତାରିଖରେ ଭେଡ଼େନ, ୨୯ତାରିଖ ବରଗଡ଼, ଡିସେମ୍ବର ୨ତାରିଖ ବରପାଲି, ଭଟଲି, ସୋହେଲା, ୩ତାରିଖ ପଦ୍ମପୁର, ପାଇକମାଳ, ୪ତାରିଖ ବିଜେପୁର, ଝାରବନ୍ଧ, ୬ତାରିଖ ଅମ୍ବାଭୋନା ଏବଂ ୭ତାରିଖରୁ ଗାଇସିଲେଟ୍ ବ୍ଲକରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ କରିବାକୁ ପ୍ରଶାସନ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ଅନ୍ୟପଟେ ନଭେମ୍ବର ୧୫ତାରିଖ ସୁଦ୍ଧା ଜିଲାର ମଣ୍ଡିଗୁଡ଼ିକ ଖୋଲିବାକୁ ଚାଷୀ ସଙ୍ଗଠନ ଗୁଡ଼ିକ ଦାବି କରିଛନ୍ତି।

# ଜାମଟିକ୍ରାରେ ଗିରିଗୋବର୍ଦ୍ଧନ ପୂଜା

ଜାମଟିକ୍ରା,୨୭।୧୦(ଡି.ଏନ.ଏ.)

ଅତାବିରା ବ୍ଲକ ବୁଗବୁଗା ପଞ୍ଚାୟତ ଅଧୀନ ଜାମଟିକ୍ରା ଗ୍ରାମରେ ଗୁରୁବାର ରୀତିନୀତି ଅନୁସାରେ ଗିରିଗୋବର୍ଦ୍ଧନ ପୂଜା ପାଳିତ ହୋଇଯାଇଛି। ଏଥିରେ ଗୌରୀ ଠାଠୀ ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ତୁଲାଇଥିବା ବେଳେ ପଣ୍ଡିତ ଦିଲୀପ ରଥ ପୌରୋହିତ୍ୟ କରିଥିଲେ। ଏହି ଅବସରରେ ବାବେବିରା ଓ ଲଟିଦାର ମହିଳା ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା । ରାତିରେ ହିର୍ଲିପାଲି ବୀର ବଜରଙ୍ଗ ଗଣନାଟ୍ୟର କଳାକାରମାନେ ନାଟକ ପରିବେଷଣ କରିଥିଲେ। ପୂଜା କମିଟିର ପ୍ରସାଦ କର୍ଣ୍ଣ, ପ୍ରମୋଦ ନାଗ, ପିତବାସ ଛନ୍ଦ, ଚୁନୁ ଝାଙ୍କର, ଦୀପକ କଠାର, ବିଜୁ ଡାଙ୍ଗ, ଟିଟୁ ନାଗ, ଦୁର୍ଗା ଝାଙ୍କର, ଶଶିବଳ କଠାର ଓ ଗ୍ରାମବାସୀ ପୂଜା ପରିଚାଳନା କରିଥିଲେ।

# ବିନିକା ଆଦର୍ଶ ବିଦ୍ୟାଳୟ ଉଦ୍‌ଘାଟିତ

ବିନିକା, ୨୭।୧୦(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ଆଦର୍ଶ ବିଦ୍ୟାଳୟ ଗୁରୁବାର ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରାଙ୍କଦ୍ୱାରା ଉଦଘାଟିତ ହୋଇଛି। ପାପକ୍ଷୟ ରାସ୍ତାରେ ୨କୋଟି ୯୭ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଆଦର୍ଶ ବିଦ୍ୟାଳୟ ଉଦ୍‌ଘାଟନ ଅବସରରେ ଜିଲାପାଳ ଆବୋଲି ସୁନୀଲ ନରୱନେ, ଜିଲା ଶିକ୍ଷାଧିଶ ଲକ୍ଷ୍ମଣ ଭୋଇ, ବିନିକା ପଞ୍ଚାୟତ ସମିତି ଅଧକ୍ଷା ଦୀପ୍ତିରେଖା ନନ୍ଦ, ନଗରପାଳ ସୁବାସ ଚନ୍ଦ୍ର ଭୋଇ ଉପସ୍ଥିତ ଥିଲେ। ସ୍କୁଲ ଅଧକ୍ଷ ସୌମ୍ୟରଞ୍ଜନ କ୍ଷେତିଙ୍କ ଅଧକ୍ଷତା ଓ ଶିକ୍ଷକ ଶୁଭମ ଶୁକ୍ଳାଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଅତିଥିମାନେ ଅଧ୍ୟୟନରତ ଛାତ୍ରୀଛାତ୍ର ମନ ଲଗାଇ ପଢିବାକୁ ପରାମର୍ଶ ଦେଇଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସୂଚନାଯୋଗ୍ୟ ଯେ, ବିନିକାରେ ଆଦର୍ଶ ବିଦ୍ୟାଳୟ ୨୦୨୦-୨୧ବର୍ଷରୁ ଆରମ୍ଭ ହୋଇଥିଲା। କୋଠାଘର ଅସମ୍ପୂର୍ଣ୍ଣ ଯୋଗୁଁ ଛାତ୍ରୀଛାତ୍ରମାନେ ବିନିକା ହାଇସ୍କୁଲରେ କିଛି ମାସ ପଢ଼ିଥିଲେ। ଏବେ ଆଦର୍ଶ ବିଦ୍ୟାଳୟ ଉଦ୍‌ଘାଟନ ହୋଇଥିବାରୁ ଛାତ୍ରୀଛାତ୍ର ଓ ଅଭିଭାବକ ମହଲରେ ଖୁସିର ଲହରି ଖେଳିଯାଇଛି ।



ବିନିକା ଆଦର୍ଶ ବିଦ୍ୟାଳୟ ଉଦ୍‌ଘାଟନ ଅବସରରେ ଅନୁଷ୍ଠିତ ସଭାରେ ମଞ୍ଚାସୀନ ଅତିଥି।

# ଆଚରଣରେ ଶ୍ରେଷ୍ଠତା ପ୍ରତିପାଦନ କର

ସୋନପୁର,୨୭।୧୦(ନି.ପ୍ର.)

ସୃଷ୍ଟିରେ ମଣିଷ ସବୁଠୁ ଶ୍ରେଷ୍ଠ ପ୍ରାଣୀ। କାରଣ ସେ ଭଲ ଓ ମନ୍ଦ କଣ ଜାଣିପାରେ। ତେଣୁ ମଣିଷ ନିଜର ଆଚରଣରେ ଶ୍ରେଷ୍ଠତା ପ୍ରତିପାଦନ କରିବା ଉଚିତ ବୋଲି ବେଦ ପ୍ରଚାରକ ସ୍ୱାମୀ ସୁଧାନନ୍ଦ ସରସ୍ୱତୀ ସୋନପୁରରେ ବେଦର ପ୍ରଚାର ସମୟରେ ରିଜର୍ଭ ପୋଲିସ କଲୋନିରେ ଗୁରୁବାର ଏହି ମତପ୍ରକାଶ କରିଛନ୍ତି। ସ୍ୱାମୀ ସୁଧାନନ୍ଦ ଆହୁରି କହିଥିଲେ ଯେ, ଜ୍ଞାନର ଗ୍ରନ୍ଥ ବେଦ ଓ ଯଜ୍ଞର ପ୍ରସାରରେ ହିଁ ବ୍ୟକ୍ତି ଓ ବ୍ୟକ୍ତିତ୍ୱର ବିକାଶ ଘଟେ। ସୁବର୍ଣ୍ଣପୁର ଜିଲାକୁ ୪ ଦିନିଆ ଗସ୍ତରେ ଆସିଥିବା ସ୍ୱାମୀ ସୁଧାନନ୍ଦ ସରସ୍ୱତୀ ବେଦ ପ୍ରଚାର ସମିତି ପକ୍ଷରୁ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମ ଯଥା ହୋମ ଓ ୧୧ କୁଣ୍ଡୀୟ ଯଜ୍ଞରେ ଭାଗ ନେଇଥିଲେ। ପୂର୍ବରୁ ସେ ସୋନପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର,


ସ୍ୱାମୀ ସୁଧାନନ୍ଦ ସରସ୍ୱତୀ ପ୍ରବଚନ ଦେଉଛନ୍ତି।

ସାହାରା ଟ୍ରଷ୍ଟ ହାଇସ୍କୁଲ, ଆଇଟିଆଇ, ତଥା ଜିଲାର ବିଭିନ୍ନ ଶିକ୍ଷାନୁଷ୍ଠାନ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦାନ କରି କୃତଜ୍ଞତା ହେଉଛି ବଡ

### ସୋନପୁରରେ ସ୍ୱାମୀ ସୁଧାନନ୍ଦ ସରସ୍ୱତୀ

ଧର୍ମ ବୋଲି କହିଥିଲେ। ପିଲାମାନଙ୍କୁ ସଂସ୍କାର ଶିଖାଇବା, ମାତାପିତାଙ୍କୁ ବଞ୍ଚିଥିବା ବେଳେ ଶ୍ରଦ୍ଧା କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଓଁ ଓ ଗାୟତ୍ରୀ ମନ୍ତ୍ର ଉଚ୍ଚାରଣ ଦ୍ୱାରା ମନରେ ସ୍ଥିରତା ଆସିଥାଏ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମଗୁଡିକୁ ବେଦ ପ୍ରଚାର ସମିତିର ପଙ୍କଜ ମେହେର, ମହାଜନ ଆର୍ଯ୍ୟ ଓ ସୁଦାମ ମିଶ୍ର ସଂଯୋଜନା କରିଥିଲେ। ଏହି ଧାର୍ମୀକ କାର୍ଯ୍ୟକମ୍ରରେ ଶତାଧିକ ମହିଳା ପୁରୁଷ ଓ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଶ୍ରଦ୍ଧାଳୁମାନେ ପ୍ରଶ୍ନୋତ୍ତର ମାଧମରେ ସ୍ୱାମୀ ସୁଧାନନ୍ଦଙ୍କ ନିକଟରୁ ସାମାଜିକ ସଂସ୍କାର ବିଷୟରେ ବୁଝିଥିଲେ ।